ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଓଡ଼ିଆ ସ୍ନାତକୋତ୍ତର କାର୍ଯ୍ୟକ୍ରମ

ପାଠ୍ୟକ୍ରମ -୮

## ଆଧୁନିକ ଓଡ଼ିଆ ନାଟକ, ପ୍ରବନ୍ଧ, ରମ୍ୟ ରଚନା, ଜୀବନୀ ଆତ୍ମଜୀବନୀ, ଭ୍ରମଣ କାହାଣୀ ଓ ସମାଲୋଚନା ସାହିତ୍ୟ

## ବ୍ଲକ୍ ୧ ଓଡ଼ିଆ ନାଟକର ବିକାଶକ୍ରମ

ପ୍ରଥମ ଏକକ
ଓଡ଼ିଆ ନାଟକର ବିକାଶକ୍ରମ (୧୮୭୭ ରୁ ୧୯୩୫)

ଦ୍ୱିତୀୟ ଏକକ
ଓଡ଼ିଆ ନାଟକର ବିକାଶକ୍ରମ (୧୯୩୬ ରୁ ୧୯୫୦)

ତୃତୀୟ ଏକକ
ଓଡ଼ିଆ ନାଟକର ବିକାଶକ୍ରମ (୧୯୫୧ ରୁ ୧୯୮୦)

ଚତୁର୍ଥ ଏକକ
ଓଡ଼ିଆ ନାଟକର ବିକାଶକ୍ରମ (୧୯୮୧ ରୁ ସମକାଳ)

## ବିଶେଷଜ୍ଞ ପରିଷଦ


**ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ**
ଅଧ୍ୟକ୍ଷ
ପ୍ରତିଷ୍ଠାତା ନିର୍ଦ୍ଦେଶକ, କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ, ମହୀଶୂର।

**ଡକ୍ଟର (ଶ୍ରୀମତୀ) ସଂଘମିତ୍ରା ମିଶ୍ର**
ସଦସ୍ୟ
ଅବସରପ୍ରାପ୍ତ ପ୍ରଫେସର, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର

**ଡକ୍ଟର ବିଜୟ କୁମାର ମହାନ୍ତି**
ସଦସ୍ୟ
ଅବସରପ୍ରାପ୍ତ ଏସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର।

**ଡକ୍ଟର ବସନ୍ତ କୁମାର ପଣ୍ଡା**
ସଦସ୍ୟ
ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର।

**ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ**
ସଦସ୍ୟ
ଅବସରପ୍ରାପ୍ତ ପ୍ରଫେସର, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର, ବୁର୍ଲା।

**ଡକ୍ଟର ଅନାଦି ଚରଣ ଗାଁଣ**
ସଦସ୍ୟ
ପ୍ରଫେସର ଓ ବିଭାଗ ମୁଖ୍ୟ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, କେନ୍ଦୁଝର କ୍ୟାମ୍ପସ, କେନ୍ଦୁଝର।

**ଡକ୍ଟର କ୍ଷୀରୋଦ ଚନ୍ଦ୍ର ବେହେରା**
ସଦସ୍ୟ
ଏସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର।

**ଡକ୍ଟର ଦିଲ୍ଲୀପ କୁମାର ନାୟକ**
ଆବାହକ
ଏସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା।



**ଲେଖକ**

**ଡକ୍ଟର ରଶ୍ମିନନ୍ଦିତା ଜେନା**
ଆସିଷ୍ଟାଣ୍ଟ ପ୍ରଫେସର, ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ତାଳଚେର, ଓଡ଼ିଶା।

**ଡକ୍ଟର ସଂଜୟ ହାତୀ**
ଆସିଷ୍ଟାଣ୍ଟ ପ୍ରଫେସର, ସୁଶିଳାବତୀ ସରକାରୀ ମହିଳା ମହାବିଦ୍ୟାଳୟ ରାଉରକେଲା,ଓଡ଼ିଶା।



## *ପ୍ରକାଶକ*

**ଡକ୍ଟର ଜୟନ୍ତ କରଶର୍ମା**

କୁଳସଚିବ

*ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ*


© OSOU, 2019. **Adhunik Odia Nataka, Prabandha, Ramya Rachana, Jibani, Atmyajibani, bhraman kahani O Samalochana Sahitya** is made available under a Creative Commons Attribution-ShareAlike 4.0http : creative commons.org/ licences/by-sa/4.0

# ପ୍ରଥମ ଏକକ
# ଓଡ଼ିଆ ନାଟକର ବିକାଶକ୍ରମ (୧୮୭୭ ରୁ ୧୯୩୫)

**ବିଷୟ ଗଠନ :**


୧.୧ ପଠନର ଉଦ୍ଦେଶ୍ୟ

୧.୨ ଶିକ୍ଷଣୀୟ ବିଷୟ

୧.୩ ବିଷୟ ପ୍ରବେଶ

୧.୪ ପୃଷ୍ଠଭୂମି

୧.୫ ଓଡ଼ିଆ ନାଟକର ଉନ୍ମେଷ ପର୍ବ : ପ୍ରମୁଖ ନାଟ୍ୟକାର

୧.୬ ଆଦି ପର୍ଯ୍ୟାୟ ନାଟକର ବୈଶିଷ୍ଟ୍ୟ

୧.୭ ଉପସଂହାର

୧.୮ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧.୯ ସହାୟକ ଗ୍ରନ୍ଥସୂଚୀ


## ୧.୧ ପଠନର ଉଦ୍ଦେଶ୍ୟ

ନାଟକ ଏକ ମନୋରଞ୍ଜନଧର୍ମୀ କଳା । ଅଭିନୟ ଯୋଗ୍ୟତା ଥିବାରୁ ଏହାକୁ ଦୃଶ୍ୟକାବ୍ୟ ବୋଲି କୁହାଯାଏ । ସମାଜ ଜୀବନର ବିବିଧ ପର୍ଯ୍ୟାୟକୁ ଘେନି ନାଟକର ଭାବବସ୍ତୁ ଗଠିତ ହୋଇଥିବାରୁ ଏହା ସମାଜ ଜୀବନର ଦର୍ପଣ ସଦୃଶ୍ୟ । ନାଟକ ଏକ ସମୟରେ ଅନେକ ବ୍ୟକ୍ତିଙ୍କୁ ଉଦ୍‌ବୁଦ୍ଧ କରିପାରେ । ଊନବିଂଶ ଶତାବ୍ଦୀର ଶେଷପାଦରେ ଓଡ଼ିଆ ନାଟକ ସୃଷ୍ଟିହୋଇ କ୍ରମବିକାଶ ପଥରେ ଆଗେଇ ଚାଲିଛି । ଏହି ଏକକରେ ୧୮୭୭ ମସିହାଠାରୁ ୧୯୩୫ ମସିହା ମଧ୍ୟରେ ରଚିତ ନାଟକକୁ ଆଲୋଚନା ପରିସରଭୁକ୍ତ କରାଯାଇଛି । ନାଟକର ଇତିହାସ ପାଠଦ୍ୱାରା ବିଦ୍ୟାର୍ଥୀ ବହୁ ପ୍ରମୁଖ ନାଟ୍ୟକାର ଓ ସେମାନଙ୍କର କୃତି ସଂପର୍କରେ ଅବଗତ ହେବା ସହିତ ନାଟକରେ ବ୍ୟବହୃତ ସାହିତ୍ୟିକ କୌଶଳ ସଂପର୍କରେ ଜାଣିପାରିବେ ।

## ୧.୨ ଶିକ୍ଷଣୀୟ ବିଷୟ

ଏହି ଏକକଟି ପାଠ କରିବା ଦ୍ୱାରା ବିଦ୍ୟାର୍ଥୀ ନିମ୍ନଲିଖିତ ପ୍ରସଙ୍ଗ ଜାଣିପାରିବେ।

- ଏକ ନିର୍ଦ୍ଦିଷ୍ଟ ସମୟ ଖଣ୍ଡରେ ରଚିତ ଓଡ଼ିଆ ନାଟକର ସୃଷ୍ଟି, ବିକାଶ ପ୍ରକ୍ରିୟା ଓ ଆଭିମୁଖ୍ୟ ବିଷୟରେ ସ୍ୱଷ୍ଟ ସୂଚନା ପ୍ରାପ୍ତ ହେବ
- ପ୍ରାଚ୍ୟ ଓ ପାଶ୍ଚାତ୍ୟ ସମନ୍ୱୟରେ କିପରି ନୂତନ ନାଟ୍ୟଶୈଳୀ ଗଠିତ ହୋଇଛି ସେ ସଂପର୍କରେ ଧାରଣା ହେବ

- ତତ୍‌କାଳୀନ ନାଟକର କଥାବସ୍ତୁ, ଚରିତ୍ର, ଦ୍ୱନ୍ଦ୍ୱ, ସଂଳାପ, ସଂଗୀତ ପ୍ରଭୃତି ପ୍ରୟୋଗରେ କି ସ୍ୱତନ୍ତ୍ରତା ରହିଛି ସେ ସଂପର୍କରେ ଜାଣିବା ସହଜ ହେବ
- ସଫଳ ମଞ୍ଚୋପଯୋଗୀ ହେବା ନିମନ୍ତେ ନାଟକର କ୍ରମପରିବର୍ତ୍ତନକୁ ଲକ୍ଷ୍ୟ କରିପାରିବେ
- ଏହି ପର୍ଯ୍ୟାୟରେ ଦେଖାଦେଇଥିବା ଉଭୟ ସ୍ଥାୟୀ ଓ ଅସ୍ଥାୟୀ ମଞ୍ଚ ଓ ସେଥିରେ ଅଭିନୀତ ନାଟକ ବିଷୟରେ ସୂଚନା ପାଇବେ

## ୧.୩ ବିଷୟ ପ୍ରବେଶ

ବହୁ ପ୍ରାଚୀନ ଏକ ପ୍ରବାଦ ରହିଛି ଯେ 'ଗୋଟିଏ ଜାତିର ଗୌରବ ସେ ଜାତିର ରଙ୍ଗମଞ୍ଚରୁ ଜଣାପଡ଼େ'। ରଙ୍ଗମଞ୍ଚରୁ ଗୋଟିଏ ଜାତିର ସାଂସ୍କୃତିକ ଜୀବନର ପରିଚୟ ମିଳେ । ଯେଉଁ ଦେଶ ଯେତେ ସଂସ୍କୃତି ସମ୍ପନ୍ନ ସେ ଦେଶ ସେତେ ଉନ୍ନତ ବୋଲି କୁହାଯାଏ । ଓଡ଼ିଶାରେ ନାଟ୍ୟକଳାର ଏକ ପ୍ରାଚୀନ ଏବଂ ସମୃଦ୍ଧିଶାଳୀ ପରଂପରା ରହିଛି । ରାମଲୀଳା, କୃଷ୍ଣଲୀଳା, ଭରତଲୀଳା, ଯାତ୍ରା, ସୁଆଙ୍ଗ, ପାଲା, ଦଣ୍ଡନାଟ, ଯାତ୍ରା ପ୍ରଭୃତି ଲୋକନାଟକଗୁଡ଼ିକ ପାରଂପରିକ ଧର୍ମଧାରଣା ସୃଷ୍ଟି କରିବା ସହିତ ମନୋରଞ୍ଜନଧର୍ମୀ ଥିଲା । ଏହି ଲୋକନାଟକଗୁଡ଼ିକ ଉଭୟ ଗୁଣ ଓ ପରିମାଣାତ୍ମକ ଦୃଷ୍ଟିକୋଣରୁ ସମୃଦ୍ଧ ଥିଲା ।

ଓଡ଼ିଶାରେ ପ୍ରାଚୀନ ନାଟ୍ୟକଳାର ପ୍ରମାଣ ମିଳେ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖରୁ । ସେଠାରେ ସମ୍ରାଟ ଖାରବେଳ ନିଜକୁ ଗନ୍ଧର୍ବ ବିଦ୍ୟାରେ ନିପୁଣ ବୋଲି କହିଛନ୍ତି । ଏହା ବ୍ୟତୀତ 'ସମାଜ' ଅଭିନୟ ନିମନ୍ତେ ନିଜ ରାଜ୍ୟରେ ବହୁ 'ଚତ୍ୱର' ବା 'ଚଉତରା' ନିର୍ମାଣ କରାଇଥିଲେ ବୋଲି ଏଥିରେ ସୂଚନା ଦେଇଛନ୍ତି । ସ୍ୱୟଂ ସମ୍ରାଟ ଖାରବେଳ ନିଜ ରାଣୀଙ୍କ ସହ ନୃତ୍ୟାଭିନୟ ଉପଭୋଗ କରୁଥିବାର ଚିତ୍ର ରାଣୀଗୁମ୍ଫାରେ ଉତ୍କୀର୍ଣ୍ଣ ହୋଇଛି । ଖଣ୍ଡଗିରିରେ ଥିବା ଏକ ନୃତ୍ୟଶୀଳା ନାରୀ ମୂର୍ତ୍ତିକୁ ଭାରତର ସର୍ବପ୍ରାଚୀନ ନୃତ୍ୟଶୀଳା ମୂର୍ତ୍ତୀ ବୋଲି ଐତିହାସିକମାନେ ମତ ଦିଅନ୍ତି ।

ଅତୀତରେ ଓଡ଼ିଶାର ସଂଭ୍ରାନ୍ତ ବ୍ୟକ୍ତିମାନେ ମନୋରଞ୍ଜନ ପାଇଁ ସଂସ୍କୃତ ନାଟକ ମଞ୍ଚସ୍ଥ କରାଉଥିଲେ । ନବମ ଶତାବ୍ଦୀ ପୂର୍ବରୁ ଓଡ଼ିଶାରେ କୌଣସି ସଂସ୍କୃତ ନାଟକ ଉପଲବ୍ଧ ହୁଏନାହିଁ । ସେତେବେଳେ ନାଟକ ରାଜପୃଷ୍ଠପୋଷକତା ଉପରେ ନିର୍ଭର କରୁଥିଲା । ପଞ୍ଚଦଶ ଶତାବ୍ଦୀରେ ରାଜା କପିଳେନ୍ଦ୍ରଦେବ 'ପର୍ଶୁରାମ ବିଜୟ' ନାମକ ଏକ ସଂସ୍କୃତ ନାଟକ ରଚନା କରି ସେଥିରେ ଓଡ଼ିଆ ଗୀତଟିଏ ଖଞ୍ଜିଥିଲେ । ଓଡ଼ିଶାରେ ସଂସ୍କୃତ ନାଟକ ରଚନାର ଏକ ବଳିଷ୍ଠ ପରଂପରା ମଧ୍ୟଥିଲା ।

ଓଡ଼ିଶାରେ ନାଟକ ମଞ୍ଚସ୍ଥ ହେବାର ପ୍ରାଚୀନ ପରମ୍ପରା ଥିଲେ ହେଁ ବିଧିବଦ୍ଧ ଭାବେ ଆଧୁନିକ ଓଡ଼ିଆ ନାଟକର ସୃଷ୍ଟି ହୋଇଛି ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ । ରାଜପୃଷ୍ଠପୋଷତାର ଅଭାବ ଏବଂ ସାହିତ୍ୟିକମାନେ କାବ୍ୟ ରଚନାରେ ବ୍ରତୀ ଥିବାରୁ ଓଡ଼ିଆ ଭାଷାରେ ନାଟକ ରଚିତ ହେବାରେ ବିଳମ୍ବ ହୋଇଛି ବୋଲି ଅନୁମାନ କରାଯାଏ । ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ କେବଳ ନାଟ୍ୟ ସାହିତ୍ୟ ନୁହେଁ ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ଓ ପତ୍ରିକା ସାହିତ୍ୟ ପାଇଁ ଉନ୍ମେଷ ଓ ବିକାଶର ସମୟ । ପାଶ୍ଚାତ୍ୟ ସଂସର୍ଗ ଫଳରେ ଓଡ଼ିଆ ସାହିତ୍ୟରେ ଏହି ତୁମୁଳ

ପରିବର୍ତ୍ତନ ଦେଖାଦେଇଛି । ୧୮୭୭ ମସିହାରେ ଜଗନ୍ମୋହନ୍ ଲାଲା ପ୍ରଥମ ଓଡ଼ିଆ ନାଟକ 'ବାବାଜୀ' ରଚନା କରିଛନ୍ତି । ସେତେବେଳେ ଓଡ଼ିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର କଟକରେ ବଙ୍ଗଳା ଭାଷାରେ ନାଟକ ଅଭିନୟ କରାଯାଉଥିଲା । ଯେଉଁ ସମୟରେ ଓଡ଼ିଆ ଭାଷା ନାଟକ ରଚନା ଲାଗି ଉପଯୁକ୍ତ ନୁହେଁ ବୋଲି ଶିକ୍ଷିତ ମହଲରେ ଧାରଣା ଥିଲା, ସେହି ସମୟରେ ଓଡ଼ିଆ ଭାଷାରେ ନାଟକ ରଚନା କରି ମଞ୍ଚସ୍ଥ କରାଇବା ନିଶ୍ଚୟ ଏକ ସାହସିକ ପଦକ୍ଷେପ । ଏହା ପରେ ଓଡ଼ିଆ ନାଟକ ଆଉ ପଛକୁ ଫେରି ଚାହିଁନାହିଁ । ସମୟାନୁସାରେ ଅଧିକ ଋଦ୍ଧିମନ୍ତ ହୋଇଚାଲିଛି । ୧୮୭୭ ରୁ ୧୯୩୫ ମସିହା ସମୟଖଣ୍ଡ ହେଉଛି ଓଡ଼ିଆ ନାଟକର ଉନ୍ମେଷ ଓ ବିକାଶର ଆଦି ପର୍ଯ୍ୟାୟ ।

## ୧.୪ ପୃଷ୍ଠଭୂମି

ଊନବିଂଶ ଶତାବ୍ଦୀ ଓଡ଼ିଶା ଓ ଓଡ଼ିଆ ସାହିତ୍ୟ ପାଇଁ ପୁନର୍ଜାଗରଣର ସମୟ । ଏ ସମୟରେ ରାଜନୈତିକ, ଆର୍ଥନୀତିକ ଓ ସାମାଜିକ କ୍ଷେତ୍ରରେ ବହୁ ପରିବର୍ତ୍ତନ ଆସିଛି । ରାଜନୈତିକ ଅସ୍ଥିରତା, ଆର୍ଥିକ ଅନଗ୍ରସରତା ଓ ସାମାଜିକ ଅବ୍ୟବସ୍ଥିତତା ମଧ୍ୟରେ ଓଡ଼ିଆ ସାହିତ୍ୟରେ ଆଧୁନିକତାର ସୂତ୍ରପାତ ହୋଇଥିଲା ବୋଲି କୁହାଯାଇପାରେ ।

୧୮୬୮ ମସିହାରେ ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ମୃତ୍ୟୁପରେ ଓଡ଼ିଶାର ଶାସନଭାର ମୋଗଲମାନଙ୍କ ହାତକୁ ଗଲା । ମୁସଲମାନ ରାଜାମାନଙ୍କର ଅତ୍ୟାଚାର ଓ ଧର୍ମାନ୍ଧତା ଯୋଗୁଁ ପ୍ରଜାମାନେ ଘୋର ଦୁର୍ଦ୍ଦିନରେ କାଳାତିପାତ କରିବାକୁ ଲାଗିଲେ । ମୋଗଲ ସମ୍ରାଟମାନେ ସର୍ବଦା ବିଳାସବ୍ୟସନରେ ବୁଡ଼ି ରହିଲେ । ଶାସକ ଓ ଶାସିତ ମଧ୍ୟରେ ଦୂରତ୍ୱ ବଢ଼ି ଚାଲିଥିଲା । ଓଡ଼ିଶାର ସାହିତ୍ୟ ଓ ସଂସ୍କୃତି ପ୍ରତି ମୋଗଲମାନଙ୍କର ଆଗ୍ରହ ନଥିବାରୁ ସେମାନଙ୍କ ସମୟରେ ଓଡ଼ିଆ ସାହିତ୍ୟରେ ସେପରି କୌଣସି ଉଲ୍ଲେଖନୀୟ ପରିବର୍ତ୍ତନ ପରିଲକ୍ଷିତ ହୋଇନଥିଲା । ୧୭୫୧ ମସିହାରେ ଓଡ଼ିଶାର ଶାସନଭାର ମୋଗଲମାନଙ୍କଠାରୁ ମରହଟ୍ଟାମାନଙ୍କ ଅଧୀନକୁ ଆସିଲା । ମରହଟ୍ଟା ଶାସନ ସମୟରେ ହିନ୍ଦୁମାନଙ୍କୁ ଧର୍ମୀୟ ଶାନ୍ତି ମିଳିଲା ମାତ୍ର ହତ୍ୟା, ଲୁଣ୍ଠନ ଓ ଅତ୍ୟାଚାର ସୀମା ଅତିକ୍ରମ କରିବାକୁ ଲାଗିଲା । ମରହଟ୍ଟା ରାଜତ୍ୱ ସମୟରେ ସାଧାରଣ ଜନଜୀବନ ମୋଗଲ ଶାସନ ସମୟଠାରୁ ଅଧିକ ଅସହାୟ ହୋଇଉଠିଥିଲା । ଏହିପରି ଏକ ଅବସ୍ଥାରେ ୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଅଧିକାର କଲେ ।

ଇଂରେଜମାନେ ମୂଳତଃ ବ୍ୟବସାୟୀ ହେଲେ ହେଁ ଏକ ସ୍ଥାୟୀ ସାମ୍ରାଜ୍ୟ ସ୍ଥାପନର ଉଦ୍ଦେଶ୍ୟ ନେଇ ଭାରତକୁ ଆସିଥିଲେ । ବଙ୍ଗ ଅଧିକାର ପରେ ଓଡ଼ିଶା ଇଂରେଜମାନଙ୍କ ଅଧୀନକୁ ଆସିଥିଲା । ମାତ୍ର ଇଂରେଜମାନେ ଓଡ଼ିଶାର ବାସ୍ତବ ଅବସ୍ଥା ସଂପର୍କରେ ସଂପୂର୍ଣ୍ଣ ପରିଚିତ ନହୋଇ ବଙ୍ଗଦେଶରେ ପ୍ରଚଳିତ ଶାସନ ବ୍ୟବସ୍ଥା ଓଡ଼ିଶାରେ ପ୍ରଚଳନ କରିବାକୁ ଲାଗିଲେ । ଯାହାଫଳରେ ଶାସନ କ୍ଷେତ୍ରର ଅନେକ ଅନିୟମିତତା ଦେଖାଦେଲା । ଓଡ଼ିଆମାନେ ଇଂରାଜୀଭାଷା ଶିଖି ନଥିବାରୁ ସେମାନେ ଶାସନ କାଳରେ ସ୍ଥାନ ପାଇଲେ ନାହିଁ । ପ୍ରାୟ ସମସ୍ତ ଉଚ୍ଚ ପଦବୀରେ ବଙ୍ଗଳୀମାନେ ରହିଲେ । ବଙ୍ଗାଳୀମାନେ ଓଡ଼ିଆ ମାନଙ୍କର ସ୍ୱାର୍ଥସାଧନରେ ସର୍ବଦା ଅନ୍ତରାୟ ସାଜିଲେ । ଇଂରେଜମାନେ ବିଭିନ୍ନ ସଂଗଠନ ଅଧୀନରେ ଓଡ଼ିଶାକୁ ଶାସନ କରିବାକୁ ସ୍ଥିର କରି ଖାଣ୍ଟି ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକୁ ଅନ୍ୟ ପ୍ରଦେଶ ସହ ମିଶ୍ରଣ କରାଇଦେଇଥିଲେ ।

ଓଡ଼ିଶାରେ ଶାସନ ପରିଚାଳନାଗତ ତ୍ରୁଟି ଦୀର୍ଘଦିନ ପର୍ଯ୍ୟନ୍ତ ଲାଗି ରହିଥିଲା । ୧୮୩୯ ମସିହାରେ ରାଜ୍ୟରେ ଆତଙ୍କରାଜର ପରିସମାପ୍ତି ଓ ସୁପରିଚାଳନା ପାଇଁ ଏକ ନୂତନ ପଦକ୍ଷେପ ନିଆଯାଇଥିଲା । ମାତ୍ର ତାହା ସ୍ୱୀକୃତି ଲାଭ କରି ପାରିଲା ନାହିଁ । ତେଣୁ ଆଞ୍ଚଳିକ ରାଜା ଓ ଜମିଦାରମାନଙ୍କୁ ନିଜ ଅଞ୍ଚଳର ନିରାପତ୍ତା ଦାୟିତ୍ୱ ଅର୍ପଣ କରାଗଲା । ପ୍ରାଥମିକ ଅବସ୍ଥାରେ ଇଂରେଜମାନେ ଓଡ଼ିଶାକୁ ଉତ୍ତମ ରୂପେ ଶାସନ କରିବାକୁ ଅକ୍ଷମ ହୋଇଥିଲେ । ଫଳତଃ ତତ୍‌କାଳୀନ ଓଡ଼ିଶାର ଶାସନନୀତି ଅସଫଳହୋଇଥିଲା ।

ଇଂରେଜମାନଙ୍କର ତ୍ରୁଟିପୂର୍ଣ୍ଣ ଭୂରାଜସ୍ୱ ନୀତି, ସେମାନଙ୍କ ରାଜନୀତିକ ବିଫଳତାର ଅନ୍ୟ ଏକ ନିଦର୍ଶନ । ଓଡ଼ିଶାରେ ପୂର୍ବରୁ ଯେଉଁ ରାଜାମାନେ ଶାସନ କରୁଥିଲେ ସେମାନେ ଖଜଣା ସ୍ୱରୂପ ଫସଲର କିଛି ଅଂଶ ନେଉଥିଲେ । କିନ୍ତୁ ଇଂରେଜମାନେ ରୂପାଟଙ୍କା ଆକାରରେ ଖଜଣା ଆଦାୟ କଲେ । ଯେଉଁମାନେ ଅଧିକ କର ଦେବାକୁ ରାଜି ହେଲେ ସେମାନଙ୍କୁ ଜମିଦାରୀ ପଟ୍ଟା ଦିଆଯାଉଥିଲା । ଅଧିକ କରପ୍ରାପ୍ତି ନିମିତ୍ତ ଓଡ଼ିଶାର ଜମିଦାରୀ ବାରମ୍ବାର କଲିକତାରେ ନିଲାମ ହେଲା । ଅନଭିଜ୍ଞ ଅଫିସର ଓ ବଙ୍ଗାଳୀ କର୍ମଚାରୀଙ୍କ ସ୍ୱାର୍ଥପରତା ଓଡ଼ିଶାବାସୀଙ୍କୁ ଅସ୍ଥିର ତଥା ମ୍ରିୟମାଣ କରିଦେଇଥିଲା । ବିଖଣ୍ଡିତ ଓଡ଼ିଶାର ପୁର୍ନବିନ୍ୟାସ ମଧହୋଇପାରି ନଥିବାରୁ ସୀମା ବିବାଦ ଦୀର୍ଘଦିନଧରି ଲାଗି ରହିଥିଲା । ଓଡ଼ିଶାର ଅନେକ ଅଂଶ ବଙ୍ଗ ଓ ବିହାର ସହିତ ମିଶି ରହିଥିବାରୁ ସ୍ୱତନ୍ତ୍ରତାର ବିକାଶ ସାଧିତ ହୋଇପାରିନଥିଲା । ଯାହାଫଳରେ ଇଂରେଜ ଶାସନର ପ୍ରଥମ ଶହେବର୍ଷରେ ଓଡ଼ିଶାର ବିଶେଷ ଅଗ୍ରଗତି ହୋଇନଥିଲା ।

ସ୍ୱାଧୀନତା ପିପାସୁ ଓଡ଼ିଆମାନେ ଇଂରେଜମାନଙ୍କ ବିରୁଦ୍ଧରେ ସଂଗ୍ରାମ ଅତୁଟ ରଖିଥିଲେ । କ୍ଷତ୍ରିୟ ଦଳପତିଗଣଙ୍କ ନେତୃତ୍ୱରେ ଇଂରେଜ ରାଜତ୍ୱ ବିରୋଧରେ ବହୁକାଳ ପର୍ଯ୍ୟନ୍ତ ବିଦ୍ରୋହ ଦେଖାଦେଇଥିଲା । ଖୋର୍ଦ୍ଧା ରାଜା ଏବଂ ଗଞ୍ଜାମର କେତେକ ରାଜା ମଝିରେ ମଝିରେ ବିଦ୍ରୋହ କରୁଥିଲେ । ପ୍ରବଳ ପ୍ରତାପୀ ଇଂରେଜ ସରକାର ବିରୁଦ୍ଧରେ ବଳିଷ୍ଠ ସଂଗଠନ ଜରିଆରେ ସଂଗ୍ରାମ କରିବାର ଶକ୍ତି କାହାର ନଥିଲା । ୧୮୧୭ ମସିହାରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ପାଇକ ବିଦ୍ରୋହ ଇଂରେଜ ଆଧିପତ୍ୟକୁ କିଛି କାଳ ପାଇଁ ଚହଲାଇ ଦେଇଥିଲା ।

ଦୀର୍ଘ କାଳ ଧରି ପରାଧୀନ ଥିବା ଓଡ଼ିଆ ମାନଙ୍କର ଆର୍ଥନୀତିକ ଅବସ୍ଥା ଊନବିଂଶ ଶତାବ୍ଦୀ ବେଳକୁ ଶୋଚନୀୟ ଥିଲା । ଏହାବ୍ୟତୀତ ଇଂରେଜମାନଙ୍କ ଶାସନ ସମୟରେ ବାରମ୍ବାର ନୂଆ ନୂଆ ନିୟମର ପ୍ରଚଳନ ଜନସାଧାରଣଙ୍କ ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଉଥିଲା । ଇଂରେଜମାନେ ଓଡ଼ିଶାରେ ଦରିଦ୍ର୍ୟ ବୃଦ୍ଧିର ମୂଳକାରଣ ଭାବେ ଠିଆହେଲେ । ସଂପୂର୍ଣ୍ଣ ଓଡ଼ିଶା ଦଖଲ ପରେ ଇଂରେଜମାନେ ଭୂରାଜସ୍ୱ ନୀତିର ପ୍ରଚଳନ କଲେ । ଓଡ଼ିଶାରେ ନିଜକୁ ପ୍ରତିଷ୍ଠିତ କରିବାପରେ ଅଧିକରୁ ଅଧିକ କର ଆଦାୟ କରିବାକୁ ପ୍ରୟାସ କଲେ । ଏପରିକି ଓଡ଼ିଆମାନଙ୍କର ଧର୍ମୀୟ ବିଶ୍ୱାସର ସୁଯୋଗ ନେଇ ପୁରୀର ଜଗନ୍ନାଥ ମନ୍ଦିରକୁ ମଧ୍ୟଏକ ଆୟର ପନ୍ଥା ଭାବେ ଶୋଷଣ କଲେ । ଇଂରେଜମାନଙ୍କର ଭୂରାଜସ୍ୱ ନୀତି ଓଡ଼ିଶାକୁ ଅନ୍ତଃସାରଶୂନ୍ୟ କରିଦେଇଥିଲା । ସେଥିପାଇଁ ସେମାନେ ଓଡ଼ିଶାରେ ଚିରସ୍ଥାୟୀ ବନ୍ଦୋବସ୍ତ କରିବାକୁ ଚାହୁଁନଥିଲେ । ଚିରସ୍ଥାୟୀ ବନ୍ଦୋବସ୍ତ ହେବା ପୂର୍ବରୁ ସେମାନେ ୧୮୦୪ ମସିହାରୁ ୧୮୩୨ ମସିହା ମଧ୍ୟରେ ଏଗାରଥର ଅସ୍ଥାୟୀ ବନ୍ଦୋବସ୍ତ କରିଥିବାର ଜଣାଯାଏ ।

ଓଡ଼ିଶାର ଭୌଗୋଳିକ ଅବସ୍ଥା ସଂପର୍କରେ ଜ୍ଞାନର ଅଭାବ ଯୋଗୁଁ ଜମିଜମା ବନ୍ଦୋବସ୍ତ ପ୍ରାଥମିକ ପର୍ଯ୍ୟାୟରେ ବିଫଳ ହୋଇଥିଲା । ବାରମ୍ବାର ବନ୍ଦୋବସ୍ତ ଓ ଖଜଣାହାର ବୃଦ୍ଧିଦ୍ୱାରା ଗରିବ ଚାଷୀମାନେ ବିଶେଷ କ୍ଷତିଗ୍ରସ୍ତ ହେଉଥିଲେ । ଏହା ଓଡ଼ିଶାର ଆର୍ଥନୀତିକ ପରିସ୍ଥିତିକୁ ସଂକଟାପନ୍ନ କରିଥିଲା । ଜମି କ୍ରମଶଃ ଅନେକ କ୍ଷୁଦ୍ର ଅଂଶରେ ବିଭକ୍ତ ହୋଇଗଲା । ସହରବାସୀ ଏହାର ସୁଯୋଗ ଉଠାଇଲେ । ଲର୍ଡ କର୍ଣ୍ଣୱାଲିସ୍ ୧୮୨୦ ମସିହାରେ ଜମିଦାରୀ ପ୍ରଥା ଲାଗୁ କରିବା ଦ୍ୱାରା  କ୍ଷେତ ଉପରେ ବ୍ୟକ୍ତିଗତ ମାଲିକାନାସ୍ୱତ୍ୱ ଆରୋପ ଯୋଗୁ କ୍ଷେତ କ୍ରମଶଃ ଏକ ବ୍ୟବସାୟରେ ପରିଣତ ହେଲା । ପୂର୍ବରୁ କୃଷିଜାତ ଦ୍ରବ୍ୟ ଗ୍ରାମରେ ରହୁଥିଲା; ମାତ୍ର ବର୍ତ୍ତମାନ ବିକ୍ରୟ ନିମନ୍ତେ ବଜାରକୁ ଆସିଲା । ଆଗରୁ ଯେଉଁ ସମସ୍ୟା ପଞ୍ଚାୟତରେ ସମାଧାନ ହେଉଥିଲା ବର୍ତ୍ତମାନ ତାହା ବିଚାରାଳୟକୁ ଆସିଲା । ସରଳ ମଫସଲର ଜନସାଧାରଣ ବିଚାର ପାଇଁ ସହରର କଚେରିକୁ ଆସିଲେ । ଇଂରାଜୀ ଶିକ୍ଷିତମାନେ ସେଠାରେ ମଧ୍ୟଅର୍ଥ ଲାଞ୍ଚ ନେଇ ଜନସାଧାରଣଙ୍କୁ ଶୋଷଣ କଲେ ।

ଉନବିଂଶ ଶତାବ୍ଦୀର ଆରମ୍ଭରେ ଦେଖାଦେଇଥିବା ବହୁ ଛୋଟ ଦୁର୍ଭିକ୍ଷ ପରେ ୧୮୩୬ ମସିହାରେ ହୋଇଥିବା ଦୁର୍ଭିକ୍ଷର ପ୍ରକୋପ ଅଧିକ ଥିଲା । ଏହାପରେ ୧୮୬୫-୬୬ ମସିହାର ଦୁର୍ଭିକ୍ଷ ଓଡ଼ିଶାବାସୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଇଥିଲା । ରାଜା ଦିବ୍ୟ ସିଂହ ଦେବଙ୍କ ଶାସନର ନବମ ଅଙ୍କରେ ଏ ଦୁର୍ଭିକ୍ଷ ପଡ଼ିଥିବାରୁ ଏହା ନଅଙ୍କ ଦୁର୍ଭିକ୍ଷ ନାମରେ ନାମିତ । ସେ ପର୍ଯ୍ୟନ୍ତ ଇଂରେଜ ସରକାର ଓଡ଼ିଶାରେ କୌଣସି ଉଲ୍ଲେଖନୀୟ ଉନ୍ନତିମୂଳକ କାର୍ଯ୍ୟ କରିନଥିଲେ । ଦୀର୍ଘ ଷାଠିଏ ବର୍ଷ ଧରି ଇଂରେଜ ଶାସନ ତନ୍ତ୍ରକୁ ଯାଇଥିଲେ ମଧ୍ୟଓଡ଼ିଶା ଏକ ଅବହେଳିତ ରାଜ୍ୟ ଭାବରେ ପଡ଼ି ରହିଥିଲା ।

ଇଂରେଜମାନେ କଞ୍ଚାମାଲ୍‌ର ସୁପରିବହନ ନିମନ୍ତେ ଏ ଦେଶରେ ରେଳ, ଡାକ ସେବା ପ୍ରଭୃତିର ପ୍ରଚଳନ କରାଇଲେ । ଇଂରେଜମାନେ ମେସିନ୍ ବ୍ୟବହାରଦ୍ୱାରା କମ୍ ଦାମ୍‌ରେ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦେଲେ । ଯାହା ଫଳରେ ଓଡ଼ିଶାର କୁଟୀରଶିଳ୍ପ ପ୍ରାୟତଃ ବନ୍ଦ ହେବାକୁ ବସିଲା । ଓଡ଼ିଆମାନେ କୃଷି ଉପରେ ମୁଖ୍ୟତଃ ନିର୍ଭର କରୁଥିଲେ । ପୁରୁଣାକାଳିଆ ଚାଷପଦ୍ଧତି, ଜଳସେଚନର ଅଭାବ ଓ ଅତ୍ୟଧିକ କର ଜନସାଧାରଣଙ୍କୁ ଅଧିକ ଗରିବ କରିଦେଇଥିଲା ।

ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳର ଅଧିବାସୀଙ୍କର ପ୍ରଧାନ ଜୀବିକା ଥିଲା ଲବଣ ଉତ୍ପାଦନ । ଇଂରେଜମାନେ ଓଡ଼ିଶାକୁ ଆସିବା ପରେ ଲବଣ ଶିଳ୍ପକୁ ସମୃଦ୍ଧ କରିବା ସହିତ ଏକଚାଟିଆ ବ୍ୟବସାୟ ଆରମ୍ଭ କରିଦେଲେ । ସେମାନଙ୍କ ବାଣିଜ୍ୟ ନୀତି ଯୋଗୁ ସାଧାରଣ ଜନତା ଲୁଣ ମାରିବାରୁ ବଞ୍ଚିତ ହେଲେ । ମୁଖ୍ୟ ଜୀବିକା ହରାଇବା ଫଳରେ ସେମାନେ ଘୋର ଆର୍ଥିକ ଦୁର୍ଦ୍ଦିନରେ କାଳାତିପାତ କରିବାକୁ ଲାଗିଲେ । ଏହା ସହିତ ମଝିରେ ମଝିରେ ହେଉଥିବା ଦୁର୍ଭିକ୍ଷର ବୋଝ ତାଙ୍କୁ ଅସହ୍ୟ ହୋଇପଡ଼ିଲା ।

ଉନବିଂଶ ଶତାବ୍ଦୀର ମଧ୍ୟଭାଗରେ ଇଂଲଣ୍ଡରେ ଶିଳ୍ପବିପ୍ଳବ ଦେଖାଦେଲା । ତାହାର ପ୍ରଭାବ ଭାରତରେ ମଧ୍ୟପଡ଼ିଲା । ଫଳତଃ ଇଷ୍ଟଇଣ୍ଡିଆ କମ୍ପାନୀର ଏକଚାଟିଆ ବାଣିଜ୍ୟ ନୀତିର ପ୍ରତିବାଦ ସ୍ୱରୂପ ଭାରତ ବର୍ଷରେ କିଛି କିଛି କଳ କାରଖାନା ଗଢ଼ିଉଠିବା ଫଳରେ ଏଠାକାର ଆର୍ଥନୀତିକ ଅବସ୍ଥା ବଦଳିବାକୁ ଆରମ୍ଭ କଲା । ନ'ଅଙ୍କ ଦୁର୍ଭିକ୍ଷ ପରେ ଓଡ଼ିଶା ଶାସକ ସଂପ୍ରଦାୟର ଅନୁକମ୍ପା ଲାଭ କରିବା ପାଇଁ ସମର୍ଥ ହୋଇଥିଲା ।

ଇଂରେଜମାନେ ଓଡ଼ିଆମାନଙ୍କର ଉନ୍ନତି ପାଇଁ ପ୍ରୟାସ କରିଥିଲେ । ସାମନ୍ତତନ୍ତ୍ରର କ୍ଷୟିଷ୍ଣୁ ପ୍ରତିପତ୍ତିର ସୁଯୋଗରେ ଏକ ନବଶିକ୍ଷିତ ବୁଦ୍ଧିଜୀବୀଗୋଷ୍ଠୀ ମୁଣ୍ଡଟେକି ଉଠିଲା । ଯାହାକୁ କୁହାଗଲା ମଧ୍ୟବିତ୍ତ ଶ୍ରେଣୀ । ଉନବିଂଶ ଶତାବ୍ଦୀର ମଧ୍ୟଭାଗରେ ଦେଖାଦେଇଥିବା ନବଜାଗରଣରେ ଏମାନେ ମୁଖ୍ୟ ଭୂମିକା ଗ୍ରହଣ କଲେ ।

ଇଂରେଜମାନେ ଓଡ଼ିଶାର ରାଜନୀତି ଓ ଅର୍ଥନୀତିକୁ କରାୟତ କରିବା ପରେ ଧୀରେ ଧୀରେ ସମାଜ ଜୀବନକୁ ମଧ୍ୟପ୍ରଭାବିତ କରିବାକୁ ଲାଗିଲେ । ଧର୍ମ, ସଂସ୍କୃତି, ଶିକ୍ଷା ସାହିତ୍ୟ ପ୍ରତ୍ୟେକ କ୍ଷେତ୍ରରେ ପରିବର୍ତ୍ତନ ପରିଲକ୍ଷିତ ହେଲା । ଇଂରେଜମାନେ ଓଡ଼ିଶାରେ ଖ୍ରୀଷ୍ଟଧର୍ମ ପ୍ରଚାର ଉଦ୍ଦେଶ୍ୟରେ ପ୍ରଥମେ ବାଇବେଲ୍‌କୁ ଓଡ଼ିଆ ଭାଷାରେ ଅନୁବାଦ କରାଇଲେ । ଭାରତରେ ଧର୍ମ ପ୍ରଚାର କରିବା ଉପରେ ଥିବା କଟକଣାକୁ ଲର୍ଡ଼ ହେଷ୍ଟିଙ୍ଗସ୍ ୧୮୭୧ ମସିହାରେ ଉଠାଇଦେଲେ । ଫଳରେ ଭାରତକୁ ପାଦ୍ରୀମାନଙ୍କର ସୁଅ ଛୁଟିଲା । ଦୀର୍ଘଦିନର ପ୍ରୟାସ ପରେ ଶେଷରେ ସେମାନେ ହିନ୍ଦୁମାନଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରାଇବାରେସଫଳହେଲେ ।

ଖ୍ରୀଷ୍ଟଧର୍ମରେ ଦୀକ୍ଷିତମାନଙ୍କ ମଧ୍ୟରେ ବିଶେଷକରି ସମାଜର ଅବହେଳିତ ଗୋଷ୍ଠୀ ଥିଲେ । ସନାତନ ହିନ୍ଦୁଧର୍ମ ଓ ସଂସ୍କୃତିକୁ ଏହି ଅଧଃପତନରୁ ରକ୍ଷା କରିବା ପାଇଁ ବଙ୍ଗୀୟ ବିଦ୍ୱାନ ରାଜାରାମମୋହନ ରାୟ 'ବ୍ରାହ୍ମ ସମାଜ' ଗଠନ କଲେ । ବାଲ୍ୟବିବାହ, ସତୀଦାହ ପ୍ରଥା, ପର୍ଦ୍ଦାପ୍ରଥା, ମୂର୍ତ୍ତିପୂଜା ପ୍ରଭୃତି କୁସଂସ୍କାରକୁ ହିନ୍ଦୁ ସମାଜରୁ ଦୂରୀକରଣ ଓ ଭାରତୀୟ ଏକେଶ୍ୱରବାଦର ପୁନଃପ୍ରତିଷ୍ଠା ହିଁ 'ବ୍ରାହ୍ମସମାଜ'ର ଲକ୍ଷ୍ୟ ଥିଲା । ବହୁ ଶିକ୍ଷିତ ବ୍ୟକ୍ତି ଏହାଦ୍ୱାରା ପ୍ରଭାବିତ ହେଲେ । ଏହା କ୍ରମଶଃ ଓଡ଼ିଶାକୁ ବ୍ୟାପିବାକୁ ଲାଗିଲା ।

ଇଂରେଜମାନେ ଓଡ଼ିଶା ଶାସନ କରିବା ପୂର୍ବରୁ ଏଠାରେ ଶିକ୍ଷାପ୍ରତି ବିଶେଷ ଧ୍ୟାନ ଦିଆଯାଉନଥିଲା । ଶିକ୍ଷା କହିଲେ କେବଳ ଚାଟଶାଳୀ, ଟୋଲ୍, ମାଦ୍ରାସା ପ୍ରଭୃତିରେ ଦିଆଯାଉଥିବା ଶିକ୍ଷାକୁ ବୁଝାଉଥିଲା । ଇଂରେଜମାନଙ୍କୁ ଶାସନ କାର୍ଯ୍ୟରେ ସହାୟତା କରିବା ପାଇଁ ଇଂରାଜୀ ଶିକ୍ଷିତ ବ୍ୟକ୍ତିଙ୍କର ଆବଶ୍ୟକତା ପଡ଼ିଲା । ତେଣୁ ସେମାନେ ନୂତନ ଶିକ୍ଷାନୀତିର ପ୍ରଚଳନ କରାଇଲେ । ୧୮୨୩ ମସିହାରେ କଟକରେ ଏକ ଇଂରାଜୀ ଚ୍ୟାରିଟି ସ୍କୁଲ ପ୍ରତିଷ୍ଠିତ ହେଲା । ଏହା ଓଡ଼ିଶାର ପ୍ରଥମ ବିଦ୍ୟାଳୟ ଥିଲା । ଏହା ପରେ ପରେ ଓଡ଼ିଶାରେ ଅନେକ ବିଦ୍ୟାଳୟ ଓ ମହାବିଦ୍ୟାଳୟମାନ ସ୍ଥାପିତ ହୋଇ ଶିକ୍ଷାର ବିକାଶ ସାଧିତ ହେଲା । ଓଡ଼ିଶାରେ ଏକ ଶିକ୍ଷିତ ଯୁବ ଗୋଷ୍ଠୀର ଆବିର୍ଭାବ ହେଲା ।

ବିଦ୍ୟାଳୟ ସ୍ଥାପନ ପରେ ସେଠାରେ ଶିକ୍ଷକତା କରିବା ପାଇଁ ବଙ୍ଗାଳୀ ଶିକ୍ଷକମାନେ ନିଯୁକ୍ତି ପାଇଲେ। ଏହି ସମୟରେ ଓଡ଼ିଆ ପାଠ୍ୟପୁସ୍ତକର ଅଭାବ ହେବାରୁ ବଙ୍ଗାଳୀମାନେ ବଙ୍ଗଳା ବହି ବିଦ୍ୟାଳୟରେ ପଢ଼ାଇବା ପାଇଁ ମତ ଦେଲେ । ୧୮୬୮ ମସିହାରେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ସଂସ୍କୃତ ଶିକ୍ଷକ ଭାବେ ନିଯୁକ୍ତି ପାଇଥିବା କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ କହିଲେ ଯେ 'ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ' । ସ୍କୁଲ ଇନ୍‌ସପେକ୍ଟର ମାର୍ଟିନ୍ ସାହେବ ସ୍କୁଲମାନଙ୍କରେ ଓଡ଼ିଆ ଶିକ୍ଷା ପ୍ରଚଳନ ପ୍ରତ୍ୟାହାର କରିବା ନିମନ୍ତେ ମଧ୍ୟଆଦେଶ ଦେଲେ । ନ'ଅଙ୍କ ଦୁର୍ଭିକ୍ଷର କରାଳରୂପ ମନରୁ ଭୁଲି ନଥିବା ଓଡ଼ିଆଙ୍କୁ ଭାଷା ବିଲୋପ ପାଇଁ ହେଉଥିବା ଚକ୍ରାନ୍ତ ବଳିଷ୍ଠ ଧକ୍କା ଦେଇଥିଲା। ଦୈବ ବିଡ଼ମ୍ବନା ଓ ସରକାରୀ ଔଦାସୀନ୍ୟ ପରୋକ୍ଷରେ ଓଡ଼ିଆଙ୍କ ପାଇଁ କଲ୍ୟାଣର ବାର୍ତ୍ତା ଆଣିଥିଲା । ଆତ୍ମରକ୍ଷା ଓ ଆତ୍ମପ୍ରତିଷ୍ଠା ରକ୍ଷା ପାଇଁ ଓଡ଼ିଆମାନେ ଏକତ୍ର ହୋଇ ସଂଗ୍ରାମ କଲେ । ଓଡ଼ିଆ ଭାଷାର ସୁରକ୍ଷା ନିମନ୍ତେ ଏକ ଆନ୍ଦୋଳନର ସୂତ୍ରପାତ ହେଲା । ୧୮୬୮ ମସିହାରୁ ୧୮୭୦ ମସିହା ମଧ୍ୟରେ ପ୍ରବଳ ରୂପ ଧାରଣ କରିଥିବା ଓଡ଼ିଆ ଭାଷା ବିଲୋପ ଷଡଯନ୍ତ୍ରର ଅବସାନ ଘଟିଲା ।

ଧର୍ମ ପ୍ରଚାର ଉଦ୍ଦେଶ୍ୟରେ ଇଂରେଜମାନଙ୍କଦ୍ୱାରା ୧୮୩୮ ମସିହାରେ ଫକଟକ ମିଶନ୍ ପ୍ରେସ୍' ସ୍ଥାପନ କରାଗଲା । ଏହା ଓଡ଼ିଶାର ପ୍ରଥମ ମୁଦ୍ରଣ ଯନ୍ତ୍ର ସ୍ଥାପନ ଥିଲା । ଏହି ପ୍ରେସ୍‌ରୁ ତିନୋଟି ଖ୍ରୀଷ୍ଟଧର୍ମ ସମ୍ବଳିତ ପତ୍ରିକା ଜ୍ଞାନରଣ, ପ୍ରବୋଧ ଚନ୍ଦ୍ରିକା ଓ ଅରୁଣୋଦୟ ପ୍ରକାଶ ପାଇଲା । ମାତ୍ର ପ୍ରସାର ଅଭାବରୁ ପତ୍ରିକା ତିନୋଟି ବନ୍ଦ ହୋଇଗଲା । ୧୮୬୬ ମସିହାରେ ପ୍ରଥମ ଓଡ଼ିଆ ପତ୍ରିକା 'ଉତ୍କଳଦୀପିକା' ପ୍ରକାଶ ପାଇଲା । ୧୮୬୭ ମସିହାରେ ଏହା ନୂତନ ସ୍ଥାପିତ ଫକଟକ ପ୍ରିଣ୍ଟିଂ ପ୍ରେସ୍‌ରୁ' ପ୍ରକାଶ ପାଇଲା । ଏହି ସମୟରେ ଅନେକ ଓଡ଼ିଆ ପତ୍ରିକା ଆତ୍ମପ୍ରକାଶ କଲା । ସେମାନଙ୍କ ମଧ୍ୟରେ ଅଧିକାଂଶ ପତ୍ରିକା ଓଡ଼ିଶାର ସଂଗଠନ, ଓଡ଼ିଆ ଭାଷାର ସୁରକ୍ଷା, ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ଉନ୍ନତି କାର୍ଯ୍ୟରେ ଲିପ୍ତ ରହିଲେ ।

ଇଂରାଜୀ ସଭ୍ୟତାଗତ ଶିକ୍ଷା, ସାହିତ୍ୟ, ସମାଜ, ଧର୍ମ ଓ ରାଷ୍ଟ୍ରନୀତି ସଂକ୍ରମଣ ଜାତୀୟ ଜୀବନର ଆଭିମୁଖ୍ୟକୁ ବଦଳାଇ ଦେଇଥିଲା ଏବଂ ସମାଜ ଜୀବନରେ ଘୋର ପରିବର୍ତ୍ତନ ଦେଖାଦେଇଥିଲା । ଶିକ୍ଷା ଦୀକ୍ଷା ଯୋଗୁଁ ଯେଉଁ ନବଶିକ୍ଷିତ ବୁଦ୍ଧିଜୀବୀଗୋଷ୍ଠୀ ଗଢ଼ିଉଠିଥିଲେ ସେମାନେ ବିଦେଶୀ ଶାସନର ସମସ୍ତ ବାଧାବିଘ୍ନକୁ ଏଡାଇ ପୁନର୍ଜାଗରଣକୁ ନିମନ୍ତ୍ରଣ କରି ଆଣିଥିଲେ । ଏମାନଙ୍କର ଜାତୀୟବାଦୀ ଭାବଧାରା ସାମନ୍ତତନ୍ତ୍ରର ସ୍ୱେଚ୍ଛାଚାର ବିରୁଦ୍ଧରେ ମୁଣ୍ଡଟେକି ଠିଆହେଲା ।

ଊନବିଂଶ ଶତାବ୍ଦୀର ଭାରତୀୟ ସମାଜରେ ପରିଲକ୍ଷିତ ଏକ ସାଂସ୍କୃତିକ ସଂକଟ ହେଉଛି ପରଂପରା ପ୍ରେମୀ ଓ ଆଧୁନିକ ପ୍ରେମୀ ମଧ୍ୟରେ ମାନସିକ ସଂଘର୍ଷ । ପରଂପରାବାଦୀମାନେ ଯେପରି ପ୍ରଚଳିତ ବିଶ୍ୱାସ ଓ ଅନ୍ଧଧାରଣାକୁ ଛାଡ଼ିବାକୁ ପ୍ରସ୍ତୁତ ନଥିଲେ, ପାଶ୍ଚାତ୍ୟାଭିମୁଖୀ ଆଧୁନିକତା ସ୍ପର୍ଶରେ ଆସୁଥିବା ନବଶିକ୍ଷିତଗୋଷ୍ଠୀ ସେହିପରି ନିଜ ସଂସ୍କୃତି ପ୍ରତି ଅନାସ୍ଥା ପ୍ରଦର୍ଶନ କରୁଥିଲେ । ଗୋଟିଏ ଦିଗରେ ଅଶିକ୍ଷିତ ଗ୍ରାମ୍ୟ ଜନତା ଭୂତପ୍ରେତ, ତନ୍ତ୍ରମନ୍ତ୍ର, ଜାତିଭେଦ, ବାଲ୍ୟବିବାହ, ସତୀଦାହ ପ୍ରଥା ପ୍ରଭୃତି କୁସଂସ୍କାର ବଶବର୍ତ୍ତୀ ହେଲାବେଳେ ଶିକ୍ଷିତ ସହରୀ ବ୍ୟକ୍ତି ମଦ୍ୟପାନ, ବେଶ୍ୟାଶକ୍ତ ଭଳି କୁସ୍ୱଭାବଧାରୀ ହୋଇଥିଲେ । ସଚେତନ ଶିକ୍ଷିତ ନାଗରିକମାନେ ସାହିତ୍ୟ ମାଧ୍ୟମରେ ସମାଜର ଏ ଉଭୟ ପ୍ରକାର କୁସଂସ୍କାର ଦୂର କରିବା ପାଇଁ ପ୍ରୟାସ କରିଥିଲେ ।

## ୧.୫ ଓଡ଼ିଆ ନାଟକର ଉନ୍ମେଷ ପର୍ବ : ପ୍ରମୁଖ ନାଟ୍ୟକାର

ଊନବିଂଶ ଶତାବ୍ଦୀର ୭ମ ଦଶକ ବେଳକୁ ବଙ୍ଗଳା, ହିନ୍ଦୀ, ଗୁଜୁରାଟୀ, ମହାରାଷ୍ଟ୍ରୀ ପ୍ରଭୃତି ପ୍ରାନ୍ତୀୟ ଭାଷାରେ ଆଧୁନିକ ନାଟକ ରଚିତ ହୋଇ ମଞ୍ଚସ୍ଥ ହୋଇ ସାରିଥିଲା । ୧୮୭୨ ମସିହାରେ କଟକରେ ଏକ ମିଶନ୍ ସ୍କୁଲର ଛାତ୍ରମାନେ ଇଂରାଜୀ ନାଟକର କିଛି ଅଂଶ ମଞ୍ଚସ୍ଥ କରିଥିଲେ । ପରବର୍ତ୍ତୀ ସମୟରେ କଟକର ବଙ୍ଗାଳୀ ଜମିଦାରୀମାନେ ବଙ୍ଗଳା ନାଟକ ଅଭିନୟ କରାଇଥିଲେ । ଏଗୁଡ଼ିକ ବଙ୍ଗୀୟ ଭଦ୍ରଲୋକମାନଙ୍କ ପାରିବାରିକ ପରିବେଶରେ ହିଁ ଅଭିନୟ ହେଉଥିଲା, ଯାହା ସାଧାରଣ ଦର୍ଶକଙ୍କ କ୍ଷେତ୍ରରେ ଦେଖିବା ସମ୍ଭବ ନଥିଲା । ମୁଷ୍ଟିମେୟ ଉଚ୍ଚଶିକ୍ଷିତ ଭଦ୍ରଲୋକ ସେସବୁ ଦେଖିବାପରେ ଓଡ଼ିଶାରେ ସେହିଭଳି ନାଟକର ଅଭାବ ଅନୁଭବ କଲେ ଓ ନାଟକ ରଚନାରେ ହାତ ଦେଇଥିଲେ । ଫଳରେ ଓଡ଼ିଆମାନେ ପ୍ରସେନିୟମ୍ ମଞ୍ଚ ବା ଏକମୁଖୀ ମଞ୍ଚ ସହିତ ପରିଚିତ ହୋଇ ସାରିଥିଲେ । ୧୮୭୭ ମସିହା ପୂର୍ବରୁ ଓଡ଼ିଆ ଭାଷାରେ କୌଣସି ଯଥାର୍ଥ ନାଟକ ସୃଷ୍ଟି ହୋଇନାହିଁ । ଯାହା କିଛି ରଚିତ ତହିଁରେ ସଂସ୍କୃତ ନାଟକର ପ୍ରଭାବ ଓ ଲୋକନାଟକରେ ସଂଗୀତମୟ ସମାବେଶ ତାକୁ ପ୍ରକୃତ ନାଟ୍ୟକଳାଠାରୁ

ଦୂରେଇ ଦେଇଛି । ଏ ସମୟରେ ଏକ ନୂତନ ସାହିତ୍ୟିକ ଅଭ୍ୟୁତ୍ଥାନର ପରିବେଶରେ ପ୍ରଥମ ଓଡ଼ିଆ ନାଟକ 'ବାବାଜୀ' (୧୮୭୭) ଜନ୍ମନେଲା । ଏହାର ନାଟ୍ୟକାର ହେଉଛନ୍ତି ଜଗନ୍‌ମୋହନ୍ ଲାଲା। ଖୁସିର ବିଷୟ ହେଉଛି ପ୍ରଥମ ହିନ୍ଦୀ ନାଟକ 'ସତ୍ୟ ହରିଶ୍ଚନ୍ଦ୍ର' ଓ ପ୍ରଥମ ବଙ୍ଗଳା ନାଟକ 'ଭଦ୍ରାର୍ଜୁନ' ପୌରାଣିକ ହୋଇଥିବା ବେଳେ ପ୍ରଥମ ଓଡ଼ିଆ ନାଟକ 'ବାବାଜୀ' ସାମାଜିକ କଥାବସ୍ତୁ ଆଧାରରେ ରଚିତ ଏବଂ ଏହା ପୁଣି ସଂସ୍କୃତ ପ୍ରଭାବମୁକ୍ତ । ଜଗନ୍‌ମୋହନ୍ ପ୍ରଥମେ ଓଡ଼ିଆ ନାଟକ ରଚନାର ବାଟ ଫିଟାଇଲେ । ଏହାପରେ ଅନେକ ପ୍ରମୁଖ ନାଟ୍ୟକାର ଓଡ଼ିଆ ନାଟକକୁ ବିକାଶ ପଥରେ ଆଗେଇ ନେଇଛନ୍ତି । ନିମ୍ନରେ ଆମେ ଓଡ଼ିଆ ନାଟକର ଉନ୍ମେଷ ପର୍ବର କେତେକ ପ୍ରମୁଖ ନାଟ୍ୟକାର ଏବଂ ସେମାନଙ୍କ କୃତି ବିଷୟରେ ଜାଣିବା ।

## ୧.୫.୧ ଜଗନ୍‌ମୋହନ୍ ଲାଲା

ଜଗନ୍‌ମୋହନ୍ ଲାଲା କେବଳ ପ୍ରଥମ ଓଡ଼ିଆ ନାଟ୍ୟକାର ନୁହେଁ ସେ ପ୍ରଥମ ରଙ୍ଗମଞ୍ଚର ପ୍ରତିଷ୍ଠାତା ମଧ୍ୟ ସେ ୧୮୭୫ ମସିହାରେ ନିଜ କୁଳଦେବତାଙ୍କ ନାମ ଅନୁସାରେ 'ରାଧାକାନ୍ତ ରଙ୍ଗମଞ୍ଚ' ନାମକ ଏକ ସ୍ଥାୟୀ ମଞ୍ଚ ପ୍ରତିଷ୍ଠା କରିଥିଲେ । ଏହି ମଞ୍ଚରେ ଜଗନ୍‌ମୋହନଙ୍କ 'ବାବାଜୀ', 'ସତୀ', 'ବୃଦ୍ଧବିବାହ' ଓ 'ପ୍ରୀତି' ପ୍ରଭୃତି ନାଟକ ଅଭିନୀତ ହେବା ସହିତ ବହୁ ବଙ୍ଗଳା ନାଟକ ଅଭିନୀତ ହୋଇଛି । ଜଗନ୍‌ମୋହନ୍ ମଞ୍ଚ ତିଆରି କରି ତା'ପାଇଁ ନାଟକ ଲେଖିବାଠାରୁ ଆରମ୍ଭ କରି ନିର୍ଦ୍ଦେଶକ ଓ ଅଭିନେତା ପ୍ରଭୃତି ଭୂମିକା ତୁଲାଉଥିଲେ ।

'ବାବାଜୀ' (୧୮୭୭) ଏକ ସମାଜ ସଂସ୍କାର ମୂଳକ ନାଟକ । ଅଧଃପତିତ ଓଡ଼ିଆ ସମାଜର ସଂସ୍କାର ଲାଗି ନାଟକକୁ ପ୍ରଭାବଶାଳୀ ମାଧ୍ୟମ ଭାବରେ ଜଗନ୍‌ମୋହନ୍ ଗ୍ରହଣ କରିଥିଲେ । 'ବାବାଜୀ'ର କଥାବସ୍ତୁ ଗୋଟିଏ ଦିନର ସୀମା ମଧ୍ୟରେ ଆବଦ୍ଧ । ଜଣେ ସାଧୁବାବାଙ୍କର ଆଗମନ ଏବଂ ସମାଜର ବିଭିନ୍ନ କ୍ଷେତ୍ରରେ ଦେଖାଦେଇଥିବା କୁସଂସ୍କାରକୁ ଦୂରୀକରଣ ଲାଗି ଉପଦେଶ ପ୍ରଦାନ ଭିତରେ ସମଗ୍ର ନାଟକର କଥାବସ୍ତୁ ପର୍ଯ୍ୟବେସିତ। ନାଟକର ମୁଖ୍ୟ ଚରିତ୍ର ବାବାଜୀ ପ୍ରଥମେ ସୁବଳ ପଟ୍ଟନାୟକ ନାମକ ଜଣେ ମଦ୍ୟପ ଧନୀ ବ୍ୟକ୍ତିଙ୍କ ଗୃହକୁ ଯାଆନ୍ତି । କ୍ଷୁଧାର୍ଥ ବାବାଜୀ ଖାଦ୍ୟ ଆଶା କରି ତାଙ୍କ ପୂଜାରୀ ଦ୍ୱାରା ଅପମାନିତ ହୋଇଛନ୍ତି । ପୁଣି ସେ ଗୋଟିଏ ମଠକୁ ଯାଇଥିଲେ ମଧ୍ୟତାଙ୍କ କ୍ଷୁଧା ଦୂର ହୋଇନାହିଁ । ବରଂ ସେଠାରୁ ମଧ୍ୟସେ ଲାଞ୍ଛିତ ହୋଇ ଫେରିଛନ୍ତି । ସେଠାକାର ମଠାଧୀଶଙ୍କ ଅନୈତିକ ଗୁପ୍ତପ୍ରଣୟ ଓ ଧର୍ମନାମରେ ଭଣ୍ଡାମି ବାବାଜୀଙ୍କୁ ଦୁଃଖଦେଇଛି । ଏହାପରେ ବାବାଜୀ ଦୁଇଜଣ ନାରୀଙ୍କୁ ଭେଟିଛନ୍ତି । ସେମାନଙ୍କ ମନରେ ଥିବା ଭୂତପ୍ରେତ ଭୟ, ଅନ୍ଧବିଶ୍ୱାସ, ସାଧୁମାନଙ୍କର ଅଲୌକିକ ଶକ୍ତି ପ୍ରଦର୍ଶନକୁ ବିଶ୍ୱାସ, ଗୁଣିଆଙ୍କ ଭଣ୍ଡାମି ପ୍ରଭୃତି ଦେଖି ବାବାଜୀ ତାହା ଦୂର କରିବା ପାଇଁ ଉପଦେଶ ମାନ ଦେଇଛନ୍ତି । ସେ ଏକ ସୁସ୍ଥ ସମାଜ ଗଠନର ଆଶା ରଖିଛନ୍ତି । ବାବାଜୀଙ୍କର ମଞ୍ଚକୁ ଆଗମନ ଓ ପ୍ରସ୍ଥାନ ଭିତରେ ତତ୍‌କାଳୀନ ସମାଜର ବାସ୍ତବ ସ୍ୱରୂପ ଉଦ୍‌ଘାଟିତ ହୋଇଛି । ଜଗନ୍‌ମୋହନ୍ ଜଣେ ସଚେତନ ନାଗରିକ ଭାବେ ଶିକ୍ଷିତ ବ୍ୟକ୍ତିମାନଙ୍କର ମଦ୍ୟପାନ, ବେଶ୍ୟାସକ୍ତି, ଭଣ୍ଡ ସାଧୁ ସନ୍ୟାସୀମାନଙ୍କର ବ୍ୟଭିଚାର, ସାଧାରଣ ଲୋକଙ୍କର ଗୁଣିଗାରେଡ଼ି, ଭୂତପ୍ରେତ ବିଶ୍ୱାସ ପ୍ରଭୃତି ଅସଙ୍ଗତିଗୁଡ଼ିକ ବିରୁଦ୍ଧରେ ନାଟକ ମାଧ୍ୟମରେ ସ୍ୱର ଉତ୍ତୋଳନ କରିଛନ୍ତି । ଏଥିରେ ବିଭିନ୍ନ ସମସ୍ୟାର ଉପସ୍ଥାପନ ହୋଇଛି ମାତ୍ର ସମସ୍ୟାର କୌଣସି ନାଟକୀୟ ସମାଧାନର ଉଦ୍ୟମ ହୋଇନାହିଁ । ସାଧୁ ବାବାଜୀଙ୍କର ଉପଦେଶ ଭିତରେ ନାଟକର ପରିସମାପ୍ତି ହୋଇଛି । ସାମାଜିକ ଅନ୍ୟାୟ, ଭଣ୍ଡାମି ଓ କୁସଂସ୍କାରକୁ ବ୍ୟଙ୍ଗ କରାଯାଇ ହାସ୍ୟରସ ସୃଷ୍ଟିର ପ୍ରୟାସ କରାଯାଇଛି ।

ସଂସ୍କୃତ ନାଟକର ଆରମ୍ଭରେ ଦେଖାଦେଉଥିବା 'ନାନ୍ଦୀ' ଓ ଶେଷରେ ଦେଖାଦେଉଥିବା 'ଭରତବାକ୍ୟ'କୁ ନାଟ୍ୟକାର ଏଥିରେ ଗ୍ରହଣ କରିନାହାନ୍ତି । ଭାଷା ମଧ୍ୟସରଳ । ସଂସ୍କୃତ ପ୍ରଭାବିତ ଶବ୍ଦାଡ଼ମ୍ବର ଓ ଅଳଙ୍କାର ବହୁଳତାରୁ ମୁକ୍ତ । କେତେକ ସ୍ଥଳରେ ପାତ୍ରମୁଖୀ ସଂକ୍ଷିପ୍ତ ସଂଳାପ ଥିବାବେଳେ କେତେକ ସ୍ଥଳରେ ଦୀର୍ଘ ସଂଳାପର ପ୍ରୟୋଗ ହୋଇଛି । ବହୁଚରିତ୍ରର ଅବତାରଣା କରାଯାଇଛି । ଏଥିରେ ଦ୍ୱନ୍ଦ୍ୱ ଓ ସଂଘର୍ଷର ତୀବ୍ରତା ନାହିଁ କିନ୍ତୁ ସାମାଜିକ ଅସଙ୍ଗତିଗୁଡ଼ିକ ପ୍ରଭାବଶାଳୀ ଭାବେ ଉପସ୍ଥାପିତ । କେତେକ ଦୋଷତ୍ରୁଟି ଥିଲେ ମଧ୍ୟନାଟ୍ୟକାରଙ୍କର ସମାଜ ସଂସ୍କାର ପ୍ରୟାସକୁ ଅସ୍ୱୀକାର କରାଯାଇ ନପାରେ ।

ଜଗନ୍ମୋହନଙ୍କ ଦ୍ୱିତୀୟ ନାଟକ ହେଉଛି 'ସତୀ' (୧୮୮୬) । ଗଡ଼ଜାତ ରାଜାଙ୍କର ନାରୀ ଲୋଲୁପତା, ପରସ୍ତ୍ରୀ ହରଣ, ଅନ୍ୟାୟ ଆଚରଣ ପ୍ରଭୃତି 'ସତୀ' ନାଟକର ଉପଜୀବ୍ୟ । ଯେଉଁ ସମୟରେ ଗଡ଼ଜାତ ରାଜାଙ୍କର ଅନ୍ୟାୟ ଅତ୍ୟାଚାର ସୀମା ଲଂଘନ କରିଥିଲା ସେହି ସମୟରେ ସେମାନଙ୍କର ପ୍ରକୃତ ସ୍ୱରୂପକୁ ନାଟକ ମାଧ୍ୟମରେ ପ୍ରଦର୍ଶନ କରିବା ସାହସିକତାର କାର୍ଯ୍ୟ ନିଶ୍ଚୟ । ନାଟକର ମୁଖ୍ୟ ନାୟିକା ଲାବଣ୍ୟ ଜଣେ ବିବାହିତା ନାରୀ । ତତ୍କାଳୀନ ରାଜା ଲାବଣ୍ୟର ସୌନ୍ଦର୍ଯ୍ୟରେ ମୋହିତ ହୋଇ ତାକୁ ପାଇବାକୁ ଆଶାପୋଷଣ କରନ୍ତି । ଏଥିପାଇଁ ସେ ବିଭିନ୍ନ ଧରଣର କୁଚକ୍ରାନ୍ତ କରିବାକୁ ମଧ୍ୟପଛାଇ ନାହାନ୍ତି । ବହୁପ୍ରକାର ଚେଷ୍ଟା ପରେ ଶେଷରେ ରାଜା ଲାବଣ୍ୟକୁ ଅପହରଣ କରିବାରେ ସକ୍ଷମ ହୋଇଛନ୍ତି । ଲାବଣ୍ୟ କୌଶଳରେ ସେଠାରୁ ଖସି ଆସିବାକୁ ସମର୍ଥ ହୋଇଥିଲେ ମଧ୍ୟତା ସ୍ୱାମୀ ତାକୁ ଆଉ ଗ୍ରହଣ କରିନାହିଁ । ଲାବଣ୍ୟଙ୍କ ଭାଇ ତାକୁ ଆଶ୍ରୟ ଦେଇଥିବାରୁ ତାକୁ ମଧ୍ୟହତ୍ୟା କରାଯାଇଛି । ରାଜ କର୍ମଚାରୀମାନେ ପୁନର୍ବାର ଲାବଣ୍ୟକୁ ଧରିନେବାକୁ ପ୍ରୟାସ କରିନ୍ତି । ଜଣେ ସତୀ ହିନ୍ଦୁ ନାରୀ ଏପରି ପରିସ୍ଥିତିରୁ ମୁକ୍ତିଲାଭର କୌଣସି ଉପାୟ ନପାଇ ନିଜ ସତୀତ୍ୱ ରକ୍ଷାକରିବା ସକାଶେ ଶେଷରେ ଆତ୍ମଉତ୍ସର୍ଗ କରିବାକୁ ଶ୍ରେୟ ମନେକରିଛି । ଏଠାରେ ଦେଖାଯାଇଛି ଯେ ରାଜାଙ୍କଦ୍ୱାରା ଜଣେ ନାରୀ ନିର୍ଯାତିତ ହେବା ପରେ ଜନସାଧାରଣ ରାଜାଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ ନକରି ବରଂ ନିରୀହ ନାରୀକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ବହୁ ପ୍ରଲୋଭନ ଓ ନିର୍ଯ୍ୟାତନା ପରେ ମଧ୍ୟଲାବଣ୍ୟ ରାଜାଙ୍କ ନିକଟରେ ନିଜକୁ ସମର୍ପଣ କରିନାହିଁ ; ଅଥଚ ସମାଜ ତାର ସତୀତ୍ୱ ଓ ଦୃଢ଼ତାକୁ ସ୍ୱୀକୃତି ଦେଇନାହିଁ । ଏଠାରେ ଲାବଣ୍ୟ କେବଳ ଅତ୍ୟାଚାରୀ ଶାସକ ବିରୁଦ୍ଧରେ ନୁହେଁ, ଅତ୍ୟାଚାରକୁ ନୀରବରେ ସହ୍ୟକରୁଥିବା ମୂଢ଼ ସମାଜ ବିରୁଦ୍ଧରେ ମଧ୍ୟବିପ୍ଳବ କରିଛି ।

ନାଟକର ପ୍ରାରମ୍ଭରେ ଲାବଣ୍ୟ ଚରିତ୍ରର ଚାରିତ୍ରିକ ବୈଶିଷ୍ଟ୍ୟ ସଂପର୍କରେ ସୂଚନା ଦିଆଯିବା ପରେ ରାଜାଙ୍କର ପ୍ରଲୋଭନ ଓ ନିର୍ଯ୍ୟାତନା ମଧ୍ୟରେ ତାର ଦୃଢ଼ତା ଓ ଆତ୍ମହତ୍ୟା ମଧ୍ୟଦେଇ ଚରିତ୍ରର ପୂର୍ଣ୍ଣ ବିକାଶ ଘଟିଛି । ନାଟକର ଶେଷରେ ଲାବଣ୍ୟର ସଂଳାପ ବାସ୍ତବିକ ହୃଦୟସ୍ପର୍ଶୀ । ସେ ଆତ୍ମହତ୍ୟା ପୂର୍ବରୁ ଦଉଡ଼ିଟିକୁ ସମ୍ବୋଧନ କରି କହିଛି – " ଦଉଡ଼ି ! ଏ ଅସହାୟ ବେଳେ ତୁ ମୋର ବଡ଼ ସାହା ହେଲୁ, ମୋ ଭାଇ ବନ୍ଧୁଠୁ ବଳିଲୁ । ଏ ଉପକାର ଶୁଝିପାରିବି ନାହିଁ । ଆଉ ଛିଡ଼ିବୁ ନାହିଁ ତ । ମୋତେ ଦଗା ଦେବୁ ନାହିଁ ତ, ତତେ ମୋ ରାଣ ।" ଏ ଅଥର୍ବ ସମାଜ ଜଣେ ନିର୍ଦ୍ଦୋଷ ନାରୀକୁ କେତେଯେ ଅସହାୟ କରିଦେଇଛି ତାହା ଏଠାରେ ସୁସ୍ପଷ୍ଟ ।

ମୂଳ ଘଟଣା ସହ ବହୁ ଉପଘଟଣାର ସମାବେଶ ନାଟକର ସାବଲୀଳ ଗତିକୁ ବାଧାପ୍ରାପ୍ତ କଲାଭଳି ମନେ ହୁଏ । ଏହା ପାରଂପରିକ ଯାତ୍ରା ନାଟକର ଏକ ଲକ୍ଷଣ । କ୍ଷୁଦ୍ର ପରିସରରେ ଅତ୍ୟଧିକ ଚରିତ୍ରର ଚିତ୍ରଣ

ରହିଛି । ତେଣୁ ଅଧିକାଂଶ ଚରିତ୍ର ଯଥାର୍ଥଭାବେ ବିକାଶ ଲାଭ କରି ପାରିନାହାନ୍ତି । ଏଥିରେ ଦଶଟି ସଙ୍ଗୀତ ରହିଛି । ସଂଳାପ ସଂଯୋଜନା ସୁଚିନ୍ତିତ । ଦ୍ୱନ୍ଦ୍ୱ ସଂଘର୍ଷ ବହୁଳ କଥାବସ୍ତୁ ସଂଯୋଜନା, ପ୍ରଭାବଶାଳୀ ନାୟିକା ଚରିତ୍ର ଚିତ୍ରଣ, ଆବେଗପୂର୍ଣ୍ଣ ପାତ୍ରମୁଖୀ ସଂଳାପ ଯୋଗୁ 'ସତୀ' ନାଟକ ଜଗନ୍ମୋହନ୍‌ଙ୍କୁ ଚରମ ସଫଳତା ପ୍ରଦାନ କରିଛି । ସତୀ ନାଟକକୁ ଆଧୁନିକ ଓଡ଼ିଆ ନାଟ୍ୟ ସାହିତ୍ୟରେ ପ୍ରଥମ ସଫଳ ଟ୍ରାଜିକ୍‌ଧର୍ମୀ ନାଟକ କୁହାଯାଇପାରେ । ପରବର୍ତ୍ତୀ ସମୟରେ ଜଗନ୍ମୋହନ୍ 'ପ୍ରୀତି' ଓ 'ବୃଦ୍ଧ ବିବାହ' ନାମକ ଦୁଇଟି ନାଟକ ରଚନା କରିଥିଲେ ମଧ୍ୟଏହା 'ସତୀ' ନାଟକର ସଫଳତା ନିକଟରେ ମ୍ଳାନ ପଡ଼ିଯାଇଛି ।

ପ୍ରୀତି ନାଟକ ଅପ୍ରକାଶିତ । ଏହି ନାଟକର ନାୟକ ଜେନାମଣି ସାମନ୍ତରାୟ ଜଣେ ଜମିଦାର ପୁତ୍ର । ସେ ଜଣେ ପିତୃମାତୃହୀନା, ଦରିଦ୍ର, କନ୍ୟାକୁ ବିବାହ କରିବାକୁ ଇଚ୍ଛା କରିଛନ୍ତି । ସମାଜ ଏବଂ ଅଭିଭାବକ ସମସ୍ତେ ଏ ପ୍ରସ୍ତାବରେ ବାଧା ସୃଷ୍ଟି କରିଛନ୍ତି । ବହୁ ଝଡ଼ଝଞ୍ଜାରେ ସମ୍ମୁଖୀନ ହେବା ପରେ ଶେଷରେ ନାୟକ ନାୟିକାଙ୍କର ମିଳନ ସମ୍ଭବ ହୋଇଛି । ଏଥିରେ ମଧ୍ୟନାଟ୍ୟକାରଙ୍କର ସମାଜ ସଂସ୍କାର ପ୍ରୟାସ ପରିଲକ୍ଷିତ । ସମାଜରେ ପ୍ରଚଳିତ ଉଚ୍ଚନୀଚ ଭେଦଭାବ ବିରୁଦ୍ଧରେ ନାଟ୍ୟକାର ସ୍ୱର ଉତ୍ତୋଳନ କରିଛନ୍ତି । ତତ୍‌କାଳୀନ ସମାଜରେ କନ୍ୟାପିତାମାନେ ଅର୍ଥଲୋଭରେ କିମ୍ବା ଋଣମୁକ୍ତ ହେବା ପାଇଁ ନିଜର ଯୁବତୀ କନ୍ୟାକୁ ବୃଦ୍ଧ ଜମିଦାର ବା ସାହୁକାରଙ୍କୁ ବିବାହ କରାଉଥିବା ଘଟଣା ହେଉଛି 'ବୃଦ୍ଧ ବିବାହ' ନାଟକର ଉପଜୀବ୍ୟ ।

ଜଗନ୍ମୋହନ୍‌ଙ୍କର ସମସ୍ତ ନାଟକ ସମାଜ ସଂସ୍କାର ମୂଳକ । ସେ ଭାରତୀୟ ନାଟ୍ୟାଦର୍ଶକୁ ସଂପୂର୍ଣ୍ଣଭାବେ ଗ୍ରହଣ ନକରି ପାଶ୍ଚାତ୍ୟ ନାଟ୍ୟଶୈଳୀକୁ ଅନୁସରଣ କରିଥିବାର ଦେଖାଯାଏ । ଓଡ଼ିଶାରେ ସଂସ୍କୃତ ଓ ବଙ୍ଗଳା ଭାଷାରେ ନାଟକ ରଚନା କରି ଅଭିନୟ କରାଯାଉଥିବା ସମୟରେ ଜଗନ୍ମୋହନ୍ ଓଡ଼ିଆ ଭାଷାରେ ପ୍ରଥମ ନାଟକ ରଚନା କରି ଓଡ଼ିଶାର ଶିକ୍ଷିତଗୋଷ୍ଠୀଙ୍କୁ ବିସ୍ମିତ କରିଥିଲେ ।

## ୧.୫.୨ ରାମଶଙ୍କର ରାୟ

ମନେହୁଏ ଓଡ଼ିଆ ନାଟକର ଦୈନ୍ୟ ଦୂର କରିବା ପାଇଁ ରାମଶଙ୍କରଙ୍କର ଆବିର୍ଭାବ । ପ୍ରଥମ ଓଡ଼ିଆ ପତ୍ରିକା 'ଉତ୍କଳଦୀପିକା' (୧୮୬୬) ର ପ୍ରତିଷ୍ଠାତା କର୍ମବୀର ଗୌରୀଶଙ୍କର ରାୟଙ୍କର ସେ ଅନୁଜ । ଜଗନ୍ମୋହନ୍ ଓଡ଼ିଆ ନାଟକର ଯେଉଁ ବୀଜ ବପନ କରିଥିଲେ ରାମଶଙ୍କର ତାକୁ ବୃକ୍ଷରେ ପରିଣତ କଲେ । ସେ ଓଡ଼ିଆ ନାଟକକୁ ଉଭୟ ଗୁଣାତ୍ମକ ଓ ପରିମାଣାତ୍ମକ ଦୃଷ୍ଟିକୋଣରୁ ସମୃଦ୍ଧ କରିଥିଲେ । ମଧୁସୂଦନ ତାଙ୍କୁ "Father of Odia Drama" ବୋଲି ଆଖ୍ୟା ଦେଇଥିଲେ । ୧୮୮୦ ମସିହାରେ ରାମଶଙ୍କର ଫକାଞ୍ଚିକାବେରୀ' ନାଟକ ରଚନା କଲେ । ନାଟ୍ୟକାର ଏହାର ପ୍ରସ୍ତାବନା ଦୃଶ୍ୟରେ ସୂତ୍ରଧର ମୁହଁରେ ଏହାକୁ ଓଡ଼ିଆ ଭାଷାର ପ୍ରଥମ ନାଟକ ବୋଲି ଘୋଷଣା କରିଛନ୍ତି । ପ୍ରକୃତରେ ଏହା ପ୍ରଥମ ପୂର୍ଣ୍ଣନାଟ୍ୟଗୁଣସଂପନ୍ନ କ୍ଲାସିକ୍‌ଧର୍ମୀ ନାଟକର ମର୍ଯ୍ୟାଦା ଲାଭ କରିଛି । ରାମଶଙ୍କରଙ୍କର ଆବିର୍ଭାବ ସମୟକୁ ଓଡ଼ିଆ ଭାଷାରେ ପତ୍ରପତ୍ରିକାରେ ପ୍ରକାଶିତ କିଛି ରଚନା ବ୍ୟତୀତ ପୁସ୍ତକାକାରରେ ମୂଲ୍ୟବାନ ସୃଷ୍ଟି ପ୍ରାୟତଃ ନଥିଲା । ଯେଉଁ ସମୟରେ ଓଡ଼ିଆ ଭାଷାକୁ ନାଟକ ରଚନା ଲାଗି ପୂର୍ଣ୍ଣ ବିକଶିତ ନୁହେଁ ବୋଲି ଧାରଣା ଥିଲା, ସେ ସମୟରେ ଏପରି ଏକ କ୍ଲାସିକ୍‌ଧର୍ମୀ ନାଟକ ରଚନା କରିବାର ପଦକ୍ଷେପ ନିଶ୍ଚୟ ସ୍ୱାଗତଯୋଗ୍ୟ ।

ଅତୀତ ଇତିହାସର ଗୌରବମୟ କାହାଣୀ ଶୁଣାଇ ଜନସାଧାରଣଙ୍କ ମନରେ ଜାତୀୟତା ପ୍ରୀତି ଜାଗ୍ରତ କରିବା ଉଦ୍ଦେଶ୍ୟରେ ରାମଶଙ୍କର ଏହି ନାଟକ ରଚନା କରିଛନ୍ତି । କାରଣ ଦୀର୍ଘଦିନ ଧରି ପରାଧୀନ ରହି ଓଡ଼ିଆମାନଙ୍କ ମନରେ ଏକ ପ୍ରକାର ମାନସିକ ଜଡ଼ତା ଆସିଯାଇଥିଲା । ଏଥିରେ ଅତୀତ ଉତ୍କଳର ଏକ ଗୌରବମୟ ଘଟଣା ସମ୍ବଳିତ ରାଜା ପୁରୁଷୋତ୍ତମ ଦେବଙ୍କର କାଞ୍ଚିବିଜୟ କାହାଣୀ ନାଟ୍ୟରୂପ ପାଇଛି । ପୁରୁଷୋତ୍ତମଙ୍କ ବିଜୟ କାହାଣୀ ଉତ୍କଳୀୟ ଜାତୀୟତାର ବାହକ । ଏହି କାହାଣୀ ସହିତ ଓଡ଼ିଆଙ୍କର ଆରାଧ୍ୟଦେବତା ଶ୍ରୀ ଜଗନ୍ନାଥଙ୍କ ମହିମା ଜଡ଼ିତ । ପୁଣି କାଞ୍ଚିରାଜାଙ୍କଠାରୁ ଅପମାନିତ ହେବାପରେ ତାଙ୍କ କନ୍ୟାଙ୍କୁ ଗ୍ରହଣ ନକରିବା ପାଇଁ ମନସ୍ଥ କରିବା ପ୍ରଭୃତି ଘଟଣା ପୁରୁଷୋତ୍ତମ ଦେବଙ୍କୁ ଏକ ସାଧାରଣ ମଣିଷରେ ପରିଣତ କରିଛି । ଗୋଟିଏ ନାଟକରେ ଧର୍ମୀୟ ଚେତନା, ଜାତୀୟତା ଭାବ ଓ ସାମାଜିକ ଦୃଷ୍ଟିକୋଣର ସମନ୍ୱୟ ହୋଇଛି ।

'କାଞ୍ଚିକାବେରୀ' ନାଟକର କଥାବସ୍ତୁ ଓଡ଼ିଶା ଇତିହାସର ଏକ ଅତି ପରିଚିତ ଅଂଶ । ଏହାର କଥାବସ୍ତୁ କଳ୍ପନାରେ ଇତିହାସ ସହିତ କିମ୍ବଦନ୍ତୀ ଓ କଳ୍ପନାର ମିଶ୍ରଣ ଘଟିଛି । ମାଦଳା ପାଞ୍ଜି, ପୁରୁଷୋତ୍ତମ ଦାସଙ୍କ କାଞ୍ଚିକାବେରୀ କାବ୍ୟ ଓ ରଙ୍ଗଲାଲ ବନ୍ଦୋପାଧ୍ୟୟଙ୍କ ବଙ୍ଗଳାରେ ଲିଖିତ କାଞ୍ଚିକାବେରୀ କାବ୍ୟରୁ ଉପାଦାନ ସଂଗ୍ରହ କରି ରାମଶଙ୍କର ଏହି ନାଟକଟି ରଚନା କରିଛନ୍ତି । ପୁରୁଷୋତ୍ତମ ଦେବ ଜଗନ୍ନାଥଙ୍କ ରଥଯାତ୍ରା ସମୟରେ ଛେରାପହଁରା କରୁଥିବାରୁ ତାଙ୍କୁ କାଞ୍ଚିରାଜା ଚଣ୍ଡାଳ ବୋଲି ଆକ୍ଷେପ କରି କନ୍ୟା ପଦ୍ମାବତୀଙ୍କର ପୁରୁଷୋତ୍ତମ ଦେବ ସହ ବିବାହ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଏହି ଅପମାନର ପ୍ରତିଶୋଧ ନେବା ପାଇଁ ପୁରୁଷୋତ୍ତମ ଦେବ କାଞ୍ଚି ଆକ୍ରମଣ କରନ୍ତି । ପୁରୁଷୋତ୍ତମ ଦେବ ପ୍ରଥମ ଯୁଦ୍ଧରେ ପରାଜିତ ହେବା ପରେ ଆରାଧ୍ୟ ଦେବତା ପ୍ରଭୁ ଜଗନ୍ନାଥଙ୍କ ଶରଣାପନ୍ନ ହୁଅନ୍ତି । ଜଗନ୍ନାଥ ମଧ୍ୟସ୍ୱପ୍ନରେ ପୁରୁଷୋତ୍ତମଙ୍କୁ ଅଭୟ ପ୍ରଦାନ କରିଛନ୍ତି । ଦ୍ୱିତୀୟ ଯୁଦ୍ଧରେ ଜଗନ୍ନାଥ ଓ ବଳଭଦ୍ର ଦୁଇଭାଇ ଛଦ୍ମବେଶରେ ଯୁଦ୍ଧଭୂମିକୁ ଯାଇ ପୁରୁଷୋତ୍ତମଙ୍କ ସପକ୍ଷରେ ଯୁଦ୍ଧ କରନ୍ତି ଫଳରେ ଏଥର ପରୁଷୋତ୍ତମ ଦେବ ଯୁଦ୍ଧରେ ଜୟଲାଭ କରିଛନ୍ତି । ପଦ୍ମାବତୀ ପୁରୁଷୋତ୍ତମ ଦେବଙ୍କ ସୈନ୍ୟମାନଙ୍କ ଦ୍ୱାରା ବନ୍ଦୀ ହୁଅନ୍ତି ମାତ୍ର ପୁରୁଷୋତ୍ତମ ଦେବ ତାଙ୍କୁ ନିଜେ ବିବାହ ନକରି କୌଣସି ଚଣ୍ଡାଳକୁ ବିବାହ କରାଇଦେବା ପାଇଁ ମନ୍ତ୍ରୀଙ୍କୁ ଆଦେଶ ଦେଇଛନ୍ତି । ମନ୍ତ୍ରୀ ସୁଯୋଗର ଅପେକ୍ଷାରେ ରହିଛନ୍ତି । ପୁନର୍ବାର ରଥଯାତ୍ରା ଆସିଛି । ପୁରୁଷୋତ୍ତମ ଦେବ ଛେରା ପହଁରା କରୁଥିବା ବେଳେ ମନ୍ତ୍ରୀ ପଦ୍ମାବତୀଙ୍କୁ ଚଣ୍ଡାଳରୂପୀ ପୁରୁଷୋତ୍ତମଙ୍କ ହାତରେ ସମର୍ପଣ କରିଛନ୍ତି । ଏହିପରି ଏକ ମିଳନାନ୍ତକ ଆନନ୍ଦମୟ ପରିବେଶରେ ନାଟ୍ୟକାହାଣୀର ପରିସମାପ୍ତି ଘଟିଛି ।

ଏ ନାଟକରେ ଜଗନ୍ନାଥ ହିଁ ପ୍ରକୃତ ନାୟକ । ପୁରୁଷୋତ୍ତମଙ୍କୁ ଯୁଦ୍ଧରେ ବିଜୟୀ କରିବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ଏଥିରେ ବାହ୍ୟଦ୍ୱନ୍ଦ୍ୱ ରହିବା ସହିତ ପରୁଷୋତ୍ତମ ଦେବଙ୍କ ମନରେ ଅନ୍ତର୍ଦ୍ୱନ୍ଦ୍ୱ ଦେଖାଦେଇଛି । ଏହା ନାଟକକୁ ଅଧିକ ଗତିଶୀଳ କରିଛି । ପ୍ରଥମଥର ପାଇଁ ରାମଶଙ୍କର ପୌରାଣିକ ଓ ଐତିହାସିକ ନାଟ୍ୟୋପଯୋଗୀ ଅମିତ୍ରାକ୍ଷର ଛନ୍ଦର ସଂଳାପ ସଂଯୋଜନା କରିଛନ୍ତି । କଥାବସ୍ତୁ ପରିକଳ୍ପନା, ଚରିତ୍ର ଚିତ୍ରଣ, ଦ୍ୱନ୍ଦ୍ୱ, ଉତ୍କଣ୍ଠା, ସଂଳାପ ସଂଯୋଜନା ପ୍ରଭୃତିରସଫଳପ୍ରୟୋଗ ଯୋଗୁ ଏହା ଆଦି ପର୍ଯ୍ୟାୟରେ ରଚିତ ନାଟକଗୁଡ଼ିକର ଆଦର୍ଶ ଭାବେ ଗୃହୀତ ହୋଇଛି । ନାଟ୍ୟକାର କାଞ୍ଚିକାବେରୀ ନାଟକର ଆଙ୍ଗିକ ପରିକଳ୍ପନା ସମୟରେ ସଂସ୍କୃତ ନାଟ୍ୟରୀତି, ଲୋକନାଟ୍ୟରୀତି ଓ ପାଶ୍ଚାତ୍ୟ ନାଟ୍ୟରୀତିର ସମନ୍ୱୟ କରିଛନ୍ତି । ସଂସ୍କୃତ ନାଟକର ପ୍ରସ୍ତାବନା, ନାନ୍ଦୀ, ସୂତ୍ରଧାର, ନଟନଟୀ, ବିଦୂଷକ, ଭରତବାକ୍ୟ ପ୍ରଭୃତି ଗ୍ରହଣ କରିଛନ୍ତି । ଓଡ଼ିଶୀ ଯାତ୍ରା ଶୈଳୀର ସଂଗୀତ

ବହୁଳତା, ଆବୃତ୍ତିଧର୍ମୀ ଦୀର୍ଘ ବଚନିକା, ଘଟଣାର ଆତିଶଯ୍ୟ, ସୁଆଙ୍ଗଧର୍ମୀ ହାସ୍ୟରସ ଓ ନିୟତି ଚରିତ୍ର ସଦୃଶ ଭଦ୍ରା ଚରିତ୍ରର ଉପସ୍ଥାପନା କରାଯାଇଛି । ସେକ୍ସପିୟରୀୟ ନାଟକର ବହୁଚରିତ୍ର ସମାବେଶ, ଅଲୌକିକ ଘଟଣା ସଂଯୋଜନା, କୋରସର ପ୍ରୟୋଗ, ସଂଳାପରେ ଅମିତ୍ରାକ୍ଷର ଛନ୍ଦ, ପଞ୍ଚଅଙ୍କ ପରିକଳ୍ପନା, ମାନସିକ ସଂଘର୍ଷ ପ୍ରଭୃତି 'କାଞ୍ଚିକାବେରୀ' ନାଟକରେ ଦେଖାଯାଏ ।

'କାଞ୍ଚିକାବେରୀ' ନାଟକଟି ପ୍ରଥମେ ୧୮୮୧ ମସିହାରେ କଟକ ମଣିକଘୋଷ ବଜାର ବାସିନ୍ଦା ଗୋପାଳ ପ୍ରସାଦ ମିତ୍ରଙ୍କ ଗୃହରେ ଅଭିନୀତ ହୋଇଥିଲା । ଏହି ନାଟକର ଅପୂର୍ବ ସଫଳତା ସତ୍ତ୍ୱେ ରାମଶଙ୍କର ଏହାପରେ ଅନ୍ୟକୌଣସି ଐତିହାସିକ ନାଟକ ରଚନା କରିନାହାନ୍ତି । ତାଙ୍କର ଦ୍ୱିତୀୟ ନାଟକ 'ବନବାଳା' (୧୮୮୨) ଏକ କାଳ୍ପନିକ ନାଟକ । ଏହା ପ୍ରଥମେ ୧୮୮୨ ମସିହାରେ ମହୀଦାସ ବଜାରର ବାବୁ ହାରାଧନ ଘୋଷଙ୍କ ଗୃହରେ ଅଭିନୀତ ହୋଇଥିଲା । ଏହା ସେକ୍ସପିୟରଙ୍କ 'ଟେମ୍ପେଷ୍ଟ' ନାଟକର ଅନୁସରଣରେ ରଚିତ । ଏହି ନାଟକଟି ସେପରି କୌଣସି ଉଲ୍ଲେଖନୀୟ ସଫଳତା ପାଇ ପାରିନଥିଲା ।

ରାମଶଙ୍କରଙ୍କର ତୃତୀୟ ନାଟକ 'କଳିକାଳ' (୧୮୮୩) କଥାବସ୍ତୁ ଓ ଆଙ୍ଗିକ ଦୃଷ୍ଟିକୋଣରୁ ପୂର୍ବ ନାଟକ ଦୁଇଟିଠାରୁ ଭିନ୍ନ । ଏହା ମହୀଦାସ ବଜାରର ବାବୁ କାଳୀପଦ ବନ୍ଦୋପାଧ୍ୟାୟଙ୍କ ଗୃହରେ ୧୮୮୩ ମସିହାରେ ଅଭିନୟ କରାଯାଇଥିଲା । ଏଥିରେ ତତ୍‌କାଳୀନ ଶିକ୍ଷିତ ସମାଜର ବାସ୍ତବରୂପ ଉଦ୍‌ଘାଟନ କରିବାର ପ୍ରୟାସ କରାଯାଇଛି । ପାଶ୍ଚାତ୍ୟ ଶିକ୍ଷାର ପ୍ରସାର ଫଳରେ ନବଶିକ୍ଷିତ ଯୁବକମାନେ କିପରି ପାଶ୍ଚାତ୍ୟ ସଭ୍ୟତାର ଅନ୍ଧାନୁସରଣରେ ମଦ୍ୟପାନ ଓ ବେଶ୍ୟାପ୍ରୀତି ସହିତ ଜଡ଼ିତ ହୋଇ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ତାହା ଏଠାରେ ନାଟ୍ୟରୂପ ପାଇଛି । ନାଟକର ନାୟକ କୃଷ୍ଣଚରଣ ଶିକ୍ଷିତ; ମାତ୍ର ମଦ୍ୟପ ଓ ବେଶ୍ୟାଙ୍କ ସଙ୍ଗେ ସମୟ ଅତିବାହିତ କରନ୍ତି । ନିଜ ପୈତୃକ ସମ୍ପତ୍ତିକୁ ସାରିବା ପରେ ପୁଣି ସେ କରଜ କରି ମଜଲିସ୍ କରନ୍ତି । ଏକଦା ସେ ମଦନିଶାରେ ଜଣେ ବେଶ୍ୟାକୁ ହତ୍ୟାକରି ଫାଶି ଦଣ୍ଡ ପାଇଛନ୍ତି । ଏହାହିଁ ହେଉଛି ନାଟକର କଥାବସ୍ତୁ । ଏ ନାଟକରେ ଚରିତ୍ର ସଂଖ୍ୟା ଅଧିକ ହେଲେ ମଧ୍ୟପ୍ରାୟ ପ୍ରତ୍ୟେକ ଚରିତ୍ର ଯଥାଯଥ ଭାବେ ଚିତ୍ରିତ ହୋଇଛି । ଏହାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ପାତ୍ରମୁଖୀ ଭାଷା । ଏଥିରେ ପନ୍ଦରଟି ସଂଗୀତ ସଂଯୋଜିତ । ଏହି ନାଟକଟି ତତ୍‌କାଳୀନ ସାମାଜିକ ଜୀବନରେ ଗଭୀର ଆଲୋଡ଼ନ ସୃଷ୍ଟି କରିଥିଲା ।

ରାମଶଙ୍କରଙ୍କର ଚତୁର୍ଥ ନାଟକ 'ରାମବନବାସ' (୧୮୯୧) ପୌରାଣିକ ପଷ୍ଟଭୂମି ଉପରେ ରଚିତ । ନାଟ୍ୟକାର ଏଥିରେ ବାଲ୍ମିକୀଙ୍କ ସଂସ୍କୃତ ରାମୟଣକୁ ଅନୁସରଣ କରିଛନ୍ତି । ଏଥିରେ ମଧ୍ୟଇଂରାଜୀ ଟ୍ରାଜେଡ଼ି ନାଟକର ପ୍ରଭାବ ପଡ଼ିଥିବା ପରି ମନେହୁଏ । ରାମଚରିତ ସମ୍ପର୍କିତ ନାଟକଗୁଡ଼ିକରେ ରାମଚନ୍ଦ୍ର ନାୟକ; ମାତ୍ର ଏଥିରେ ଦଶରଥଙ୍କୁ ଟ୍ରାଜେଡ଼ି ନାୟକ ଭାବେ ଚିତ୍ରିତ କରାଯାଇଛି । ସାନରାଣୀ କୈକେୟୀଙ୍କ ପ୍ରତି ତାଙ୍କର ଥିବା ଅନ୍ଧ ଦୁର୍ବଳତା ହିଁ ତାଙ୍କର ଚରମ ବିପର୍ଯ୍ୟୟ ଆଣିଛି । ନାଟକରେ ଲକ୍ଷ୍ମଣ ଦଶରଥଙ୍କ ଚରିତ୍ର ସଂପର୍କରେ କହିଛନ୍ତି – "ପିତା ବିପରୀତ ବୁଦ୍ଧି ଓ ବିଷୟାକୃଷ୍ଟ । ବିଶେଷରେ ସେ ବୃଦ୍ଧ ହୋଇ ନିତାନ୍ତ କାମୁକ ହୋଇଛନ୍ତି – ସେ ସ୍ତ୍ରୀ ଲୋକର ଅନୁରୋଧରେ କି କରି ନପାରନ୍ତି ?" ଦଶରଥଙ୍କର ସତ୍ୟ ରାମଚନ୍ଦ୍ରଙ୍କୁ ସିଂହାସନରୁ ବଂଚିତ କରି ବନପଥର ଯାତ୍ରୀ କରାଇଛି । ପ୍ରିୟ ପୁତ୍ରର ଏ ପ୍ରକାର କରୁଣ ଅବସ୍ଥା ଦଶରଥଙ୍କୁ ମାନସିକ ଅବସାଦଗ୍ରସ୍ତ କରାଇଛି। ଶେଷରେ ସମ୍ରାଟ ଦଶରଥଙ୍କ ଅସହାୟ ମୃତ୍ୟୁ ଟ୍ରାଜିକ୍ ସୃଷ୍ଟି କରିଛି । ଏ ନାଟକର ସଂଳାପଗୁଡ଼ିକ ଦୀର୍ଘ ହୋଇଥିବାରୁ ଅଭିନୟ ଉପଯୋଗୀ ନହେଲେ ମଧ୍ୟସାହିତ୍ୟିକ । ଏହା ଟ୍ରାଜେଡ଼ିର କଳାତ୍ମକ ବିଭବଥିବା ପ୍ରଥମ ଓଡ଼ିଆ ପୌରାଣିକ ନାଟକ ।

'ବୁଢ଼ାବର' (୧୮୯୨) ଏକ କ୍ଷୁଦ୍ର ପ୍ରହସନ । ଏଥିରେ ତତ୍କାଳୀନ ସମାଜରେ ସ୍ୱଚ୍ଛଳ ଅବସ୍ଥାସମ୍ପନ୍ନ ବୃଦ୍ଧମାନଙ୍କ ସହ ଯୁବତୀ କନ୍ୟାକୁ ବିବାହ କରାଇ ଯେଉଁ ଅବିଚାର କରାଯାଉଥିଲା ତାର କୁପରିଣାମ ପ୍ରଦର୍ଶିତ। ନାଟକରେ କନ୍ୟାପିତା ସୋମନାଥ ନିଜର ଯୁବତୀ ଝିଅ ରତିମଞ୍ଜରୀକୁ ଅର୍ଥଲୋଭରେ ବୃଦ୍ଧ ନଟବର ସହିତ ବିବାହ ଦେଇଛନ୍ତି । ମାତ୍ର ରତିମଞ୍ଜରୀ ଶେଷରେ ନଟବରର ଯୁବକ ଭୃତ୍ୟ ନାଥିଆ ସହିତ ଘରୁ ଚାଲିଯାଇଛି। ସେ ଘରୁ ଗଲାବେଳେ ବୃଦ୍ଧ ନଟବରକୁ ଗୋଇଠା ମାରି କହିଛି – "ଯାଅ ଯେମନ୍ତ ବୁଢ଼ା ଦିନେ ବିଭାହେବା ପାଇଁ ବାଇ ହୋଇଗଲ ତା'ର ଉପଯୁକ୍ତ ଶାସ୍ତି ପାଅ । ଆଉ କେବେ ଏପରି ବୁଦ୍ଧି କରିବ ନାହିଁ । ବୁଢ଼ାଦିନେ ଆପଣା ସୁଖପାଇଁ କେହି ବିଭା ହୁଅନ୍ତି ନାହିଁ । ଆସ ନାଥ ଆସ ।" ଏହି ବ୍ୟଙ୍ଗାତ୍ମକ ସଂଳାପ ମାଧ୍ୟମରେ ବିବାହ ଇଚ୍ଛୁକ ବୃଦ୍ଧମାନଙ୍କୁ ତାଚ୍ଛଲ୍ୟ କରାଯାଇଛି । ଏ ପ୍ରହସନରେ ସଂଳାପ ପାତ୍ରମୁଖୀ ଓ ସ୍ୱାଭାବିକ । ଚରିତ୍ରମାନଙ୍କର ସଂଖ୍ୟା ମଧ୍ୟ କମ୍ । କଳେବର କ୍ଷୁଦ୍ର ହେଲେ ମଧ୍ୟଏହା ଏକ ହାସ୍ୟରସପୂର୍ଣ୍ଣ ସଫଳ ପ୍ରହସନ ।

ଓଡ଼ିଆ ଲୋକନାଟ୍ୟର ଏକ ବହୁ ପ୍ରଚଳିତ କଥାବସ୍ତୁ ଆଧାରରେ ରାମଶଙ୍କରଙ୍କର 'କଂସବଧ' (୧୮୯୬) ନାଟକ ରଚିତ । ଏଥିରେ ନାଟ୍ୟକାରଙ୍କର ସମନ୍ୱୟବାଦୀ ଦୃଷ୍ଟିଭଙ୍ଗୀର ପରିଚୟ ମିଳେ । ସଂସ୍କୃତ ନାଟ୍ୟଶୈଳୀରେ ପ୍ରସ୍ତାବନା ଓ ସୂତ୍ରଧର ରହିଥିବା ବେଳେ ଲୀଳା ନାଟ୍ୟଶୈଳୀର ସଂଳାପ ସଂଯୋଜନା ଓ ପାଶ୍ଚାତ୍ୟ ନାଟ୍ୟଶୈଳୀରେ ମଞ୍ଚରେ ମୃତ୍ୟୁ ଦୃଶ୍ୟ ପ୍ରଦର୍ଶିତ । କଥାବସ୍ତୁରେ ନୂତନତା ନଥିଲେ ମଧ୍ୟଲୀଳା ଓ ଯାତ୍ରା ଦେଖିବାରେ ଅଭ୍ୟସ୍ତ ଓଡ଼ିଆ ଦର୍ଶକ ନାଟକକୁ ପସନ୍ଦ କରିଥିଲେ ।

'ବିଷମୋଦକ' (୧୯୦୦) ନାଟକରେ ଋଣକୁ 'ବିଷମୋଦକ' ବୋଲି କୁହାଯାଇଛି । ନାଟ୍ୟକାରଙ୍କ ମତରେ ଋଣ ହିଁ ବିଷମୋଦକ ପରି ପ୍ରାଥମିକ ଅବସ୍ଥାରେ ଆନନ୍ଦ ପ୍ରଦାନ କରି ଶେଷରେ ଚରମ ଦୁଃଖଦ ପରିଣତି ଘଟାଏ । ନାଟକରେ ଜମିଦାର ଚୌଧୁରୀ ସଦାନନ୍ଦ ପଟ୍ଟନାୟକ ବଂଶ ମର୍ଯ୍ୟାଦାର ଅହମିକା ପ୍ରଦର୍ଶନ, ବିଳାସବ୍ୟସନ, ଆଡ଼ମ୍ବରପୂର୍ଣ୍ଣ ଜୀବନଶୈଳୀ ନିମିତ୍ତ ପ୍ରଚୁର ଅର୍ଥ ଖର୍ଚ୍ଚ କରି ଋଣଗ୍ରସ୍ତ ହୁଅନ୍ତି । ଉନବିଂଶ ଶତାବ୍ଦୀର ଶେଷଭାଗରେ ବିଳାସୀ ଜମିଦାରମାନେ କିପରି ମହାଜନଠାରୁ ଋଣ କରି ସର୍ବସ୍ୱ ହରାଉଥିଲେ ତାର ଚିତ୍ର ଏହି ନାଟକରେ ଦେଖିବାକୁ ମିଳେ । ନାଟକରେ ଚୌଧୂରୀ ସଦାନନ୍ଦ ଶେଷରେ ସର୍ବସ୍ୱ ହରାଇ ନିଜ ପତ୍ନୀଙ୍କ ସହ ଖାଲି ହାତରେ ରାଜରାସ୍ତାକୁ ଓହ୍ଲାଇ ଯାଇଛନ୍ତି । ନାଟକର ଅନ୍ତରେ ଚୌଧୁରୀ ସଦାନନ୍ଦ କହିଛନ୍ତି – "ଭବ ବିଷୟ ମୋହ ପାବକ, ଋଣ ଅଟଇ ବିଷମୋଦକ" ନାଟକରେ ପାତ୍ରମୁଖୀ ସଂଳାପର ପ୍ରୟୋଗ ହୋଇଛି । ଏଥିରେ ଅଦୃଷ୍ଟ କୁମାରୀମାନଙ୍କର ଉପସ୍ଥିତି ଓ ସଙ୍ଗୀତ ମାଧ୍ୟମରେ ନାଟ୍ୟବସ୍ତୁ ସଂପର୍କରେ ସୂଚନା ଗ୍ରୀକ୍ ନାଟକର କୋରସକୁ ସ୍ମରଣ କରାଇଦିଏ ।

ରାମଶଙ୍କରଙ୍କର 'ଯୁଗଧର୍ମ' ନାଟକ ୧୯୦୨ ମସିହାରେ କୋଠପଦା ଥିଏଟର ଦଳ ଦ୍ୱାରା ଅଭିନୀତ ହୋଇଥିଲା । ଏଥିରେ ଜଣେ ଭଣ୍ଡ ଲମ୍ପଟ ମହନ୍ତ ଉଦ୍ଧବ ଦାସ ରାଣୀ ନାମ୍ନୀ କନ୍ୟାକୁ ବହୁପ୍ରୟାସ ପରେ ଅପହରଣ କରିବାକୁ ସକ୍ଷମ ହୋଇଛି । ଜଣେ ବୈଷ୍ଣବ ଓ ଜଣେ ବ୍ରାହ୍ମ ଯୁବକ ରାଣୀକୁ ଭଣ୍ଡ ମହନ୍ତଠାରୁ ରକ୍ଷା କରିଛନ୍ତି । ରାଣୀ ମହନ୍ତଠାରୁ ମୁକ୍ତି ପାଇବାପରେ ତାକୁ ଜାତିରୁ ବାସନ୍ଦ କରିଦେବାର ସମ୍ଭାବନା ଦେଖି ତାର ପିତାମାତା ବ୍ରାହ୍ମଧର୍ମରେ ଦୀକ୍ଷିତ ହୁଅନ୍ତି । ନାଟକର ଶେଷରେ ମହନ୍ତକୁ ହାଜତକୁ ପଠାଇ ଦିଆଯାଇଛି ଓ ରାଣୀ

ଜଣେ ସୁଶିକ୍ଷିତ ବ୍ରାହ୍ମଯୁବକକୁ ବିବାହ କରିଛି । ହିନ୍ଦୁଧର୍ମର ସଂକୀର୍ଣ୍ଣତା ଯୋଗୁ ଅତ୍ୟାଚାରର ଶିକାର ହେଉଥିବା ଜନସାଧାରଣ କିପରି ଏହାର ରକ୍ଷଣଶୀଳତାରେ ବୀତସ୍ପୃହ ହୋଇ ବ୍ରାହ୍ମଧର୍ମରେ ଦୀକ୍ଷିତ ହେଉଛନ୍ତି ତାହା ନାଟକର ମୂଳ ଉପଜୀବ୍ୟ । ଏଥିରେ ବ୍ରାହ୍ମଧର୍ମକୁ ଯୁଗଧର୍ମ ଭାବରେ ଉଲ୍ଲେଖ କରାଯାଇଛି । ଏ ନାଟକରେ ବ୍ରାହ୍ମଧର୍ମ ସଂପର୍କରେ ରାଣୀର ବାପା କହିଛନ୍ତି- "ବ୍ରାହ୍ମଧର୍ମର ସୃଷ୍ଟି ନୋହିଥିଲେ ଆଜି ଲକ୍ଷ ଲକ୍ଷ ହିନ୍ଦୁ ଖ୍ରୀଷ୍ଟିୟାନ୍ ଧର୍ମ ଗ୍ରହଣ କରିଥାନ୍ତେ ଏବଂ ଏ ଧର୍ମ ସୃଷ୍ଟି ହୋଇନଥିଲେ ଏ ଶ୍ରୀକ୍ଷେତ୍ରରୁ ପାପ ବୃକ୍ଷ ଓପାଡ଼ିବା ପାଇଁ ତୁମ୍ଭକୁ ମୁଁ ପାଇ ନଥାନ୍ତି ।" ନାଟକରେ ଏକ ଧାର୍ମିକ ଆନ୍ଦୋଳନ ମାଧ୍ୟମରେ ଧର୍ମ ସଂସ୍କାର ପ୍ରୟାସ କରାଯାଇଛି । ଇଂରେଜମାନେ ଆସିବା ଫଳରେ ଭାରତୀୟମାନେ ଏକ ନୂତନ ସଭ୍ୟତାର ଆଲୋକ ଦେଖିପାରିଛନ୍ତି ଏବଂ ଭାରତୀୟଙ୍କର ସର୍ବାଙ୍ଗୀନ ଉନ୍ନତି ହୋଇଥିବାରୁ ଲେଖକ ଏଠାରେ ଇଂରେଜମାନଙ୍କୁ ଅକୁଣ୍ଠଚିତ୍ତରେ ପ୍ରଶଂସା କରିଛନ୍ତି । 'ବିଷମୋଦକ' ନାଟକ ପରି ଏଥିରେ ମଧ୍ୟପ୍ରତି ଅଙ୍କର ଶେଷରେ ଅଦୃଷ୍ଟ କୁମାରୀଙ୍କ ମଞ୍ଚ ପ୍ରବେଶ କୋରସ୍ ସୁଲଭ ।

'କାଞ୍ଚନମାଳୀ' (୧୯୦୪) ନାଟକଟି ଏକ ସମାଜ ସଂସ୍କାର ମୂଳକ କଥାବସ୍ତୁକୁ ଆଧାର କରି ରଚିତ। ନାଟ୍ୟକାର ନାଟକ ମାଧ୍ୟମରେ ବିଧବା ବିବାହ, ଜାତିଧର୍ମ ନିରପେକ୍ଷ ବିବାହ ଓ ନାରୀଶିକ୍ଷା ସପକ୍ଷରେ ଜନମତ ସୃଷ୍ଟି ପାଇଁ ପ୍ରୟାସ କରିଛନ୍ତି । ଏପରି ଏକ ନାଟକ ରଚନା କରି ନାଟ୍ୟକାର ତତ୍କାଳୀନ ରକ୍ଷଣଶୀଳ ସମାଜ ବିରୁଦ୍ଧରେ ଏକ ସାହସିକ ପଦକ୍ଷେପ ନେଇଛନ୍ତି । ଏହା ଏକ ଚରିତ୍ର ପ୍ରଧାନ ନାଟକ । ନାଟକର ମୁଖ୍ୟନାୟିକା କାଞ୍ଚନମାଳୀ ବାଲ୍ୟ ବିଧବା । ବିଧବା ହେଲେ ମଧ୍ୟସେ ଘରକୋଣରେ ବସି ରହି ନାହିଁ । ସେ ନିଜେ ଶିକ୍ଷିତ ହୋଇଛି ଏବଂ ଅନ୍ୟମାନଙ୍କୁ ଶିକ୍ଷାଦେବା ମାଧ୍ୟମରେ ନାରୀ ଶିକ୍ଷାର ପ୍ରସାର ପାଇଁ ଚେଷ୍ଟିତ । ନାଟକରେ କାଞ୍ଚନମାଳୀର ପୁନର୍ବିବାହ ହୋଇଛି । 'ଲୀଳାବତୀ' (୧୯୧୨) ନାଟକଟି ମଧୁରାମଶଙ୍କରଙ୍କର ସଂସ୍କାର ପ୍ରୟାସୀ ଚିନ୍ତାଧାରାର ସଫଳ ରୂପାୟନ । ଏଥିରେ ମଧ୍ୟବିଧବା ବିବାହ, ନାରୀଶିକ୍ଷାର ପ୍ରସାର ପ୍ରଭୃତି ଉପରେ ଗୁରୁତ୍ୱ ଆରୋପ କରାଯାଇଛି ।

'ଚୈତନ୍ୟ ଲୀଳା' (୧୯୦୬) ନାଟକଟି ଚୈତନ୍ୟଙ୍କ ଗଭୀର ମାନବ ପ୍ରୀତିକୁ ଆଧାର କରି ରଚିତ। ନାଟକଟି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଚତୁର୍ଦ୍ଦଶାକ୍ଷରୀ ଅମିତ୍ରାକ୍ଷର ଛନ୍ଦରେ ରଚିତ । ଜାତିଗତ ବିଭେଦ, ଧର୍ମାନ୍ଧତା ପ୍ରଭୃତି ହିନ୍ଦୁଧର୍ମର କଳଙ୍କଗୁଡ଼ିକ ବିରୋଧରେ ବୈଷ୍ଣବ ଧର୍ମର ଜାତି ଧର୍ମ ହୀନ ଉଦାର ମାନବବାଦର ପ୍ରସସ୍ତି ଗାନ କରାଯାଇଛି । 'ବଡ଼ଲୋକ' (୧୯୧୩) ଓ 'ବିଶ୍ୱଯଜ୍ଞ' (୧୯୧୬) ନାଟକ ଦୁଇଟିକୁ ନାଟ୍ୟକାର ଗୀତିନାଟ୍ୟ ଶ୍ରେଣୀର ଅନ୍ତର୍ଭୁକ୍ତ କରିଛନ୍ତି । ଆଧୁନିକ ସମସ୍ୟା ସଂପନ୍ନ କଥାବସ୍ତୁ ରହିଥିଲେ ମଧ୍ୟଗୀତବହୁଳତା ଓ ଅମିତ୍ରାକ୍ଷରର ବ୍ୟବହାର ଯୋଗୁ ନାଟ୍ୟକାର ଏହାକୁ ଗୀତିନାଟ୍ୟ ଅନ୍ତର୍ଭୁକ୍ତ କରିଥିବା ମନେହୁଏ । 'ବଡ଼ଲୋକ' ନାଟକରେ ସମାଜର ଧନୀ ଓ ଗରିବ ଶ୍ରେଣୀକୁ ପ୍ରତିନିଧିତ୍ୱ କରୁଥିବା ଦୁଇଜଣ ବ୍ୟକ୍ତିଙ୍କର ଜୀବନଚିତ୍ର ପ୍ରଦର୍ଶିତ। ବଂଶ ପରଂପରାକ୍ରମେ ଯେଉଁମାନେ ଧନୀ ଓ ଆଭିଜାତ୍ୟସଂପନ୍ନ ସେମାନ ନିଜର ବିଳାସ ବ୍ୟସନ ଅଭ୍ୟାସ ଯୋଗୁ ଅବକ୍ଷୟଗ୍ରସ୍ତ କିନ୍ତୁ ଯେଉଁମାନେ ଆଧୁନିକ ଯୁଗରେ ଶିକ୍ଷିତ, ପରିଶ୍ରମୀ ଏବଂ ଉଦ୍ୟମଶୀଳ ସେମାନେ ପ୍ରତିଷ୍ଠା ଲାଭ କରନ୍ତି । ଏହାହିଁ ନାଟକର ମୂଳ ବକ୍ତବ୍ୟ । ନାଟ୍ୟକାର ଏଠାରେ ଶିଳ୍ପ ଉଦ୍ୟୋଗଦ୍ୱାରା ଦେଶକୁ ସମୃଦ୍ଧ କରିବାର ସ୍ୱପ୍ନ ଦେଖିଛନ୍ତି । ନିଶା ସେବନର କୁଫଳ, ଜାତିପ୍ରଥାର କୁପରିଣାମ ପ୍ରଭୃତି ସଂପର୍କରେ ମଧ୍ୟନାଟକରେ ସୂଚନା ପ୍ରଦାନ କରାଯାଇଛି । 'ବିଶ୍ୱଯଜ୍ଞ' ନାଟକରେ ସବଳ ବିରୁଦ୍ଧରେ ଦୁର୍ବଳର ସଂଗଠିତ ଶକ୍ତିର ବିଜୟ ଘୋଷଣା କରାଯାଇଛି । ଏଥିରେ ଜଣେ ଅତ୍ୟାଚାରୀ ରାଜା ବିରୁଦ୍ଧରେ ବିଦ୍ରୋହ କରି ଶେଷରେ ପ୍ରଜାମାନେ ବିଜୟଲାଭ

କରିଛନ୍ତି। ଶାସନଭାର ପ୍ରଜାମାନଙ୍କ ହାତକୁ ଆସିଛି ଏବଂ ସେମାନେ ନିଜ ପ୍ରତିନିଧିଙ୍କୁ ଶାସନ ଦାୟିତ୍ୱ ଅର୍ପଣ କରିଛନ୍ତି। ନାଟ୍ୟକାର ଏହି ନାଟକ ମାଧ୍ୟମରେ ଭାରତର ସ୍ୱାଧୀନତା ଲାଭ ଓ ଭାରତୀୟ ଗଣତନ୍ତ୍ର ପ୍ରତିଷ୍ଠାର ଇଙ୍ଗିତ ଦେଇଛନ୍ତି । ଏହି ନାଟକରେ ଗୀତିନାଟ୍ୟର ଗଦ୍ୟପଦ୍ୟ ମିଶ୍ରିତ ସଂଳାପ ଦେଖିବାକୁ ମିଳେ ।

'ରାମାଭିଷେକ' (୧୯୧୭) ରାମଶଙ୍କରଙ୍କର ଶେଷ ନାଟକ । ରାମାୟଣର କଥାବସ୍ତୁକୁ ଆଧାର କରି ଏହି ନାଟକଟି ରଚିତ । ଏଥିରେ ପାରଂପରିକ ନାଟ୍ୟରୀତି ଓ ସଂସ୍କୃତ ନାଟ୍ୟରୀତିର ପ୍ରଭାବ ପରିଲକ୍ଷିତ । ଏହାର କଥାବସ୍ତୁରେ କୌଣସି ନୂତନତ୍ୱ ନାହିଁ । ନାଟକୀୟତା ସୃଷ୍ଟି କରିବାରେ ମଧ୍ୟ ନାଟ୍ୟକାର ଅକ୍ଷମ ହୋଇଛନ୍ତି ।

ଯେଉଁ ସମୟରେ ଓଡ଼ିଆ ନାଟକର ଅଭାବ ଥିଲା ସେତେବେଳେ ରାମଶଙ୍କରଙ୍କ ନାଟକଗୁଡ଼ିକ ବିଭିନ୍ନ ସ୍ଥାନରେ ଅଭିନୀତ ହୋଇ ଓଡ଼ିଆ ନାଟ୍ୟପ୍ରେମୀଙ୍କ ରସତୃଷ୍ଣାକୁ ପରିତୃପ୍ତ କରିଥିଲା । ସେ ଐତିହାସିକ, ପୌରାଣିକ ଓ ସାମାଜିକ ନାଟକ ରଚନାରେ ସଫଳତାପ୍ରଦର୍ଶନ କରିଛନ୍ତି । ରାମଶଙ୍କର ସାମାଜିକ ନାଟକଗୁଡ଼ିକ ମାଧ୍ୟମରେ ବାଲ୍ୟବିବାହ, ଅସ୍ପୃଶ୍ୟତା ବିରୁଦ୍ଧରେ ତଥା ଶିକ୍ଷାର ବିସ୍ତାର, ନାରୀଶିକ୍ଷାର ପ୍ରଚଳନ, ଶିଳ୍ପର ପ୍ରସାର ଓ ବିଧବା ବିବାହ ସପକ୍ଷରେ ଜନମତ ଜାଗ୍ରତ କରିଥିଲେ । ସେ ବିଷୟବସ୍ତୁ ଯୋଜନାରେ ନୂତନତ୍ୱ ପ୍ରଦର୍ଶନ କରିଛନ୍ତି ମାତ୍ର ଶୈଳୀ ସଂଯୋଜନାରେ ପାରଂପରିକତାକୁ ପରିହାର କରିପାରିନାହାନ୍ତି । ତାଙ୍କ ନାଟକଗୁଡ଼ିକ ସଂସ୍କୃତ ନାଟ୍ୟଶୈଳୀରୁ ମୁକ୍ତ ହୋଇପାରି ନାହିଁ । ଉଚ୍ଚକୋଟୀର କାବ୍ୟିକ ସଂଳାପ ତାଙ୍କ ନାଟକକୁ ଉଚ୍ଚ ସାହିତ୍ୟିକ ମୂଲ୍ୟ ପ୍ରଦାନ କରିଛି ମାତ୍ର ନାଟକୀୟ ଧର୍ମ ରକ୍ଷାକରିବାରେ ଅସଫଳହୋଇଛି । ପରବର୍ତ୍ତୀ ନାଟ୍ୟକାରମାନେ କଥାବସ୍ତୁ ଓ ଶୈଳୀ ପ୍ରୟୋଗ ଦୃଷ୍ଟିରୁ ରାମଶଙ୍କରଙ୍କୁ ବହୁମାତ୍ରାରେ ଅନୁସରଣ କରିଛନ୍ତି ।

## ୧.୫.୩ କାମପାଳ ମିଶ୍ର

ନାଟ୍ୟକାର କାମପାଳ ମିଶ୍ର ଓଡ଼ିଆ ନାଟକର ଉନ୍ମେଷ କାଳର ଏକ ସ୍ମରଣୀର ନାମ । ସେ 'ସୀତାବିବାହ', 'ବସନ୍ତ ଲତିକା', 'ହରିଶ୍ଚନ୍ଦ୍ର', 'ଦୁର୍ଗାଶବରୀ' ପ୍ରଭୃତି ନାଟକର ରଚୟିତା । ତାଙ୍କର 'ସୀତା ବିବାହ' (୧୮୯୯) ନାଟକଟି ଖୁବ୍ ଲୋକପ୍ରିୟ ହୋଇଥିଲା । ଏହା ସଂସ୍କୃତ ନାଟ୍ୟଶୈଳୀ ମାଧ୍ୟମରେ ଉପସ୍ଥାପିତ । ସୀତାଙ୍କର ବିବାହ ଆୟୋଜନ, ଅସୁର ନିଧନ, ଅହଲ୍ୟା ଶାପମୋଚନ କରି ରାମଙ୍କର ସ୍ୱୟଂବର ସଭାକୁ ଆଗମନ, ଶିବ ଧନୁଭଙ୍ଗ, ସୀତାଙ୍କ ସହ ବିବାହ, ଭରତ, ଲକ୍ଷ୍ମଣ ଓ ଶତ୍ରୁଘ୍ନଙ୍କର ବିବାହ, ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଏବଂ ପର୍ଶୁରାମଙ୍କ ପରାଜୟ ପ୍ରଭୃତି ଘଟଣାଗୁଡ଼ିକର କ୍ରମାନ୍ୱୟରେ ନାଟ୍ୟରୂପାୟନ ଘଟିଛି । ଏଥିରେ ସରଳ, ସର୍ବଜନବୋଧ ସ୍ୱଚ୍ଛନ୍ଦ ସଂଳାପର ପ୍ରୟୋଗ ହୋଇଛି । ଦୃଶ୍ୟ ସଂଯୋଜନାରେ ପୌରାଣିକ ପଟ୍ଟଭୂମି ସହିତ ଲୌକିକ ପଟ୍ଟଭୂମିର ସମନ୍ୱୟ କରାଯାଇଛି। ଏହା ଏକ ସଫଳ ପୌରାଣିକ ନାଟକ ଯାହାକି ପରବର୍ତ୍ତୀ ସମୟରେ ପ୍ରଥମ ଓଡ଼ିଆ ଚଳଚିତ୍ରରେ ରୂପାୟନ ହୋଇଥିଲା।

'ବସନ୍ତଲତିକା' (୧୯୧୩) ଐତିହାସିକ ପୃଷ୍ଠଭୂମି ଉପରେ ଆଧାରିତ ଏକ କାଳ୍ପନିକ ନାଟକ । ଏହାର ନାୟକ 'ବସନ୍ତ' ଓ ନାୟିକା 'ଲତିକା' । ଏ ଦୁଇଟି ଚରିତ୍ରକୁ ଆଧାରକରି ନାଟକର ନାମକରଣ କରାଯାଇଛି । ନାଟକର ଆରମ୍ଭରେ ମୟୁରଭଞ୍ଜ ରାଜା ବୀରେଶ୍ୱର, ସାନ ରାଣୀର ପ୍ରରୋଚନାରେ ପାଟରାଣୀ ଓ ଶିଶୁପୁତ୍ର ରାମଚନ୍ଦ୍ରଙ୍କୁ ରାଜ୍ୟରୁ ବହିଷ୍କାର କରିଦିଅନ୍ତି । ପରେ ସେମାନେ ମୃତ ବୋଲି ଖବର ଆସିଛି ମାତ୍ର ପାଟରାଣୀ ଓ

ଶିଶୁପୁତ୍ର ଜୀବିତ ଅବସ୍ଥାରେ ପରୁଷୋତ୍ତମ କ୍ଷେତ୍ରରେ କାଳାତିପାତ କରନ୍ତି । ପାଟରାଣୀ ରାଜକୁମାର ରାମଚନ୍ଦ୍ରଙ୍କର ନାମ ପରିବର୍ତ୍ତନ କରି 'ବସନ୍ତ' ଦେଇଛନ୍ତି । ପୁତ୍ର ବସନ୍ତ ଯୁବବସ୍ଥା ପ୍ରାପ୍ତ ପରେ ଗଜପତିଙ୍କ ସେନାବାହିନୀର ନେତୃତ୍ୱ ନେଇଛି । ସେ ପ୍ରବଳ ପରାକ୍ରମର ସହିତ ଯବନ ସୈନ୍ୟଙ୍କୁ ପରାଜିତ କରି ତଡ଼ି ଦେଇଥିବାରୁ ରାଜା ନରସିଂହ ଦେବ ପ୍ରସନ୍ନ ହୋଇ ନିଜକନ୍ୟା ଲତିକା ସହିତ ବୀରଯୁବକ ବସନ୍ତର ବିବାହ କରାଇ ଦେଇଛନ୍ତି । ପାଟରାଣୀ ଏକଦା ବସନ୍ତ ଓ ଲତିକାଙ୍କ ସହ ତୀର୍ଥ କରିବାକୁ ବୁଲୁଥିବା ବେଳେ ମାଣିତ୍ରୀରେ ରାଜା ବୀରେଶ୍ୱରଙ୍କୁ ଭେଟିଛନ୍ତି । ଏକ ମଧୁର ମିଳନ ଅବସରରେ ନାଟକର ଅନ୍ତ ଘଟିଛି । ଏହାର ବିଷୟବସ୍ତୁରେ ପ୍ରଚଳିତ ଓଡ଼ିଆ ଲୋକକଥାର ପ୍ରଭାବ ପରିଲକ୍ଷିତ । ଏଥିରେ ମଧସ୍ୱଭାବିକ ସ୍ୱଚ୍ଛନ୍ଦ ସଂଳାପର ପ୍ରୟୋଗ ହୋଇଛି । ଜଗନ୍‌ମୋହନଙ୍କ ପରେ କାମପାଳ ମିଶ୍ର ହିଁ ଏପରି ସରଳ ସଂଳାପର ବ୍ୟବହାର କରିଛନ୍ତି । ଏହି ନାଟକର ପ୍ରତ୍ୟେକ ଚରିତ୍ର ପ୍ରଭାବଶାଳୀ ଭାବେ ଚିତ୍ରଣ କରାଯାଇଛି । ସଂସ୍କୃତ ନାଟ୍ୟଶୈଳୀରେ ପ୍ରସ୍ତାବନା ଦୃଶ୍ୟ ଥିଲେ ମଧନଟ, ନଟୀ, ସୂତ୍ରଧାରର ପ୍ରୟୋଗ ଏଥିରେ ନାହିଁ । ନେପଥ୍ୟରୁ ଯେଉଁ ସଙ୍ଗୀତର ପ୍ରୟୋଗ କରାଯାଇଛି ତାହା ଗ୍ରୀକ୍ ନାଟକର କୋରସ୍ ସଙ୍ଗୀତ ସହ ତୁଳନୀୟ । କେବଳ ପ୍ରସ୍ତାବନାକୁ ଛାଡ଼ିଦେଲେ ନାଟକର ଅନ୍ୟତ୍ର ଦୃଶ୍ୟଯୋଜନାରେ ଆଧୁନିକ ରୀତି ଅନୁସୃତ । ନାଟକୀୟ ଗଠନ କୌଶଳ ଦୃଷ୍ଟିରୁ ତତ୍‌କାଳୀନ ନାଟକ ମଧ୍ୟରେ ଏହାର ସ୍ଥାନ ଅନନ୍ୟ । ସେତେବେଳର ଓଡ଼ିଶାର ପ୍ରଧାନ ନାଟ୍ୟଦଳ ବଳଙ୍ଗୀର 'ରାଧାକୃଷ୍ଣ ଥିଏଟର' ପାର୍ଟିଦ୍ୱାରା ଏହି ନାଟକଟି ପ୍ରଥମ ଅଭିନୀତ ହେବାର ସୌଭାଗ୍ୟ ଲାଭ କରିଥିଲା । ପରବର୍ତ୍ତୀ ସମୟରେ ଏହା ବିଭିନ୍ନ ସ୍କୁଲ କଲେଜରେ ମଧବହୁବାର ଅଭିନୀତ ହୋଇଥିଲା ।

ହରିଶ୍ଚନ୍ଦ୍ର (୧୯୦୨) ନାଟକଟି ଜନପ୍ରିୟ ପୌରାଣିକ ଉପାଖ୍ୟାନ ରାଜା ହରିଶ୍ଚନ୍ଦ୍ରଙ୍କ ଅସାଧାରଣ ଦାନଶୀଳତା ଓ ସତ୍ୟନିଷ୍ଠାକୁ ଆଧାରକରି ରଚିତ । ମାର୍କଣ୍ଡେୟ ପୁରାଣର ଏହି କଥାବସ୍ତୁଟି ପୂର୍ବରୁ ଓଡ଼ିଶାରେ ବଙ୍ଗଳା ଭାଷାରେ ଅଭିନୀତ ହୋଇସାରିଥିଲା । କଥାବସ୍ତୁ ପରିକଳ୍ପନା, ସଂଳାପ ସଂଯୋଜନା ଓ ଦ୍ୱନ୍ଦ୍ୱ ଉତ୍କଣ୍ଠା ରକ୍ଷା ଦୃଷ୍ଟିରୁ ନାଟକଟି ସୁଗଠିତ । ପୌରାଣିକ କଥାବସ୍ତୁକୁ ଆଧାର କରିଥିଲେ ମଧତତ୍‌କାଳୀନ ସାଧାରଣ ସମାଜ ଜୀବନର ଚିତ୍ର ମଧପ୍ରଦର୍ଶିତ । ବୃଦ୍ଧମାନଙ୍କର ବିବାହ ଲାଳସା, ମୂର୍ଖ ବ୍ରାହ୍ମଣମାନଙ୍କର ଭୋଜନ ପ୍ରିୟତା ଓ ପଣ୍ଡିତମନ୍ୟତା ପ୍ରଭୃତି ବ୍ୟଙ୍ଗାତ୍ମକ ଶୈଳୀରେ ପ୍ରକାଶ ପାଇଛି । ନାଟ୍ୟକାର ପୌରାଣିକ ଆଦର୍ଶମୂଳକ ଉପାଖ୍ୟାନକୁ ନାଟ୍ୟରୂପ ଦେବା ସହିତ ଅପ୍ରାସଙ୍ଗିକ ହେଲେ ମଧସମାଜ ସଂସ୍କାର ପ୍ରବଣତା ଯୋଗୁ କେତେକ ସାମାଜିକ ସମସ୍ୟାର ଉପସ୍ଥାପନା କରିଛନ୍ତି ।

କାମପାଳ ମିଶ୍ରଙ୍କ 'ଦୁର୍ଗାଶବରୀ' ନାଟକଟି ଅସମାପ୍ତ । ତତ୍‌କାଳୀନ ଯୁଗରୁଚିର ଅନୁସରଣରେ ନାଟ୍ୟକାର ପୌରାଣିକ ଆଦର୍ଶମୂଳକ ଉପାଖ୍ୟାନକୁ ଅଧିକ ଗୁରୁତ୍ୱ ଦେଇଛନ୍ତି । କାମପାଳ ମିଶ୍ର ତାଙ୍କ ପୂର୍ବବର୍ତ୍ତୀ ନାଟ୍ୟକାରଙ୍କଠାରୁ ଅଧିକ ବାସ୍ତବ ଓ ସ୍ୱଚ୍ଛନ୍ଦ ଶୈଳରେ ନାଟ୍ୟରଚନା କରିଛନ୍ତି ।

## ୧.୫.୪ ପଦ୍ମନାଭ ନାରୟଣ ଦେବ

ପାରଳାଖେମୁଣ୍ଡି ରାଜା ନାଟ୍ୟକାର ପଦ୍ମନାଭ ନାରାୟଣ ଦେବ ନିଜ ରାଜ୍ୟରେ 'ପଦ୍ମନାଭ ରଙ୍ଗାଳୟ' ନାମକ ଏକ ସ୍ଥାୟୀ ମଞ୍ଚ ପ୍ରତିଷ୍ଠା କରାଇଥିଲେ । ଏଥିରୁ ତାଙ୍କର ନାଟ୍ୟପ୍ରିୟତାର ପରିଚୟ ମିଳେ । ତାଙ୍କ ଦ୍ୱାରା ରଚିତ ସମସ୍ତ ନାଟକ ଏହି ମଞ୍ଚରେ ଅଭିନୀତ ହୋଇଥିଲା । ମନେହୁଏ ସେ କଟକ ସହରଠାରୁ ଦୂରରେ ରହି

ନାଟ୍ୟସାଧନା କରୁଥିବାରୁ ତାଙ୍କ ନାଟକରେ ନୂତନ ନାଟ୍ୟରୀତିର ପ୍ରଭାବ ନଥିଲା । ସେ ସଂସ୍କୃତ ନାଟ୍ୟାଦର୍ଶ ଅନୁସରଣରେ ପାରଂପରିକ ରୀତିରେ 'ସଙ୍ଗୀତ ପ୍ରହ୍ଲାଦ ନାଟକ'(୧୯୦୧), 'ବାଣାଦର୍ପଦଳନ'(୧୯୦୧), 'ଚନ୍ଦ୍ରାବତୀ ସ୍ୱୟଂବର', 'ଅହଲ୍ୟା ଶାପମୋଚନ' (୧୯୦୨), 'ତାରକସଂହାର', 'ଦାନପରୀକ୍ଷା'(୧୯୦୩) ପ୍ରଭୃତି ନାଟକ ରଚନା କରିଛନ୍ତି । ଏସବୁ ନାଟକ ପୌରାଣିକ ତଥା ଭକ୍ତିରସାତ୍ମକ ।

'ସଙ୍ଗୀତ ପ୍ରହ୍ଲାଦ' ନାଟକ ଏକ ପୌରାଣିକ ଗୀତିନାଟ୍ୟ । ପ୍ରହ୍ଲାଦ ନାଟକ ଗଞ୍ଜାମ ଜିଲ୍ଲାରେ ଅତ୍ୟନ୍ତ ଜନପ୍ରିୟ । ପ୍ରହ୍ଲାଦ ନାଟକ ପରି ଏଥିରେ ଆଡ଼ମ୍ବରପୂର୍ଣ୍ଣ ଗଦ୍ୟ ସଂଳାପ ଦେଖାଯାଏ । ଏଗୁଡ଼ିକ ତତ୍ସବ ଶବ୍ଦବହୁଳ ଏବଂ ଦୀର୍ଘ ସମାସଯୁକ୍ତ । ଏଥିରେ କ୍ଲିଷ୍ଟ ଅଳଂକାରମାନ ପରିଲକ୍ଷିତ ହୁଏ । ସଂଗୀତ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିବାରୁ ଏହାର ନାମକରଣ ଏପରି ହୋଇଛି ବୋଲି ଅନୁମାନ କରାଯାଏ । ପ୍ରହ୍ଲାଦର ଅପୂର୍ବ ବିଷ୍ଣୁଭକ୍ତି ଓ ବିଷ୍ଣୁଙ୍କର ନୃସିଂହ ରୂପରେ ହିରଣ୍ୟକଶ୍ୟପୁର ବଧ ପ୍ରଭୃତି ଘଟଣା ହେଉଛି କଥାବସ୍ତୁର ମୁଖ୍ୟ ଉପଜୀବ୍ୟ । ସଂସ୍କୃତ ନାଟ୍ୟଶୈଳୀ ଅନୁସୃତ ହୋଇଥିବାରୁ ନାନ୍ଦୀ, ସୂତ୍ରଧାର, ନଟନଟୀ ପ୍ରଭୃତି ଚରିତ୍ର ଏଥିରେ ଉପସ୍ଥିତ ।

ବାଣାସୁରର କନ୍ୟା 'ଉଷା'ର ସ୍ୱୟଂବର ଓ ଶ୍ରୀକୃଷ୍ଣଙ୍କ ପୌତ୍ର ଅନିରୁଦ୍ଧ ସହିତ ବିବାହ 'ବାଣାଦର୍ପଦଳନ' (୧୯୦୧) ନାଟକର ଆଖ୍ୟାନ ବସ୍ତୁ । ପରଂପରାନୁସୃତ ପାଞ୍ଚଅଙ୍କ ପରିବର୍ତ୍ତେ ଏଥିରେ ଚାରିଟି ଅଙ୍କ ରହିଛି । "ଅହଲ୍ୟା ଶାପମୋଚନ" (୧୯୦୨) ନାଟକରେ ଗୌତମଙ୍କ ପତ୍ନୀ ଅହଲ୍ୟା ଶାପଗ୍ରସ୍ତ ହେବା ଏବଂ ଶାପମୁକ୍ତ ହେବା ପ୍ରସଙ୍ଗ ସ୍ଥାନିତ । ସଂସ୍କୃତ ଅନୁସାରୀ ହେଲେ ମଧ୍ୟ ଏ ନାଟକଟି କେତେକାଂଶରେ ଆଧୁନିକଧର୍ମୀ । ସଂଳାପ ସଂଯୋଜନାରେ ସ୍ଥାନେ ସ୍ଥାନେ ଆଞ୍ଚଳିକ ଭାଷାର ପ୍ରୟୋଗ ମଧ୍ୟପରିଲକ୍ଷିତ ହୁଏ । ନାଟକରେ ବହିର୍ଦ୍ୱନ୍ଦ ସହିତ କେତେକ ସ୍ଥଳରେ ଅନ୍ତର୍ଦ୍ୱନ୍ଦ ସ୍ଥାନିତ । ନାଟ୍ୟକାରଙ୍କର ଶେଷନାଟକ 'ଦାନପରୀକ୍ଷା'ରେ ଦାନୀକର୍ଣ୍ଣଙ୍କର କାହାଣୀ ନାଟ୍ୟରୂପ ପାଇଛି । ନାଟକରେ ମାତ୍ର ତିନୋଟି ଅଙ୍କ ଓ ନଅଟି ଦୃଶ୍ୟ ରହିଛି ।

ପଦ୍ମନାଭ ନାରାୟଣ ଦେବ କେବଳ ପୌରାଣିକ ନାଟକ ରଚନା କରିଥିଲେ ମଧ୍ୟତା ମଧ୍ୟରୁ ନାଟ୍ୟକାରଙ୍କର ସମାଜ ସଂସ୍କାର ପ୍ରୟାସ ଲକ୍ଷ୍ୟ କରାଯାଇପାରେ । ଉନବିଂଶ ଶତାବ୍ଦୀର ଶେଷପାଦରେ ପାରଳାଖେମୁଣ୍ଡିରେ ରଙ୍ଗମଞ୍ଚ ଗଢ଼ି ନାଟ୍ୟକାର ଓ କଳାକାରମାନଙ୍କୁ ଉତ୍ସାହିତ କରିଥିବାରୁ ନାଟ୍ୟକାରଙ୍କ ପ୍ରୟାସ ନିଶ୍ଚୟ ସ୍ୱାଗତଯୋଗ୍ୟ ।

## ୧.୫.୫ ବୀରବିକ୍ରମ ଦେବ

ବୀରବିକ୍ରମ ଦେବ ସାହିତ୍ୟପ୍ରେମୀ ଖଡ଼ିଆଳ ରାଜବଂଶରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ଦ୍ୱାରା ପ୍ରତିଷ୍ଠିତ 'ବିକ୍ରମ ଥିଏଟର' ନାମକ ମଞ୍ଚରେ ତାଙ୍କର ସମସ୍ତ ନାଟକ ଅଭିନୟ କରାଯାଉଥିଲା । ସେ ଏଗାରଖଣ୍ଡ ନାଟକ ରଚନା ସହିତ 'ନାଟକ ରଚନା ପ୍ରଣାଳୀ' ଶୀର୍ଷକ ନାଟ୍ୟତତ୍ତ୍ୱ ସଂପର୍କିତ ପୁସ୍ତକ ମଧ୍ୟରଚନା କରିଛନ୍ତି । ନାଟ୍ୟକାର 'ଅମ୍ବିକା ଦେବୀ' ଓ 'ଭାତୃସ୍ନେହ' ନାମକ ଦୁଇଟି ଐତିହାସିକ ପଟ୍ଟଭୂମି ଉପରେ ପ୍ରତିଷ୍ଠିତ କାଳ୍ପନିକ ନାଟକ ରଚନା କରିଛନ୍ତି । ଏ ଦୁଇଟିର କଥାବସ୍ତୁ "Tod ଙ୍କର Annal and Antiquities" ପୁସ୍ତକରୁ ଗୃହୀତ । ବିକ୍ରମ ଦେବଙ୍କର ଫକୁସୁମ ସୁନ୍ଦରୀ' ଓ 'ଶୈଳବାଳା' ନାଟକ ଦୁଇଟି ଇତିହାସ ବା କିମ୍ବଦନ୍ତୀ ଆଧାରିତ ନୁହେଁ ମାତ୍ର ଏହାର ନାୟକ ଓ ନାୟିକା ରାଜକୁମାର ଓ ରାଜକୁମାରୀ । ପ୍ରେମ ଏ ନାଟକ ଦୁଇଟିର ମୁଖ୍ୟସ୍ୱର । ଏ ଦୁଇଟି ନାଟକରେ କୌଣସି ଉଲ୍ଲେଖନୀୟ ସାମାଜିକ ଆବେଦନ ନାହିଁ; ଏହା କେବଳ ମନୋରଞ୍ଜନ ଧର୍ମିତା ଗୁଣକୁ ପରିପୂର୍ତ୍ତୀ କରିଛି ।

'ଉତ୍କଳ ଦୁର୍ଦ୍ଦଶା' (୧୯୦୪) ନାଟକ ବୀରବିକ୍ରମ ଦେବଙ୍କର ଏକ ସଫଳ କୃତି । ଏଥିରେ ନାଟ୍ୟକାର ତତ୍କାଳୀନ ଉତ୍କଳ ଜନସାଧାରଣଙ୍କ ଅଧଃପତନର ଚିତ୍ର ଦେଇଛନ୍ତି । ଇଂରେଜ ଶାସିତ ଓଡ଼ିଆମାନଙ୍କର ପାରସ୍ପରିକ ବିରୋଧ, ଲୋଭ, ଭୟ, ଆଳସ୍ୟ, ଅପବ୍ୟୟ, ମଦ୍ୟପାନ ପ୍ରଭୃତି ମନ୍ଦଗୁଣ ଗୁଡ଼ିକୁ ନାଟ୍ୟକାର ଭର୍ତ୍ସନା କରିଛନ୍ତି । ଉତ୍କଳୀୟଙ୍କ ହୃଦୟରେ ଜାତୀୟପ୍ରୀତି ଏବଂ ସାମାଜିକ ଓ ସାମୂହିକ ହିତ ପାଇଁ ପ୍ରୟାସର ଅଭାବ ରହିଛି ବୋଲି ନାଟ୍ୟକାର କହିଛନ୍ତି । ତତ୍କାଳୀନ ସମାଜରେ ପ୍ରଚଳିତ ବାଲ୍ୟବିବାହ, ବୃଦ୍ଧବିବାହ ଓ ବ୍ୟଭିଚାର ବିରୁଦ୍ଧରେ ମଧନାଟ୍ୟକାର ସ୍ୱରଉତ୍ତୋଳନ କରିଛନ୍ତି । ଉତ୍କଳର ଏ ପ୍ରକାର ଦୁର୍ଦ୍ଦଶା ନାଟ୍ୟକାରଙ୍କୁ ବ୍ୟଥିତ କରିଛି । ନାଟ୍ୟକାର ଉତ୍କଳମାତାର ଦୁର୍ଦ୍ଦଶା ମୋଚନ ପାଇଁ ଆଶାନ୍ୱିତ ହୋଇଛନ୍ତି । ଏଥିରୁ ରାଜା ବିରବିକ୍ରମ ଦେବଙ୍କର ଜାତିପ୍ରାଣତାର ପରିଚୟ ମିଳେ ।

'ବ୍ୟଭିଚାର ଦୋଷ ପ୍ରଦର୍ଶନ' (୧୯୦୪), 'ସୁହାସିନୀ ପ୍ରହସନ', 'ବାଲ୍ୟବିବାହ'(୧୯୦୫), 'ବୃଦ୍ଧ ବିବାହ'(୧୯୦୫), 'ପ୍ରେମଲତା' ପ୍ରଭୃତି ସମାଜ ସଂସ୍କାରମୂଳକ ନାଟକରେ ସାମାଜିକ ଅନ୍ୟାୟ, ଅବିଚାର, କୁପ୍ରଥା ବିରୁଦ୍ଧରେ ନାଟ୍ୟକାର ସ୍ୱର ଉତ୍ତୋଳନ କରିଛନ୍ତି । ଉନବିଂଶ ଶତାବ୍ଦୀର ନବଶିକ୍ଷିତ ଗୋଷ୍ଠୀଙ୍କ ନିଶାସେବନ ଓ ବେଶ୍ୟାଳୟଗମନ ପ୍ରତିରୋଧରେ 'ବ୍ୟଭିଚାର ଦୋଷ ପ୍ରଦର୍ଶନ' ନାଟକଟି ରଚିତ । ଏହି ନାଟକରେ ବ୍ୟଭିଚାରଗ୍ରସ୍ତ ଆଧୁନିକ ବ୍ୟକ୍ତିଙ୍କୁ ନାଟ୍ୟକାର ବ୍ୟଙ୍ଗ କରିଛନ୍ତି । 'ବାଲ୍ୟବିବାହ' ଏକ କ୍ଷୁଦ୍ର ନାଟକ । ବାଲ୍ୟବିବାହର ଦୁଃଖମୟ ପରିଣତି ଓ ବିବାହରେ ଅଯଥା ଅର୍ଥ ବ୍ୟୟ ସମସ୍ୟାକୁ ନାଟ୍ୟକାର ଉପସ୍ଥାପନ କରି ସଂସ୍କାର ପ୍ରୟାସ କରିଛନ୍ତି । ଯୁବତୀ କନ୍ୟା ବୃଦ୍ଧବ୍ୟକ୍ତିକୁ ବିବାହ ଯୋଗୁ ସମାଜରେ ଯେଉଁ ସମସ୍ୟା ଉପୁଜୁଛି ତାର କରୁଣ ପରିଣତି 'ବୃଦ୍ଧବିବାହ' ନାଟକରେ ପରିବେଷିତ । କନ୍ୟାର ଇଚ୍ଛା ବିରୁଦ୍ଧରେ ବୃଦ୍ଧକୁ ବିବାହ କରାଇ ଦେବାରୁ ମାନସିକ ଯନ୍ତ୍ରଣାଗ୍ରସ୍ତ ଝିଅଟି କିପରି କୁପଥଗାମିନୀ ହୋଇପଡ଼େ ତାହା ଏଠାରେ ପ୍ରଦର୍ଶିତ ।

ରାଜା ବିକ୍ରମଦେବ ତାଙ୍କର ଅଧିକାଂଶ ନାଟକରେ ଓଡ଼ିଆ ସମାଜର ଅଧଃପତନର ଚିତ୍ର ଦେବା ସହିତ ସମାଧାନର ଉପାୟ ମଧନିର୍ଦ୍ଦେଶ କରିଛନ୍ତି । ତାଙ୍କ ନାଟକରୁ ଆଧୁନିକ ଦୃଷ୍ଟିଭଙ୍ଗୀର ପରିଚୟ ମଧମିଳେ । ଯେଉଁ ସମୟରେ ପାଶ୍ଚାତ୍ୟ ଶୈଳୀରେ ପାଞ୍ଚଅଙ୍କ ବିଶିଷ୍ଟ ନାଟକ ରଚନା କରାଯାଉଥିଲା ସେତେବେଳେ ସେ ଅଙ୍କବିହୀନ ଚାରିଦୃଶ୍ୟ ବିଶିଷ୍ଟ 'ସୁହାସିନୀ ପ୍ରହସନ', ଛଅ ଦୃଶ୍ୟ ବିଶିଷ୍ଟ 'ଉତ୍କଳ ଦୁର୍ଦ୍ଦଶା', ଆଠ ଦୃଶ୍ୟ ବିଶିଷ୍ଟ ଫଲ୍ଗୁସୁମ ସୁନ୍ଦରୀ' ପ୍ରଭୃତି ନାଟକ ରଚନା କରି ନିଜ ବୈପ୍ଳବିକ ଚିନ୍ତାଧାରାର ପରିଚୟ ଦେଇଛନ୍ତି । ମାତ୍ର ୩୭ବର୍ଷ ବୟସରେ ମତ୍ୟୁବରଣ କରିଥିବା ବିକ୍ରମ ଦେବ ନିଜ ସ୍ୱଳ୍ପ ଜୀବନକାଳ ମଧରେ ଓଡ଼ିଆ ନାଟ୍ୟ ସାହିତ୍ୟର ଇତିହାସରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି ।

## ୧.୫.୬ ଭିକାରୀ ଚରଣ

ରାମଶଙ୍କର ନାଟ୍ୟରଚନାର ଯେଉଁ ଆଦର୍ଶ ସୃଷ୍ଟି କରିଥିଲେ ଭିକାରୀଚରଣ ତାର ଯଥାର୍ଥ ଉତ୍ତରାଧିକାରୀ ଥିଲେ । ସେ ରାମଶଙ୍କର ରାୟଙ୍କ କନିଷ୍ଠ ଓକିଲ ଥିଲେ ଏବଂ ନାଟ୍ୟରଚନା କ୍ଷେତ୍ରରେ ମଧତାଙ୍କ ପଦାଙ୍କ ଅନୁସରଣ କରିଥିଲେ । ପାତ୍ରମୁଖୀ ସଂଳାପ ମାଧମରେ ସମସାମୟିକ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ଉପସ୍ଥାପନ ତାଙ୍କ ନାଟକର ବୈଶିଷ୍ଟ୍ୟ । ଓଡ଼ିଆ ନାଟ୍ୟସାହିତ୍ୟକୁ ଉଭୟ ଗୁଣାତ୍ମକ ଓ ପରିମାଣାତ୍ମକ ଦୃଷ୍ଟିରୁ ତାଙ୍କ ଅବଦାନ

ସ୍ୱାଗତଯୋଗ୍ୟ । ତାଙ୍କର ଅଧିକାଂଶ ନାଟକ ଜାତୀୟତା ଦ୍ୟୋତକ । ଭିକାରୀ ଚରଣ 'କଟକ ବିଜୟ' (୧୯୦୨) ଓ 'ରାଜା ପୁରୁଷୋତ୍ତମ' (୧୯୨୭) ନାମରେ ଦୁଇଟି ଐତିହାସିକ ନାଟକ ରଚନା କରିଛନ୍ତି । ତାଙ୍କ ରଚିତ ଦୁଇଟି କାଳ୍ପନିକ ନାଟକ ହେଉଛି 'ନନ୍ଦିକେଶ୍ୱରୀ' (୧୯୧୧) ଓ 'ରତ୍ନମାଳୀ'(୧୯୧୫) । 'ଅଦ୍ଭୁତ ଆଦର୍ଶ' (୧୯୦୧), 'ସଂସାର ଚିତ୍ର' (୧୯୧୫), 'ସୁଶୀଳା'(୧୯୧୭), 'ଯୌତୁକ' (୧୯୨୭), 'ନିରୂପମା' (୧୯୫୨), 'କର୍ମକ୍ଷେତ୍ର' (୧୯୬୦) ଭିକାରୀଚରଣଙ୍କ ଦ୍ୱାରା ରଚିତ ସାମାଜିକ ସମସ୍ୟାମୂଳକ ନାଟକ । ଏହି ନାଟକଗୁଡ଼ିକ ମଧ୍ୟରୁ ଅଧିକାଂଶ କଟକର 'ଉଷା' ରଙ୍ଗମଞ୍ଚରେ ଅଭିନୀତ ।

ରାମଶଙ୍କରଙ୍କର ପ୍ରଥମ ନାଟକ ପରି ଭିକାରୀଚରଣଙ୍କର ପ୍ରଥମ ନାଟକ ଫକଟକ ବିଜୟ' ଓଡ଼ିଶା ଇତିହାସର ଅବଲମ୍ବନ ରଚିତ । ଏହି ନାଟକର ପୂର୍ଣ୍ଣାଙ୍ଗ ନାମକରଣ ହେଉଛି 'ଇଂରେଜ କର୍ତ୍ତୃକ କଟକ ବିଜୟ'। ୧୮୦୩ ମସିହାରେ ଇଂରେଜମାନେ ବିନା ବାଧାବିଘ୍ନରେ କଟକ ପର୍ଯ୍ୟନ୍ତ ଅଧିକାର କରିନେଇଥିଲେ । ମାତ୍ର କଟକରେ ମରହଟ୍ଟା ଶାସନକର୍ତ୍ତା ବାଲାଜୀ, ଇଂରେଜ ସୈନ୍ୟଙ୍କ ସହିତ ଯୁଦ୍ଧ କରି ସେମାନଙ୍କୁ ପ୍ରତିହତ କରିବାକୁ ଚେଷ୍ଟା କରିଥିଲେ । ଯୁଦ୍ଧରେ ବାଲାଜୀଙ୍କର ମୃତ୍ୟୁ ହେଲା ଏବଂ ପାତିବ୍ରତ୍ୟ ରକ୍ଷା କରିବାକୁ ଯାଇ ତାଙ୍କ ପତ୍ନୀ ଆତ୍ମହତ୍ୟା କଲେ । ଏହାହିଁ ନାଟକର କଥାବସ୍ତୁ । ଅଲୋଡ଼ନଧର୍ମୀ କଥାବସ୍ତୁ, ଉପଯୁକ୍ତ ଚରିତ୍ରଚିତ୍ରଣ, ତୀବ୍ର ଉତ୍କଣ୍ଠା, ପାତ୍ରମୁଖୀ ସଂଳାପ ପ୍ରଭୃତି ଯୋଗୁ ନାଟକଟି ମଞ୍ଚସଫଳ ଥିଲା ଓ ସେ ସମୟରେ ସର୍ବାଧିକ ଅଭିନୟର ସୁଯୋଗ ପାଇଥିଲା । ନାଟକର ଶିଳ୍ପକଳା ଉନ୍ନତ ହେଲେ ମଧ୍ୟନାଟ୍ୟକାର ଏଥିରେ ଓଡ଼ିଆମାନଙ୍କର ହୀନମନ୍ୟତାକୁ ଦର୍ଶାଇଥିବାରୁ ସମାଲୋଚନାର ଶିକାର ହୋଇଛନ୍ତି । ନାଟ୍ୟକାର ଇଂରେଜମାନଙ୍କର ନ୍ୟାୟ ପରାୟଣତା, ଧର୍ମଶୀଳତା ଓ ବୀରତ୍ୱର ମହିମାଗାନ କରିଛନ୍ତି ।

ଭିକାରୀଚରଣଙ୍କ ଅନ୍ୟ ଏକ ଐତିହାସିକ ନାଟକ 'ରାଜା ପୁରୁଷୋତ୍ତମ' କିନ୍ତୁ ଫକଟକ ବିଜୟ' ପରି ସଫଳତା ପାଇନାହିଁ । ଏହା ସଙ୍ଗୀତ ବହୁଳ । ଏଥିରେ କପିଳେନ୍ଦ୍ର ଦେବଙ୍କ ବଙ୍ଗଜୟ ଓ ଦାକ୍ଷିଣାତ୍ୟ ଆକ୍ରମଣ ପ୍ରଭୃତି ଦିଗ୍‌ବିଜୟପୂର୍ଣ୍ଣ ଘଟଣା ରହିଛି । ଏହାପରେ ପୁରୁଷୋତ୍ତମ ଦେବଙ୍କର ବାଲ୍ୟକାଳଠାରୁ ଆରମ୍ଭ କରି ସିଂହାସନ ଆରୋହଣ ପର୍ଯ୍ୟନ୍ତ ଘଟଣାବଳୀ ରହିଛି । ମୂଳଘଟଣା ସହିତ କେତେକ ଉପଘଟଣା ମଧ୍ୟସ୍ଥାନିତ । କେତେକ ସ୍ଥଳରେ ଅଲୌକିକ ଘଟଣା ପରିଲକ୍ଷିତ । ନାଟକଟି ଐତିହାସିକ ହେଲେ ମଧ୍ୟରାଜା ପୁରୁଷୋତ୍ତମ ଚରିତ୍ରକୁ କୌଣସି ଯୁଦ୍ଧର ସମ୍ମୁଖୀନ ହେବାକୁ ପଡ଼ିନାହିଁ । ଦୈବର ସାହାଯ୍ୟରେ ସେ ବିନା ପ୍ରତିବନ୍ଧକରେ ସିଂହାସନ ଆରୋହଣ କରିଛନ୍ତି ।

ଭିକାରୀଚରଣ କାଳ୍ପନିକ ନାଟକ 'ନନ୍ଦିକେଶ୍ୱରୀ' ରଚନା ସମୟରେ ରାଧାନାଥଙ୍କ 'ନନ୍ଦିକେଶ୍ୱରୀ' କାବ୍ୟକୁ ଅନୁସରଣ କରିଛନ୍ତି । ଅନେକ ସମୟରେ ମନେହୁଏ ରାଧାନାଥଙ୍କ କାବ୍ୟିକ ସଂଳାପକୁ ସେ କେବଳମାତ୍ର ନାଟ୍ୟରୂପ ଦେଇଛନ୍ତି । ନାଟ୍ୟକାରଙ୍କ ଅନ୍ୟ ନାଟକଗୁଡ଼ିକ ପରି ଏଥିରେ ଅତ୍ୟଧିକ ଉପଘଟଣାର ସମାବେଶ ହୋଇନାହିଁ । କେତେକ ସାଧାରଣ ପାତ୍ରପାତ୍ରୀଙ୍କ ମୁଖରେ ଆଞ୍ଚଳିକ ଭାଷାର ସଂଳାପ ଅତ୍ୟନ୍ତ ଜୀବନ୍ତ ମନେହୁଏ। 'ରତ୍ନମାଳୀ' ନାଟକ ଏକ କାଳ୍ପନିକ ମନୋରଂଜନଧର୍ମୀ ନାଟକ । ମୁଖ୍ୟ ନାୟିକା ରତ୍ନମାଳୀର ନାମାନୁସାରେ ନାଟକଟି ନାମିତ ।

ଭିକାରୀ ଚରଣଙ୍କ ଐତିହାସିକ ଓ କାଳ୍ପନିକ ନାଟକ ଅପେକ୍ଷା ସାମାଜିକ ନାଟକଗୁଡ଼ିକ ଅଧିକସଫଳ। ଐତିହାସିକ ଓ କାଳ୍ପନିକ ନାଟକଗୁଡ଼ିକ କେବଳ ମନୋରଞ୍ଜନଧର୍ମୀ ହୋଇଥିବା ବେଳେ ସାମାଜିକ ନାଟକରେ ନାଟ୍ୟକାରଙ୍କର ସାମାଜିକ ଅଙ୍ଗୀକାରବଦ୍ଧତା ସ୍ପଷ୍ଟ ପରିଲକ୍ଷିତ ହୋଇଛି । 'ସଂସାର ଚିତ୍ର' (୧୯୧୫) ନାଟକରେ ନାଟ୍ୟକାର ଯୌତୁକ ପରି କୁପ୍ରଥା ବିରୁଦ୍ଧରେ ସ୍ୱରୋତ୍ତଳନ କରିଛନ୍ତି । ଏଥିରେ ନାୟିକା 'କୁନ୍ତଳା'କୁ ବିବାହ ଦେବା ପାଇଁ ତା ପିତା ବରପକ୍ଷର ଯୌତୁକ ଦାବିକୁ ମାନି ନେଇଛନ୍ତି । ମାତ୍ର ବିପ୍ଳବିନୀ କୁନ୍ତଳା ଏହାର ବିରୋଧ କରିଛି । ଯେଉଁ ଶିକ୍ଷିତ ପୁଅମାନେ ବାହାଘର ବେଦୀରେ ନିଜକୁ ବିକ୍ରି କରନ୍ତି ସେ ସେପରି ପୁଅକୁ ବିଭାହେବନାହିଁ ବୋଲି ଦୃଢ଼କଣ୍ଠରେ ଘୋଷଣା କରିଛି । ନାଟକରେ ଯୌତୁକ ସମସ୍ୟା ସହିତ ମହାଜନୀ ସମସ୍ୟାର ଉପସ୍ଥାପନା ମଧ୍ୟକରାଯାଇଛି । କନ୍ୟାପିତାମାନେ ବରପକ୍ଷର ଯୌତୁକ ଲାଳସାକୁ ଚରିତାର୍ଥ କରିବାକୁ ଯାଇ କିପରି ମହାଜନମାନଙ୍କର ଶୋଷଣର ଶିକାର ହୁଅନ୍ତି ତାହା ଏଠାରେ ଚିତ୍ରିତ । ମାତ୍ର ନାଟକର ଶେଷରେ ନାୟିକା କୁନ୍ତଳାର ଆତ୍ମହତ୍ୟା ପଳାୟନବାଦୀ ମନୋବୃତ୍ତିର ପରିଚାୟକ । ଏହା ନାଟକୀୟ ବିକାଶରେ ବାଧାସୃଷ୍ଟି କରିଛି । ପାଶ୍ଚାତ୍ୟ ନାଟ୍ୟଶୈଳୀର ପ୍ରଭାବରେ ନାଟ୍ୟକାର ରଙ୍ଗମଂଚରେ ମୃତ୍ୟୁର ଦୃଶ୍ୟ ପ୍ରଦର୍ଶନ କରିବା ସହିତ ନାଟକକୁ ଦୁଃଖାନ୍ତ କରିଛନ୍ତି ।

'ସୁଶୀଳା' (୧୯୧୨) ନାଟକରେ 'ସୁଶୀଳା' ଜଣେ ଆଦର୍ଶ ସ୍ଥାନୀୟ ନାରୀ । ଏଥିରେ ନାଟ୍ୟକାର ଦୁଇଟି ସମାନ୍ତରାଳ କାହାଣୀ ମାଧ୍ୟମରେ ସମାଜର ଦୁଇପ୍ରକାର ନାରୀ ଚରିତ୍ରର ଚିତ୍ରଣ କରିଛନ୍ତି । ଗୋଟିଏ ଦିଗରେ ଶିକ୍ଷିତା ନାରୀର ସ୍ୱାର୍ଥପରତା ଓ ଅନ୍ୟଦିଗରେ ଜଣେ ଅଶିକ୍ଷିତା ନାରୀର ପାତିବ୍ରତ୍ୟ । ଜଣେ ନାରୀର ସ୍ୱାର୍ଥପରତା ଓ ଅସହିଷ୍ଣୁତା ଯୋଗୁ ଗୋଟିଏ ସୁଖୀ ପରିବାର କିପରି ବିପର୍ଯ୍ୟସ୍ତ ହୋଇପଡ଼ିଛି ତାହା ନାଟ୍ୟକାର ଦେଖାଇଛନ୍ତି । ଅନ୍ୟଦିଗରେ ଜଣେ ସ୍ୱାମୀ ନିଜ ଅଶିକ୍ଷିତା ଅଥଚ ଭଲସ୍ୱଭାବର ସ୍ତ୍ରୀ ସୁଶୀଳାକୁ ପରିତ୍ୟାଗ କରି ବିପର୍ଯ୍ୟୟ ଆଡ଼କୁ ଟାଣିହୋଇ ଯାଇଛି । ଶେଷରେ ସୁଶୀଳା ସାହାଯ୍ୟରେ ତା'ର ସ୍ୱାମୀ ବିପଦରୁ ଉଦ୍ଧାରପାଇ ପଶ୍ଚାତାପ ଅନଳରେ ଦଗ୍ଧୀଭୂତ ହୋଇଛି । ଏଥିରେ ନାଟ୍ୟକାର କହିବାକୁ ଚାହିଁଛନ୍ତି ଯେ ନାରୀଶିକ୍ଷା ସମାଜର ହିତକାରୀ ହେଲେ ମଧ୍ୟଶିକ୍ଷାଜନିତ କୁସ୍ୱଭାବ ଆଦରଣୀୟ ନୁହେଁ । ନାଟକଟିର କଥାବସ୍ତୁ ଗୁମ୍ଫନଶୈଳୀ ତଥା ସଂଳାପ ଉଚ୍ଚକୋଟୀର । ଏହା ନାଟ୍ୟକାରଙ୍କର ଏକ ବହୁଜନପ୍ରିୟ ସଫଳ ସାମାଜିକ ନାଟକ ।

ନାଟ୍ୟକାରଙ୍କର 'ଯୌତୁକ' (୧୯୨୨) ନାଟକଟି ମଧ୍ୟତତ୍କାଳୀନ ସମାଜର ଯୌତୁକ ସମସ୍ୟାକୁ ଆଧାରକରି ରଚିତ । ଏଥିରେ ନାୟକ ପଦ୍ମନାଭ ନିଜ ପିତାଙ୍କ ଅଜ୍ଞାତସାରରେ ଜଣେ କନ୍ୟାକୁ ବିବାହ କରି ପିତାଙ୍କ ଯୌତୁକପ୍ରାପ୍ତି ଆଶାକୁ ପାଣି ଫୋଟକା ପରି ମିଳାଇ ଦେଇଛି । ଏଥିରେ ମଧ୍ୟ 'ସଂସାର ଚିତ୍ର' ନାଟକ ପରି ନାଟ୍ୟକାର କୌଣସି ସମାଧାନର ପନ୍ଥା ପ୍ରଦର୍ଶନ କରିନାହାନ୍ତି । କାରଣ କୁନ୍ତଳାର ଆତ୍ମହତ୍ୟା କିମ୍ବା ପଦ୍ମନାଭର ପିତାଙ୍କ ଅଜ୍ଞାତସାରରେ ବିବାହ ସମାଧାନର ପଥ ନୁହେଁ । ପଳାୟନ କୌଣସି ସମସ୍ୟାକୁ ରକ୍ଷାପାଇବାର ପ୍ରକୃଷ୍ଟ ଉପାୟ ନୁହେଁ ।

ଭିକାରୀଚରଣ ନାଟକକୁ ଲୋକଶିକ୍ଷାର ମାଧ୍ୟମ ଭାବେ ଗ୍ରହଣ କରିଛନ୍ତି । ଯୌତୁକ ପ୍ରଥା, ମହାଜନୀ ପ୍ରଥା, ଶ୍ରମବିମୁଖତା, ପାଶ୍ଚାତ୍ୟ ସଭ୍ୟତାର ଅନ୍ଧାନୁସରଣ ପ୍ରଭୃତି ସମସ୍ୟା ସଂପର୍କରେ ନାଟ୍ୟକାର ଜନସଚେତନତା ସୃଷ୍ଟି ପାଇଁ ପ୍ରୟାସ କରିଛନ୍ତି । କେବଳ ଆତ୍ମିକ ଦୃଷ୍ଟିରୁ ନୁହେଁ ଆଙ୍ଗିକ ଦୃଷ୍ଟିରୁ ମଧ୍ୟସେ ଓଡ଼ିଆ ନାଟକକୁ ସମୃଦ୍ଧ କରିଛନ୍ତି । ଚରିତ୍ର ଚିତ୍ରଣ, ଦ୍ୱନ୍ଦ ଓ ଉତ୍କଣ୍ଠା ସୃଷ୍ଟି ଏବଂ ମାର୍ଜିତ ପାତ୍ରମୁଖୀ ସଂଳାପ ସଂଯୋଜନା ଦିଗରେ ନାଟ୍ୟକାର ସମସାମୟିକ ଅନ୍ୟ ନାଟ୍ୟକାରମାନଙ୍କଠାରୁ ପାଦେ ଆଗେଇ ଯାଇଛନ୍ତି ।

## ୧.୫.୭ ରାଧାମୋହନ ରାଜେନ୍ଦ୍ର ଦେବ

ନାଟ୍ୟକାର ରାଧାମୋହନ ରାଜେନ୍ଦ୍ର ଦେବ ଚିକିଟୀର ରାଜା । ଦକ୍ଷିଣ ଓଡ଼ିଶା ଲୋକନାଟକ ଅଭିନୟ କ୍ଷେତ୍ରର ଅତ୍ୟନ୍ତ ସମୃଦ୍ଧ । ଲୋକନାଟକ ଦେଖିବାରେ ଅଭ୍ୟସ୍ତ ଦକ୍ଷିଣ ଓଡ଼ିଶାର ଜନସାଧାରଣଙ୍କୁ ରାଧାମୋହନ ରାଜେନ୍ଦ୍ର ଦେବ ମଞ୍ଚନାଟକର ସ୍ୱାଦ ଚଖାଇଥିଲେ । ନାଟ୍ୟକାରଙ୍କର ନାଟକଗୁଡ଼ିକ ସଂପୂର୍ଣ୍ଣ ଭାବେ ସଂସ୍କୃତ ନାଟ୍ୟଶୈଳୀଦ୍ୱାରା ପ୍ରଭାବିତ । ରାଜେନ୍ଦ୍ରଦେବଙ୍କ ଦ୍ୱାରା ରଚିତ ସମସ୍ତ ନାଟକର ନାଁର ପ୍ରଥମ ଅକ୍ଷର 'ପ'ରୁ ଆରମ୍ଭ ଯଥା – 'ପ୍ରେମତରଙ୍ଗ'(୧୯୧୦), 'ପରିମଳା ସହଗମନ', 'ପ୍ରକୃତି ରହସ୍ୟ' (୧୯୧୪), 'ପ୍ରକୃତ ପ୍ରଣୟ' (୧୯୧୫), 'ଶ୍ରୀ ପ୍ରତାପ' (୧୯୧୬), 'ପାଞ୍ଚାଳୀ ପାଟ୍ଟାପହରଣ', 'ପାଣ୍ଡବ ବନବାସ' (୧୯୨୧) ପ୍ରଭୃତି।

ବାଣଭଟ୍ଟଙ୍କର 'କାଦମ୍ବରୀ'ର ଆଖ୍ୟାନ ଭାଗ ଅବଲମ୍ବନରେ 'ପ୍ରେମତରଙ୍ଗ' ନାଟକଟି ରଚିତ । ସଂସ୍କୃତ ଭାଷା ଅନୁସରଣରେ ସଂଳାପ ସଂଯୋଜିତ ହୋଇଥିବାରୁ ଏହା କ୍ଲିଷ୍ଟ ଓ ବୌଦ୍ଧିକ । ସଂସ୍କୃତ ନାଟ୍ୟଶୈଳୀ ଅନୁସରଣରେ ଏଥିରେ ପ୍ରସ୍ତାବନା, ସୂତ୍ରଧର, ନଟନଟୀ ପ୍ରଭୃତି ଉପସ୍ଥିତ । ଭରତମୁନିଙ୍କ ନାଟ୍ୟତତ୍ତ୍ୱର ପ୍ରାୟ ସମସ୍ତ ନିୟମକୁ ନାଟ୍ୟକାର ଅନୁସରଣ କରିଛନ୍ତି । 'ପରିମଳା ସହଗମନ' ନାଟକରେ ରାମଲକ୍ଷ୍ମଣଙ୍କର ବିନାସ ପାଇଁ ମେଘନାଦର ଯଜ୍ଞର ଅୟୋଜନ, ଲକ୍ଷ୍ମଣଙ୍କର ଯଜ୍ଞରେ ବାଧାଦାନ, ମେଘନାଦ ସହିତ ରାମଲକ୍ଷ୍ମଣଙ୍କର ଯୁଦ୍ଧ, ଯୁଦ୍ଧରେ ମେଘନାଦର ମୃତ୍ୟୁ ଏବଂ ତାର ପତ୍ନୀ ପରିମଳାର ଅଗ୍ନିରେ ପ୍ରବେଶ ପ୍ରଭୃତି ବୃତ୍ତାନ୍ତ ସ୍ଥାନିତ । ପାରଂପରିକ ସଂସ୍କୃତ ନାଟ୍ୟଶୈଳୀ ଅନୁସରଣରେ ନାଟକଟି ରଚିତ । ନାଟ୍ୟକାରଙ୍କର 'ପ୍ରକୃତି ରହସ୍ୟ' (୧୯୧୪) ନାଟକଟି ଦଶଅଙ୍କ ବିଶିଷ୍ଟ । ନାଟକର କଥାବସ୍ତୁ ରାଜପରିବାରର ଷଡଯନ୍ତ୍ର ପଟ୍ଟଭୂମି ଉପରେ ରଚିତ । ବିସ୍ତୃତ କଥାବସ୍ତୁ, ବହୁ ଘଟଣା ଓ ଉପଘଟଣାର ସମାବେଶ, ଷଡ଼ଯନ୍ତ୍ର, ହତ୍ୟା ପ୍ରଭୃତିର ଜଟିଳ ବର୍ଣ୍ଣନାରେ ନାଟକର ସ୍ୱାଭାବିକ ଗତି ବାଧାପାଇଛି । ଏଥିରେ ସତାବନଟି ଚରିତ୍ର ରହି ନାଟକଟିକୁ ଚରିତ୍ରବହୁଳ କରିଦେଇଛି । ଫଳରେ ଚରିତ୍ରମାନେ ଯଥାର୍ଥ ବିକାଶଲାଭ କରିପାରି ନାହାନ୍ତି । 'ପ୍ରକୃତ ପ୍ରଣୟ' ନାଟକରେ ରାଜା ସତ୍ୟସେନ ପ୍ରକୃତ ପ୍ରଣୟର ଅନୁସନ୍ଧାନରେ ବିଦେଶ ଗମନ କରିଛନ୍ତି । ବହୁ ଘଟଣା ଓ ଉପଘଟଣା ପରେ ଶେଷରେ ରାଜା ପ୍ରକୃତ ପ୍ରଣୟର ଆବିଷ୍କାର କରିଛନ୍ତି । ନାଟକରେ ସ୍ଥାନିତ ଘଟଣାଗୁଡ଼ିକ ମଧ୍ୟରେ ଯୋଗସୂତ୍ର ଦୃଢ଼ ମନେହୁଏନାହିଁ। ପୁଣି ନାଟକର ସଂଳାପଗୁଡ଼ିକ ଦୀର୍ଘସମାସଯୁକ୍ତ, ଅଳଂକାର ପୂର୍ଣ୍ଣ ଓ ତତ୍‌ସମ ଶବ୍ଦବହୁଳ । ସଂଗୀତ ବହୁଳ ନାଟକଟିରେ ଅଣଷଠିଟି ସଙ୍ଗୀତର ବ୍ୟବହାର ହୋଇଛି ।

ଦ୍ୱିଜେନ୍ଦ୍ରଲାଲ ରାୟଙ୍କ ବଙ୍ଗଳା ନାଟକ 'ରାଣା ପ୍ରତାପ ସିଂହ' ଅନୁସରଣରେ ରାଧାମୋହନ ରାଜେନ୍ଦ୍ରଦେବଙ୍କ ଐତିହାସିକ ନାଟକ 'ଶ୍ରୀ ପ୍ରତାପ' (୧୯୧୬) ରଚିତ । ନାଟ୍ୟକାରଙ୍କର ଅନ୍ୟ ନାଟକ ଅପେକ୍ଷା ଏ ନାଟକଟି ଆଧୁନିକତାର ନିକଟବର୍ତ୍ତୀ । 'ପାଞ୍ଚାଳୀ ପଟ୍ଟାପହରଣ' ନାଟକରେ ନାଟ୍ୟକାର ଦ୍ରୌପଦୀଙ୍କର ସ୍ୱୟଂବରଠାରୁ ବସ୍ତ୍ରହରଣ ପର୍ଯ୍ୟନ୍ତ ଘଟଣାକୁ ସ୍ଥାନ ଦେଇଛନ୍ତି । ଏହି ପୌରାଣିକ ନାଟକଟି ମଧ୍ୟସଂପୂର୍ଣ୍ଣଭାବେ ପାରଂପରିକ ଶୈଳୀକୁ ଅନୁସରଣ କରିଛି । ନାଟ୍ୟକାରଙ୍କ ଶେଷ ନାଟକ 'ପାଣ୍ଡବ ବନବାସ'(୧୯୨୧) ମହାଭାରତର କଥାବସ୍ତୁ ଅବଲମ୍ବନରେ ରଚିତ । ଏଥିରେ ପାଣ୍ଡବମାନଙ୍କର ବନବାସ ସମୟ ଘଟଣାବଳୀର ନାଟ୍ୟରୂପାୟନ ଘଟିଛି ।

ନାଟ୍ୟକାର ରାଧାମୋହନ ରଜେନ୍ଦ୍ର ଦେବଙ୍କର ନାଟକଗୁଡ଼ିକ ସଂସ୍କୃତ ଶୈଳୀ ଅନୁସାରୀ ଓ ବୃହତ୍ କଳେବର ବିଶିଷ୍ଟ । ନାଟ୍ୟକାର ପରଂପରାର ଶୃଙ୍ଖଳାକୁ ଛିଡ଼ାଇ ପାରିନାହାନ୍ତି । ତେଣୁ ନାଟକର କଥାବସ୍ତୁରେ ମଧ୍ୟସେପରି କୌଣସି ଉଲ୍ଲେଖଯୋଗ୍ୟ ନୂତନତା ବା ବୈଚିତ୍ର୍ୟ ଦେଖାଯାଏ ନାହିଁ । ନାଟକଗୁଡ଼ିକ ସଂଗୀତ ବହୁଳ ଓ ଅତ୍ୟଧିକ ଚରିତ୍ରର ସମାବେଶ ହୋଇଛି । ସେ ସମୟରେ ନାଟକଗୁଡିକ ମଞ୍ଚସ୍ଥ ହୋଇଥିଲେ ମଧ୍ୟସେଗୁଡ଼ିକ ମୁଖ୍ୟତଃ ସାହିତ୍ୟିକ ଓ ପଠନୀୟ ।

## ୧.୫.୮ ଗୋଦାବରୀଶ ମିଶ୍ର

ଗୋଦାବରୀଶ ମିଶ୍ର 'ପୁରୁଷୋତ୍ତମ ଦେବ' (୧୯୧୭) ଓ 'ମୁକୁନ୍ଦ ଦେବ' (୧୯୨୦) ନାମରେ ଦୁଇଟି ଐତିହାସିକ ନାଟକର ରଚୟିତା । ସତ୍ୟବାଦୀ ଧାରାର ଏହି ନାଟ୍ୟକାର ସୁପ୍ତ ଓଡ଼ିଆମାନଙ୍କ ମନରେ ଜାତୀୟତା ଜାଗରଣ ଲାଗି ଓଡ଼ିଶାର ଐତିହାସିକ ପୃଷ୍ଠଭୂମି ଉପରେ ଏହି ନାଟକ ଦୁଇଟି ରଚନା କରିଥିଲେ । ଗୋଦାବରୀଶ 'ପୁରୁଷୋତ୍ତମ ଦେବ' ନାଟକ ରଚନା କରିବା ପୂର୍ବରୁ ପୁରୁଷୋତ୍ତମ ଦେବଙ୍କ ଚରିତ୍ରକୁ କେନ୍ଦ୍ରକରି ପୁରୁଷୋତ୍ତମ ଦାସଙ୍କର 'କାଞ୍ଚିକାବେରୀ'କାବ୍ୟ, ଚୈତନ୍ୟ ଦାସଙ୍କ 'କାଞ୍ଚିକାବେରୀ' ଲୀଳା ଓ ରାମଶଙ୍କରଙ୍କର 'କାଞ୍ଚିକାବେରୀ' ନାଟକ ରଚିତ ହୋଇସାରିଥିଲା । ପୁରୁଷୋତ୍ତମ ଦେବଙ୍କ ଜୀବନ କାହାଣୀ ବହୁ ଐତିହାସିକ ଘଟଣାବଳୀରେ ପରିପୂର୍ଣ୍ଣ । ଓଡ଼ିଆ ଜାତିର ସମ୍ମାନ ରକ୍ଷା ପାଇଁ ସେ କାଞ୍ଚି ଅଭିଯାନ କରିଥିଲେ । ଯୁଦ୍ଧରେ ତାଙ୍କୁ ସ୍ୱୟଂ ଜଗନ୍ନାଥ ଓ ବଳଭଦ୍ର ସହାୟତା କରିଥିଲେ । ମାତ୍ର ଏହି ନାଟକରେ ନାଟ୍ୟକାର ପଦ୍ମାବତୀ ପ୍ରସଙ୍ଗଟିକୁ ଗୁରୁତ୍ୱ ଦେଇନାହାନ୍ତି । କପିଳେନ୍ଦ୍ର ଦେବଙ୍କର ଅଠରଜଣ ପୁତ୍ରଙ୍କର ସିଂହାସନ ଆରୋହଣ ନିମନ୍ତେ ପ୍ରତିଦନ୍ଦ୍ୱିତାର କାହାଣୀ ଏଥିରେ ବର୍ଣ୍ଣିତ । ନାଟକର ପ୍ରଥମ ଦୃଶ୍ୟରୁ ଶେଷ ଦୃଶ୍ୟ ପର୍ଯ୍ୟନ୍ତ ଯୁଦ୍ଧର ଘନଘଟାରେ ଆଚ୍ଛାଦିତ । ଐତିହାସିକ ନାଟକ ଭାବରେ ଆଖ୍ୟାତ ହୋଇଥିଲେ ହେଁ ଏହି ନାଟକଟି ବହୁପରିମାଣରେ କିମ୍ବଦନ୍ତୀ ଆଧାରିତ । ଏଥିରେ ନାଟ୍ୟକାର ପ୍ରସ୍ତାବନା, ନାନ୍ଦୀ, ନଟନଟୀ ପ୍ରଭୃତିକୁ ସ୍ଥାନ ନଦେଇ ସିଧାସଳଖ ବିଷୟ ପ୍ରବେଶ କରିଛନ୍ତି । ଏଥିରୁ ନାଟ୍ୟକାରଙ୍କ ଆଧୁନିକ ଚିନ୍ତାଧାରାର ପରିଚୟ ମିଳେ । ସଂଳାପ ରଚନା କ୍ଷେତ୍ରରେ ମଧ୍ୟନାଟ୍ୟକାର ପୂର୍ବ ନାଟ୍ୟକାରମାନଙ୍କ ତୁଳନାରେ ଅଧିକ ଆଧୁନିକ ।

'ମୁକୁନ୍ଦଦେବ' ନାଟକଟି 'ପୁରୁଷୋତ୍ତମ ଦେବ' ନାଟକ ଅପେକ୍ଷା ଅଧିକ ସୁସଂଯୋଜିତ ଓ ଅଧିକ ମାର୍ଜିତ । ଏହି ନାଟକରେ ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବ ମାତୃଭୂମିକୁ ରକ୍ଷା କରିବାକୁ ଯାଇ ଗୋହିରାଟିକିରୀ ରଣଭୂମିରେ ପ୍ରାଣ ବିସର୍ଜନ ଓଡ଼ିଆଙ୍କ ପ୍ରାଣରେ ମର୍ମବେଦନା ସୃଷ୍ଟି କରିଥାଏ । ମୁକୁନ୍ଦଦେବଙ୍କ ସିଂହାସନ ଆରୋହଣ, ମୃତ୍ୟୁ, କଳାପାହାଡ଼ର ଅତ୍ୟାଚାର, ମୁକୁନ୍ଦଦେବଙ୍କ ରାଣୀଙ୍କର ଆତ୍ମବିସର୍ଜନ, ରାମଚନ୍ଦ୍ର ଭଞ୍ଜଙ୍କର ଚକ୍ରାନ୍ତ ପ୍ରଭୃତି ଘଟଣା ଏଥିରେ ନାଟ୍ୟରୂପ ପାଇଛି । ଆଲୋଚ୍ୟ ନାଟକର ସମଗ୍ର କଥାବସ୍ତୁ ନାୟକ ମୁକୁନ୍ଦଦେବଙ୍କୁ କେନ୍ଦ୍ରକରି ଘୂର୍ଣ୍ଣାୟମାନ । ଗଜପତି ଆସନର ମର୍ଯ୍ୟାଦା ରକ୍ଷା ପାଇଁ ସେ ସିଂହାସନ ଆରୋହଣ କରିଛନ୍ତି ଏବଂ ଓଡ଼ିଆର ସ୍ୱାଭିମାନ ପାଇଁ ସଂଗ୍ରାମ କରୁ କରୁ ବିଶ୍ୱାସଘାତକତାର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି । କ୍ଲୀବ ଓଡ଼ିଆ ଜାତିକୁ ତାଙ୍କ ଚରିତ୍ରରେ ଅନୁପ୍ରାଣିତ କରାଇ ମୁକ୍ତି ସଂଗ୍ରାମଭୂମିକୁ ଟାଣିନେବା ଗୋଦାବରୀଶଙ୍କର ଲକ୍ଷ୍ୟ ଥିଲା ।

ଗୋଦାବରୀଶ ମୁଖ୍ୟତଃ ଜଣେ କବି ଥିବାରୁ ଉଭୟ ନାଟକରେ ସୁପରିକଳ୍ପିତ ଓ ସଂଗୀତର ସଂଯୋଜନା କରିଛନ୍ତି । କେତେକ ସ୍ଥଳରେ ଗୋଦାବରୀଶଙ୍କ କବି ପ୍ରତିଭା ଅଯଥା ଭାବପ୍ରବଣତାରେ ସଂଳାପଗୁଡ଼ିକୁ ଆଚ୍ଛନ୍ନ କରିଛି । ସଂଳାପଗୁଡ଼ିକ ଦୀର୍ଘ ଓ ବକ୍ତବ୍ୟଧର୍ମୀ । ନାଟକ ଦୁଇଟି ମଞ୍ଚସଫଳନହେଲେ ମଧ୍ୟଉଚ୍ଚକୋଟୀର ସାହିତ୍ୟିକ ମର୍ଯ୍ୟାଦା ରହିଛି । ଜାତୀୟତା ଜାଗରଣ କରିବା ମୁଖ୍ୟ ଉଦ୍ଦେଶ୍ୟ ହୋଇଥିବାରୁ ନାଟ୍ୟକାର ତାଙ୍କ ଲକ୍ଷ୍ୟ ପୂରଣ କରିପାରିଛନ୍ତି । ଏହି ନାଟକ ଦୁଇଟିକୁ ଗୋଦାବରୀଶ ସତ୍ୟବାଦୀ ବନବିଦ୍ୟାଳୟର ଛାତ୍ରମାନଙ୍କଦ୍ୱାରା ଅଭିନୀତ କରାଇଥିଲେ ।

## ୧.୫.୯ ଅଶ୍ୱିନୀ କୁମାର ଘୋଷ

ଅଶ୍ୱିନୀ କୁମାରଙ୍କ ନାଟ୍ୟକାର ଜୀବନ ଆରମ୍ଭ ହୋଇଥିଲା ୧୯୧୫ ମସିହାରେ । ଭାରତୀୟ ପରଂପରାର ଉଚ୍ଚ ଆଦର୍ଶବୋଧକୁ ଅବଲମ୍ବନ କରି ସେ ବହୁସଂଖ୍ୟକ ନାଟକ ରଚନା କରିଥିଲେ । ସେ ଉତ୍କଳୀୟ ସଂସ୍କୃତି ଓ ଐତିହ୍ୟକୁ ପ୍ରାଧାନ୍ୟ ଦେଇଛନ୍ତି । ସେ ବୃତ୍ତିରେ ଜଣେ ଶିକ୍ଷକ ହୋଇଥିବାରୁ ତାଙ୍କ ଶିଳ୍ପଦୃଷ୍ଟି ମଧ୍ୟଶିକ୍ଷକର ବ୍ୟକ୍ତିତ୍ୱଦ୍ୱାରା ନିୟନ୍ତ୍ରିତ ଥିଲା । ନାଟକ ପାଇଁ ତାଙ୍କର ନିଷ୍ଠା ଓ ଆକର୍ଷଣ ଯୋଗୁ ତାଙ୍କୁ ବ୍ୟକ୍ତିଗତ ଜୀବନରେ ବହୁ ତ୍ୟାଗ ସ୍ୱୀକାର କରିବାକୁ ପଡ଼ିଥିଲା । ଉଚ୍ଚଶିକ୍ଷିତ ହୋଇ ମଧ୍ୟସେ ଶେଷରେ ଶିକ୍ଷକତାକୁ ବୃତ୍ତି ଭାବରେ ଗ୍ରହଣ କରିଥିଲେ । କାରଣ ସେ ନାଟକ ସହିତ ସଂପର୍କ ଛିନ୍ନ କରିପାରିନଥିଲେ । ୧୯୧୫ ମସିହାଠାରୁ ୧୯୩୫, ୩୬ ମସିହା ପର୍ଯ୍ୟନ୍ତ ବଲଙ୍ଗା 'ରାଧାକୃଷ୍ଣ ଥିଏଟର' ଏବଂ 'ଆର୍ଟ ଥିଏଟର'ରେ ଅଶ୍ୱିନୀକୁମାରଙ୍କଦ୍ୱାରା ରଚିତ ନାଟକଗୁଡ଼ିକ ଅଭିନୀତ ହୋଇଥିଲା । ସେ ସମାନ ପରିମାଣରେ ପୌରାଣିକ, ଐତିହାସିକ ଓ ସାମାଜିକ ନାଟକ ରଚନା କରିଥିଲେ । ତାଙ୍କ ରଚିତ ନାଟକ ଗୁଡ଼ିକ ହେଉଛି –

**ପୌରାଣିକ ନାଟକ** – 'ଭୀଷ୍ମ' (୧୯୧୫), 'ସାବିତ୍ରୀ' (୧୯୧୭), 'ସାଲବେଗ' (୧୯୩୩), 'ଭକ୍ତ ହରିଜନ' ବା 'ଦାସିଆ ବାଉରୀ' (୧୯୩୩), 'ତ୍ୟାଗୀ ରାମଦାସ' (୧୯୩୩), 'ଶ୍ରୀମନ୍ଦିର' (୧୯୩୪), 'ବନ୍ଧୁ ମହାନ୍ତି'(୧୯୪୪), 'ଚଣ୍ଡାଳୁଣୀ'(୧୯୪୬), 'ଜାନକୀ'(୧୯୫୨), 'ସାକ୍ଷୀଗୋପାଳ'(୧୯୫୪), 'ସତ୍ୟନାରାୟଣ'(୧୯୫୫) ପ୍ରଭୃତି ।

**ଐତିହାସିକ ନାଟକ** – 'ସେଓଜୀ'(୧୯୧୮), 'କଳାପାହାଡ଼' (୧୯୨୨), 'ଗୋବିନ୍ଦ ବିଦ୍ୟାଧର'(୧୯୨୨), 'ତାଜମହଲ'(୧୯୨୨),'ଉତ୍କଳଗୌରବ'(୧୯୨୭), 'କୋଣାର୍କ' (୧୯୨୭), 'କେଶରୀଗଙ୍ଗ' (୧୯୨୭), 'ସମଲେଶ୍ୱରୀ'(୧୯୩୧), 'ପାଇକପୁଅ'(୧୯୩୩) 'ଓଡ଼ିଆ ଝିଅ' (୧୯୩୫), 'ଭଞ୍ଜଭୁଜଙ୍ଗ' (୧୯୩୬), 'ଭୁବନେଶ୍ୱର'(୧୯୬୨) ପ୍ରଭୃତି ।

**ସାମାଜିକ ନାଟକ** – 'ହିନ୍ଦୁରମଣୀ'(୧୯୩୭), 'ମାଷ୍ଟରବାବୁ'(୧୯୩୭), 'ଇରାନୀ'(୧୯୩୭), 'ଭାଇ'(୧୯୪୨), 'ଶ୍ରୀ ଲୋକନାଥ' (୧୯୪୬), 'ଚଷାଝିଅ'(୧୯୪୬), 'ମାମଲତକାର'(୧୯୪୬), 'ଅଭିନୟ' (୧୯୪୬), 'କଇଦୀ' (୧୯୫୭), 'ଦୁଖେସୁଖେ'(୧୯୫୨) ପ୍ରଭୃତି ।

ଅଶ୍ୱିନୀକୁମାର ୧୯୩୫ ମସିହା ପର୍ଯ୍ୟନ୍ତ କେବଳ ଐତିହାସିକ ଓ ପୌରାଣିକ ନାଟକ ରଚନା କରିଛନ୍ତି । ସାମାଜିକ ନାଟକଗୁଡ଼ିକ ପରବର୍ତ୍ତୀ ସମୟର ରଚନା । ତାଙ୍କ ପୌରାଣିକ ଓ ଐତିହାସିକ ଚରିତ୍ରଗୁଡ଼ିକରେ ସାଂପ୍ରତିକ ଜୀବନବୋଧର ମର୍ମବାଣୀ ଉଚ୍ଚାରିତ । ଅଶ୍ୱିନୀକୁମାର ଉଭୟ ଆତ୍ମିକ ଓ ଆଙ୍ଗିକ କ୍ଷେତ୍ରରେ ଓଡ଼ିଆ ନାଟକରେ ନୂତନ ଧାରାର ପ୍ରବର୍ତ୍ତକ । ସେ ନାଟକ ମାଧ୍ୟମରେ ଲୋକଚିତ୍ତରେ ସତ୍ୟନିଷ୍ଠା, ଧର୍ମାନୁଗତ୍ୟ, ତ୍ୟାଗ, ପ୍ରେମ ପ୍ରଭୃତି ଉଚ୍ଚ ଆଦର୍ଶବୋଧ ସୃଷ୍ଟି କରିଛନ୍ତି । 'ଭୀଷ୍ମ' ନାଟକରେ ନାଟ୍ୟକାର ମୁଖ୍ୟଚରିତ୍ରକୁ ଆଦର୍ଶ ସ୍ଥାନୀୟ କରିଛନ୍ତି । ମହାଭାରତର ଉପାଖ୍ୟାନ ଅବଲମ୍ବନରେ ଶାନ୍ତନୁଙ୍କ ଗଙ୍ଗାଙ୍କୁ ବିବାହ, ଗଙ୍ଗା ନିଜର ଛଅଟି ସନ୍ତାନ ହତ୍ୟାପରେ ସପ୍ତମ ସନ୍ତାନ ଭୀଷ୍ମଙ୍କୁ ହତ୍ୟା କରିବାକୁ ଉଦ୍ୟତ ହେଉଥିବା ସମୟରେ ଶାନ୍ତନୁଙ୍କର ବାଧାପ୍ରଦାନ, ଗଙ୍ଗାଙ୍କର ଶାନ୍ତନୁଙ୍କୁ ପରିତ୍ୟାଗ, ଶାନ୍ତନୁଙ୍କର କୈବର୍ତ୍ତ କନ୍ୟା ସତ୍ୟବତୀ ସହ ବିବାହ ସମୟରେ ଭୀଷ୍ମଙ୍କର କଠୋର ପ୍ରତିଜ୍ଞା, ପିତାଙ୍କୁ ନିଜର ଯୌବନ ପ୍ରଦାନ ପ୍ରଭୃତି ଘଟଣା ଏଥିରେ ନାଟ୍ୟରୂପ ପାଇଛି । ନାଟକଟି ଦ୍ୱନ୍ଦ୍ୱମୟ ଓ ଉତ୍କଣ୍ଠାଧର୍ମୀ ହୋଇଛି । ନାଟକଟିର କଥାବସ୍ତୁ ପରିକଳ୍ପନା, ସଂଳାପ ସଂଯୋଜନା ଓ ଉପସ୍ଥାପନ ରୀତି ସ୍ୱତନ୍ତ୍ର ଏବଂ ନୂତନତା ଅଭିମୁଖୀ । ଏହା ପ୍ରଥମେ ରେଭେନ୍ସା କଲେଜରେ ଏବଂ ପରବର୍ତ୍ତୀ ସମୟରେ ରାଧାକୃଷ୍ଣ ଥିଏଟର୍‌ରେ ସଫଳତାର ସହିତ ଅଭିନୀତ ହୋଇଥିଲା । 'ସାବିତ୍ରୀ' ନାଟକରେ ସାବିତ୍ରୀ ମଧ୍ୟଜଣେ ଆଦର୍ଶ ସ୍ଥାନୀୟ ଚରିତ୍ର । ସାବିତ୍ରୀ ନିଜର ସତୀତ୍ୱ ବଳରେ ଯମଠାରୁ ନିଜ ସ୍ୱାମୀର ଜୀବନ ଫେରାଇ ଆଣିବାରେ ସଫଳ ହୋଇଛି । ଅସମ୍ଭବତା ବିରୁଦ୍ଧରେ ଜଣେ ସତୀ ନାରୀର ନିଷ୍ଠା ଓ ଏକାଗ୍ରତାର କିପରି ବିଜୟଲାଭ କରିଛି ତାହା ଏହି ନାଟକର ମୂଳସ୍ୱର ।

ଜଗନ୍ନାଥଙ୍କ ଯବନ ଭକ୍ତ ସାଲବେଗଙ୍କ ଜୀବନୀକୁ ଆଧାର କରି 'ସାଲବେଗ' ନାଟକ ରଚିତ । ଅଶ୍ୱିନୀକୁମାର 'ଦାର୍ଢ୍ୟତା ଭକ୍ତି' ରୁ ଏହାର କଥାଭାଗ ସଂଗ୍ରହ କରିଛନ୍ତି । ଏଥିରେ ସୀମିତ ସଂଖ୍ୟକ ଚରିତ୍ରର ଅବତାରଣା କରାଯାଇଛି । ଭାଷାକୁ ସ୍ୱାଭାବିକ କରିବାପାଇଁ ମୁସଲମାନ ଚରିତ୍ର ମୁହଁରେ ଉର୍ଦ୍ଦୁମିଶା ଓଡ଼ିଆ ଭାଷା ଦିଆଯାଇଛି । 'ଦାସିଆ ବାଉରୀ' ନାଟକର କଥାବସ୍ତୁ ମଧ୍ୟ 'ଦାର୍ଢ୍ୟତା ଭକ୍ତି' ରୁ ସଂଗୃହୀତ । ନାଟକ ଦୁଇଟିରେ ସାଲବେଗ ଓ ଦାସିଆ ବାଉରୀର ଅଲୌକିକ ଭକ୍ତି ଓ ବିଶ୍ୱାସ ରୂପାୟିତ । ସାଲବେଗ ମୁସଲମାନ ଓ ଦାସିଆ ବାଉରୀ ହରିଜନ ହୋଇଥିବାରୁ ସେମାନଙ୍କୁ ଜଗନ୍ନାଥ ମନ୍ଦିର ପ୍ରବେଶର ସୁଯୋଗ ମିଳିନାହିଁ । କିନ୍ତୁ ସେମାନଙ୍କ ଭକ୍ତି ନୈବେଦ୍ୟକୁ ଜଗନ୍ନାଥ ଆଗ୍ରହର ସହିତ ଗ୍ରହଣ କରିଛନ୍ତି । ହିନ୍ଦୁ ଧର୍ମର ଆଧ୍ୟାତ୍ମିକତା ମାର୍ଗରେ ଜାତି ଧର୍ମଗତ ପ୍ରତିବନ୍ଧକ ବିରୁଦ୍ଧରେ ନାଟ୍ୟକାରଙ୍କର ଏହା ଏକ ବୈପ୍ଳବିକ ଆହ୍ୱାନ । ଅଶ୍ୱିନୀକୁମାରଙ୍କ 'ତ୍ୟାଗୀ ରାମଦାସ' ନାଟକଟି ମଧ୍ୟ 'ଦାର୍ଢ୍ୟତା ଭକ୍ତି'ରୁ ସଂଗୃହୀତ ।

ଇନ୍ଦ୍ରଦ୍ୟୁମ୍ନ-ବିଶ୍ୱାବସୁଙ୍କ ସଂଘର୍ଷ, ବିଦ୍ୟାପତି-ଲଳିତାର ପ୍ରଣୟ, ନୀଳମାଧବଙ୍କ ଅପହରଣ, ଆର୍ଯ୍ୟ ଓ ଅନାର୍ଯ୍ୟଙ୍କ ମିଳିତ ସହଯୋଗରେ ପୁରୀମନ୍ଦିରରେ ଜଗନ୍ନାଥଙ୍କ ପ୍ରତିଷ୍ଠା ପ୍ରଭୃତି ଘଟଣାଗୁଡ଼ିକର ନାଟ୍ୟରୂପ ହେଉଛି 'ଶ୍ରୀ ମନ୍ଦିର' ନାଟକ । ପୌରାଣିକ କଥାବସ୍ତୁର ଜୀବନ୍ତ ଉପସ୍ଥାପନ ନାଟକଟିକୁ ଏତେ ସଫଳତା ଦେଇଥିଲା ଯେ ଏହା କେବଳ ଓଡ଼ିଶାରେ ନୁହେଁ 'ପୁରୀ ମନ୍ଦିର' ନାମରେ କଲିକତାରେ ମଧ୍ୟଅଭିନୀତ ହୋଇ ପ୍ରଶଂସାର ପାତ୍ର ହୋଇଥିଲା ।

ଅଶ୍ୱିନୀକୁମାର ବହୁସଂଖ୍ୟାରେ ପୌରାଣିକ ନାଟକ ରଚନା କରି ଓଡ଼ିଆ ପୌରାଣିକ ନାଟକକୁ ପରିମାଣାତ୍ମକ ଦୃଷ୍ଟିକୋଣରୁ ସମୃଦ୍ଧ କରିଛନ୍ତି ମାତ୍ର ଐତିହାସିକ ନାଟକଗୁଡ଼ିକ ତାଙ୍କ ଉଜ୍ଜ୍ୱଳ ନାଟ୍ୟପ୍ରତିଭାର ପରିଚୟ ବହନ କରେ । ଅଧଃପତିତ ଓଡ଼ିଆମାନଙ୍କ ମନରେ ଜାତୀୟତା ଜାଗରଣ ତାଙ୍କ ନାଟ୍ୟରଚନାର ମୂଳ ଉଦ୍ଦେଶ୍ୟ ଥିଲା । ମାତୃଭୂମି ପ୍ରତି ଗଭୀର ମମତା ଓ ଗୌରବବୋଧ ଥିବାରୁ ସେ ଅଧିକାଂଶ ଐତିହାସିକ ନାଟକ ରଚନା ସମୟରେ ଭାରତ ଇତିହାସରୁ ଉପାଦାନ ନ ଆଣି ଓଡ଼ିଶା ଇତିହାସରୁ ଉପାଦାନ ଆଣିଛନ୍ତି । ସେ ଓଡ଼ିଆ ଦର୍ଶକଙ୍କୁ ନୂତନ ସ୍ୱାଦର ଐତିହାସିକ ନାଟକ ସମର୍ପି ଦେଇଥିଲେ । ଇତିହାସର ଶୁଷ୍କ ଚରିତ୍ରକୁ ସେ ଜୀବନ୍ତ କରିଥିଲେ । ଇତିହାସର ଦେଶଦ୍ରୋହୀ, ବିଶ୍ୱାସ ଘାତକ ଚରିତ୍ରମାନଙ୍କୁ ସେ କଳ୍ପନାର ପୁଟ ଦେଇ ମାନବବାଦୀ ଜାତିପ୍ରେମୀ ଚରିତ୍ରରେ ରୂପାନ୍ତରିତ କରିଛନ୍ତି । ଐତିହାସିକ ନାଟକ ଭାବରେ 'ସେଓଜୀ' ତାଙ୍କର ପ୍ରଥମ କୃତି । ଏହା ପ୍ରଥମେ କଟକ ମେଡ଼ିକାଲ ସ୍କୁଲ ଛାତ୍ରଙ୍କଦ୍ୱାରା ଓ ପରବର୍ତ୍ତୀ ସମୟରେ ରାଧାକୃଷ୍ଣ ଥିଏଟର ଦ୍ୱାରା ସଫଳତାର ସହ ଅଭିନୀତ ହୋଇଥିଲା । ଏ ନାଟକଟି ରଚନା କରିବା ପାଇଁ ଅଶ୍ୱିନୀକୁମାର ଜେମ୍ସ ଟଡ୍‌ଙ୍କ 'Annals and Antiquities of Rajsthan'ରୁ କଥାବସ୍ତୁ ସଂଗ୍ରହ କରିଛନ୍ତି । ଜୟଚନ୍ଦ୍ରଙ୍କ ନାତିଦ୍ୱୟ 'ସେଓଜି' ଓ 'ସୈତରାମ'ଙ୍କୁ କନୌଜରୁ ବିତାଡ଼ନ, କୋଲୁମୁଡ଼ ରାଜ୍ୟରେ ଆଶ୍ରୟ ଗ୍ରହଣ ଓ ଯୁଦ୍ଧଜୟ ଫଳରେ ଆତ୍ମପ୍ରତିଷ୍ଠା ପ୍ରଭୃତି ଘଟଣାକୁ ନେଇ ନାଟ୍ୟବସ୍ତୁ ପରିକଳ୍ପିତ । ଦୁଇଶକ୍ତିର ଅହଂକାର ଓ ଯୁଦ୍ଧଖୋର ମନୋବୃତ୍ତି ଯୋଗୁ ଅସଂଖ୍ୟ ସୈନ୍ୟ ମୃତାହତ ହୋଇଛନ୍ତି । ଯୁଦ୍ଧ କରୁଥିବା ଦୁଇରାଜାଙ୍କର କନ୍ୟାଦ୍ୱୟଙ୍କ ମାଧ୍ୟମରେ ନାଟ୍ୟକାର ଏହି ବିବେକହୀନତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି । ପ୍ରବଳ ବହିର୍ଦ୍ୱନ୍ଦ୍ୱ ଓ ସଂଘର୍ଷ ଯୋଗୁ ନାଟକର ଉତ୍କଣ୍ଠା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବଜାୟ ରହିଛି । 'ସେଓଜୀ' ନାଟକର ଅପୂର୍ବ ସଫଳତା ନାଟ୍ୟକାରଙ୍କୁ ଐତିହାସିକ ନାଟକ ରଚନା ପାଇଁ ପ୍ରୋତ୍ସାହିତ କରିଥିଲା ।

ଗୋଦାବରୀଶ ମିଶ୍ରଙ୍କ 'ମୁକୁନ୍ଦଦେବ' ନାଟକ ରଚନାର ଦୁଇବର୍ଷପରେ ଅଶ୍ୱିନୀକୁମାର ମୁକୁନ୍ଦଦେବଙ୍କ ଐତିହାସିକ ଘଟଣାବଳୀ ଅବଲମ୍ବନରେ 'କଳାପାହାଡ଼' ନାଟକ ରଚନା କରିଛନ୍ତି । ଅଶ୍ୱିନୀ କୁମାର ମୁକୁନ୍ଦଦେବଙ୍କ ଚାରିତ୍ରିକ ବୈଶିଷ୍ଟ୍ୟ ପ୍ରକାଶ କରି ଓଡ଼ିଆ ଜାତିର ଗୌରବଗାନ କରିବା ସହିତ କଳାପାହାଡ଼ର ମାନସିକ ପ୍ରତିକ୍ରିୟା ଉପରେ ଗୁରୁତ୍ୱ ଦେଇ କଳାପାହାଡ଼ ଚରିତ୍ରକୁ ଅନନ୍ୟ କରି ତୋଳିଛନ୍ତି । ନାଟକର ଶେଷରେ ଦର୍ଶକ ମୁକୁନ୍ଦଦେବଙ୍କ ଅପେକ୍ଷା କଳାପାହାଡ ପ୍ରତି ଅଧିକ ସମ୍ବେଦନଶୀଳ ହୋଇପଡ଼େ । କଳାପାହାଡ଼ ହିଂସ୍ର ପଶୁଭଳି ନିର୍ମମ ହୋଇ ଗୋଟିଏ ସଭ୍ୟତାର ଧ୍ୱଂସ ପାଇଁ ଯେଉଁ ପ୍ରୟାସ କରିଛି ସେଥିପାଇଁ ନାଟ୍ୟକାର ହିନ୍ଦୁଧର୍ମର ଧର୍ମଯାଜକମାନଙ୍କୁ ଦାୟୀ କରିଛନ୍ତି । କଳାପାହାଡ଼ ମୁସଲମାନ ରମଣୀକୁ ବିବାହ କରି ଜାତି ହରାଇବା ପରେ ପୁଣି ଯେତେବେଳେ ପ୍ରାୟଶ୍ଚିତ ପାଇଁ ଆସିଛି ସେତେବେଳେ ହିନ୍ଦୁ ପଣ୍ଡିତମାନଙ୍କ ଦ୍ୱାରା ସେ ବହୁପ୍ରକାର ମାନସିକ ଓ ଶାରୀରିକ ଉତ୍ପୀଡ଼ନର ଶିକାର ହୋଇଛି । ହିନ୍ଦୁଧର୍ମର ସଂକୀର୍ଣ୍ଣତା ବିରୁଦ୍ଧରେ କଳାପାହାଡ଼ ଆରମ୍ଭ କରିଛି ଧ୍ୱଂସଲୀଳା । ଏଥିରେ ନାଟ୍ୟକାର ଖଳନାୟକ କଳାପାହାଡ଼ ଚରିତ୍ରକୁ ମୁଖ୍ୟ ନାୟକର ମର୍ଯ୍ୟାଦା ଦେଇଛନ୍ତି ।

ଷୋଡଶ ଶତାବ୍ଦୀରେ ପ୍ରତାପରୁଦ୍ର ଦେବଙ୍କ ମୃତ୍ୟୁପରେ ଓଡ଼ିଶାର ରାଜସିଂହାସନକୁ ନେଇ ଯେଉଁ ଝଡ଼ ଦେଖାଦେଇଥିଲା ତାହା 'ଗୋବିନ୍ଦ ବିଦ୍ୟାଧର' ନାଟକର ମୂଳ ଉପଜୀବ୍ୟ । ଏଥିରେ ମଧ୍ୟନାଟ୍ୟକାର ଇତିହାସର ଷଡ଼ଯନ୍ତ୍ରକାରୀ, ବିଶ୍ୱାସଘାତକ, ରାଜଦ୍ରୋହୀ ଗୋବିନ୍ଦ ଚରିତ୍ରକୁ ନିଃସ୍ୱାର୍ଥପର, ପ୍ରଭୁଭକ୍ତ ଏବଂ ଆଦର୍ଶ ସ୍ଥାନୀୟ

ଚରିତ୍ର ଭାବରେ ଚିତ୍ରଣ କରିଛନ୍ତି । ତାଙ୍କ ପ୍ରତି ରାଜ ପରିବାର ପକ୍ଷରୁ ଅନ୍ୟାୟ କରାଯାଇଥିଲେ ମଧ୍ୟସେ ପ୍ରତିବାଦ କରିନାହାନ୍ତି । ଗୋବିନ୍ଦ ବିଦ୍ୟାଧରଙ୍କ ପତ୍ନୀ ଓ ଶାଳକଙ୍କ ଚକ୍ରାନ୍ତରେ ଓଡିଶା ଗଜପତି ବଂଶର ଉତ୍ତରାଧିକାରୀମାନେ ନିହତ ହୋଇଛନ୍ତି । ଶେଷରେ ପ୍ରଜା ଓ ସୈନ୍ୟଙ୍କ ବାଧ୍ୟବାଧକତାରେ ଗୋବିନ୍ଦ ବିଦ୍ୟାଧର ରାଜସିଂହାସନ ଅଳଂକୃତ କରିଛନ୍ତି । ଇତିହାସର ଖଳନାୟକ ଚରିତ୍ରକୁ ନାଟକରେ ଆଦର୍ଶ ଓ ସହାନୁଭୂତି ଆକର୍ଷଣକାରୀ ଚରିତ୍ରଭାବେ ଉପସ୍ଥାପନ କରିବା ଅଶ୍ୱିନୀକୁମାରଙ୍କ ବିଶେଷତ୍ୱ ।

ଓଡ଼ିଶାକୁ ରକ୍ଷା କରିବା ଲାଗି ପ୍ରତାପରୁଦ୍ର ଦେବଙ୍କ କନ୍ୟା କୃଷ୍ଣାର ଶତ୍ରୁ କୃଷ୍ଣଦେବରାୟଙ୍କ ନିକଟରେ ଆତ୍ମସମର୍ପଣ ଓ ରାଜକୁମାରୀ କୃଷ୍ଣାର ମୃତ୍ୟୁରେ ହିଁ 'ଉତ୍କଳ ଗୌରବ' ନାଟକର ପରିଣତି । ଏ ନାଟକରେ ବର୍ଣ୍ଣିତ ଘଟଣା ଇତିହାସ ସମ୍ମତ ନୁହେଁ । ଏପରି ଅବାସ୍ତବ କାଳ୍ପନିକ କଥାବସ୍ତୁ ଉତ୍କଳର ଗୌରବ ବୃଦ୍ଧିରେ ସହାୟକ ନୁହେଁ ବୋଲି କହି ଅଶ୍ୱିନୀ କୁମାରଙ୍କୁ ବହୁ ସମାଲୋଚନା ମଧ୍ୟକରାଯାଇଛି । ସୁବର୍ଣ୍ଣ କେଶରୀ ଓ ଚୋଡ଼ଗଙ୍ଗଦେବଙ୍କ ଐତିହାସିକ ସଂଘର୍ଷକୁ ଭିତ୍ତିକରି 'କେଶରୀଗଙ୍ଗ'ନାଟକ ରଚିତ । ଏହି ଦୁଇ ରାଜାଙ୍କର ମିଥ୍ୟା ଅହମିକା ଯୋଗୁ ଆରମ୍ଭ ହୋଇଥିବା ଯୁଦ୍ଧରେ ନିରୀହ ପ୍ରଜାମାନଙ୍କର ରକ୍ତକ୍ଷୟ ସୁବର୍ଣ୍ଣ କେଶରୀଙ୍କ ତନୟା ନନ୍ଦିକାକୁ ବ୍ୟଥିତ କରିଛି । ନାଟ୍ୟକାର ଏଠାରେ ଘୃଣା ଓ ହିଂସ୍ରତା ପରିବର୍ତ୍ତେ ଏକ ପ୍ରେମ ଓ ସ୍ନେହମୟ ସଂସାରର ସ୍ୱପ୍ନ ଦେଖିଛନ୍ତି ।

ଦେଶ ଓ ଜାତି ପାଇଁ ଧର୍ମପଦର ଆତ୍ମତ୍ୟାଗର କାହାଣୀ 'କୋଣାର୍କ' ନାଟକର ମୁଖ୍ୟ ଉପଜୀବ୍ୟ । ଏହି ନାଟକର ମୁଖ୍ୟ ନାୟକ ଧର୍ମପଦ ନହୋଇ ହୋଇଛି ବିଶୁ ମହାରଣା । ପୁତ୍ର ଶୋକରେ ଅଧୀର ହୋଇ ଶେଷରେ ମୃତ୍ୟୁବରଣ କରିଥିବା ଏହି ଚରିତ୍ରଟି ଦର୍ଶକଙ୍କ ସହାନୁଭୂତି ଆକର୍ଷଣ କରେ । ନାଟକରେ ସ୍ଥାନିତ ଶିଳ୍ପୀଙ୍କର ଅର୍ନ୍ତଦ୍ୱନ୍ଦ୍ୱ ନାଟକକୁ ଗତିଶୀଳ କରାଇଛି । ଏହା ଏକ ଦୁଃଖାନ୍ତ ନାଟକ । ଏହି ନାଟକକୁ ଅଶ୍ୱିନୀକୁମାରଙ୍କ ଶ୍ରେଷ୍ଠ ନାଟକର ସ୍ୱୀକୃତି ଦିଆଯାଇପାରେ । ଚକ୍ରଧର ମହାପାତ୍ରଙ୍କ ବଳାଙ୍ଗୀ ଉପନ୍ୟାସ ଆଧାରରେ 'ଓଡ଼ିଆ ଝିଅ' ନାଟକ ରଚିତ । ନରସିଂହପୁର ଓ ଅନୁଗୁଳ ରାଜ୍ୟ ମଧ୍ୟରେ ଥିବା ପୁରୁଣା ଶତ୍ରୁତାକୁ ବଳାଙ୍ଗୀ ମିତ୍ରତାରେ ପରିଣତ କରିଛି ଏବଂ ଏଥିପାଇଁ କିପରି ନିଜକୁ ଉତ୍ସର୍ଗ କରିବାକୁ ପଡ଼ିଛି ତାହା ଏହି ନାଟକରେ ରୂପାୟିତ । ଏହି ନାଟକଟି ଅଶ୍ୱିନୀକୁମାରଙ୍କ ଅନ୍ୟ ନାଟକଗୁଡ଼ିକ ପରି ସଫଳ ହୋଇପାରି ନାହିଁ ।

ସମ୍ବଲପୁର ରାଜା ଅଭୟ ସିଂହଙ୍କ ସହିତ ନାଗପୁର ଭେନ୍‌ସଲାଙ୍କ ଯୁଦ୍ଧକୁ କେନ୍ଦ୍ରକରି 'ସମଲେଶ୍ୱରୀ' ନାଟକ ରଚିତ । ନାଟ୍ୟକାର ଏଥିରେ ଓଡ଼ିଆ ଜାତିର ବୀରତ୍ୱର ପ୍ରଶଂସାରେ କିପରି ଶତମୁଖ ହୋଇଛନ୍ତି ତାହା ନାଟ୍ୟ ଚରିତ୍ର ଅରୁଣାର ସଂଳାପରୁ ଜଣାଯାଏ । "ଅରୁଣା-କି ଉନ୍ନତ ଜାତି ଏହି ଓଡ଼ିଆ, ବାବା ! ଯେଉଁମାନଙ୍କର ଶିଳ୍ପଚାତୁର୍ଯ୍ୟ - ରଣ ପାଣ୍ଡିତ୍ୟ, ବୀର୍ଯ୍ୟ ଶୌର୍ଯ୍ୟ - ଶମ୍ଭୁଜୀଙ୍କଠାରୁ ଶୁଣୁ ଶୁଣୁ ମୁଁ ଆତ୍ମଜ୍ଞାନଶୂନ୍ୟ ହୋଇପଡ଼େ; ଯେଉଁମାନଙ୍କର ଭୁବନ ବିଜୟୀ ସୁବର୍ଣ୍ଣ କେଶରୀ, ପୁରୁଷୋତ୍ତମ ଦେବ ପ୍ରଭୃତିଙ୍କର ବୀରକାହାଣୀ ଅଦ୍ୟପି ମୋର କର୍ଣ୍ଣ କୁହରରେ ବିଧ୍ୱନିତ ହେଉଅଛି x x x । ଏହି ପରାକ୍ରାନ୍ତ ଜାତି ସଙ୍ଗେ ଆମ୍ଭେମାନେ ପ୍ରତିଦ୍ୱନ୍ଦ୍ୱିତା ଆଚରଣ କଲେ, କେବେ କି ଜୟୀ ହେବୁ ?" ଏଥିରୁ ନାଟ୍ୟକାରଙ୍କର ଜାତୀୟତା ପ୍ରୀତିର ସୂଚନା ମିଳେ । ସମ୍ବଲପୁରୀ ଆଞ୍ଚଳିକ ଭାଷାର ସଂଳାପର ବ୍ୟବହାର ନାଟକଟିକୁ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ କରେ ।

ରାଜା ଅନଙ୍ଗଭୀମ ଦେବ ଓ ଧନୁଆ ପାଇକ ଦୁଇଜଣ ଫୁଲନାମ୍ନୀ କନ୍ୟାକୁ ପ୍ରେମ କରିବା ଘଟଣାକୁ ଆଧାର କରି 'ପାଇକ ପୁଅ' ନାଟକ ରଚିତ । 'ତାଜମହଲ' ନାଟକରେ ଶାହଜାହାନଙ୍କର ତାଜମହଲ ନିର୍ମାଣ ପରେ ମମତାଜଙ୍କ ପୂର୍ବତନ ପ୍ରେମିକ ସିରାଜ ସମ୍ବନ୍ଧରେ ଜାଣିବାପରେ ଶାହଜାହାନଙ୍କ ଠାରେ ଦେଖାଦେଇଥିବା ମାନସିକ ଆଲୋଡ଼ନ ହୃଦୟସ୍ପର୍ଶୀ ଭାବେ ପ୍ରକାଶିତ ।

ଅଶ୍ୱିନୀକୁମାରଙ୍କ ଐତିହାସିକ ନାଟକଗୁଡ଼ିକରେ ଐତିହାସିକ ତଥ୍ୟ ଅଳ୍ପ ପରିମାଣରେ ଥିବାରୁ ତାକୁ ଅର୍ଦ୍ଧ ଐତିହାସିକ ନାଟକ କୁହାଯାଇପାରେ । ସେ ଐତିହାସିକ ସତ୍ୟଠାରୁ ବିଚ୍ଛିନନ ହୋଇ କାବ୍ୟିକ ସତ୍ୟ ପ୍ରତି ଅଧିକ ଆଗ୍ରହ ପ୍ରକାଶ କରିଛନ୍ତି। ସଂଳାପ ଦୀର୍ଘ ହେଲେ ମଧ୍ୟସୁପରିଚିତ କଥାବସ୍ତୁ, ଚରିତ୍ର ଚିତ୍ରଣରେ ବଳିଷ୍ଠତା ଓ ଦ୍ୱନ୍ଦ୍ୱ ସଂଘାତମୟ ଘଟଣାର ସଂଯୋଜନା ଅଶ୍ୱିନୀକୁମାରଙ୍କୁ ବିଶେଷ ସଫଳତା ଆଣିଦେଇଛି । ପୌରାଣିକ ଓ ସାମାଜିକ ନାଟକ ଅପେକ୍ଷା ଅଶ୍ୱିନୀକୁମାରଙ୍କ ଐତିହାସିକ ନାଟକ ଅଧିକସଫଳ। ଅଶ୍ୱିନୀକୁମାର ନାଟକଗୁଡ଼ିକରେ ଓଡ଼ିଆ ଜାତିର ଗୌରବ ଗାନ ପାଇଁ ଯେଉଁଠାରେ ସୁଯୋଗ ପାଇଛନ୍ତି ସେଠାରେ ସେ ଓଡ଼ିଆଜାତିର ପ୍ରଶଂସାରେ ଶତମୁଖ ହୋଇ ଉଠିଛନ୍ତି । ତାଙ୍କ ନାଟକାବଳୀର ଏକ ବୈଶିଷ୍ଟ୍ୟ ହେଉଛି ରୋମାଣ୍ଟିକ୍ ଜାତୀୟତା ବାଦ ।

## ୧.୬ ଆଦିପର୍ଯ୍ୟାୟ ନାଟକର ବୈଶିଷ୍ଟ୍ୟ

ପ୍ରାଥମିକ କାଳର ନାଟ୍ୟକାରମାନେ ପ୍ରାୟତଃ ଇଂରାଜୀଶିକ୍ଷିତ ହୋଇଥିବାରୁ ବିଶେଷତଃ ସେକ୍ସପୀୟରୀୟ ନାଟକର ପ୍ରଭାବ ପରିଲକ୍ଷିତ ହେଲେ ମଧ୍ୟମୌଳିକ ଶୈଳୀଟି ସଂସ୍କୃତ ନାଟ୍ୟ ପରଂପରା ଓ ଲୋକନାଟ୍ୟ ପରଂପରାରୁ ଗୃହୀତ । ସଂସ୍କୃତ ନାଟ୍ୟରୀତି ଅନୁସାରେ ଅଧିକାଂଶ ନାଟକର ଆରମ୍ଭରେ ପ୍ରସ୍ତବନା ଦୃଶ୍ୟ ପରିଲକ୍ଷିତ । ପ୍ରସ୍ତାବନା ଦୃଶ୍ୟରେ ସୂତ୍ରଧର ଓ ନଟନଟୀଙ୍କ ଆଗମନ ଏବଂ ସେମାନଙ୍କ କାର୍ଯ୍ୟକଳାପ ଓ କଥୋପକଥନ ଦେଖାଯାଏ । ସେମାନେ ସାଧୁସ୍ତୁତି ଓ ଖଳନିନ୍ଦା କରିବା ପରେ ନାଟକ ଓ ନାଟ୍ୟକାରଙ୍କ ପରିଚୟ ଦେଇ ମଞ୍ଚରୁ ବିଦାୟ ନିଅନ୍ତି। ଲୋକନାଟ୍ୟ ଶୈଳୀରେ ସୁଆଙ୍ଗ ସୁଲଭ ହାସ୍ୟରସ ଓ ସଙ୍ଗୀତ ବହୁଳତା ଦେଖାଯାଏ । ସେକ୍ସପିୟରୀୟ ନାଟକର କୋରସ୍ ଭଳି ଅଦୃଶ୍ୟ କୁମାରୀଙ୍କ ସଂଗୀତ ପ୍ରୟୋଗ ହୋଇଛି ।

ଏଇ ସମୟର ନାଟକର କଥାବସ୍ତୁ ମୁଖ୍ୟତଃ ପୌରାଣିକ, କାଳ୍ପନିକ, ଐତିହାସିକ ବା ସମାଜ ସଂସ୍କାରମୂଳକ। ସାଧାରଣ ଗ୍ରାମବାସୀଙ୍କ ମନରେ ଧର୍ମ ଓ ପୁରାଣ ପ୍ରତି ଗଭୀର ଅନୁରକ୍ତି ରହିଥିବାରୁ ବେଶୀଭାଗ ପୌରାଣିକ ନାଟକ ଦେଖାଯାଏ । ଐତିହାସିକ ନାଟକ ମାଧ୍ୟମରେ ଜାତୀୟତା ଜାଗରଣର ପ୍ରୟାସ କରିଛନ୍ତି । ପୌରାଣିକ, ଐତିହାସିକ ତଥା କାଳ୍ପନିକ ନାଟକଗୁଡ଼ିକ ଦର୍ଶକଙ୍କ ରୋମାଣ୍ଟିକ୍ ତୃଷ୍ଣାକୁ ପରିତୃପ୍ତ କରିଥିବାରୁ ବିଶେଷ ଜନପ୍ରିୟତା ଲାଭ କରିଛି । ତତ୍କାଳୀନ ସମାଜ ସଂସ୍କାରମୂଳକ ନାଟକରେ ବିଶେଷତଃ ବିଧବା ପୁନର୍ବିବାହ, ବାଲ୍ୟବିବାହ, ଯୌତୁକ ପ୍ରଥା, ଜାତିପ୍ରଥା, ଛୁଆଁ ଅଛୁଆଁ ଭେଦଭାବ, ବୃଦ୍ଧମାନଙ୍କର କମ୍ ବୟସ କନ୍ୟାଙ୍କୁ ବିବାହ, ସାଧୁବାବାଜୀଙ୍କର ଭାଣ୍ଡାମି, ଅନ୍ଧବିଶ୍ୱାସ, କୁସଂସ୍କାର, ମଦ୍ୟପାନ, ପାଶ୍ଚାତ୍ୟ ସଂସ୍କୃତିର ଅନ୍ଧାନୁସରଣ, ମହାଜନ ପ୍ରଥା ପ୍ରଭୃତି ସମସ୍ୟା ସଂପର୍କରେ ସଚେତନତା ସୃଷ୍ଟିର ପ୍ରୟାସ କରାଯାଇଛି ।

ନାଟକର ମୁଖ୍ୟ ଘଟଣା ସହିତ ବହୁ ଉପଘଟଣା ରହିଥିବାରୁ ନାଟ୍ୟ ସଂରଚନା ଶିଥିଳ ଥିଲା । ନାଟକ ଗୁଡ଼ିକ ସାଧାରଣତଃ ସାହିତ୍ୟିକ ଥିଲା । ନାଟ୍ୟମାରମାନେ କାବ୍ୟଧର୍ମିତା ଉପରେ ଗୁରୁତ୍ୱ ଦେଉଥିଲେ । ଓଡ଼ିଶାର ଗୌରବଗାନ, ଚରିତ୍ରମାନଙ୍କର କ୍ରୋଧ, ଦୁଃଖ, ପ୍ରଣୟାବେଗ ପ୍ରଭୃତି ପ୍ରକାଶ ସମୟରେ ନାଟ୍ୟକାରମାନେ ଅତ୍ୟଧିକ ଦୀର୍ଘ ଆବେଗଧର୍ମୀ ସଂଳାପର ପ୍ରୟୋଗ କରିଛନ୍ତି । ଖୁବ୍ କମ୍ ସ୍ଥାନରେ ଲୌକିକ ସଂଳାପର ପ୍ରୟୋଗ ହୋଇଛି । କେତେକ ସ୍ଥଳରେ ଦୀର୍ଘ ତାତ୍ତ୍ୱିକ କଥୋପକଥନ ଯୋଗୁ ନାଟକ ପ୍ରବନ୍ଧ ଭଳି ମନେହୁଏ ।

ନାଟକଗୁଡ଼ିକ ପ୍ରାୟତଃ ଚରିତ୍ରବହୁଳ ଥିଲା । ଉଦାହରଣ ସ୍ୱରୂପ ରାଧାମୋହନ ରାଜେନ୍ଦ୍ର ଦେବଙ୍କ 'ପ୍ରକୃତି ରହସ୍ୟ' ନାଟକରେ ୫୭ଟି ଚରିତ୍ର ଦେଖାଯାଏ । ଏପରି ଚରିତ୍ର ବହୁଳତା କାରଣରୁ ମୁଖ୍ୟ ଚରିତ୍ରଗୁଡ଼ିକ ପୂର୍ଣ୍ଣ ବିକାଶଲାଭ କରିବାର ସୁଯୋଗ କରିପାରୁନଥିଲେ । ଅନେକ ସମୟରେ ଚରିତ୍ର ଚିତ୍ରଣ ଅଭାବରୁ ନାଟକ ପ୍ରଭାବହୀନ ହୋଇପଡୁଥିଲା । ସଂଗୀତ ପ୍ରୟୋଗ କ୍ଷେତ୍ରରେ ମଧନାଟ୍ୟକାରମାନେ ଅତ୍ୟଧିକ ଉଦାର ଥିଲେ । ଅଧିକାଂଶ ନାଟକରେ ସଂଗୀତ ବହୁଳତା ଦୋଷ ପରିଲକ୍ଷିତ । ଏପରିକି କେତେକ ନାଟକରେ ୫୦ରୁ ଊର୍ଦ୍ଧ୍ୱ ସଂଗୀତ ମଧଦେଖାଯାଏ । ସଙ୍ଗୀତର ଅତ୍ୟଧିକ ପ୍ରୟୋଗ କଥାବସ୍ତୁ ବିକାଶରେ ପ୍ରତିବନ୍ଧକ ହୋଇଛି ।

ନାଟକ ଗୁଡ଼ିକରେ ବହିର୍ଦ୍ୱନ୍ଦ୍ୱ ଥିଲେ ମଧଅନ୍ତର୍ଦ୍ୱନ୍ଦ୍ୱ ବହୁ କମ୍ ଥିଲା । ନାଟକୀୟ ଘଟଣାର ଦୃଢ଼ବନ୍ଧନ ନଥିବାରୁ ଦ୍ୱନ୍ଦ୍ୱଗୁଡ଼ିକ ତୀବ୍ରତା ଲାଭ କରିପାରୁ ନଥିଲା । ଅନେକ ସମୟରେ ସ୍ଥୂଳ ଓ ରୁଚିହୀନ ହାସ୍ୟରସର ପ୍ରୟୋଗ ରହିଥିଲା । ଅନେକ ସମୟରେ ଏକପ୍ରକାର କଥାବସ୍ତୁ ଓ ନାଟ୍ୟଶୈଳୀ ପ୍ରୟୋଗ ଯୋଗୁ କେତେକ ନାଟକ ବୈଚିତ୍ର୍ୟହୀନ ହୋଇଛି । ଶେଷରେ ଏତିକି କୁହାଯାଇ ପାରେ ଯେ ତତ୍କାଳୀନ ନାଟକ ସାହିତ୍ୟିକ ମର୍ଯ୍ୟାଦା ପାଇଥିଲେ ମଧମଞ୍ଚସଫଳହୋଇପାରିନାହିଁ ।

## ୧.୭ ଉପସଂହାର

ନାଟକର ଅଭ୍ୟୁଦୟ ଓ ବିକାଶ ପାଇଁ ରଙ୍ଗମଞ୍ଚର ଆବଶ୍ୟକତା ଅପରିହାର୍ଯ୍ୟ । ଏସମୟର ପ୍ରତ୍ୟେକ ନାଟ୍ୟକାର କେତେକ ସୌଖୀନ ବା ପେଶାଦାର ମଞ୍ଚ ସହିତ ସଂପୃକ୍ତ ଥିଲେ । ଜଗନ୍ମୋହନ 'ରାଧାକାନ୍ତ ରଙ୍ଗମଞ୍ଚ' ପ୍ରତିଷ୍ଠା କରିଥିବା ବେଳେ ରାମଶଙ୍କର 'କୋଠପଦା ରଙ୍ଗମଞ୍ଚ'ରେ ନିଜ ନାଟକ ଅଭିନୟ କରାଉଥିଲେ । ପଦ୍ମନାଭ ନାରାୟଣ ଦେବ ଓ ବୀରବିକ୍ରମ ଦେବ ନିଜ ନାମାନୁସାରେ ଯଥାକ୍ରମେ 'ପଦ୍ମନାଭ ରଙ୍ଗାଳୟ' ଓ 'ବିକ୍ରମଥିଏଟର' ନିର୍ମାଣ କରି ନାଟ୍ୟରଚନାରେ ବ୍ରତୀ ହୋଇଥିଲେ । କଟକ ସହରରେ ପ୍ରତିଷ୍ଠିତ – 'ବାସନ୍ତୀ' ଓ 'ଉଷା' ରଙ୍ଗମଞ୍ଚରେ ଭିକାରୀଚରଣଙ୍କ କେତେକ ନାଟକ ଅଭିନୀତ ହୋଇଥିଲା । ରାଧାମୋହନ ରାଜେନ୍ଦ୍ର ଦେବ 'ଚିକିଟୀ ରଙ୍ଗମଞ୍ଚ' ସହିତ ଜଡ଼ିତ ଥିଲେ । ପ୍ରାଥମିକ ଅବସ୍ଥାରେ ଅଶ୍ୱିନୀକୁମାରଙ୍କ ନାଟକଗୁଡ଼ିକ ବଳଙ୍ଗା 'ରାଧାକୃଷ୍ଣ ଥିଏଟର୍‌ରେ' ଅଭିନୀତ ହେଉଥିଲା । ସେ ସମୟରେ କଟକ ସହରରେ ବହୁସଂଖ୍ୟକ ସୌଖୀନ ଓ ପେଶାଦାର ରଙ୍ଗମଞ୍ଚ ପ୍ରତିଷ୍ଠା ହୋଇଥିଲା ଏବଂ ତାର ପ୍ରଭାବରେ ପୁରପଲ୍ଲୀରେ ମଧରଙ୍ଗମଞ୍ଚ ଦେଖାଦେଲା । ଏ ମଞ୍ଚଗୁଡ଼ିକ ମଧ୍ୟରୁ ଅଧିକାଂଶ ସୌଖୀନ ଦରବାରୀ ମଞ୍ଚଥିଲା, ଯାହାକି ବିଦଗ୍ଧ ସମାଜ ଲାଗି ଉଦ୍ଦିଷ୍ଟ ଥିଲା । ପେଶାଦାର ମଞ୍ଚର ଅଭାବ ଯୋଗୁ ତତ୍କାଳୀନ ଓଡ଼ିଆ ନାଟକ ପରିଣାମାତ୍ମକ ଦୃଷ୍ଟି କୋଣରୁ ସମୃଦ୍ଧ ହୋଇପାରିନଥିଲା। ୧୮୭୭ ମସିହାରେ ଓଡ଼ିଆ ନାଟକର ମୂଳଦୁଆ ପଡ଼ିଥିଲା ମାତ୍ର ୧୯୩୫ ମସିହା ପର୍ଯ୍ୟନ୍ତ

ଓଡ଼ିଆ ନାଟକର ବିକାଶ ଶିଥିଳ ଥିଲା । ନାଟ୍ୟକାରମାନେ ମଧନାଟକର ମଞ୍ଚସାଫଲ୍ୟ ଅପେକ୍ଷା ସାହିତ୍ୟିକ ମୂଲ୍ୟ ପ୍ରତି ଅଧିକ ଯତ୍ନଶୀଳ ଥିଲେ । ଏହି ସମୟରେ ରଚିତ ନାଟକଗୁଡ଼ିକ ସ୍ୱୟଂସମ୍ପୂର୍ଣ୍ଣ ଓ ମଞ୍ଚସଫଳ ନଥିଲେ ମଧନୂତନ ରୀତିର ନାଟକ ରଚନା ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିପାରିଥିଲା । ଏହାର ପରବର୍ତ୍ତୀ ଏକକରେ ଆମେ ୧୯୩୬ ମସିହାରୁ ୧୯୫୦ ମସିହା ମଧ୍ୟରେ ଓଡ଼ିଆ ନାଟକର ବିକାଶ ସଂପର୍କରେ ଆଲୋଚନା କରିବା ଏହି ସମୟରେ ରାଧାକୃଷ୍ଣ ଥିଏଟର, ବଳଙ୍ଗା ଥିଏଟର, ବନମାଳୀ ଆର୍ଟଥିଏଟର କୋଠପଦାର ମଞ୍ଚ, ଚିକିଟି ରଙ୍ଗମଞ୍ଚ, ପଦ୍ମପୁର ରଂଗାଳୟ ଭଳି ମଞ୍ଚରେ ନାଟକମାନ ଅଭିନୀତ ହୋଇଥିଲା ସାଧାରଣତଃ ରାଜା ମଠ ମହନ୍ତ ଧନୀ ବ୍ୟକ୍ତିମାନଙ୍କ ପୃଷ୍ଠପୋଷକତାରେ ଏଗୁଡ଼ିକ ଗଠି ଉଠିଥିଲା ।

୧୮୭୭ରୁ ୧୯୩୫ ମସିହା ନାଟକର ଉତ୍ପତ୍ତି ଓ ବିକାଶର ସମୟ । ଏହି ସମୟଖଣ୍ଡକୁ ଓଡ଼ିଆ ନାଟକ ବିକାଶର ଆଦିପର୍ବ କୁହାଯାଇପାରେ । ସେ ସମୟରେ ଜଗନମୋହନ ଲାଲା, ରାମଶଙ୍କର ରାୟ, ବୀର ବିକ୍ରମ ଦେବ, ଭିକାରୀଚରଣ, ପଦ୍ମନାଭ ନାରାୟଣ ଦେବ, ରାଧାମୋହନ ରାଜେନ୍ଦ୍ର ଦେବ, କାମପାଳ ମିଶ୍ର, ଗୋଦାବରୀଶ, ଅଶ୍ୱିନୀକୁମାର ପ୍ରମୁଖ ନାଟ୍ୟକାର ଓଡ଼ିଆ ନାଟ୍ୟସାହିତ୍ୟକୁ ସମୃଦ୍ଧ କରିଛନ୍ତି । ଜଗନ୍‌ମୋହନ 'ବାବାଜୀ' (୧୮୭୭) ନାଟକ ରଚନା କରି ଓଡ଼ିଆ ନାଟକର ମୂଳଦୁଆ ସ୍ଥାପନ କରିଛନ୍ତି । ଏହାର ତିନି ବର୍ଷପରେ ରାମଶଙ୍କର ପୂର୍ଣ୍ଣ ନାଟ୍ୟଗୁଣ ସଂପନ୍ନ 'କାଞ୍ଚିକାବେରୀ' ନାଟକ ରଚନା କରିଛନ୍ତି । ଏଥିରେ ଓଡ଼ିଆ ଲୋକନାଟ୍ୟରୀତି, ସଂସ୍କୃତ ନାଟ୍ୟରୀତି ଓ ସେକ୍‌ସପୀୟରୀୟ ନାଟ୍ୟରୀତିର ସମନ୍ୱୟ ହୋଇଛି । ଏହି କ୍ଲାସିକଧର୍ମୀ ନାଟକଟି ମାଇଲଖୁଣ୍ଟ ସଦୃଶ । ପରବର୍ତ୍ତୀ ନାଟ୍ୟକାରମାନେ ଅଳ୍ପବହୁତେ ରାମଶଙ୍କରଙ୍କଦ୍ୱାରା ପ୍ରଭାବିତ ।

କାମପାଳ ମିଶ୍ରଙ୍କ 'ସୀତାବିବାହ' (୧୯୯୯) ନାଟକ ପରବର୍ତ୍ତୀ ସମୟରେ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ହେବାର ସୌଭାଗ୍ୟ ଲାଭ କରିଛି । କାମପାଳ ମିଶ୍ରଙ୍କ ନାଟକ ତାଙ୍କର ପୂର୍ବସୂରୀଙ୍କଠାରୁ ଅଧିକ ବାସ୍ତବ ଓ ସ୍ୱଚ୍ଛଳ ଥିଲା । ପଦ୍ମନାଭ ନାରାୟଣ ଦେବ ଓ ରାଧାମୋହନ ରାଜେନ୍ଦ୍ରଦେବ ସଂପୂର୍ଣ୍ଣ ଭାବେ ସଂସ୍କୃତ ନାଟ୍ୟରୀତିର ଅନୁସରଣ କରିଛନ୍ତି । ପଦ୍ମନାଭ ନାରାୟଣଦେବ କେବଳ ପୌରାଣିକ ନାଟକ ରଚନା କରିଛନ୍ତି । ନାଟ୍ୟକାର ଭିକାରୀଚରଣ ନାଟ୍ୟବସ୍ତୁ ଓ ଶୈଳୀ ଦୃଷ୍ଟିରୁ ରାମଶଙ୍କରଙ୍କର ଯଥାର୍ଥ ଉତ୍ତରାଧିକାରୀ ଥିଲେ । ତାଙ୍କ ନାଟକର କଥାବସ୍ତୁରେ ମଧବ୍ୟାପକତା ଦେଖାଯାଏ । ସତ୍ୟବାଦୀ ସାଧକ ଗୋଦାବରୀଶ ମିଶ୍ର ସଂପୂର୍ଣ୍ଣ ଭାବେ ସଂସ୍କୃତ ଶୈଳୀ ବର୍ଜିତ ଆଧୁନିକଧର୍ମୀ ଦୁଇଟି ଐତିହାସିକ ନାଟକ ରଚନା କରିଛନ୍ତି । ଅଶ୍ୱିନୀକୁମାର ୧୯୩୫ ମସିହା ପୂର୍ବରୁ କେବଳ ପୌରାଣିକ ଓ ଐତିହାସିକ ନାଟକ ରଚନା କରିଛନ୍ତି । ଉପରୋକ୍ତ ନାଟ୍ୟକାରମାନେ ଯେଉଁ ନାଟକମାନ ରଚନା କରିଥିଲେ ତାହା ମଧ୍ୟରୁ ଅଧିକାଂଶ ଦରବାରୀ ଏବଂ ସୌଖୀନ ମଞ୍ଚରେ ଅଭିନୀତ ହୋଇଥିଲା । ବ୍ୟବସାୟୀ ମଞ୍ଚରେ ଖୁବ୍ ନାଟକ ଅଭିନୀତ ହୋଇଥିଲା । ବ୍ୟବସାୟୀ ମଞ୍ଚର ଅଭାବ ନାଟକର ସଂଖ୍ୟାତ୍ମକ ଅଭିବୃଦ୍ଧିରେ ବାଧା ସାଜିଥିଲା । ମୁଖ୍ୟ ଘଟଣା ସହିତ ବହୁ ଉପଘଟଣାର ସମାବେଶ, କଥାବସ୍ତୁର ଗୁମ୍ଫନରେ ଶିଥିଳତା, ସଂଗୀତ ବହୁଳତା, ଚରିତ୍ର ବହୁଳତା, ଦୀର୍ଘ ସଂଳାପ ପ୍ରଭୃତି ଦୋଷଦୁର୍ବଳତା ସତ୍ତ୍ୱେ ତତ୍‌କାଳୀନ ନାଟକ ଯେ ଓଡ଼ିଶାର ଜନସାଧାରଣଙ୍କୁ ଆଧୁନିକ ନାଟକର ସ୍ୱାଦ ଚଖାଇଥିଲା ଏବଂ ପରବର୍ତ୍ତୀ ସମୟରେ ସ୍ୱୟଂସଂପୂର୍ଣ୍ଣ ନାଟକ ରଚନା ପାଇଁ ପଥ ପରିଷ୍କାର କରିଥିଲା ତାହା ଅସ୍ୱୀକାର କରାଯାଇ ପାରିବ ନାହିଁ ।

## ୧.୮ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### (୧) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ

କ) ସୀତା ବିବାହ ନାଟକରେ ନାଟ୍ୟକାର କିଏ ଏବଂ ଏହାର ରଚନା ସମୟ କେବେ?

ଖ) ଗୋଦାବରୀଶ ମିଶ୍ରଙ୍କ ଦ୍ୱାରା ଲିଖିତ ନାଟକଗୁଡ଼ିକର ନାମ ଲେଖ।

ଗ) ସଂକ୍ଷିପ୍ତ ଟୀପ୍ପଣୀ ଲେଖ – 'ବାବାଜୀ' 'କୋଣାର୍କ'

ଘ) ଭିକାରୀ ଚରଣଙ୍କ ଦ୍ୱାରା ରଚିତ ସାମାଜିକ ନାଟକ ଗୁଡ଼ିକ ନାମ ଲେଖ।

ଙ) ଆଦି ପର୍ଯ୍ୟାୟରେ ରଚିତ ନାଟକର ବୈଶିଷ୍ଟ ସଂକ୍ଷେପରେ ଲେଖ।

### (୨) ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ

କ) ୧୯୩୫ ମସିହା ପୂର୍ବବର୍ତ୍ତୀ ଓଡ଼ିଆ ନାଟକର ବିକାଶ ଦର୍ଶାଅ ।

ଖ) ୧୯୩୫ ମସିହା ପୂର୍ବବର୍ତ୍ତୀ ପ୍ରମୁଖ ଓଡ଼ିଆ ନାଟ୍ୟକାର ଏବଂ ସେମାନଙ୍କ ନାଟକ ବିଷୟରେ ଆଲୋଚନା କର ।

ଗ) ଆଦିପର୍ଯ୍ୟାୟରେ ରଚିତ ଓଡ଼ିଆ ନାଟକର ପୃଷ୍ଠଭୂମି ଓ ବୈଶିଷ୍ଟ୍ୟ ସଂପର୍କରେ ଆଲୋଚନା କର ।

ଘ) ୧୯୩୫ ମସିହା ପୂର୍ବବର୍ତ୍ତୀ ଓଡ଼ିଆ ନାଟକର କଥାବସ୍ତୁଗତ ବୈଚିତ୍ର୍ୟ ସଂପର୍କରେ ଆଲୋଚନା କର ।

ଙ) ଆଦିପର୍ଯ୍ୟାୟର ରଚିତ ଓଡ଼ିଆ ପୌରାଣିକ ନାଟକ ସଂପର୍କରେ ଏକ ବିସ୍ତୃତ ବିବରଣୀ ଦିଅ ।

ଚ) ଆଦିପର୍ଯ୍ୟାୟର ଓଡ଼ିଆ ଐତିହାସିକ ନାଟକର ବିକାଶ ଦର୍ଶାଅ ।

ଛ) ପ୍ରାଥମିକ ପର୍ଯ୍ୟାୟରେ ରଚିତ ଓଡ଼ିଆ ନାଟକ ଅବଲମ୍ବନରେ ତତ୍‌କାଳୀନ ସମାଜର ଚିତ୍ର ପ୍ରଦାନ କର ।

## ୧.୯ ସହାୟକ ଗ୍ରନ୍ଥସୂଚୀ


- ଦାସ, ହେମନ୍ତ କୁମାର –ଓଡ଼ିଆ ନାଟକ ଓ ରଙ୍ଗମଞ୍ଚ (ଓଡ଼ିଶା ବୁକ୍‌ଷ୍ଟୋର, କଟକ-୨,୨୦୦୦)
  - ଓଡ଼ିଆ ମଞ୍ଚ ପରିକ୍ରମା (ଏସ୍.ବି.ପବ୍ଲିକେଶନ୍, କଟକ-୨, ୧୯୯୬)
  - ଓଡ଼ିଆ ନାଟ୍ୟ ସାହିତ୍ୟର ବିକାଶଧାରା (ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ୧୯୮୧)
  - ଓଡ଼ିଆ ନାଟକ ଉଦ୍ଭବ ଓ ବିକାଶ (ଓଡ଼ିଶା ବୁକ୍‌ଷ୍ଟୋର)
- ଚଇନି, ରତ୍ନାକର – ଓଡ଼ିଆ ନାଟକର ଉଦ୍ଭବ ଓ ବିକାଶ (ବୁକ୍‌ସ ଏଣ୍ଡ ବୁକ୍‌ସ, କଟକ –୨)
- ହରିଚନ୍ଦନ, ନୀଳାଦ୍ରି ଭୂଷଣ – ଓଡ଼ିଆ ନାଟକର ଇତିହାସ (ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ –୨)
- ଦାସ, ସର୍ବେଶ୍ୱର – ଓଡ଼ିଆ ନାଟ୍ୟ ସାହିତ୍ୟ (ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା)
- ନାୟକ, ରବି – ଓଡ଼ିଆ ନାଟ୍ୟ ସାହିତ୍ୟର ସଂକ୍ଷିପ୍ତ ଇତିବୃତ୍ତ (ଫ୍ରେଣ୍ଡସ୍ ପବ୍ଲିଶର୍ସ, ୧୯୯୩)

# ଦ୍ୱିତୀୟ ଏକକ

# ଓଡ଼ିଆ ନାଟକର ବିକାଶକ୍ରମ : ୧୯୩୬ ରୁ ୧୯୫୦

**ବିଷୟ ଗଠନ :**

୨.୧ ପଠନର ଉଦ୍ଦେଶ୍ୟ
୨.୨ ଶିକ୍ଷଣୀୟ ବିଷୟ
୨.୩ ବିଷୟ ପ୍ରବେଶ
୨.୪ ୧୯୩୬ ରୁ ୧୯୫୦ ମଧ୍ୟରେ ରଚିତ ଓଡ଼ିଆ ନାଟକର ପୃଷ୍ଠଭୂମି
୨.୫ ପ୍ରମୁଖ ନାଟ୍ୟକାର (୧୯୩୬ -୧୯୫୦)
୨.୬ ସେଦିନର ଉଦୀୟମାନ ନାଟ୍ୟପ୍ରତିଭା
୨.୭ ୧୯୩୬ ରୁ ୧୯୫୦ ମଧ୍ୟରେ ରଚିତ ନାଟକର ଭାବଧର୍ମ
୨.୮ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୨.୯ ସହାୟକ ଗ୍ରନ୍ଥସୂଚୀ

## ୨.୧ ପଠନର ଉଦ୍ଦେଶ୍ୟ

୧୯୩୬ ମସିହାରୁ ୧୯୫୦ ମସିହା ପର୍ଯ୍ୟନ୍ତ ସମୟଖଣ୍ଡ ଓଡ଼ିଆ ନାଟକ ପାଇଁ ଯଥାର୍ଥରେ ସୁବର୍ଣ୍ଣଯୁଗ ଥିଲା । ଏ ସମୟରେ ଓଡ଼ିଆ ନାଟକର ଉଭୟ ଗୁଣାତ୍ମକ ଓ ପରିମାଣାତ୍ମକ ଦୃଷ୍ଟିକୋଣରୁ ଆଶାତୀତ ଅଭିବୃଦ୍ଧି ଘଟିଥିଲା । ବ୍ୟବସାୟୀ ମଞ୍ଚର ବିକାଶ ସହିତ ବହୁ ସଫଳ ମଞ୍ଚ ନାଟକ ଦେଖିବାକୁ ମିଳିଥିଲା । ଏହି ଏକକ ପାଠକରିବା ଦ୍ୱାରା ବିଦ୍ୟାର୍ଥୀଙ୍କର ନିମ୍ନୋକ୍ତ ଉଦ୍ଦେଶ୍ୟ ସାଧିତ ହୋଇପାରିବ ।

## ୨.୨ ଶିକ୍ଷଣୀୟ ବିଷୟ

- ୧୯୩୬ ମସିହାଠାରୁ ୧୯୫୦ ମସିହା ମଧ୍ୟରେ ରଚିତ ନାଟକଗୁଡ଼ିକର ବିକାଶ ଓ ଆଭିମୁଖ୍ୟ ସଂପର୍କରେ ଜାଣିବେ ।
- ବିଭିନ୍ନ ବ୍ୟବସାୟୀ ବା ପେସଦାର ରଙ୍ଗମଞ୍ଚର ବିକାଶ ସହିତ ବିଶେଷକରି ସାମାଜିକ ନାଟକର ସଫଳ ପ୍ରଦର୍ଶନ ସଂପର୍କରେ ଧାରଣା ହେବ ।
- ନାଟକର ପ୍ରଥମ ପର୍ଯ୍ୟାୟରେ ଦେଖାଦେଇଥିବା ଦୋଷ ଦୁର୍ବଳତାଗୁଡ଼ିକ ଏହି ସମୟ ବେଳକୁ କିପରିଧୀରେଧୀରେ ଅପସରି ଯାଇଛି ତାହା ଜାଣିବେ ।
- ପୌରାଣିକ ଓ ଐତିହାସିକ ନାଟକର ସଂଖ୍ୟାରେ ହ୍ରାସ ଘଟି ସାମାଜିକ ନାଟକର ଗୁରୁତ୍ୱ କିପରି ବୃଦ୍ଧିପାଇଛି ତାହା ଲକ୍ଷ୍ୟ କରିବେ ।

## ୨.୩ ବିଷୟ ପ୍ରବେଶ

୧୯୩୬ ମସିହାରୁ ୧୯୫୦ ମସିହା ସମୟଖଣ୍ଡ ଓଡ଼ିଆ ନାଟକ ପାଇଁ ନୂତନତାର ବାର୍ତ୍ତାବହ ଥିଲା । ଓଡ଼ିଆ ନାଟକ ଓ ମଞ୍ଚ ଏହି ୧୫ବର୍ଷରେ ଲୋକପ୍ରିୟତାର ଚରମସୀମାରେ ପହଞ୍ଚିପାରିଛି । ଏହି ସମୟକୁ ସାମାଜିକ ଯୁଗ ବୋଲି ମଧ୍ୟ କୁହାଯାଇପାରେ । କାରଣ ଏହି ସମୟରେ ଓଡ଼ିଆ ନାଟକ ପୌରାଣିକ ଓ ଐତିହାସିକ କଥାବସ୍ତୁରୁ ମୁକ୍ତ ହୋଇ ସାମାଜିକ କଥାବସ୍ତୁ ଆଡ଼କୁ ମୁହାଁଇଛି । ୧୮୭୭ ମସିହାରୁ ୧୯୩୫ ମସିହା ପର୍ଯ୍ୟନ୍ତ ସମୟ ଓଡ଼ିଆ ନାଟକର ସୃଷ୍ଟି ଓ ଆତ୍ମପ୍ରତିଷ୍ଠାର ସମୟ । ୧୯୩୬ ମସିହାଠାରୁ ଓଡ଼ିଆ ନାଟକର ଯଥାର୍ଥ ବିକାଶ ଆରମ୍ଭ ହୋଇଛି । ନୂଆନୂଆ ବ୍ୟବସାୟୀ ମଞ୍ଚର ଆତ୍ମପ୍ରକାଶ ଘଟିଛି ଏବଂ ସେଗୁଡ଼ିକୁ ବଞ୍ଚାଇ ରଖିବା ପାଇଁ ନାଟ୍ୟକାରମାନେ ନିୟମିତ ନାଟକ ରଚନା କରିଛନ୍ତି । ଯାହାଫଳରେ ଓଡ଼ିଆ ନାଟକ ଉଭୟ ଗୁଣାତ୍ମକ ଓ ପରିଣାମାତ୍ମକ ଦୃଷ୍ଟିକୋଣରୁ ସମୃଦ୍ଧ ହୋଇଛି ।

ଏହା ପୂର୍ବରୁ ଯେଉଁ ସାମାଜିକ ନାଟକ ରଚିତ ହୋଇଛି ତାହା ସମାଜ ଜୀବନ ସହିତ ଯୋଗସୂତ୍ର ସ୍ଥାପନ କରିପାରିନାହିଁ । ଆଲୋଚିତ କାଳରେ ସ୍ୱାଭାବିକ ଶୈଳୀରେ ରଚିତ ସାମାଜିକ ନାଟକଗୁଡ଼ିକ ବହୁଜନାଦୃତ ହୋଇଛି । ପାରିବାରିକ କାହାଣୀ ମାଧ୍ୟମରେ ସାମାଜିକ ସମସ୍ୟାଗୁଡ଼ିକ ଆତ୍ମପ୍ରକାଶ କରିଛି । ପ୍ରଥମ ପର୍ଯ୍ୟାୟରେ ଦେଖାଦେଇଥିବା ଦୋଷଦୁର୍ବଳତା ଗୁଡ଼ିକ ଧୀରେ ଧୀରେ ଅପସରି ଯାଇଛି । ନାଟକ ସାଧାରଣ ଦର୍ଶକଙ୍କର ନିକଟତର ହୋଇଛି । ବ୍ୟବସାୟୀ ମଞ୍ଚରେ ଅଭିନୟ ପାଇଁ ନାଟକ ରଚନା କରାଯାଉଥିବାରୁ ନାଟକର ମନୋରଞ୍ଜନ ଧର୍ମୀତା ଉପରେ ଗରୁତ୍ୱ ଦିଆଯାଇଛି । ଦର୍ଶକଙ୍କୁ ମଞ୍ଚ ନିକଟରେ ବାନ୍ଧିରଖିବା ପାଇଁ ନାଟ୍ୟକାର ବିଭିନ୍ନ ପ୍ରୟାସ କରିଛି । ନାଟକ ଦ୍ୱନ୍ଦ୍ୱ ଉତ୍କଣ୍ଠାଧର୍ମୀ ହୋଇଛି । ଅଭିନେତ୍ରୀ ମଞ୍ଚକୁ ଓହ୍ଲାଇଛନ୍ତି । କଥାବସ୍ତୁ, ଚରିତ୍ର, ସଂଗୀତ, ସଂଳାପ, ନାଟ୍ୟଶୈଳୀ ପ୍ରଭୃତି କ୍ଷେତ୍ରରେ ସଂସ୍କାର ଆସିଛି । ନୃତ୍ୟ, ସଂଗୀତ ଓ ହାସ୍ୟରସର ପ୍ରୟୋଗ ମାଧ୍ୟମରେ ନାଟକକୁ ଅଧିକ ମନୋରଞ୍ଜନଧର୍ମୀ କରାଯାଇଛି ।

## ୨.୪ ୧୯୩୬ ରୁ ୧୯୫୦ ମଧ୍ୟରେ ରଚିତ ଓଡ଼ିଆ ନାଟକର ପୃଷ୍ଠଭୂମି

୧୯୧୭ ମସିହାରେ ଋଷିଆରେ ସଂଗଠିତ ଅକ୍ଟୋବର ବିପ୍ଳବ ସମଗ୍ର ବିଶ୍ୱରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ଋଷ୍‌ର ଜନସାଧାରଣଙ୍କ ବିପ୍ଳବ ସମ୍ମୁଖରେ ନାଜୀ ବାହିନୀ ପରାଜୟ ସ୍ୱୀକାର କଲା । ପୁଞ୍ଜିପତି ଶୋଷକ ଶ୍ରେଣୀ ବିରୋଧରେ ଶୋଷିତ ଶ୍ରମିକ ଶ୍ରେଣୀ ସଂଗଠିତ ହୋଇ ନିଜର ଅଧିକାର ପ୍ରାପ୍ତି ପାଇଁ ବିପ୍ଳବ ଆରମ୍ଭ କଲେ । ଋଷ୍‌ର ସାହିତ୍ୟିକମାନେ ମଧ୍ୟ ସମାଜ ଗଠନ ପାଇଁ ବିପ୍ଳବୀ ଭୂମିକା ଗ୍ରହଣ କରିଥିଲେ । ଲେନିନ୍‌ଙ୍କ ଆଦର୍ଶଦ୍ୱାରା ପ୍ରଭାବିତ ଏହି ବିପ୍ଳବ ଥିଲା ମୁଖ୍ୟତଃ ସ୍ୱେଚ୍ଛାଚାରୀ ଧନୀଗୋଷ୍ଠୀଙ୍କ ବିରୋଧରେ । ଲେନିନ୍ ପ୍ରଥମେ ସାହିତ୍ୟ ଶ୍ରମିକ ଗୋଷ୍ଠୀଙ୍କର ବୋଲି ଦାବି କରିଥିଲେ । କାର୍ଲମାକ୍ସ କହିଥିଲେ ଯେ ସମାଜ ବ୍ୟଷ୍ଟିର ନୁହେଁ ଗୋଷ୍ଠୀର । ମାର୍କସ ଓ ଲେନିନ୍‌ଙ୍କ ଚିନ୍ତାଧାରା ବିଶ୍ୱରେ ପରିବର୍ତ୍ତନର ସୂତ୍ରପାତ କରିଥିଲା । କାର୍ଲମାକ୍ସ ପ୍ରଥମେ ସମାଜରେ ପରିବର୍ତ୍ତନ ପାଇଁ ସମ୍ପତ୍ତିରୁ ବ୍ୟକ୍ତିଗତ ମାଲିକାନାର ଉଚ୍ଛେଦ ନିମିତ୍ତ ମତ ଦେଇଥିଲେ । ଋଷ୍ ବିପ୍ଳବର ପ୍ରଭାବ ସମଗ୍ର ବିଶ୍ୱସହିତ ଭାରତକୁ ମଧ୍ୟ ଆଲୋଡ଼ିତ କରିଥିଲା ।

୧୮୫୦ ମସିହାଠାରୁ ୧୯୧୪ ମସିହା ପର୍ଯ୍ୟନ୍ତ ଅର୍ଥାତ୍ ପ୍ରଥମ ବିଶ୍ୱଯୁଦ୍ଧ ପର୍ଯ୍ୟନ୍ତ ସମୟ ହେଉଛି ଭାରତବର୍ଷରେ ପୁଞ୍ଜିବାଦର ଜନ୍ମ ଓ ବିକାଶର ସମୟ । ଇଂରେଜମାନେ ଭାରତରୁ କଞ୍ଚାମାଲ ନେଇ ବିଭିନ୍ନ ସାମଗ୍ରୀ ତିଆରି କରି ପୁଣି ଭାରତରେ ବିକିବାକୁ ଲାଗିଲେ । ଫଳରେ ଭାରତର କୁଟୀରଶିଳ୍ପ ବହୁଳ ଭାବେ କ୍ଷତିଗ୍ରସ୍ତ ହେଲା । ଇଂରେଜମାନଙ୍କଦ୍ୱାରା ଔଦ୍ୟୋଗିକ ବିକାଶ ଘଟିବାରୁ ବିଦେଶୀ ପୁଞ୍ଜିବାଦର କର୍ତ୍ତୃତ୍ୱ ପ୍ରତିଷ୍ଠିତ ହେବା ସହିତ ଭାରତ ମାଟିରେ ଏକ ନବୋଦିତ ପୁଞ୍ଜିବାଦୀ ଗୋଷ୍ଠୀର ଆବିର୍ଭାବ ହେଲା । ଫଳରେ ବିଦେଶୀ ପୁଞ୍ଜିବାଦୀ ଓ ସ୍ୱଦେଶୀ ପୁଞ୍ଜିବାଦୀ ମଧ୍ୟରେ ସଂଘର୍ଷ ମଧ୍ୟରେ ସଂପର୍କ ଦେଖାଦେଲା । ୧୯୦୪ ମସିହାରେ ଋଷିଆ ଓ ଜାପାନ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବାରୁ ଭାରତୀୟ ପୁଞ୍ଜିପତିମାନେ ଏଥିରୁ ବ୍ୟାପକ ସୁଯୋଗ ନେଲେ । ଚୀନ୍ ବଜାରକୁ ଜାପାନରୁ ବସ୍ତ୍ର ନ ଆସି ଭାରତରୁ ରପ୍ତାନୀ ହେଲା । ଏ ସମୟରେ ମାଳୟ, ଆରବ ଦେଶଗୁଡ଼ିକ ସହ ବ୍ୟବସାୟ କରି ଭାରତୀୟ ପୁଞ୍ଜିପତିମାନେ ପ୍ରଚୁର ଲାଭ ଉଠାଇଲେ । ଝୋଟଶିଳ୍ପର ବିକାଶ ମଧ୍ୟ ଘଟିଲା । ଭାରତରେ ପୁଞ୍ଜିବାଦର ବିକାଶ ସହ ନୂତନ ଶ୍ରମିକ ଶ୍ରେଣୀର ଅଭ୍ୟୁଦୟ ଘଟିଲା ଏବଂ ସେମାନେ କ୍ରମେ ନିଜର ଶ୍ରେଣୀଗତ ଅଧିକାର ସଂପର୍କରେ ସଚେତନ ହେବାକୁ ଲାଗିଲେ ।

ବିଂଶ ଶତାବ୍ଦୀ ନୂଆ ନୂଆ ବିଜ୍ଞାନ ଓ ଟେକ୍ନୋଲୋଜିର ଆବିଷ୍କାର ଓ ଉଦ୍‌ଭାବନ ସହିତ ମଣିଷର ଚେତନା ଜଗତକୁ ସଂପ୍ରସାରିତ କରିଥିଲା । ବିଶ୍ୱ ବଜାରକୁ କରାୟତ୍ତ କରିବା ସହିତ ନିଜ ସାମ୍ରାଜ୍ୟବାଦୀ ଲିପ୍‌ସାକୁ ଚରିତାର୍ଥ କରିବା ପାଇଁ ଦେଶ ଦେଶ ମଧ୍ୟରେ ଯେଉଁ ବିପୁଳ ପ୍ରତିଯୋଗିତା ଆରମ୍ଭ ହୋଇଥିଲା ତାହା ପରବର୍ତ୍ତୀ ସମୟରେ ପ୍ରଥମ ବିଶ୍ୱଯୁଦ୍ଧର ରୂପ ନେଲା । ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଇଂରେଜମାନେ ଭାରତୀୟମାନଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାକୁ କାର୍ଯ୍ୟକାରୀ ନକରିବାରୁ ଇଂରେଜମାନଙ୍କ ଉପରୁ ଭାରତୀୟମାନଙ୍କର ଆସ୍ଥା ତୁଟିଗଲା । ପ୍ରଥମ ବିଶ୍ୱଯୁଦ୍ଧ ଭାରତର ଜାତୀୟ ଜୀବନକୁ ଗ୍ରାସ କରିଚାଲିଥିବା ବେଳେ ସୋଭିଏତ୍ ଋଷରେ ମାର୍କସବାଦୀ ସଂଘର୍ଷ ଆରମ୍ଭ ହେଲା । ଯାହାଫଳରେ ଯୁଗଯୁଗ ଧରି ଶୋଷିତ ଓ ଶ୍ରମିକଗୋଷ୍ଠୀ ନିଜର କ୍ଷମତା ଓ ଶକ୍ତି ସଂପର୍କରେ ସଚେତନ ହେଲେ । କଲିକତା, ବମ୍ବେ, ମାଦ୍ରାଜ, ଲାହୋର ପ୍ରଭୃତିରେ କମ୍ୟୁନିଷ୍ଟ ସଂଘମାନ ଗଢ଼ି ଉଠିଲା । ୧୯୩୪ ମସିହାରେ ସରକାର କମ୍ୟୁନିଷ୍ଟ ପାର୍ଟିକୁ ବେଆଇନ୍ ବୋଲି ଘୋଷଣା  କଲେ ମଧ୍ୟ କଂଗ୍ରେସ ଦଳ ମଧ୍ୟରେ ମାର୍କସବାଦୀ ଚିନ୍ତାଧାରାର ଅନୁପ୍ରବେଶ ଘଟି 'କଂଗ୍ରେସ ସୋସାଲିଷ୍ଟ ପାର୍ଟି' ଗଠିତ ହେଲା । ଏହି ଦଳ କଂଗ୍ରେସ ମଧ୍ୟରେ ରହି କୃଷକ ଓ ଶ୍ରମିକମାନଙ୍କର ଆନ୍ଦୋଳନ, ଗଡ଼ଜାତ ଆନ୍ଦୋଳନ ପରିଚାଳନା କରିବା ସଙ୍ଗେ ସଙ୍ଗେ ବିଭିନ୍ନ ବାମପନ୍ଥୀ ସଂଗଠନଗୁଡ଼ିକ ଗଠନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା । କିଛି କାଳ ପରେ କଂଗ୍ରେସ ସୋସାଲିଷ୍ଟ ପାର୍ଟିର ବିଲୟ ଘଟିଲା ଏବଂ ୧୯୪୦ ମସିହା ପରଠାରୁ କମ୍ୟୁନିଷ୍ଟ ପାର୍ଟି ହାତରେ କୃଷକ ଓ ଶ୍ରମିକମାନଙ୍କର ସଂଗଠନ ରହିଲା ।

ବିଂଶ ଶତକର ପ୍ରଥମ ଦୁଇ ଦଶକରେ ସମଗ୍ର ବିଶ୍ୱରେ ଯେଉଁ ଆଲୋଡ଼ନ ଦେଖା ଦେଇଥିଲା ଓଡ଼ିଆ ସମାଜ ଓ ସଂସ୍କୃତିରେ ତାର ପ୍ରଭାବ ଦେଖାଦେବାକୁ ଆହୁରି କୋଡ଼ିଏ ବର୍ଷ ଲାଗିଯାଇଥିଲା । ଋଷ୍ ବିପ୍ଳବର ପ୍ରଭାବରେ ଓଡ଼ିଶାରେ ଜାତୀୟତାବାଦ ମୁଣ୍ଡ ଟେକିଉଠିଥିଲା । ନବକୃଷ୍ଣ ଚୌଧୁରୀଙ୍କ ନେତୃତ୍ୱରେ ଓଡ଼ିଶାରେ ୧୯୩୨ ମସିହାରେ 'ଉତ୍କଳ କଂଗ୍ରେସ ସାମ୍ୟବାଦୀ କର୍ମୀ ସଂଘ' ଗଢ଼ା ଯାଇଥିଲା । ସମାଜର ନିମ୍ନସ୍ତରରେ ଥିବା ଆର୍ଥିକ ଅନଗ୍ରସର କୃଷକ ଶ୍ରେଣୀକୁ ସଙ୍ଗଠିତ କରି ବିପ୍ଳବ କରିବାର ଉଦ୍ୟମ ଆରମ୍ଭ ହୋଇଥିଲା । ଏହାଦ୍ୱାରା ପ୍ରଭାବିତ ହୋଇ ୧୯୩୪ ମସିହାରେ କଟକଠାରେ ଏକ କୃଷକ ସମ୍ମିଳନୀର ଆୟୋଜନ କରାଯାଇ ସେମାନଙ୍କର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରାଯାଇଥିଲା ।

ବିଂଶ ଶତାବ୍ଦୀର ପ୍ରଥମ ତିନିଦଶକରେ ଉତ୍କଳର ଦୁର୍ଦ୍ଦଶା ଚରମ ସୀମାରେ ପହଞ୍ଚିଥିଲା । ସାମ୍ରାଜ୍ୟବାଦ ସହିତ ରାଜ୍ୟମଧ୍ୟରେ ଥିବା ସାମନ୍ତବାଦୀ ଶୋଷଣ ଲୋମହର୍ଷଣକାରୀ ଥିଲା । ଇଂରେଜମାନେ ଏହି ବିଭତ୍ସ ସାମନ୍ତବାଦୀ ଶୋଷଣର ସହାୟକ ଥିଲେ । ୧୯୩୦ ମସିହା ବେଳକୁ ଏହି ଶୋଷଣ ବିରୁଦ୍ଧରେ କ୍ରମେ ଜନମତ ସଙ୍ଗଠିତ ହୋଇ ବିଭିନ୍ନ ସ୍ଥାନରେ ପ୍ରଜାଆନ୍ଦୋଳନ ଦେଖାଦେଲା । ୧୯୨୦ ପରବର୍ତ୍ତୀ କାଳରେ ଉତ୍କଳର ଜନମାନସରେ ସୋଭିଏତ୍ ଶାସନ ବ୍ୟବସ୍ଥା ଓ ମାର୍କ୍ସବାଦ ଦର୍ଶନ ସଂପର୍କରେ ଯେଉଁ ଅନୁସନ୍ଧିତ୍ସା ଜାଗ୍ରତ ହୋଇଥିଲା ତାହା ୧୯୩୦ ପରେ ସଂଗଠିତ ରୂପ ଗ୍ରହଣ କଲା । ସେତେବେଳେ ଓଡ଼ିଶାରେ ଏକ ପ୍ରଗତିଶୀଳ ଗୋଷ୍ଠୀ ୧୯୩୫ ମସିହାରେ 'ଓଡ଼ିଶା କଂଗ୍ରେସ ସୋସାଲିଷ୍ଟ ପାର୍ଟି' ଗଢ଼ି ଓଡ଼ିଶାର ଚାଷୀ, ଶ୍ରମିକ, ଅତ୍ୟାଚାରିତ ଗଡ଼ଜାତ ଲୋକଙ୍କ ମଧ୍ୟରେ ଜନଜାଗରଣ ସୃଷ୍ଟି କରିଥିଲେ । ଏହି ସମୟରେ ଅନେକ ଲେଖକଙ୍କ ଲେଖନୀରୁ ରକ୍ଷଣଶୀଳ ସମାଜ, ବୁର୍ଜୁଆଗୋଷ୍ଠୀ ତଥା ଏକଛତ୍ର ଶାସକଙ୍କ ବିରୋଧରେ ବିପ୍ଳବର ଅଗ୍ନି ଉଦ୍‌ଗିରଣ ହେବାକୁ ଲାଗିଲା । ଏମାନେ ଭାଗ୍ୟ ଓ ଭଗବାନଙ୍କୁ ଅସ୍ୱୀକାର କରି ଦଳିତ ମଣିଷ ଜାତି ପ୍ରତି ସମ୍ବେଦନଶୀଳ ହେଲେ । ନୂତନ ଚିନ୍ତାଧାରା ଓଡ଼ିଆ ସାହିତ୍ୟ ରାଜ୍ୟରେ ପ୍ରବେଶ କଲା । ଶ୍ରେଣୀହୀନ ସମାଜ ଗଠନ ପାଇଁ କାର୍ଲମାକ୍ସ ଯେଉଁ ସମାଜବାଦୀ ଦର୍ଶନ ପ୍ରଚାର କଲେ ତାଦ୍ୱାରା ବଞ୍ଚିରହିବାକୁ ହେଲେ ସଂଗ୍ରାମର ଯେ ପ୍ରୟୋଜନ ରହିଛି, ତାହା ମାନବ ସମାଜ ଉପଲବ୍ଧି କଲା । ସାହିତ୍ୟ ମାଧ୍ୟମରେ ଶୋଷକ ଓ ପୁଞ୍ଜିପତି ଗୋଷ୍ଠୀଙ୍କ ବିରୋଧରେ ସ୍ୱରଉତ୍ତୋଳନ ଆରମ୍ଭ ହେଲା ।

ଏହି ସମୟରେ ଦେଶର ରାଜନୈତିକ ଅବସ୍ଥାର ଦ୍ରୁତ ପରିବର୍ତ୍ତନ ଘଟିଛି । ଭାରତଛାଡ଼ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ବିଦେଶୀବସ୍ତ୍ର ବର୍ଜନ, ବିଦେଶୀ ଶିକ୍ଷାୟତନ ତ୍ୟାଗ ପ୍ରଭୃତି ଦେଖାଦେଇଛି । ଦେଶର ଏହି ଘୋର ଦୁର୍ଦ୍ଦିନରେ ନାଟ୍ୟକାରମାନେ ବହୁ ଜାତୀୟତାମୂଳକ ସାହିତ୍ୟ ରଚନା କରି ଜନସାଧାରଣଙ୍କୁ ଉଦ୍‌ବୁଦ୍ଧ କରିବାକୁ ପ୍ରୟାସ କରିଥିଲେ । ସାହିତ୍ୟର ଅନ୍ୟାନ୍ୟ ବିଭାଗ ପରି ନାଟକରେ ମଧ୍ୟ ବିପ୍ଳବର ସ୍ୱର ଶୁଣାଯାଇଛି । ସାମାଜିକ ସମସ୍ୟା ଗୁରୁତ୍ୱଲାଭ କରିଛି । ନାଟକ ବୌଦ୍ଧିକ ଦର୍ଶକ ଅପେକ୍ଷା ସାଧାରଣ ଦର୍ଶକଙ୍କୁ ଗୁରୁତ୍ୱ ଦେଇଛି।

ଏହି ସମୟଥିଲା ଗାନ୍ଧିବାଦର ପ୍ରଭାବିତ, ଗାନ୍ଧିଙ୍କ ବ୍ୟକ୍ତିତ୍ୱ ସମଗ୍ର ଭାରତୀୟ ଜନମାନସରେ ପ୍ରଭାବ ବିସ୍ତାର କରିଥିଲା, ତେଣୁ ମାର୍କସରେ ଶ୍ରେଣୀ ସଂଘର୍ଷର ଉପସ୍ଥାପନ ଓ ପରିଣତିରେ ଗାନ୍ଧିବାଦୀ ସମନ୍ୱୟ ବିଧାନ ହିଁ ଏହି ସମୟର ନାଟକରେ ସ୍ୱଷ୍ଟ ପରିଦୃଷ୍ଟ ହୋଇଛି।

## ୨.୫ ପ୍ରମୁଖ ନାଟ୍ୟକାର : ୧୯୩୬ ରୁ ୧୯୫୦

ଏ ସମୟରେ ଅନେକ ନାଟ୍ୟକାର ଲେଖନୀ ଚାଳନା କରି ଓଡ଼ିଆ ନାଟ୍ୟ ସାହିତ୍ୟରେ ସାମାଜିକ ନାଟ୍ୟ ପରଂପରା ସୃଷ୍ଟି କରିଛନ୍ତି । ଅଶ୍ୱିନୀକୁମାର, କାଳୀଚରଣ, ରାମଚନ୍ଦ୍ର ମିଶ୍ର, ଭଞ୍ଜକିଶୋର ପ୍ରମୁଖ ଆଲୋଚ୍ୟ କାଳରେ ଓଡ଼ିଆ ନାଟକକୁ ଋଦ୍ଧିମନ୍ତ କରିଛନ୍ତି । ଏଠାରେ ସେମାନଙ୍କ ନାଟକକୁ ଉଭୟ ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିକୋଣରୁ ଆଲୋଚନା ପରିସରଭୁକ୍ତ କରାଯାଇଛି ।

• **ଅଶ୍ୱିନୀକୁମାର :**

୧୯୧୫ ମସିହାରେ ନାଟ୍ୟକାର ଜୀବନ ଆରମ୍ଭ କରିଥିବା ଅଶ୍ୱିନୀକୁମାର ପ୍ରଥମ କୋଡ଼ିଏ ବର୍ଷରେ କେବଳ ପୌରାଣିକ ଓ ଐତିହାସିକ ନାଟକ ରଚନା କରିଛନ୍ତି । ମାତ୍ର ୧୯୩୬ ମସିହା ପରେ ସେ ଅଧିକ ସଂଖ୍ୟାରେ ସାମାଜିକ ନାଟକ ରଚନା କରିଛନ୍ତି । ପୂର୍ବ ଏକକରେ ଅଶ୍ୱିନୀକୁମାରଙ୍କ ପୌରାଣିକ ଓ ଐତିହାସିକ ନାଟକ ସଂପର୍କରେ ଆଲୋଚନା କରାଯାଇଛି । ତାଙ୍କ ସାମାଜିକ ନାଟକଗୁଡ଼ିକର ଏକ ବୈଶିଷ୍ଟ୍ୟ ହେଉଛି କଥାବସ୍ତୁ ଓ ଶୈଳୀ ଦୃଷ୍ଟିରୁ ପ୍ରତ୍ୟେକ ନାଟକ ପରସ୍ପରଠାରୁ ଭିନ୍ନ । ପ୍ରତ୍ୟେକ ନାଟକରେ ସମସାମୟିକ ସମସ୍ୟା ରହିଛି । ନାଟକରେ ସମୟର ସ୍ପନ୍ଦନ ଉପଲବ୍ଧି କରିହୁଏ ।

'ହିନ୍ଦୁରମଣୀ' (୧୯୩୭) ଅଶ୍ୱିନୀକୁମାରଙ୍କ ଦ୍ୱାରା ରଚିତ ପ୍ରଥମ ସାମାଜିକ ନାଟକ । ରାମଶଙ୍କର ଓ ଭିକାରୀଚରଣଙ୍କ ନାଟକ ପରି ଏଥିରେ ବିଧବା ବିବାହର ପ୍ରଚଳନ, ଅସ୍ପୃଶ୍ୟତା ଦୂରୀକରଣ, ମଦ୍ୟପାନଜନିତ ଦୁର୍ଦ୍ଦଶା ପ୍ରଭୃତି ସଂସ୍କାରମୂଳକ ଘଟଣା ସ୍ଥାନିତ । ନାଟକର ମଝିରେ ମଝିରେ ହିନ୍ଦୁରମଣୀ ମାନଙ୍କର ସମବେତ ଗାନ ପ୍ରଚାରଧର୍ମୀ ମନେହୁଏ । ଏଥିରେ ତେରଗୋଟି ସଂଗୀତ ରହିଛି । ଦୀର୍ଘ ସଂଳାପ ଓ କ୍ଷୁଦ୍ର କ୍ଷୁଦ୍ର ଦୃଶ୍ୟ ନାଟକର ନାଟକୀୟତା କ୍ଷୁର୍ଣ୍ଣ କଲାପରି ମନେହୁଏ ।

ହିନ୍ଦୁ ନାରୀର ମହନୀୟତା ପ୍ରକଟନ ସହିତ ସ୍ୱଦେଶୀ ଆନ୍ଦୋଳନ ଏବଂ ମହାତ୍ମାଗାନ୍ଧୀଙ୍କ ଆଦର୍ଶକୁ ଭିତ୍ତିକରି 'ମାଷ୍ଟରବାବୁ' ନାଟକ ରଚିତ । ଏଥିରେ ଛୁଆଁଅଛୁଆଁ ଭେଦଭାବ, ମଦ୍ୟପାନ, ବେଶ୍ୟାସଙ୍ଗ ପ୍ରଭୃତି ନୈତିକ ଅଧଃପତନର ଚିତ୍ର ପ୍ରଦତ୍ତ । ନାଟକରେ ସୁରେଶ ନାମକ ଜଣେ ଯୁବକ ବିପଦଗ୍ରସ୍ତ ଜଣେ ବାରାଙ୍ଗନାକୁ ଉଦ୍ଧାର କରିଥିବାରୁ ତା ଭାଇ ମାଷ୍ଟରବାବୁ ତାକୁ ଘରୁ ବାହାର କରିଦେଇଛି । ମାତ୍ର ପରବର୍ତ୍ତୀ ଅବସ୍ଥାରେ ସେହି ବାରାଙ୍ଗନା ପ୍ରତି ଆକୃଷ୍ଟ ହୋଇ ମାଷ୍ଟରବାବୁ ନିଜର ସର୍ବସ୍ୱ ହରାଇଛି । ଏଥିରେ ବାରମ୍ବାର ମାହାତ୍ମାଗାନ୍ଧୀଙ୍କର ଜୟକାର କରାଯାଇଛି । ଏଥିରୁ ନାଟ୍ୟକାରଙ୍କର ଜାତୀୟପ୍ରୀତି ଜଣାଯାଏ । ସମସାମୟିକ ସମୟର ପ୍ରତିଫଳନ ନାଟକକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେଇଥିଲା ।

'ଇରାନୀ' (୧୯୩୭) ଅଶ୍ୱିନୀକୁମାରଙ୍କର ଏକ ସଫଳ ସୃଷ୍ଟି । ଏହା ଧର୍ମନିରପେକ୍ଷ ବିବାହ ସମସ୍ୟା ଉପରେ ଆଧାରିତ । ନାଟକର ନାୟକ ଇଶାନ୍ ସ୍ୱଇଚ୍ଛାରେ ଜଣେ ଇରାନୀ ଯୁବତୀକୁ ବିବାହ କରି ପରିବାରରୁ ବାସନ୍ଦ ହୋଇଛି । ସମୟର ସ୍ରୋତରେ ଇଶାନର ବାପାଙ୍କର ମାନସିକ ପରିବର୍ତ୍ତନ ହୋଇଛି । ସେ ସେତେବେଳେ ନାତିର ଜନ୍ମଦିନ ଉତ୍ସବରେ ପୁଅକୁ ସ୍ୱୀକାର କରିବାକୁ ଆସିଛନ୍ତି ସେତେବେଳକୁ ତାଙ୍କ ଇରାନୀ ବଧୂ ନିଜ ଜାତିର ଜଣେ ଯୁବକ ପାଖକୁ ଚାଲଯାଇଛି । ଏଥିରେ ଦେଖାଦେଇଛି ଯେ ସମାଜ ନିର୍ବାସିତ କରିଥିବା ନାରୀ ନିଜେ ବିପ୍ଲବିନୀ ସାଜିଛି । ଏଥିରେ ବହୁ ଇଂରାଜୀ ଶବ୍ଦ ଥିବା ସଂଳାପର ବ୍ୟବହାର ହୋଇଛି । ଶୈଳୀରେ ନୂତନତା ନଥିଲେ ମଧ୍ୟ କଥାବସ୍ତୁର ନୂତନତା ଯୋଗୁ ନାଟକଟି ଲୋକପ୍ରିୟ ହୋଇଥିଲା ।

ଆଧୁନିକ ଶିକ୍ଷିତମାନଙ୍କର ପାଶ୍ଚାତ୍ୟ ସଭ୍ୟତାର ଅନ୍ଧାନୁସରଣର ବିଷମୟ ପରିଣତି 'ଭାଇ' (୧୯୪୨) ନାଟକରେ ରୂପାୟିତ । ଏଥିରେ ଜଣେ ଶିକ୍ଷିତ ଭାଇ ନିଜ ଅଶିକ୍ଷିତ ଭାଇକୁ ନିମ୍ନଦୃଷ୍ଟିରେ ଦେଖୁଛି । ଅଶିକ୍ଷିତ ଭାଇଟି ପାରଂପରିକ ମୂଲ୍ୟବୋଧ ଉପରେ ଆସ୍ଥା ରଖିଥିବା ବିବେକୀ ବ୍ୟକ୍ତିର ପ୍ରତିନିଧିତ୍ୱ କରୁଥିବା ବେଳେ ଶିକ୍ଷିତ ଭାଇ

ନୀତିହୀନ ବ୍ୟକ୍ତିର ପ୍ରତିନିଧିତ୍ୱ କରୁଛି । ନାଟକର ଶେଷରେ ଅଶିକ୍ଷିତ ଭାଇଟି ପଥଭ୍ରଷ୍ଟ ଶିକ୍ଷିତ ଭାଇ ଓ ଭାଉଜଙ୍କୁ ଠିକ୍ ରାସ୍ତାକୁ ଫେରାଇ ଆଣିବାକୁ ସକ୍ଷମ ହୋଇଛି । ଏଥିରେ ଗାନ୍ଧୀବାଦର ଆଦର୍ଶ ପ୍ରତିଫଳିତ । ଏଥିରେ ମଧ୍ୟ 'ଇରାନୀ' ନାଟକ ପରି ଇଂରାଜୀ ଶବ୍ଦବହୁଳ ସଂଳାପ ରହିଛି । ନାଟକରେ କୌଣସି ଦୃଶ୍ୟ ବିଭାଜନ ନାହିଁ, ଯାହାକି ଓଡ଼ିଆ ନାଟ୍ୟଶୈଳୀ କ୍ଷେତ୍ରରେ ନୂଆ ।

'ଶ୍ରୀଲୋକନାଥ' (୧୯୪୬) ନାଟକରେ ଶ୍ରୀ ଲୋକନାଥ ମହାପ୍ରଭୁଙ୍କ ମାହାତ୍ମ୍ୟ ବର୍ଣ୍ଣିତ । ଏହା ପାରଂପରିକ ଧର୍ମବିଶ୍ୱାସ ଆଧାରିତ । ସାମାଜିକ କଥାବସ୍ତୁ ସହିତ ଅଲୌକିକତାର ସମନ୍ୱୟ ଘଟିଛି । ସର୍ପ ଦଂଶନରେ ନାସ୍ତିକ ଶିବନାଥଙ୍କ ପୁତ୍ରର ମୃତ୍ୟୁ ଓ ଲୋକନାଥଙ୍କ କୃପାରୁ ପୁନର୍ଜୀବନ ଲାଭ ହେଉଛି ନାଟକର କଥାବସ୍ତୁ । ପରବର୍ତ୍ତୀ ସମୟରେ ନାଟକଟି ଚଳଚ୍ଚିତ୍ରାୟିତ ହୋଇଛି । ଓଡ଼ିଶାର ଗ୍ରାମ୍ୟଜୀବନର ନିଚ୍ଛକ ପ୍ରତିଛବି 'ଚଷାଝିଅ' (୧୯୪୬) ନାଟକରେ ପ୍ରତିଫଳିତ । ଅର୍ଥର ମୋହ କିପରି ସରଳ ଗ୍ରାମ୍ୟ ଜୀବନରେ ଜଟିଳତା ଆଣିଛି ଏବଂ ପାରଂପରିକ ମୂଲ୍ୟବୋଧକୁ ନଷ୍ଟ କରିଛି ତାହା ଏକ ଚାଷୀ ଘରର କାହାଣୀ ମାଧ୍ୟମରେ ପ୍ରଦର୍ଶିତ । ଚାଷୀଘରର ସୁଖଦୁଃଖ, ଭାଇଭାଇ କଳି, ଗାଁ ଟାଉଟରଙ୍କ ହୀନ ଚକ୍ରାନ୍ତ ଏସବୁକୁ ନେଇ ନାଟକର କଥାବସ୍ତୁ ଗତିଶୀଳ ହୋଇଛି । ହିନ୍ଦୁ ଅବିଭକ୍ତ ପରିବାରର କେତେକ ସମସ୍ୟା ସ୍ଥାନିତ । ସମସାମୟିକ ସମାଜ ଜୀବନ ନାଟକର ଆଧାର । ଓଡ଼ିଆ ଜାତିର ଚାଲିଚଳଣି, ସାଂସ୍କୃତିକ ସ୍ଥିତି, ପାରସ୍ପରିକ ସଂପର୍କ ପ୍ରଭୃତିର ଚିତ୍ର ଦେଖିବାକୁ ମିଳେ । ଏଥିରେ ନାଟ୍ୟକାର ବାସ୍ତବ ଘଟଣାକୁ ସ୍ୱାଭାବିକ ଭଙ୍ଗୀରେ ପ୍ରକାଶ କରିଥିବାରୁ ନାଟକଟି 'ଅନ୍ନପୂର୍ଣ୍ଣା' 'ଏ' ଗ୍ରୁପ୍‌ଦ୍ୱାରା ସଫଳତାର ସହ ଅଭିନୀତ ହୋଇଥିଲା । ଏହା ଅଶ୍ୱିନୀକୁମାରଙ୍କର ଏକ ସଫଳ ସାମାଜିକ ନାଟକ। ନାଟ୍ୟକାରଙ୍କର ଅନ୍ୟ ନାଟକ ପରି ଏଥିରେ ମଧ୍ୟ ସଂଳାପ ହେଉଛି ଦୁର୍ବଳତମ ଦିଗ ।

'ଚଷାଝିଅ' ପରି 'ମାମଲତକାର' ନାଟକରେ ମଧ୍ୟ ଗ୍ରାମ୍ୟଜୀବନର ସୁଖଦୁଃଖ, ଚାଲିଚଳଣି ଓ ଶ୍ରେଣୀ ସଂଘର୍ଷ ରୂପାୟିତ । ପଧାନ ଓ ଗାଁ ଚୌକିଦାରଙ୍କ କଥାବର୍ତ୍ତା ମଧ୍ୟରେ ନାଟକର ଆରମ୍ଭ ଓ ପରିଣତି । ସେମାନଙ୍କ କଥାବର୍ତ୍ତା ମାଧ୍ୟମରେ କାହାଣୀ ଭାଗ ପ୍ରକାଶ ପାଇବା ସହ ଅତୀତର ପୃଷ୍ଠଉନ୍ମୋଚନ ହୋଇଛି । ମହାଜନ ପୁଅ ରାମର ବିଳାସବ୍ୟସନ, ସ୍ୱଇଚ୍ଛା ବିବାହ, ପତ୍ନୀ ବିଚ୍ଛେଦ ଏବଂ ପୁନର୍ମିଳନକୁ ନେଇ କାହାଣୀ ଭାଗ ପରିକଳ୍ପିତ । ରାମର ସାନ ଭାଇ ବୀରାର ଉଦାରତା ସ୍ଥାନିତ । ନାଟକରେ ଗାନ୍ଧିବାଦୀ ଚିନ୍ତାଧାରା ରୂପାୟିତ । ଭାରତୀୟ ଜାତୀୟ ଆନ୍ଦୋଳନର ପ୍ରଭାବ ପରିଲକ୍ଷିତ । ଏଥିରେ ନାଟ୍ୟକାର ନୂତନ ଆଙ୍ଗିକର ପରୀକ୍ଷା କରିଛନ୍ତି ।

୧୯୩୭ ମସିହାରେ ରଚିତ 'ରଘୁ ଅରକ୍ଷିତ' ନାଟକ ଦାର୍ଢ୍ୟତା ଭକ୍ତି ଆଧାରିତ । ଏହାର ଶୈଳୀରେ କୌଣସି ନୂତନତା ନାହିଁ । ଅଶ୍ୱିନୀକୁମାର ୧୯୪୭ ମସିହାରେ 'ଚଣ୍ଡାଳୁଣୀ' ନାମକ ଏକ ପୌରାଣିକ ନାଟକ ରଚନା କରିଛନ୍ତି । ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣକୁ ଆଧାରକରି ଏହା ରଚିତ । 'ଅନ୍ନପୂର୍ଣ୍ଣା' ଏ ଗ୍ରୁପ ଦ୍ୱାରା ଏହା ସଫଳତାର ସହ ପରିବେଷଣ ହୋଇଥିଲା ।

ତୀବ୍ର ଅନ୍ତର୍ଦ୍ୱନ୍ଦ୍ୱ ସହାୟତାରେ ଚରିତ୍ରକୁ ଗତିମୁଖର କରାଯିବା ଶୈଳୀ ଅଶ୍ୱିନୀକୁମାରଙ୍କ ନାଟକରେ ପ୍ରଥମେ ଦେଖାଦେଇଥିଲା । ତାଙ୍କ ସମାଜିକ ନାଟକର କଥାବସ୍ତୁରେ ସାର୍ବଜନୀନ ଭାବବୋଧ ଓ ଜୀବନବୋଧର ପ୍ରତିଫଳନ ଘଟିଛି । କେତେ ଜାତୀୟ ସମସ୍ୟାର ଉପସ୍ଥାପନ ଘଟିଛି । ସାମାଜିକ ନାଟକ ମାଧ୍ୟମରେ ନାଟ୍ୟକାର

ଏକ ଉନ୍ନତ ସୁଗଠିତ ସମାଜ ଗଠନର ସ୍ୱପ୍ନ ଦେଖିଥିଲେ । ନାଟକରେ ସ୍ନେହ, ପ୍ରେମ, ତ୍ୟାଗ, ଉଦାରତା, ପରୋପକାର, ସ୍ୱାର୍ଥପରତା ପ୍ରଭୃତି ଉଚ୍ଚମାନବିକ ମୂଲ୍ୟବୋଧଗୁଡ଼ିକ ପରିଲକ୍ଷିତ । ନାଟକଗୁଡ଼ିକରେ ଉଭୟ ଗ୍ରାମ ଓ ସହର ପରିବେଶରେ ବଢ଼ିଥିବା ସବୁଶ୍ରେଣୀର ଚରିତ୍ରଗୁଡ଼ିକର କ୍ରିୟା ପ୍ରତିକ୍ରିୟା ନିଖୁଣଭାବେ ପ୍ରଦର୍ଶିତ । ନାଟକରେ ସମୟର ପ୍ରଭାବ ପରିଲକ୍ଷିତ । ମହାତ୍ମାଗାନ୍ଧୀଙ୍କ ଆଦର୍ଶ ଓ ଚିନ୍ତାଧାରା ଅଶ୍ୱିନୀକୁମାରଙ୍କୁ ବହୁ ପରିମାଣରେ ପ୍ରଭାବିତ କରିଛି । ସେ ବିପୁଳ ପରିମାଣରେ ନାଟକ ରଚନା କରି ଓଡ଼ିଆ ନାଟକର ଦୈନ୍ୟ ଦୂର କରିଛନ୍ତି । ଜୀବନର ଶେଷ ପର୍ଯ୍ୟନ୍ତ ଅଶ୍ୱିନୀକୁମାର ସୃଜନାତ୍ମକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ ।

ଅଶ୍ୱିନୀକୁମାରଙ୍କ ସାମାଜିକ ନାଟକଗୁଡ଼ିକର କଥାବସ୍ତୁ ଓ ଶୈଳୀରେ ନୂତନତ୍ୱ ଥିଲେ ମଧ୍ୟ ସଂଳାପଗୁଡ଼ିକ ପାତ୍ରମୁଖୀ ହୋଇପାରିନାହିଁ । ଦୀର୍ଘ ଓ ସାହିତ୍ୟିକ ସଂଳାପଗୁଡ଼ିକ ପୌରାଣିକ ଓ ଐତିହାସିକ ନାଟକକୁ ମଞ୍ଚୋପଯୋଗିତା ପ୍ରଦାନ କରିବା ସ୍ଥଳେ ସାମାଜିକ ନାଟକ କ୍ଷେତ୍ରରେ ବାଧକ ହୋଇଛି । ଐତିହାସିକ ନାଟକ ପରି ସାମାଜିକ ନାଟକଗୁଡ଼ିକ ସଫଳ ହୋଇପାରିନାହିଁ । ସଂଳାପରେ ବହୁ ବଙ୍ଗଳା ଶବ୍ଦାବଳୀ ଆତ୍ମପ୍ରକାଶ କରିଛି । ନାଟ୍ୟ ପ୍ରଦର୍ଶନ ପୂର୍ବରୁ ଯେଉଁ ଦୀର୍ଘ ବାଦ୍ୟ ବ୍ୟବସ୍ଥା କରାଯାଉଥିଲା ତାକୁ ଅଶ୍ୱିନୀକୁମାର ପରିହାର କରିଛନ୍ତି । ବିରାମହୀନ ଭାବେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଚାଲୁଥିବା ନାଟକ କ୍ଷେତ୍ରରେ ଅଶ୍ୱିନୀକୁମାର ପରିବର୍ତ୍ତନ ଆଣି ପ୍ରତ୍ୟେକ ଅଙ୍କର ଶେଷରେ କିଛି ସମୟ ବିଶ୍ରାମର ବ୍ୟବସ୍ଥା କଲେ । ଦୀର୍ଘ କଳେବରଯୁକ୍ତ ନାଟକ ପ୍ରଦର୍ଶନର ଅସୁବିଧାକୁ ଲକ୍ଷ୍ୟକରି ସେ ନାଟକକୁ କ୍ଷୁଦ୍ର କରିଥିଲେ । ଅଶ୍ୱିନୀକୁମାର ନାଟକ କ୍ଷେତ୍ରରେ ଏହିପରି ଅନେକ ନୂତନତ୍ୱର ଆବାହକ ।

ବ୍ୟକ୍ତିଗତ ଜୀବନରେ ଅଶ୍ୱିନୀକୁମାର ଜଣେ ଆଦର୍ଶବାଦୀ ଶିକ୍ଷକ ଥିବାରୁ ନାଟକରେ ବ୍ୟକ୍ତିତ୍ୱ ସର୍ବତ୍ର ପ୍ରତିଫଳିତ। ସେ ଶିଳ୍ପଦୃଷ୍ଟି ଅପେକ୍ଷା ସାମାଜିକ ଅଙ୍ଗୀକାରକୁ ଅଗ୍ରାଧିକାର ଦେଇଛନ୍ତି । ପ୍ରାରମ୍ଭିକ କାଳରେ ଅଶ୍ୱିନୀକୁମାର ବନମାଳୀ ପତିଙ୍କ 'ରାଧାକୃଷ୍ଣ ରଙ୍ଗମଞ୍ଚ'ରେ ନିଜ ରଚିତ ନାଟକ ଅଭିନୀତ କରାଉଥିଲେ । ବନମାଳୀ ପତିଙ୍କ ଅକାଳ ମୃତ୍ୟୁ ପରେ 'ରାଧାକୃଷ୍ଣ ରଙ୍ଗମଞ୍ଚର' ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିଲା । ସେତେବେଳେ ଅଶ୍ୱିନୀକୁମାର ନିଜର ଘରଦ୍ୱାର ବନ୍ଧାହୋଇ ମଞ୍ଚଟିକୁ କ୍ରୟ କରିଥିଲେ ଏବଂ ନୂତନ ନାମକରଣ କଲେ 'ବନମାଳୀ ଆର୍ଟ ଥିଏଟର' । ଏହି ମଞ୍ଚକୁ ବହୁ କଷ୍ଟରେ ଅଶ୍ୱିନୀକୁମାର ୧୯୩୬ ମସିହା ପର୍ଯ୍ୟନ୍ତ ବଞ୍ଚାଇ ରଖିଥିଲେ । ପରବର୍ତ୍ତୀ ସମୟରେ ଅଶ୍ୱିନୀକୁମାର 'ଅନ୍ନପୂର୍ଣ୍ଣା ଗ୍ରୁପ୍' ପାଇଁ ନାଟକ ରଚନା କଲେ । ଓଡ଼ିଆ ନାଟ୍ୟସାହିତ୍ୟକୁ ନିଜର ଅବଦାନ ପାଇଁ ଅଶ୍ୱିନୀକୁମାର ଚିର ସ୍ମରଣୀୟ ।

- **କାଳୀଚରଣ ପଟ୍ଟନାୟକ :**

ଓଡ଼ିଆ ନାଟ୍ୟ ସାହିତ୍ୟର ବିକାଶରେ କାଳୀଚରଣ ପଟ୍ଟନାୟକଙ୍କ ନାମ ସର୍ବାଗ୍ରେ ଉଲ୍ଲେଖଯୋଗ୍ୟ । ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକ ବେଳକୁ ଓଡ଼ିଆ ନାଟକ କ୍ଷେତ୍ରରେ କାଳୀଚରଣଙ୍କର ଆବିର୍ଭାବ ହୋଇ ସାରିଥିଲା, ମାତ୍ର ୧୯୩୬ ମସିହା ପୂର୍ବରୁ ସେ କେବଳ ଭିନ୍ନ ସ୍ୱାଦର ରାସ ନାଟକ ଓ କେତେକ ପୌରାଣିକ ନାଟକ ରଚନା କରିଛନ୍ତି । ସେ ରାସଦଳ ଗଠନକରି ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ସ୍ୱରଚିତ ରାସ ଅଭିନୟ ପ୍ରଦର୍ଶନ କରି ସୁନାମ ଅର୍ଜନ କରିଥିଲେ । ସେ ଦୀର୍ଘ ୧୭/୧୮ ବର୍ଷ କାଳ ରାସ ରଚନାରେ ବ୍ରତୀ ଥିଲେ । 'ବାଂଶରୀ ବିଳାସ' (୧୯୨୨), 'କୌତୁକ ଚିନ୍ତାମଣି' (୧୯୨୭), 'ବନବିହାର' (୧୯୨୯), 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ'

(୧୯୩୨), 'ଲକ୍ଷ୍ମୀ' (୧୯୩୫),'ଶ୍ରୀ ଗୀତଗୋବିନ୍ଦ' (୧୯୩୬) 'ଆଖିର ଦେଖା' (୧୯୩୭), 'ପ୍ରୀତିସୁଧାକର' (୧୯୩୭), 'ମାନିନୀ' (୧୯୩୮) ପ୍ରଭୃତି କାଳୀଚରଣଙ୍କ ରଚିତ ରାଧାକୃଷ୍ଣ ପ୍ରେମମୂଳକ ରାସ । ଓଡ଼ିଶାର ପ୍ରଚଳିତ ରାସଠାରୁ ଏଗୁଡ଼ିକ ବିଷୟ ବୈଚିତ୍ର୍ୟ ଓ ସଂଗୀତ ସଂଯୋଜନା ଦୃଷ୍ଟିରୁ ଭିନ୍ନ ଥିଲା । ସଂଗୀତମୟ ଏହି ରାସଗୁଡ଼ିକୁ ଜନସାଧାରଣ ଆଦରରେ ଗ୍ରହଣ କରିନେଇଥିଲେ । ପରବର୍ତ୍ତୀ କାଳରେ ଓଡ଼ିଶାର ପରିବର୍ତ୍ତିତ ଲୋକରୁଚି ସହିତ ତାହା ତାଳ ଦେଇପାରିଲା ନାହିଁ ।

ରାସ ରଚନା ବ୍ୟତୀତ କାଳୀଚରଣ 'ଧ୍ରୁବ' (୧୯୧୮), 'ହରିଶ୍ଚନ୍ଦ୍ର' (୧୯୨୩), 'ମୃଗୟା' (୧୯୨୫), 'ଶକୁନ୍ତଳା' (୧୯୨୫) ପ୍ରଭୃତି କେତେକ ପୌରାଣିକ ନାଟକ ଓ 'ପ୍ରତିଶୋଧ' (୧୯୩୭) ନାମରେ ଏକ ସାମାଜିକ ନାଟକ ରଚନା କରିଥିଲେ । ଏହି ନାଟକଗୁଡ଼ିକ ସଂସ୍କୃତ ନାଟ୍ୟାଦର୍ଶ ଅନୁସାରୀ ଓ ସଙ୍ଗୀତ ବହୁଳ । ଏଗୁଡ଼ିକ ଉନବିଂଶ ଶତାବ୍ଦୀରେ ରଚିତ ନାଟକଗୁଡ଼ିକଠାରୁ କୌଣସି ଗୁଣରେ ଅଧିକ ନଥିଲା । ୧୯୩୯ ମସିହାରେ କାଳୀଚରଣ କଟକରେ ଆଧୁନିକ ଧରଣର ନାଟ୍ୟଦଳ 'ଓଡ଼ିଶା ଥିଏଟର୍ସ' ଗଠନ କରିବାପରେ ନୂତନରୀତିର ମଞ୍ଚସଫଳ ନାଟକ ରଚନା କରିବା ଆରମ୍ଭ କରିଛନ୍ତି ।

ଓଡ଼ିଆ ନାଟକକୁ ଅଭିନୟ ଓ ବ୍ୟବସାୟ ଦୃଷ୍ଟିରୁ କାଳୀଚରଣ ପୂର୍ଣ୍ଣ ସଫଳତା ପ୍ରଦାନ କରିଥିଲେ । ଓଡ଼ିଆ ନାଟକକୁ ନୂତନ ଭାବରେ ପ୍ରାଣପ୍ରତିଷ୍ଠା ଦେବାରେ ତାଙ୍କ ଅବଦନ ଅବିସ୍ମରଣୀୟ । 'ଓଡ଼ିଶା ଥିଏଟର୍ସ' ଆଧୁନିକ ଓଡ଼ିଆ ନାଟକର ଅଗ୍ରଗତିରେ ବିଶେଷ ଭୂମିକା ଗ୍ରହଣ କରିଥିଲା । ୧୯୩୯ ଠାରୁ ୧୯୪୯ ମସିହା ପର୍ଯ୍ୟନ୍ତ ଓଡ଼ିଶା ଥିଏଟର୍ସ ବଞ୍ଚିରହିଥିଲା । ଦୀର୍ଘ ଦଶବର୍ଷର ଆୟୁଷକାଳ ଭିତରେ ଏହି ମଞ୍ଚ ଓଡ଼ିଶାର ସାଂସ୍କୃତିକ ଜୀବନର କେନ୍ଦ୍ରସ୍ଥଳୀ ହୋଇ ରହିଲା । ଏହା ପୂର୍ବରୁ ବହୁ ସାମାଜିକ ନାଟକ ମଞ୍ଚସ୍ଥ ହୋଇଥିଲେ ମଧ୍ୟ କାଳୀଚରଣଙ୍କ ନାଟକ ଅଧିକ ପ୍ରଭାବଶାଳୀ ଥିଲା । ଏହି ନାଟ୍ୟଦଳରେ କେତେକ ଶିକ୍ଷିତ ଯୁବକ ମଧ୍ୟ ଯୋଗ ଦେଇଥିଲେ । ଅବଶ୍ୟ ପୂର୍ବରୁ ନାରୀମାନଙ୍କ ମଞ୍ଚ ପ୍ରବେଶ ଘଟିଥିଲା ମାତ୍ର ନିଜ ସମୟରେ କାଳୀଚରଣ କେତେକ ଯୁବତୀଙ୍କୁ ଅଭିନୟ ଓ ନୃତ୍ୟ ଶିଖାଇ ମଞ୍ଚପ୍ରବେଶ କରାଇଥିଲେ । ସେ ତତ୍‌କାଳୀନ ସମାଜର ରକ୍ଷଣଶୀଳତାକୁ ଭ୍ରୂକ୍ଷେପ କରିନଥିଲେ ।

କାଳୀଚରଣଙ୍କ ନାଟକଗୁଡ଼ିକ ସ୍ୱାଭାବିକ ଭାବରେ ମଞ୍ଚରେ ଆତ୍ମପ୍ରକାଶ କରିଛି । ତାଙ୍କ ପୂର୍ବରୁ କୌଣସି ନାଟ୍ୟକାର ରଙ୍ଗମଞ୍ଚ ସହିତ ଏତେ ମାତ୍ରାରେ ଜଡ଼ିତ ନଥିଲେ । ସଙ୍ଗଠକ, ସଙ୍ଗୀତଜ୍ଞ, ନିର୍ଦ୍ଦେଶକ, ଅଭିନେତା ଓ ନାଟ୍ୟକାରର ଦାୟିତ୍ୱ ନିର୍ବାହ କରିବାଦ୍ୱାରା ସେ ମଞ୍ଚର ପ୍ରକୃତ ଆବଶ୍ୟକତାକୁ ଅନୁଭବ କରିପାରିଥିଲେ । କଥାବସ୍ତୁ, ସଂଳାପ, ସଙ୍ଗୀତ, ଗଠନଶୈଳୀ, ଦୃଶ୍ୟ, ମଞ୍ଚସଜ୍ଜା ପ୍ରତ୍ୟେକ କ୍ଷେତ୍ରରେ ସେ ନୂତନତ୍ୱ ଆଣିଥିଲେ । ପୂର୍ବରୁ ଦେଖାଯାଉଥିବା ସଂଗୀତ ବହୁଳତା, ଦୀର୍ଘକାବ୍ୟିକ ସଂଳାପ, ସ୍ୱଗତୋକ୍ତି, ଜନାନ୍ତିକ, ଚରିତ୍ର ବହୁଳତା ପ୍ରଭୃତିକୁ ବର୍ଜନ କରିଥିଲେ । ଏକମୁଖୀ କଥାବସ୍ତୁ, ପାତ୍ରମୁଖୀ କ୍ଷୁଦ୍ର ସଂଳାପ, ମର୍ମସ୍ପର୍ଶୀ ସଂଗୀତର ପ୍ରୟୋଗ, ନୂତନ ଶୈଳୀରେ ମଞ୍ଚସଜ୍ଜା, କଭରସିନ୍‌ର ପ୍ରଚଳନ ପ୍ରଭୃତି କାଳୀଚରଣଙ୍କ ନାଟକଗୁଡ଼ିକୁ ସଫଳତା ଆଣିଦେଇଥିଲା ।

୧୯୪୧ ମସିହାରେ ଓଡ଼ିଶା ଥିଏଟର୍ସରେ 'ଗାର୍ଲସ୍କୁଲ' ନାଟକ ଅଭିନୀତ ହୋଇଥିଲା । ଆଧୁନିକ କଲେଜ ପଢୁଆ ଯୁବକ ଯୁବତୀଙ୍କର ପ୍ରେମ ଓ ପ୍ରତାରଣାକୁ ଭିତ୍ତିକରି ଏହି ନାଟକଟି ରଚିତ । ଦର୍ଶକଙ୍କ ନିମନ୍ତେ ଏକ ଭିନ୍ନ ସ୍ୱାଦର ନାଟକ ଥିଲା । ସେତେବେଳେ ଏହି ନାଟକଟି ଦୀର୍ଘ ଏକଶତ ରଜନୀ ପୂର୍ଣ୍ଣ ପ୍ରେକ୍ଷାଳୟରେ

ଅଭିନୀତ ହୋଇଥିଲା । ଏହି ନାଟକରେ ପୁରୁଷମାନେ ନାରୀ ଚରିତ୍ରରେ ଅଭିନୟ ନକରି ପ୍ରଥମେ ନାରୀମାନେ ମଞ୍ଚରେ ଅଭିନୟ କରିଥିଲେ । ଏହାର ସଂଳାପ ରଚନା ଓ ଉପସ୍ଥାପନ ଶୈଳୀ ଆକର୍ଷଣୀୟ ଥିଲା । ଗାର୍ଲସ୍କୁଲ ହଷ୍ଟେଲରେ ରହୁଥିବା ରେଣୁ ଓ ବେଳା ନାମ୍ନୀ ଦୁଇଜଣ କନ୍ୟାଙ୍କ ପ୍ରେମକାହାଣୀ ସ୍ଥାନିତ । ଆଧୁନିକ ଯୁବକ ଯୁବତୀଙ୍କର ମିଳନ ଓ ବିରହର ଚିତ୍ର ଦ୍ୱନ୍ଦ ଉତ୍କଣ୍ଠାପୂର୍ଣ୍ଣ କଥାବସ୍ତୁ ମାଧ୍ୟମରେ ପ୍ରକାଶ ପାଇଛି । ଏଥିରେ ଆଧୁନିକ ସମାଜର ବାସ୍ତବଚିତ୍ର ସ୍ୱଭାବିକ ଶୈଳୀରେ ପ୍ରକାଶ ପାଇଥିବାରୁ ଜନପ୍ରିୟତା ଲାଭ କରିଥିଲା ।

ଐତିହାସିକ, ପୌରାଣିକ ନାଟକର ନିୟମିତ ଦର୍ଶନରେ ଓଡ଼ିଆ ଦର୍ଶକ କ୍ଳାନ୍ତ ହୋଇଯାଇଥିଲେ । ଏହାବ୍ୟତୀତ ଚରିତ୍ରମାନଙ୍କର ସ୍ୱାଭାବିକ ଓ ସ୍ୱଚ୍ଛନ୍ଦ ରୀତିରେ ଉପସ୍ଥାପନ ଯୋଗୁ ଦର୍ଶକ ମଞ୍ଚସହିତ ଏକାତ୍ମ ହୋଇପାରିଥିଲେ । ଏହା ପୂର୍ବରୁ ନାଟକରେ କୌଣସି ଗୋଟିଏ ଦୃଶ୍ୟର ଅଭିନୟ ପରେ ପରଦା ପକାଇ ଦିଆଯାଇ କିଛି ସମୟ ବାଦ୍ୟ ବଜାଇବା ପରେ ପୁଣି ପରଦା ଉଠାଯାଉଥିଲା । ଫଳରେ କଥାବସ୍ତୁରେ ଧାରାବାହିକତା ରହୁନଥିଲା । ଏହି ଅସୁବିଧାକୁ ଦୂରକରି କାଳୀଚରଣ କଭରସିନ୍‌ର ପ୍ରଚଳନ କଲେ । ଫଳରେ ଗୋଟିଏ ଦୃଶ୍ୟର ଅଭିନୟ ପରେ ଘଟଣା ସହିତ ସଂପର୍କ ରଖି ଗୋଟିଏ କିମ୍ବା ଦୁଇଟି ଚରିତ୍ର ମଞ୍ଚକୁ ଆସି କିଛିକ୍ଷଣ ଦର୍ଶକଙ୍କୁ ମନୋରଞ୍ଜନ କରିବା ପରେ ପୁଣି ପ୍ରକୃତ ଘଟଣା ମଧ୍ୟକୁ ଦର୍ଶକଙ୍କୁ ଫେରାଇ ନିଆଯାଉଥିଲା । କାଳୀଚରଣଙ୍କ ପୂର୍ବରୁ ନାଟକ ବକ୍ତବ୍ୟଧର୍ମୀ ଥିଲା । ଉପଦେଶପୂର୍ଣ୍ଣ ଦୀର୍ଘ ସଂଳାପ ରହୁଥିଲା । ମାତ୍ର କାଳୀଚରଣଙ୍କ ନାଟକରେ ବକ୍ତବ୍ୟଧର୍ମୀ କୌଣସି ଭାଷଣ ନଥିଲା । କାଳୀଚରଣ ନାଟକର ମନୋରଞ୍ଜନଧର୍ମିତା ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

ଏହାର ପରବର୍ତ୍ତୀ ନାଟକ 'ପରିବର୍ତ୍ତନ' । ଏଥିରେ ନାୟକ ଗୋପାଳ ଚରିତ୍ରର ପରିବର୍ତ୍ତନର ଚିତ୍ର ଦିଆଯାଇଛି । ଗରିବ ଗୋପାଳିଆ ସମୟକ୍ରମେ ଧନୀ ଗୋପାଳ ବାବୁରେ ପରିଣତ ହୋଇଛି । ସମୟଚକ୍ରରେ ଖଳନାୟକ ରାଜକିଶୋରର ଚକ୍ରାନ୍ତରେ ମଦ୍ୟପ ହୋଇ ପୁଣି ନିଜ ପୂର୍ବ ଦରିଦ୍ର ଅବସ୍ଥାକୁ ଫେରିଯାଇଛି । ନାଟକର ଶେଷରେ ଖଳନାୟକର ପତନ ହୋଇଛି । ଏହାହିଁ ନାଟକର କଥାବସ୍ତୁ । ଏଥିରେ ମଧ୍ୟ କାଳୀଚରଣଙ୍କ ନାଟ୍ୟକୌଶଳର ପ୍ରୟୋଗ ହୋଇଛି । ପାତ୍ରମୁଖୀ ସ୍ୱଭାବିକ ସଂଳାପ, ଦ୍ୱନ୍ଦ୍ୱ ଉତ୍କଣ୍ଠାମୂଳକ କଥାବସ୍ତୁ, ସଂଗୀତ ଓ ନୃତ୍ୟର ପରିମିତ ପ୍ରୟୋଗ ପ୍ରଭୃତି ନାଟକକୁ ବହୁଜନାଦୃତ କରିଥିଲା ।

କାଳୀଚରଣଙ୍କ 'ଚୁମ୍ବନ' (୧୯୪୨) ନାଟକ ଓଡ଼ିଶା ଥିଏଟର୍ସରେ ପରିବେଷିତ ହେବା ସମୟରେ ଏହାର ନାମକରଣକୁ ଅଶ୍ଳୀଳ ବୋଲି ନାଟ୍ୟକାରଙ୍କୁ ବହୁ ସମାଲୋଚନାର ଶରବ୍ୟ ହେବାକୁ ପଡ଼ିଥିଲା । ମାତ୍ର ନାଟକର କଥାବସ୍ତୁରେ ଅଶ୍ଳୀଳତାର ସ୍ପର୍ଶ ନଥିଲା । ଦର୍ଶକଙ୍କୁ ନାଟକ ପ୍ରତି ଆକର୍ଷିତ କରିବା ପାଇଁ କାଳୀଚରଣ ଏହାର ନାମକରଣ ଏପରି କରିଥିବା ମନେହୁଏ । ଦୁଇଜଣ ଯୁବକ ଓ ଯୁବତୀଙ୍କର ପ୍ରଣୟ ଓ ଗୁରୁଜନଙ୍କର ବାଧାପ୍ରଦାନ ଯୋଗୁ ବିଚ୍ଛେଦ ଓ ପୁନର୍ମିଳନ ହେଉଛି ନାଟକର କଥାବସ୍ତୁ । ଏହି ନାଟକଟି କାଳୀଚରଣଙ୍କ ପୂର୍ବ ନାଟକ ଅପେକ୍ଷା ଅଧିକ ସଫଳ ଓ ଜନପ୍ରିୟ ହୋଇପାରିଥିଲା । ଏହି ନାଟକଟି ପାଞ୍ଚଅଙ୍କ ବିଶିଷ୍ଟ ।

'ଜୟଦେବ' (୧୯୪୩) ନାଟକରେ ପାଞ୍ଚଗୋଟି ଅଙ୍କ ସହିତ 'ସୂଚନା' ଓ 'ଉପସଂହାର' ନାମକ ଦୁଇଟି ଅଭିନୟାତ୍ମକ ଦୃଶ୍ୟ ଯୋଡ଼ାଯାଇଛି । ଜୟଦେବଙ୍କ ଜୀବନ ଚରିତକୁ ଆଧାର କରି ଏହା ରଚିତ ।

ଜୟଦେବଙ୍କର ଦେବଦାସୀ ପଦ୍ମାବତୀଙ୍କ ସହ ବିବାହ, ଗୀତଗୋବିନ୍ଦ ରଚନା, ପୁରୀ ଆଗମନ, ଜଗନ୍ନାଥ ଦର୍ଶନ, ପୁରୀ ରାଜାଙ୍କଦ୍ୱାରା କବି ଭାବେ ସ୍ୱୀକୃତି ଲାଭ ପ୍ରଭୃତି ଘଟଣାକୁ ନେଇ ଜୟଦେବ ନାଟକର ପରିକଳ୍ପନା । ଏଥିରେ ଗୀତଗୋବିନ୍ଦର ବହୁ ସଂଗୀତ ବ୍ୟବହାର କରାଯାଇଛି ।

କାଳୀଚରଣ ଶ୍ରେଣୀବୈଷମ୍ୟକୁ କେନ୍ଦ୍ରକରି 'ଭାତ' (୧୯୪୪) ଓ ରକ୍ତମାଟି (୧୯୪୭) ନାମକ ଦୁଇଟି ନାଟକ ରଚନା କରିଛନ୍ତି । 'ଭାତ' ନାଟକରେ ଜମିଦାର ଓ ପ୍ରଜାଙ୍କ ସଂଘର୍ଷ ଓ 'ରକ୍ତାମଟି' ନାଟକରେ ପୁଞ୍ଜିପତି ମିଲ୍‌ମାଲିକ ଓ ଶ୍ରମିକ ମଧ୍ୟରେ ଉପୁଜୁଥିବା ଦ୍ୱନ୍ଦ୍ୱର ଚିତ୍ର ପ୍ରଦର୍ଶିତ । ୧୯୪୩ ମସିହାରେ ଦେଖାଦେଇଥିବା ଦୁର୍ଭିକ୍ଷ ଉତ୍କଳବାସୀଙ୍କ ଜୀବନକୁ ବିପର୍ଯ୍ୟସ୍ତ କରିଦେଇଥିଲା । ସାଧାରଣ ଚାଷୀ କଠିନ ପରିଶ୍ରମ କରି ଯେଉଁ ଫସଲ ଉତ୍ପାଦନ କରୁଥିଲେ ତାର ଅର୍ଦ୍ଧାଧିକ ଜମିଦାର ନେଇ ଯାଉଥିଲେ । କର ଦେବାରେ ଅବହେଳା କଲେ ଜମିଦାରଙ୍କଦ୍ୱାରା ଅକଥନୀୟ ଅତ୍ୟାଚାରର ଶିକାର ହେଉଥିଲେ । ଏହିପରି ଏକ ସମସ୍ୟାକୁ ଭିତ୍ତି କରି 'ଭାତ' ନାଟକ ରଚିତ । ଏଥିରେ ବୀର ବିକ୍ରମ ନାମକ ଜଣେ ଜମିଦାରଙ୍କଦ୍ୱାରା ଅତ୍ୟାଚାରିତ ଚାଷୀ, ମୂଲିଆମାନେ ମିଳିତ ଭାବେ ଜମିଦାରଙ୍କ ବିରୁଦ୍ଧରେ ସଂଗ୍ରାମ କରିଛନ୍ତି । ଜମିଦାର ଶତଚେଷ୍ଟା ସତ୍ତ୍ୱେ ସଂଗ୍ରାମକୁ ଦମନ କରିପାରିନାହାନ୍ତି । ଥିଲାବାଲା ଓ ନଥିଲାବାଲା ମଧ୍ୟରେ ଯେଉଁ ସଂଘର୍ଷ ରହିଛି ସେଥିରେ ମାର୍କସବାଦୀ ଦର୍ଶନର ପ୍ରଭାବ ପରିଲକ୍ଷିତ । ମାତ୍ର ନାଟକର ଶେଷରେ ଜମିଦାରଙ୍କ ମନପରିବର୍ତ୍ତନ ହୋଇଛି ଏବଂ ସେ ଦରିଦ୍ର ଜନତାଙ୍କ ପ୍ରତି ସହାନୁଭୂତିଶୀଳ ହୋଇଛନ୍ତି । ଫଳରେ ନାଟକରେ ଆନ୍ଦୋଳନର ତୀବ୍ରତା ଓ ପ୍ରଭାବଶୀଳତା ଅପେକ୍ଷା ଜମିଦାରଙ୍କ ମନ ପରିବର୍ତ୍ତନକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଏହି ନାଟକରେ ଗାନ୍ଧୀବାଦୀ ଦର୍ଶନର ପ୍ରଭାବ ମଧ୍ୟ ରହିଛି । ନାଟକକୁ ମନୋରଞ୍ଜନଧର୍ମୀ କରିବା ପାଇଁ ପ୍ରେମମୂଳକ ଘଟଣା ପ୍ରାଧାନ୍ୟ ଲାଭକରିଛି । ଅତ୍ୟାଚାରୀ ଜମିଦାର ବୀରବିକ୍ରମଙ୍କ ପୁତ୍ର ଜୟୀ ସହିତ ଦରିଦ୍ର ରମାର ପ୍ରଣୟ ଓ ବହୁବାଧାବିଘ୍ନ ପରେ ଶେଷରେ ମିଳନ ଘଟିଛି । ଜମିଦାର କନ୍ୟା ବିଜୟାର ସମାଜସେବୀ ଅନନ୍ତ ସହିତ ପ୍ରଣୟ ଦେଖାଦେଇଛି । ନାଟକର ଶେଷରେ ଜମିଦାର ନିଜର ପୁତ୍ର, କନ୍ୟା ଏବଂ ଭାବୀ ଜାମାତା ସମାଜସେବୀ ଅନନ୍ତର ବିପ୍ଳବକୁ ସମର୍ଥନ କରି ଏକ ମିଳନାତ୍ମକ ପରିବେଶର ନାଟକର ପରିସମାପ୍ତି ହୋଇଛି । ନାଟ୍ୟକାର ଏଥିରେ କୃତିତ୍ୱର ସହ ପଲ୍ଲୀ ଜୀବନର ଯଥାଯଥ ଚିତ୍ର ଆଙ୍କିଛନ୍ତି । ବୌଦ୍ଧିକ ହାସ୍ୟରସ ପରିବେଷଣ ହୋଇଛି । ନାଟକରେ ସଂଯୋଜିତ ସଂଗୀତଗୁଡ଼ିକ ସୁରଚିତ ।

'ରକ୍ତମାଟି' ନାଟକରେ ପୁଞ୍ଜିପତି ଓ ଶ୍ରମିକର ସଂଘର୍ଷ ମୂଳ ଉପଜୀବ୍ୟ ବିଷୟ ହେଲେ ମଧ୍ୟ ଏଥିରେ ଯନ୍ତ୍ରଶିଳ୍ପର ବିକାଶ ଫଳରେ କୁଟୀରଶିଳ୍ପର ଅଧୋଗତି, ଜମିମାଲିକମାନଙ୍କର ଶୋଷଣ, ମହାଜନମାନଙ୍କର ପ୍ରତାରଣା, ସମାଜସେବା ନାମରେ ବ୍ୟଭିଚାର, ଅସ୍ପୃଶ୍ୟତା ପ୍ରଭୃତି ବିଭିନ୍ନ ପ୍ରକାର ସମସ୍ୟା ସ୍ଥାନିତ । କାଳୀଚରଣଙ୍କ ନାଟକର ମୂଳ ଉଦ୍ଦେଶ୍ୟ ଦର୍ଶକଙ୍କର ମନୋରଞ୍ଜନ ହୋଇଥିବାରୁ ସେ ଏଥିରେ ମଧ୍ୟ ପ୍ରେମମୂଳକ ସମସ୍ୟାଟିକୁ ଅଧିକ ଗୁରୁତ୍ୱ ଦେଇଛନ୍ତି । ଜମିଦାର ପୁଅ ବିଜୟ ଏଥିରେ ଅସ୍ପୃଶ୍ୟ ଜାତିର ଝିଅ ଲତାକୁ ଭଲପାଇଛି । ମାତ୍ର ଜାତିଭେଦକୁ ଗୁରୁତ୍ୱ ଦେଉଥିବା ଏ ସମାଜରେ ବିଜୟ ଲତାକୁ ବିବାହ କରିନପାରି ତା ସହିତ ସମାଜ ତ୍ୟାଗ କରିଛି । ଏହି ପ୍ରଣୟଧର୍ମୀ କଥାବସ୍ତୁର ଆରମ୍ଭ, ବିକାଶ ଓ ପରିଣତି ଭିତରେ ତତ୍କାଳୀନ ସାମାଜିକ ସମସ୍ୟାଗୁଡ଼ିକର ଉପସ୍ଥାପନ କରାଯାଇଛି । ଜମିଦାର ପୁତ୍ର ବିଜୟ ଏଥିରେ ଶ୍ରମିକମାନଙ୍କର ଆନ୍ଦୋଳନର ନେତୃତ୍ୱ ନେଇଛି । ସୁଯୋଜିତ କଥାବସ୍ତୁ ଗୁମ୍ଫନଯୋଗୁ ନାଟକଟି ପ୍ରଭାବଶାଳୀ ହୋଇପାରିଛି ।

କାଳୀଚରଣଙ୍କଦ୍ୱାରା ରଚିତ ପୌରାଣିକ ନାଟକଗୁଡ଼ିକ ମଧ୍ୟରେ 'ଚକ୍ରୀ' (୧୯୪୪) ଏକ ଉଲ୍ଲେଖନୀୟ କୃତି । ମହାଭାରତରେ ଅର୍ଜୁନ ଓ ବବ୍ରୁବାହାନ ଯୁଦ୍ଧ ଉପାଖ୍ୟାନକୁ ଆଧାର କରି ଏହି ନାଟକ ରଚିତ । ନାଟ୍ୟକାର ନିଜ 'ଆତ୍ମଜୀବନୀ'ରେ ଲେଖିଛନ୍ତି ଯେ 'ଲୋକଦୃଷ୍ଟି ଓ ରୁଚି ପରିବର୍ତ୍ତନ ଲାଗି ସାମାଜିକ ନାଟକ ପରେ ଏହି ନାଟକର ପରିକଳ୍ପନା' । ଅର୍ଜୁନଙ୍କ ହସ୍ତରେ ଭୀଷ୍ମଙ୍କର ମୃତ୍ୟୁ ହେବା ପରେ ପୁତ୍ର ମୃତ୍ୟୁରେ ବିରହ ବିଧୂରା ଗଙ୍ଗାଙ୍କୁ ଶାନ୍ତ କରିବା ପାଇଁ ନିଜ ପୁତ୍ର ହସ୍ତରେ ଅର୍ଜୁନଙ୍କର ମୃତ୍ୟୁ ହେବ ବୋଲି ଶ୍ରୀକୃଷ୍ଣ ଗଙ୍ଗାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ଯଜ୍ଞର ଅଶ୍ୱକୁ ଅନୁସରଣ କରି ଅର୍ଜୁନ ବବ୍ରୁବାହନ ହସ୍ତରେ ମୃତ୍ୟୁବରଣ କରି ପୁନର୍ବାର ଜୀବନ ଲାଭ କରିଛନ୍ତି। ଏହାହିଁ ନାଟକର କଥାବସ୍ତୁ । ନାଟ୍ୟକାର ଏଥିରେ ପୂର୍ବସୁରୀଙ୍କ ଠାରୁ ଅଧିକ ସଫଳତାର ସହିତ ଅମିତ୍ରାକ୍ଷର ଛନ୍ଦର ପ୍ରୟୋଗ କରିଛନ୍ତି । ସଂସ୍କୃତ ନାଟକର ଅନୁସରଣରେ ଏଥିରେ ଦୃଶ୍ୟବିହୀନ ଛ'ଟି ଅଙ୍କର ପରିକଳ୍ପନା କରାଯାଇଛି। ଦ୍ୱନ୍ଦ୍ୱ ଉତ୍କଣ୍ଠାରେ ପରିପୂର୍ଣ୍ଣ ସଂଘର୍ଷମୟ କଥାବସ୍ତୁ ନାଟକକୁ ଦ୍ରୁତ ଗତିଶୀଳ କରିଛି । ଏକଦା ଏହା ଏକ ବିଶିଷ୍ଟ ପୌରାଣିକ ନାଟକ ଭାବରେ ଓଡ଼ିଶାର ପୁରପଲ୍ଲୀରେ ବହୁବାର ଅଭିନୀତ ହୋଇଛି ।

କାଳୀଚରଣଙ୍କ 'କମଳା' (୧୯୪୩) ନାଟକର ନାୟିକା କମଳା ହେଉଛି ମୁଖ୍ୟଚରିତ୍ର । ସୁନ୍ଦରୀ, ବୁଦ୍ଧିମତ୍ତା, ଧୌର୍ଯ୍ୟ, ଚାତୁର୍ଯ୍ୟ, କର୍ମନିଷ୍ଠ ପ୍ରଭୃତି ଗୁଣର ଅଧିକାରିଣୀ କମଳା ଚରିତ୍ର ଆଦର୍ଶ ସ୍ଥାନୀୟ । ଅତ୍ୟାଚାରୀ ମହାଜନ ବିରୁଦ୍ଧରେ ବିଦ୍ରୋହ, କମଳାର ବାଲ୍ୟସାଥୀ କୁଳମଣିକୁ ବିବାହ ପ୍ରଭୃତି ଘଟଣାବଳୀକୁ ନେଇ ନାଟକଟି ପରିକଳ୍ପିତ । 'ବନମାଳା' (୧୯୪୪) ନାଟକ ପ୍ରେମକାହାଣୀକୁ ଆଧାର କରି ରଚିତ । ନାୟକ ବନବିହାରୀ ଓ ନାୟିକା ମାଳାର ନାମାନୁସାରେ ନାଟକର ନାମକରଣ କରାଯାଇଛି । ନାୟକ ନାୟିକାଙ୍କର ବିବାହସ୍ଥିର, ଖଳନାୟକ ନାଏବ ରାମଶରଣର କୁଚକ୍ରାନ୍ତରେ ବିଚ୍ଛେଦ, ଏବଂ ନାୟକ ନାୟିକାଙ୍କର ପୁର୍ନମିଳନରେ ନାଟକର ଅନ୍ତ ହୁଏ । ନାଟକଟି ମଞ୍ଚସଫଳ ମାତ୍ର କଥାବସ୍ତୁରେ ନୂତନତା ନାହିଁ । 'ହରଣଚାଳ' (୧୯୪୬) ନାଟକ ମଧ ଏକ ପ୍ରଣୟ କାହାଣୀ ଆଧାରରେ ରଚିତ ।

'ଅତିବଡ଼ି ଜଗନ୍ନାଥ ଦାସ' (୧୯୪୫) ଏକ ଚରିତ ନାଟକ । ଏହି ନାଟକଟି ପ୍ରଥମେ କେବଳ ଅଭିନେତ୍ରୀମାନଙ୍କୁ ନେଇ ମଞ୍ଚସ୍ଥ ହୋଇଥିଲା । ନାଟକରେ ଜଗନ୍ନାଥ ଦାସଙ୍କର ପ୍ରତିଭାର ଉପସ୍ଥାପନା କରାଯାଇଛି। ନାଟ୍ୟକାର ଅଲୌକିକତା ପ୍ରଦର୍ଶନ ମାଧ୍ୟମରେ ଭକ୍ତିରସର ପ୍ରତିଷ୍ଠା କରିଛନ୍ତି । ଚରିତ୍ରମୂଳକ ନାଟକ ମାଧ୍ୟମରେ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ଚରିତ୍ରାବଳୀକୁ ପ୍ରଭାବଶାଳୀ ଭାବେ ନାଟ୍ୟରୂପ ଦେବା ନାଟ୍ୟକାରଙ୍କ ଉଦ୍ଦେଶ୍ୟ ।

'ବେକାର' (୧୯୪୫) ନାଟକରେ ନାୟକ ଜଗମୋହନ ବିଲାତ ଫେରନ୍ତା ହେଲେ ମଧ ଦେଶ ଓ ମାଟିର ସେବା ପାଇଁ ଜୀବନ ଉତ୍ସର୍ଗ କରିଦେଇଛି । ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକ ଅନ୍ୟ ପ୍ରଦେଶ ସହିତ ମିଶ୍ରଣ ଫଳରେ ପ୍ରବାସୀ ଓଡ଼ିଆଙ୍କ ଦୟନୀୟ ଅବସ୍ଥା, ଉନ୍ନତ ପ୍ରଣାଳୀରେ କୃଷି ଓ କୁଟୀରଶିଳ୍ପର ପ୍ରସାର, ଭାଷାଭିତ୍ତିକ ପ୍ରଦେଶ ଗଠନ ପ୍ରଭୃତି ନାନା ବିଷୟ ଉପରେ ନାଟ୍ୟକାର ଆଲୋକପାତ କରିଛନ୍ତି । ନାଟ୍ୟକାର ତାଙ୍କର ଅନ୍ୟ ସାମାଜିକ ନାଟକ ପରି ଏଥିରେ ପ୍ରଣୟମୂଳକ ଘଟଣାର ବିକାଶ ମଧ୍ୟରେ ସମସ୍ୟାଗୁଡ଼ିକ ରୂପାୟିତ କରିଛନ୍ତି ।

'ଅଭିଯାନ'(୧୯୪୬) ନାଟକ କାଳୀଚରଣଙ୍କର ଏକ ବିଶିଷ୍ଟ କୃତି । ପୁରୁଷୋତ୍ତମଙ୍କ କାଞ୍ଚିବିଜୟ କାହାଣୀକୁ ନେଇ ନାଟକଟି ପରିକଳ୍ପିତ । ପୂର୍ବରୁ ଏହି କଥାବସ୍ତୁକୁ ଅବଲମ୍ବନ କରି ରାମଶଙ୍କର, ଭିକାରୀ ଚରଣ

ଗୋଦାବରୀଶ ପ୍ରମୁଖ ନାଟକ ରଚନା କରିସାରିଥିଲେ । ମାତ୍ର କାଳୀଚରଣଙ୍କ ନାଟକ ଅନ୍ୟ ତିନୋଟି ନାଟକଠାରୁ ଅଧିକ ସଫଳ ଥିଲା । ପୁରୁଷୋତ୍ତମ ଦେବ ପ୍ରଥମଥର କାଞ୍ଚୀଅଭିଯାନ କରି ହାରିବା ପରଠାରୁ ଏହି ନାଟକର କଥାବସ୍ତୁ ଆରମ୍ଭ । ପଦ୍ମାବତୀଙ୍କର ପୁରୁଷୋତ୍ତମଦେବଙ୍କ ପ୍ରତି ଅନୁରାଗ, ଦ୍ୱିତୀୟ ଯୁଦ୍ଧରେ ଜଗନ୍ନାଥ ଓ ବଳଭଦ୍ରଙ୍କର ପୁରୁଷୋତ୍ତମ ଦେବଙ୍କୁ ସହାୟତା, ପୁରୁଷୋତ୍ତମ ଦେବଙ୍କ ବିଜୟ, ପଦ୍ମାବତୀ ହରଣ ଓ ଶେଷରେ ପୁରୁଷୋତ୍ତମ ଦେବ ଓ ପଦ୍ମାବତୀଙ୍କ ମିଳନରେ ନାଟକର ପରିସମାପ୍ତି ହୋଇଛି । ଏଥିରେ ଅନେକ ନୂତନ ପ୍ରସଙ୍ଗ ସ୍ଥାନିତ । ଏହାର ସଂଳାପ ଓ ସଙ୍ଗୀତ ଉଚ୍ଚକୋଟୀର ।

'ଦଶଭୁଜା' (୧୯୪୭) ଏକ ପୌରାଣିକ ନାଟକ । ଏହା ମହିଷାମର୍ଦ୍ଦିନୀ ଦୁର୍ଗାଙ୍କର ଅଲୌକିକ କାର୍ଯ୍ୟକଳାପକୁ ଆଧାରକରି ରଚିତ । ପୌରାଣିକ କଥାବସ୍ତୁକୁ ଅବଲମ୍ବନ କରିଥିଲେ ମଧ୍ୟ ନାଟ୍ୟକାର ଅପୂର୍ବ କଳାକୌଶଳ ମଣ୍ଡନ କରି ନାଟକଟିକୁ ଭିନ୍ନ ସ୍ୱାଦର କରିପାରିଛନ୍ତି । ଅମିତ୍ରାକ୍ଷର ଛନ୍ଦର ସଫଳ ପ୍ରୟୋଗ ହୋଇଛି ।

୧୯୫୦ ମସିହା ପରେ ନାଟ୍ୟକାର ରକ୍ତମନ୍ଦାର (୧୯୫୨), ସଂଧାନ (୧୯୫୩), ହୀରାଖଣ୍ଡ(୧୯୬୮), ମାଳତୀ (୧୯୬୫), ପଥରଘର (୧୯୭୮) ପ୍ରଭୃତି ନାଟକ ରଚନା କରିଛନ୍ତି । ୧୯୪୯ ମସିହାରେ 'ଓଡ଼ିଶା ଥିଏଟର୍ସ'ର ପତନ ପରେ ନାଟ୍ୟକାର ଏହି ନାଟକଗୁଡ଼ିକ ପ୍ରାୟତଃ ଅନ୍ନପୂର୍ଣ୍ଣା ମଞ୍ଚରେ ମଞ୍ଚସ୍ଥ କରାଇଥିଲେ ।

ଓଡ଼ିଆ ନାଟ୍ୟଜଗତରେ କାଳୀଚରଣଙ୍କ ଅଭ୍ୟୁଥାନ ପର୍ଯ୍ୟନ୍ତ ବହୁ ସାମାଜିକ ନାଟକ ସୃଷ୍ଟି ହୋଇଥିଲେ ମଧ୍ୟ ତାହା ଦର୍ଶକମାନଙ୍କଦ୍ୱାରା ବିଶେଷ ଆଦୃତ ହୋଇପାରିନାହିଁ । ସାମାଜିକ ନାଟକପାଇଁ କୌଣସି ସ୍ୱତନ୍ତ୍ର ଶୈଳୀର ବ୍ୟବହାର ହେଉନଥିଲା । ସଂଳାପ ସଂଯୋଜନାରେ ଐତିହାସିକ ନାଟକର ଧର୍ମ ପ୍ରାୟତଃ ଅନୁସୃତ ହେଉଥିଲା । ଚରିତ୍ରଗୁଡ଼ିକର ସମସାମୟିକ ମଣିଷଜୀବନ ସହିତ ବିଶେଷ ସଂପର୍କ ରହୁନଥିଲା । କାଳୀଚରଣ ଏହି ଅଭାବବୋଧ ଲକ୍ଷ୍ୟକରି ତାଙ୍କ ସାମାଜିକ ନାଟକର ଚରିତ୍ରଗୁଡ଼ିକୁ ଯଥାସମ୍ଭବ ବାସ୍ତବଧର୍ମୀ କରିଥିଲେ । ଯାହାଫଳରେ ତାଙ୍କ ନାଟକ ସଫଳତା ପାଇଁ ପୂର୍ବସୁରୀମାନଙ୍କୁ ଅତିକ୍ରମ କରିପାରିଥିଲା । ମଂଚ ସହିତ ନିବିଡ଼ ସଂପୃକ୍ତି ତାଙ୍କୁ ଏଦିଗରେ ଯଥେଷ୍ଟ ସାହାଯ୍ୟ କରିଥିଲା । ଏକଦା କାଳୀଚରଣଙ୍କ ସାମାଜିକ ନାଟକର ଜନପ୍ରିୟତା ଅଶ୍ୱିନୀକୁମାରଙ୍କ ସାମାଜିକ ନାଟକଗୁଡ଼ିକୁ ନିଷ୍ପ୍ରଭ କରିଦେଇଥିଲା । ସ୍ୱାଭାବିକ ସଂଳାପ, ଗଭୀର ଦ୍ୱନ୍ଦ୍ୱ ଉତ୍କଣ୍ଠା ମାଧ୍ୟମରେ କଥାବସ୍ତୁର ଉପସ୍ଥାପନ କାଳୀଚରଣଙ୍କୁ ନୂତନ ନାଟ୍ୟଧାରାର ପ୍ରବର୍ତ୍ତକ ଭାବେ ସ୍ୱୀକୃତି ଦେଇଥିଲା । ସାଧାରଣ ବର୍ଗଙ୍କ ରୁଚିକୁ ଲକ୍ଷ କରି ସେ ତାଙ୍କ ନାଟକରେ ପ୍ରେମଦୃଶ୍ୟ ସହିତ ନୃତ୍ୟ, ଗୀତ ଓ ହାସ୍ୟରସର ଉପଯୋଗ କରିଥିଲେ । ଏହା ସହିତ କଭରସିନ୍‌ର ପ୍ରଚଳନ ଓ ନାରୀଭୂମିକାରେ ଅଭିନେତ୍ରୀଙ୍କର ମଞ୍ଚପ୍ରବେଶ ତାଙ୍କ ନାଟକଗୁଡ଼ିକୁ ଅନନ୍ୟ ସଫଳତା ଦେଇଥିଲା । ଏକଦା ଓଡ଼ିଆ ନାଟକ କ୍ଷେତ୍ରରେ କାଳୀଚରଣ ଅପ୍ରତିଦ୍ୱନ୍ଦ୍ୱୀ ହୋଇଉଠିଥିଲେ ।

ଓଡ଼ିଆ ନାଟକକୁ କୃତ୍ରିମ କଳ୍ପନା ବିଳାସିତାରୁ କାଳୀଚରଣ ମୁକ୍ତି ଦେଇଛନ୍ତି । ସେ କୃତ୍ରିମ କାବ୍ୟିକ ସଂଳାପକୁ ତ୍ୟାଗ କରିଥିଲେ । କାଳୀଚରଣ ପ୍ରଥମେ କବି ପରେ ନାଟ୍ୟକାର । କାଳୀଚରଣଙ୍କ ପୂର୍ବରୁ କେବଳ ଗୋଦାବରୀଶ କବି ଥିଲେ । ତେଣୁ ଅନ୍ୟମାନଙ୍କ ନାଟକରେ ସଂଗୀତଗୁଡ଼ିକ ମନଛୁଆଁ ନଥିଲା । କାଳୀଚରଣଙ୍କ ସୁରଚିତ ସଙ୍ଗୀତ ଗୁଡ଼ିକ ଦର୍ଶକମାନଙ୍କ ହୃଦୟକୁ ଛୁଇଁବାରେ ସଫଳ ହୋଇଥିଲା । ତାଙ୍କ ନାଟକରୁ ଉଗ୍ର ଦେଶପ୍ରେମ

ଓ ଜାତୀୟତା ଭାବର ପରିଚୟ ମିଳେ । ମନୋରଞ୍ଜନ ମାଧ୍ୟମରେ କଳା ଓ ସଂସ୍କୃତିର ପ୍ରଚାର ଓ ଲୋକ ଶିକ୍ଷାର ପ୍ରସାର ତାଙ୍କ ନାଟକର ଅନ୍ୟତମ ଲକ୍ଷ୍ୟ ହୋଇଛି । କାଳୀଚରଣଙ୍କଦ୍ୱାରା ପ୍ରତିଷ୍ଠିତ ନାଟ୍ୟାଦର୍ଶ ଓଡ଼ିଆ ନାଟକକ୍ଷେତ୍ରରେ ବହୁ ବର୍ଷ ଧରି ପ୍ରତିଷ୍ଠିତ ହୋଇରହିଲା ଏବଂ ପରବର୍ତ୍ତୀ ନାଟ୍ୟକାରଙ୍କୁ ପ୍ରଭାବିତ କଲା ।

## • ରାମଚନ୍ଦ୍ର ମିଶ୍ର :

କବିଚନ୍ଦ୍ର କାଳୀଚରଣଙ୍କ ଲୋକପ୍ରିୟତା ଯେତେବେଳେ ଶିଖର ସ୍ପର୍ଶ କରିଥିଲା । ସେତେବେଳେ ରାମଚନ୍ଦ୍ର ମିଶ୍ରଙ୍କର ଓଡ଼ିଆ ନାଟ୍ୟଜଗତରେ ଆବିର୍ଭାବ । ୧୯୪୨ ମସିହାରେ ରାମଚନ୍ଦ୍ର ମିଶ୍ରଙ୍କର ପ୍ରଥମ ନାଟକ 'ଅଭିମାନ', 'ଭାରତୀ ଥିଏଟର୍ସ' ଦ୍ୱାରା ଅଭିନୀତ ହୋଇଥିଲା । 'ଭାରତୀ ଥିଏଟର୍ସ' ୧୯୪୨ ମସିହାରେ କଟକର ମାଣିକଘୋଷ ବଜାରରେ କେତେକ ଶିକ୍ଷିତ ଯୁବକଙ୍କଦ୍ୱାରା ସ୍ଥାପିତ ହୋଇଥିଲା । ସ୍ୱଳ୍ପକାଳ ଆୟୁଷ ହେଲେ ମଧ୍ୟ ଏହି ମଞ୍ଚର ଓଡ଼ିଆ ନାଟ୍ୟସାହିତ୍ୟକୁ ଅବଦାନ କମ୍ ନୁହେଁ । ୧୯୪୫ ମସିହା ବେଳକୁ ଭାରତୀ ଥିଏଟର୍ସ ବନ୍ଦ ହୋଇସାରିଥିଲା । ରାମଚନ୍ଦ୍ର ମିଶ୍ରଙ୍କ ଦ୍ୱିତୀୟ ନାଟକ 'ମ୍ୟାନେଜର' ନୂଆଭାବେ ସୃଷ୍ଟି ହୋଇଥିବା ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍ ମଞ୍ଚରେ ଅଭିନୀତ ହୋଇଥିଲା । ପୁରୀଠାରେ ଥିବା ଅନ୍ନପୂର୍ଣ୍ଣା 'ଏ' ଗ୍ରୁପର ଏହା ଏକ ପ୍ରସାରିତ ରୂପ ହୋଇଥିବାରୁ ଏହାର ନାମକରଣ ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍ କରାଯାଇଥିଲା । ଲିଙ୍ଗରାଜ ନନ୍ଦଙ୍କ ପୃଷ୍ଠପୋଷକତାରେ ଏହା ଗଢ଼ିଉଠିଥିଲା । ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍‌ରେ ଅଭିନୀତ ପ୍ରଥମ ନାଟକ ହେଉଛି 'ମ୍ୟାନେଜର' ।

'ମ୍ୟାନେଜର' ନାଟକର କଥାବସ୍ତୁ ଗୋଟିଏ ଜମିଦାର ପରିବାରକୁ କେନ୍ଦ୍ରକରି ଗଢ଼ିଉଠିଛି । ଜମିଦାର ବୈକୁଣ୍ଠନାଥଙ୍କ ପତ୍ନୀ ନିଜ କନ୍ୟା ସୁଷମାର ବିବାହ ସୁରେନ୍ଦ୍ର ସହିତ ସ୍ଥିର କରିଥିଲେ । ମାତ୍ର ତାଙ୍କ ମୃତ୍ୟୁପରେ ଜମିଦାର ସୁରେନ୍ଦ୍ରକୁ ଅସ୍ୱୀକାର କରିଛନ୍ତି ଏବଂ ନିଜେ ପାଳିଥିବା ବଂଶ ମର୍ଯ୍ୟାଦା ପରିଚୟ ହୀନ ଯୁବକ 'ପ୍ରତାପ' ସହିତ ସୁଷମାର ବିବାହ ସ୍ଥିର କରିଛନ୍ତି । ପ୍ରତାପକୁ ମଧ୍ୟ ଜମିଦାରୀର ମ୍ୟାନେଜର ଭାବେ ନିଯୁକ୍ତି ଦେଇଛନ୍ତି । କ୍ଷମତାର ଅଧିକାରୀ ହେବାପରେ ପ୍ରତାପ ଲମ୍ପଟ ଓ ଅତ୍ୟାଚାରୀରେ ପରିଣତ ହୁଏ । ଆଦର୍ଶବାଦୀ ସୁରେନ୍ଦ୍ର ଓ ପ୍ରତାପ ମଧ୍ୟରେ ମାନସିକ ସଂଘର୍ଷ ଦେଖାଦେଇଛି । ନାଟକର ଶେଷରେ ସୁରେନ୍ଦ୍ର ସହିତ ସୁଷମାର ଓ ସୁରେନ୍ଦ୍ରର ଭଉଣୀ କୁସୁମ ସହିତ ପ୍ରତାପର ବିବାହ ହୋଇଛି । ଏକ ମିଳନାତ୍ମକ ପରିବେଶରେ ନାଟକର ପରିସମାପ୍ତି ଘଟିଛି । ନାଟକରେ ସେପରି କୌଣସି ବଡ଼ ସାମାଜିକ ସମସ୍ୟା ରୂପାୟିତ ହୋଇନାହିଁ । ଏଥିରେ ଆଦର୍ଶବାଦ ଓ ଶଠତା ମଧ୍ୟରେ ଦ୍ୱନ୍ଦ୍ୱ ପ୍ରଦର୍ଶିତ ।

'ମୂଳିଆ' (୧୯୪୬) ନାଟକ ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍ ମଞ୍ଚରେ ଅଭିନୀତ ହୋଇଥିଲା । ଉଚ୍ଚଶିକ୍ଷା ପାଇଁ ଗ୍ରାମରୁ ସହରକୁ ଆସିଥିବା ଯୁବକ ରାଜକିଶୋରର କାହାଣୀ ଏଥିରେ ରୂପାୟିତ । ସେ ସହରର ମିଥ୍ୟା ଚାକଚକ୍ୟର ମୋହରେ ଅନ୍ଧହୋଇ ଗାଁରେ ଥିବା ନିଜ ବଡଭାଇ ଓ ଭାଉଜକୁ ଭୁଲିଯାଇଛି । ଯେଉଁ ଭାଇ ମୁଣ୍ଡଝାଳ ତୁଣ୍ଡରେ ମାରି ରାଜକିଶୋର ଶିକ୍ଷା ପାଇଁ ଅର୍ଥ ଯୋଗାଇ ଆସୁଥିଲେ ସେ ତାଙ୍କୁ ପର କରିଦେଇଛି । ରାଜକିଶୋର ସହରରେ ନିଜ ପରିବାରର ପ୍ରକୃତ ପରିଚୟ ଦେବାକୁ ମଧ୍ୟ ସଂକୋଚ କରିଛି । ଗାଁରେ ତା ବାଟକୁ ଚାହିଁରହିଥିବା 'ସର'କୁ ଭୁଲି ସହରରେ ସେ 'କଳ୍ପନା'ର ପ୍ରେମରେ ପଡ଼ିଛି । ପରେ ଆଧୁନିକ ଝିଅ 'କଳ୍ପନା' ଦ୍ୱାରା ପ୍ରତ୍ୟାଖ୍ୟାତ ହେବାପରେ ରାଜକିଶୋର ନିଜ ପରିବାର ପାଖକୁ ଫେରି ଆସିଛି । ରାଜକିଶୋର ସହରଦ୍ୱାରା ପ୍ରତାରିତ ହେବାପରେ

ପଲ୍ଲୀର ସରଳ ନିଷ୍କାପ ପ୍ରେମ ପୁଣି ତାକୁ ଆକର୍ଷିତ କରିଛି ଏବଂ ପ୍ରକୃତ ମାନବିକତାକୁ ଉପଲବ୍ଧି କରିପାରିଛି । ଖଳଚରିତ୍ର ଧଡ଼ି ମହାପାତ୍ର 'ସର'କୁ ବିବାହ କରିବାକୁ ଯାଉଥିବା ସମୟରେ ଗିରଫ ହୋଇଛି ଏବଂ ରାଜକିଶୋରର ସର ସହିତ ବିବାହରେ ନାଟକର ଅନ୍ତ ଘଟିଛି । ଆଧୁନିକ ଶିକ୍ଷାର ପ୍ରସାର ଫଳରେ ସମାଜ ଜୀବନରେ ଯେଉଁ ପରିବର୍ତ୍ତନମାନ ପରିଲକ୍ଷିତ ତାହା ନାଟକରେ ପ୍ରଦର୍ଶିତ । ଏଥିରେ ପଲ୍ଲୀ ଓ ନଗରର ଚିରନ୍ତନ ସଂଘର୍ଷର ଚିତ୍ର ରହିଛି ।

ରାମଚନ୍ଦ୍ର ମିଶ୍ରଙ୍କର 'କବିସୂର୍ଯ୍ୟ' (୧୯୪୬) ଏକ ଚରିତମୂଳକ ନାଟକ । ଏହା ପୂର୍ବରୁ କାଳୀଚରଣ 'ଜୟଦେବ' (୧୯୪୩) ଓ ଅତିବଡ଼ି ଜଗନ୍ନାଥ ଦାସ(୧୯୪୫) ନାମରେ ଦୁଇଟି ଚରିତମୂଳକ ନାଟକ ରଚନା କରି 'ଓଡ଼ିଶା ଥିଏଟର୍ସ'ରେ ସଫଳତାର ସହିତ ପ୍ରଦର୍ଶନ କରିସାରିଥିଲେ । 'କବିସୂର୍ଯ୍ୟ' ନାଟକରେ କବିସୂର୍ଯ୍ୟ ବଳଦେବ ରଥଙ୍କର କାବ୍ୟିକ ପ୍ରତିଭା ରୂପାୟିତ । ଅତୀତର ଜ୍ଞାନୀ, ଗୁଣୀ, ସମାଜସେବୀ, ଭକ୍ତ, କବି ପ୍ରଭୃତିଙ୍କର କାହାଣୀକୁ ନାଟ୍ୟରୂପ ଦେଇ ଜାତୀୟଜୀବନକୁ ଉଦ୍‌ବୋଧିତ କରିବା ଚରିତମୂଳକ ନାଟକର ମୂଳ ଉଦ୍ଦେଶ୍ୟ । ବଳଦେବ ରଥଙ୍କର ରାଜନୈତିକ ଜୀବନ ଓ କବି ଜୀବନର ସୁନ୍ଦର ସମନ୍ୱୟରେ ନାଟକଟି ରଚିତ । ନାଟକରେ ଅଲୌକିକତାର ସ୍ପର୍ଶ ରହିଛି । ସଂଳାପ ପାତ୍ରମୁଖୀ ହୋଇଛି । କବିସୂର୍ଯ୍ୟଙ୍କ ରଚିତ ସଂଗୀତର ସଂଯୋଜନାର ନାଟକଟି ଅଧିକ ପ୍ରଭାବଶାଳୀ ହୋଇପାରିଛି । ଏହି ନାଟକଟି ଅନ୍ନପୂର୍ଣ୍ଣା 'ଏ' ଗ୍ରୁପ୍ ମଞ୍ଚରେ ଅଭିନୀତ ହୋଇଥିଲା ।

'ଘରସଂସାର' (୧୯୫୦) ରାମଚନ୍ଦ୍ର ମିଶ୍ରଙ୍କର ଏକ ଲୋକପ୍ରିୟ ନାଟକ । ଏହା ଦୀର୍ଘଦିନ ଧରି ଅନ୍ନପୂର୍ଣ୍ଣା 'ବି' ମଞ୍ଚରେ ଅଭିନୀତ ହୋଇ ଉଚ୍ଚ ପ୍ରଶଂସିତ ହୋଇଥିଲା । ଏଥିରେ ମଧ୍ୟ ନାଟ୍ୟକାର ନଗର ଓ ପଲ୍ଲୀ ସଭ୍ୟତାର ସଂଘର୍ଷକୁ ଏକ ପାରିବାରିକ କାହାଣୀ ମାଧ୍ୟମରେ ଦର୍ଶାଇଛନ୍ତି । ଗୋଟିଏ ପରିବାରର ଦୁଇଜଣ ବୋହୂ ଶାରଦା ଓ ଅନୀମା । ଶାରଦା ଅଳ୍ପ ଶିକ୍ଷିତା ଗାଁ ଝିଅ । ଶାରଦା ଚୌଧୁରୀ ପରିବାରର ଶତ୍ରୁ ଘରର କନ୍ୟା । ଘଟଣାଚକ୍ରରେ ଚୌଧୁରୀ ଘରକୁ ବୋହୂ ହୋଇ ଆସିଛି । ପ୍ରଥମେ ଶାଶୂଘରଲୋକ ତାକୁ ହତାଦର କରୁଥିଲେ ମଧ୍ୟ ସେ ତାର ସେବା ପରାୟଣ, ନମ୍ରତା ଓ ସରଳତା ଯୋଗୁ ସମଗ୍ର ପରିବାରର ପ୍ରିୟ ହୋଇପାରିଛି । ମାତ୍ର ସାନବୋହୂ ଉଚ୍ଚଶିକ୍ଷିତା 'ଅନୀମା'ର ଉଗ୍ର ଆଧୁନିକତା ଓ ଔଦ୍ଧତ୍ୟ ସମଗ୍ର ଚୌଧୁରୀ ପରିବାରରେ ଝଡ଼ ସୃଷ୍ଟି କରିଛି । ଅନୀମାର ଔଦ୍ଧତ୍ୟ ଚରମସୀମାକୁ ସ୍ପର୍ଶ କରିଛି ଯେତେବେଳେ ସେ ନିଜ ସ୍ୱାମୀକୁ ମଧ୍ୟ ଅପମାନିତ କରିବାକୁ ପଛଘୁଞ୍ଚା ଦେଇନାହିଁ । ଘଟଣାକ୍ରମରେ ଅନୀମା ନିଜ ଭୁଲ୍ ବୁଝିପାରି ପଶ୍ଚାତାପର ଅନଳରେ ଦଗ୍ଧୀଭୂତ ହୋଇଛି । ଏଥିରେ ଶାରଦା ଏକ ଆଦର୍ଶ ସ୍ଥାନୀୟ ଚରିତ୍ର । ଅନୀମାଦ୍ୱାରା ବାରମ୍ବାର ଅପମାନିତ ହେବା ସତ୍ତ୍ୱେ ତା ପ୍ରାୟାସରେ ଅନୀମା ଜୀବନର ସୁଖଶାନ୍ତି ଫେରିଆସେ । ଖଳଚରିତ୍ରମାନଙ୍କ ପତନ ହୁଏ । ଏକ ସୁଖାତ୍ମକ ପରିବେଶରେ ନାଟକର ଶେଷ ହୋଇଛି । ନାଟକର ପ୍ରତ୍ୟେକ ଚରିତ୍ର ବାସ୍ତବ ଓ ସ୍ୱୟଂସଂପୂର୍ଣ୍ଣ ମନେହୁଏ । ଏହା ଏକ ପାରିବାରିକ ଜୀବନର କରୁଣ ମଧୁର କାହାଣୀ ଯାହାକି ଆଦର୍ଶଗତ ପାର୍ଥକ୍ୟକୁ କେନ୍ଦ୍ରକରି ପରିକଳ୍ପିତ ।

୧୯୫୦ ମସିହାପରେ ରାମଚନ୍ଦ୍ର ମିଶ୍ର ସାଇପଡ଼ିଶା (୧୯୫୩), ଭାଇଭାଉଜ (୧୯୫୪), ସେବିକା (୧୯୫୫), ମମତା (୧୯୫୭), ଚାବୁକ୍ (୧୯୫୮), ପୁଆଣିଘର (୧୯୬୨), ପରପୁରୁଷ (୧୯୬୮), ଗୋଧୂଳି ଲଗ୍ନ (୧୯୬୮), ନରୋତ୍ତମ ଦାସ କହେ (୧୯୬୮), କିସ ପୁଣି ଦେଖାନଯାଏ (୧୯୭୨), ମଉଡ଼ମଣି ପ୍ରଭୃତି ନାଟକ ରଚନା କରିଛନ୍ତି । ରାମଚନ୍ଦ୍ର ମିଶ୍ରଙ୍କ ନାଟକରେ ନ୍ୟାୟ, ନୀତି ଓ ଆଦର୍ଶଗର୍ଭିତ ଏକ

ପରିଚ୍ଛନ୍ନ ପାରିବାରିକ ଜୀବନର ଚିତ୍ର ଉପସ୍ଥାପିତ । ଫକବିସୂର୍ଯ୍ୟ' ନାମକ ଗୋଟିଏ ଚରିତମୂଳକ ନାଟକକୁ ଛାଡ଼ିଦେଲେ ରାମଚନ୍ଦ୍ର ମିଶ୍ର କେବଳ ସାମାଜିକ ନାଟକ ରଚନା କରିଛନ୍ତି । ତାଙ୍କ ନାଠକ ସୃଷ୍ଟିର ମୂଳ ଦର୍ଶନ ହେଉଛି ଆଦର୍ଶବାଦର ପ୍ରତିଷ୍ଠା । 'ଅନ୍ତର୍ଦ୍ୱନ୍ଦ୍ୱ ଅଳ୍ପ ରହିଥିଲେ ମଧ୍ୟ ତାଙ୍କ ଅଧିକାଂଶ ନାଟକରେ ବର୍ହିଦ୍ୱନ୍ଦ୍ୱର ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳେ । ତାଙ୍କ ନାଟକରେ ବିପରୀତଧର୍ମୀ ଚରିତ୍ରର ସଂଘର୍ଷ ବା ଭିନ୍ନ ଆଦର୍ଶର ସଂଘର୍ଷରୁ ବର୍ହିଦ୍ୱନ୍ଦ୍ୱ ଉତ୍ପନ୍ନ ହୋଇଛି ।

ରାମଚନ୍ଦ୍ର ମିଶ୍ର ବହୁସଂଖ୍ୟକ ମଞ୍ଚ ଉପଯୋଗୀ ନାଟକ ରଚନା କରିଛନ୍ତି । ଲୋକଶିକ୍ଷା ଓ ମନୋରଞ୍ଜନ ଉଭୟକୁ ସେ ଗୁରୁତ୍ୱ ଦେଇଛନ୍ତି । ତେଣୁ ନାଟକରେ ଦିଆଯାଇଥିବା ପ୍ରେମଚିତ୍ର ସଂଯତ । ରାମଚନ୍ଦ୍ର ମିଶ୍ରଙ୍କ ନାଟକରେ ଉଭୟ ଗ୍ରାମ ଓ ସହରର ପରିବେଶ, ରୀତିନୀତି ଓ ଆଚାର ବିଚାରର ସୁନ୍ଦର ଚିତ୍ରଣ ରହିଛି । କାଳୀଚରଣଙ୍କ ପ୍ରଭାବ ରାମଚନ୍ଦ୍ର ମିଶ୍ରଙ୍କ ନାଟକରେ ସ୍ପଷ୍ଟ ପରିଲକ୍ଷିତ ହୁଏ ।

## • ଭଞ୍ଜକିଶୋର ପଟ୍ଟନାୟକ

ଭଞ୍ଜକିଶୋର ପ୍ରାୟ ଚାଳିଶବର୍ଷ ନିରବିଚ୍ଛିନ୍ନ ଭାବେ ନାଟକ ରଚନା କରିଛନ୍ତି । ବହୁସଂଖ୍ୟାରେ ମଞ୍ଚସଫଳ ନାଟକ ରଚନା କରି ସେ ଓଡ଼ିଆ ନାଟ୍ୟସାହିତ୍ୟକୁ ସମୃଦ୍ଧ କରିଛନ୍ତି । ତାଙ୍କର ପ୍ରାରମ୍ଭିକ ସମୟର ନାଟକ ଝଡ଼ରାତି (୧୯୩୯), ପ୍ରେମପୁଷ୍ପ (୧୯୪୦), ପରିଣତି (୧୯୪୩), ଅଦୃଷ୍ଟଚକ୍ର (୧୯୪୪) ପ୍ରଭୃତି ସେତେବେଳ ମଞ୍ଚସ୍ଥ ହୋଇଥିଲେ ମଧ୍ୟ ଅଦ୍ୟାବଧି ଅପ୍ରକାଶିତ । ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍ ମଞ୍ଚରେ 'ଦେବୀ' (୧୯୪୫) ନାଟକ ସଫଳତାର ସହ ମଞ୍ଚସ୍ଥ ହେବାପରେ ଭଞ୍ଜକିଶୋରଙ୍କୁ ଯଥାର୍ଥ ନାଟ୍ୟକାରର ମର୍ଯ୍ୟାଦା ମିଳିଲା । ଏକ ତ୍ରିକୋଣୀୟ ପ୍ରେମକାହାଣୀକୁ କେନ୍ଦ୍ରକରି ଦେବୀ ନାଟକର କଥାବସ୍ତୁ ପରିକଳ୍ପିତ । ନାୟକ ରମେଶ ଧନୀ ଏବଂ ନାୟିକା ମାଳା ଦରିଦ୍ର ହୋଇଥିବାରୁ ସେମାନଙ୍କର ପ୍ରଣୟରେ ରମେଶର ପିତା ହରିଚରଣ ବାଧା ସୃଷ୍ଟି କରନ୍ତି । ମାଳାର ବାପା ଦୁର୍ଘଟଣାଗ୍ରସ୍ତ ହୋଇଥିବା ସମୟରେ ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ରମାନାଥ ମାଳା ପ୍ରତି ଆକୃଷ୍ଟ ହୋଇ ବିବାହ ପ୍ରସ୍ତାବ ଦିଅନ୍ତି । ରମାନାଥଙ୍କ ପ୍ରସ୍ତାବକୁ ମାଳାର ବାପା ଖୁସିରେ ସ୍ୱୀକାର କରିନେବାପରେ ରମେଶ ଓ ମାଳା ମଧ୍ୟରେ ଭୁଲ ବୁଝାମଣାର ସୂତ୍ରପାତ ହୁଏ । ନାଟକର ଶେଷରେ ନାୟକ ନାୟିକାଙ୍କର ମିଳନ ହୁଏ ଏବଂ ଖଳ ଚରିତ୍ରମାନେ ଧରାପଡ଼ନ୍ତି । ଏହି ନାଟକରେ କାଳୀଚରଣଙ୍କ ପ୍ରଭାବ ସ୍ପଷ୍ଟ ପରିଲକ୍ଷିତ । ସେତେବେଳେ ଏହି ନାଟକଟି ବହୁ ପ୍ରଶଂସିତ ହୋଇଥିଲା ।

'ଜହର' (୧୯୪୬) ନାଟକଟି ସମସାମୟିକ ରାଜନୈତିକ ସମସ୍ୟାକୁ ଆଧାର କରି ରଚିତ । ଗାନ୍ଧିଜୀ ଭାରତଛାଡ଼ ଆନ୍ଦୋଳନର ଡାକରା ଦେଇଥିବା ସମୟରେ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକତ୍ର ହୋଇ ଆଗେଇ ଆସିଥିଲେ । ମାତ୍ର ସ୍ୱାଧୀନତା ଲାଭ ପୂର୍ବରୁ କେତେକ ସ୍ୱାର୍ଥପର ବ୍ୟକ୍ତିଙ୍କ ହୀନ ଚକ୍ରାନ୍ତ ଯୋଗୁ ସାମ୍ପ୍ରଦାୟିକ ଦଙ୍ଗା ଦେଖାଦେଇଥିଲା । ହିନ୍ଦୁ ଓ ମୁସଲମାନଙ୍କର ସେହି ବିଭୀଷିକାମୟ ଚିତ୍ର ପ୍ରଥମଥର ପାଇଁ 'ଜହର' ନାଟକରେ ରୂପାୟିତ । ନାୟକ 'ଜହର'ର ନାମାନୁସାରେ ନାଟକଟି ନାମିତ । ଜହର ଜଣେ ଦେଶଭକ୍ତ ଓ ଦରିଦ୍ର ଜନତାଙ୍କର ବନ୍ଧୁ । ସେ ଗାନ୍ଧିଜୀଙ୍କର ନୀତି ଆଦର୍ଶରେ ପରିଚାଳିତ ହୋଇଥିବାରୁ ଦେଶରେ ମୈତ୍ରୀ ଓ ପ୍ରୀତିର ବୈଜୟନ୍ତୀ ଉଡ଼ାଇବାକୁ ଆଶାୟୀ । ଜହର ଗୋଟିଏ ପତ୍ରିକାର ସଂପାଦକ ମଧ୍ୟ । ପୁଞ୍ଜିପତି ଚୌଧୁରୀଙ୍କ

ବିରୋଧରେ ତାର ସଂଗ୍ରାମ । ଚୌଧୁରୀଙ୍କ ପ୍ରାଇଭେଟ୍ ସେକ୍ରେଟାରୀ ସୁଧାଂଶୁ ସହିତ ଜହରର ସଂଘର୍ଷ ଦେଖାଦେଇଛି । ପରବର୍ତ୍ତୀ ସମୟରେ ସୁଧାଂଶୁର ମାନସିକ ପରିବର୍ତ୍ତନ ଘଟିଛି । ସୁଧାଂଶୁର ଭଉଣୀ ଛାୟା ସହିତ ଜହରର ପ୍ରଣୟ ଓ ବହୁ ଘାତପ୍ରତିଘାତ ମଧ୍ୟରେ ଉଭୟଙ୍କ ମିଳନକୁ ନେଇ ନାଟକର କଥାବସ୍ତୁ ଆଗେଇଛି । ଆଦର୍ଶବାଦର ପ୍ରତିଷ୍ଠା ନାଟକର ମୂଳଲକ୍ଷ । ଜାତିବୈଷମ୍ୟ, ପାରସ୍ପରିକ ବିରୋଧ ପ୍ରଭୃତି ଦେଶକୁ ରସାତଳଗାମୀ କରିଥାଏ । ଏସବୁକୁ ବନ୍ଦକରିବାକୁ ହେଲେ ସାମ୍ପ୍ରଦାୟିକ ସଦ୍‌ଭାବର ଆବଶ୍ୟକତା ରହିଛି ବୋଲି ନାଟ୍ୟକାର ନାଟକରେ ସୂଚନା ଦେଇଛନ୍ତି ।

ଏକ ବେନାମୀ କବଲାକୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱର ଆଧାରରେ 'ବେନାମୀ' (୧୯୪୬) ନାଟକ ରଚିତ । ଏହା ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍‌ଦ୍ୱାରା ମଞ୍ଚସ୍ଥ ହୋଇଥିଲା । ନିଜ ସ୍ତ୍ରୀକୁ ହରାଇଥିବା ଶ୍ୟାମସୁନ୍ଦର ପୁଅ କୁଞ୍ଜର ରକ୍ଷଣାବେକ୍ଷଣ ନିମନ୍ତେ ନିଜର ସମସ୍ତ ସମ୍ପତ୍ତି ବନ୍ଧୁ ସୁରେନ୍ଦ୍ର ନାମରେ ବେନାମୀ କବଲା କରିଦିଅନ୍ତି । ସୁରେନ୍ଦ୍ରର ପତ୍ନୀ ମେନକା ଏ ସମ୍ପତ୍ତିକୁ ଦେଖି ଲୋଭାସକ୍ତ ହୁଅନ୍ତି । ଶ୍ୟାମସୁନ୍ଦରଙ୍କ ସମସ୍ତ ସମ୍ପତ୍ତିକୁ ନିଷ୍କଣ୍ଟକ ଭାବେ ଉପଭୋଗ କରିବା ଆଶାରେ କୁଞ୍ଜଉପରେ ଅତ୍ୟାଚାର କରି ଘରୁ ବାହାର କରିଦିଅନ୍ତି । ଶ୍ୟାମସୁନ୍ଦର ମଧ୍ୟ ନିଜର ସମସ୍ତ ସମ୍ପତ୍ତିକୁ ହରାଇ ଦାଣ୍ଡର ଭିକାରୀ ସାଜିଛନ୍ତି । କୁଞ୍ଜ ସୁରେନ୍ଦ୍ରଙ୍କ ଘରୁ ବାହାରିଯିବାପରେ ଅନ୍ୟ ଏକ ଆଦର୍ଶବାଦୀ ପରିବାର ଦ୍ୱାରା ପ୍ରତିପାଳିତ ହୁଏ । ସମୟକ୍ରମେ କୁଞ୍ଜ ଯୁବାବସ୍ଥାରେ ଉପନୀତ ହୁଏ । ଯୁବକ କୁଞ୍ଜର ସୁରେନ୍ଦ୍ରଙ୍କ କନ୍ୟା ଉମା ସହିତ ବିବାହ ପ୍ରସ୍ତାବ ପଡ଼ିଛି । ମାତ୍ର କୁଞ୍ଜ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ମଞ୍ଜୁକୁ ଭଲପାଇ ବିଭାହୁଏ । ନାଟକର ଶେଷରେ କୁଞ୍ଜର ପ୍ରକୃତ ପରିଚୟ ମିଳେ ଏବଂ ନିଜପିତାଙ୍କ ସହିତ ମିଳନ ହୁଏ । ଏହାହିଁ ନାଟକର କଥାବସ୍ତୁ । ପାରସ୍ପରିକ ସ୍ନେହ, ସୌହାର୍ଦ୍ଦ୍ୟପୂର୍ଣ୍ଣ ସାମାଜିକ ଜୀବନକୁ ଲୋଭ କିପରି ନଷ୍ଟଭ୍ରଷ୍ଟ କରିଦିଏ ତାହା ନାଟକରେ ପ୍ରଦର୍ଶିତ । ମଧ୍ୟବିତ୍ତ ସମାଜର ଲାଳସାଗ୍ରସ୍ତ ଦୟନୀୟ ରୂପଟି ଏଠାରେ ଫୁଟି ଉଠିଛି । ନାଟକଟି ହାସ୍ୟରସ, ନୃତ୍ୟ ଓ ସଂଗୀତର ପ୍ରୟୋଗ ମାଧ୍ୟମରେ ମନୋରଞ୍ଜନଧର୍ମୀ ହୋଇଛି ।

ପୂର୍ବରୁ ନାଟକଗୁଡ଼ିକ ବିଶେଷତଃ ପାଞ୍ଚଅଙ୍କ ବିଶିଷ୍ଟ ହେଉଥିବାବେଳେ 'ଶିକାରୀ' (୧୯୪୭) ନାଟକର ଅଙ୍କସଂଖ୍ୟାକୁ ତିନିରେ ସୀମାବଦ୍ଧ କରାଯାଇଛି । ଏହାର ନାୟକ ଅଶୋକ ଜଣେ କଳାକାର । ସେ ପିତାମାତାଙ୍କ ବାଧ୍ୟବାଧକତାଠାରୁ ଦୂରେଇଯିବା ପାଇଁ ଏକ ସାଂସ୍କୃତିକ ସଂସ୍ଥାରେ ଯୋଗଦେଇଛି । ବିବାହ ଜଞ୍ଜାଳକୁ ଏଡ଼ାଇବା ଲକ୍ଷରେ ସେ ମିଥ୍ୟାର ଆଶ୍ରୟ ନେଇ ସେହି ସାଂସ୍କୃତିକ ଅନୁଷ୍ଠାନର ଅଭିନେତ୍ରୀ ବାସନ୍ତୀକୁ ନିଜର ପତ୍ନୀ ବୋଲି କହିଛି । ଅଶୋକର ପିତା ବାସନ୍ତୀକୁ ସତରେ ନିଜର ବୋହୂବୋଲି ଭାବି ଗାଁକୁ ନେଇଯାଇଛନ୍ତି । ଏହାପରେ ସାଂସ୍କୃତିକ ଅନୁଷ୍ଠାନର ସଂପାଦକ ପ୍ରଦୀପ୍ତ ଆରମ୍ଭ କରିଛନ୍ତି ନାନା କୁଚକ୍ରାନ୍ତ । ସେ ଅଶୋକର କ୍ଷତି କରିବାକୁ ବହୁ ଷଡ଼ଯନ୍ତ୍ର କରିଛନ୍ତି । ତାଙ୍କର କୌଣସି କୌଶଳ ସଫଳ ନ ହେବାରୁ ଶେଷରେ ତନ୍ୱୀ ନାମକ ଯୁବତୀକୁ ହତ୍ୟାକରି ଅଶୋକକୁ ହତ୍ୟା ଅପରାଧରେ ଅଭିଯୁକ୍ତ କରିଛନ୍ତି । ଏଥିରେ ଖଳନାୟକ ପ୍ରଦୀପ୍ତକୁ ଶିକରୀ ବୋଲି କୁହାଯାଇଛି । ନାଟକର ଶେଷରେ ପ୍ରଦୀପ୍ତର ପ୍ରକୃତ ସ୍ୱରୂପ ଧରାପଡ଼ିଛି ଏବଂ ବାସନ୍ତୀ ସହିତ ଅଶୋକର ବିବାହ ହୋଇଛି । ଏକ ମିଳନାତ୍ମକ ପରିବେଶରେ ନାଟକର ପରିସମାପ୍ତି ହୋଇଛି । ଭଞ୍ଜକିଶୋରଙ୍କ ଅନ୍ୟ ନାଟକଗୁଡ଼ିକ ପରି ଏହା ମଧ୍ୟ ବେଶ୍ ଲୋକପ୍ରିୟ ହୋଇଥିଲା ।

'ତୋଫାନ୍' (୧୯୪୯) ନାଟକ ଏକ କାଳ୍ପନିକ କଥାବସ୍ତୁ ଆଧାରିତ । ଏହା ମୁଖ୍ୟତଃ ମନୋରଞ୍ଜନଧର୍ମୀ । ଜମିଦାର ଶଚୀନ୍ଦ୍ର ସାବିତ୍ରୀ ନାମ୍ନୀ କନ୍ୟା ସହିତ ପ୍ରଣୟ ସଂପର୍କ ସ୍ଥାପନ କରି ପରେ ପ୍ରତାରିତ କରିଛନ୍ତି । ପରବର୍ତ୍ତୀ କାଳରେ ସାବିତ୍ରୀର ପୁତ୍ର ଚୂଡ଼ାମଣି ଶଚୀନ୍ଦ୍ରଙ୍କ ଉପରେ କିପରି ପ୍ରତିଶୋଧ ନେଇଛି ତାହା ନାଟକରେ ପ୍ରଦର୍ଶିତ । ଦ୍ୱନ୍ଦ୍ୱ ଉତ୍କଣ୍ଠାପୂର୍ଣ୍ଣ ଏହି ନାଟକଟି ମଞ୍ଚସଫଳ । ଏଥିରେ ଆଦର୍ଶବାଦ ରହିଛି । ମିଥ୍ୟା ଉପରେ ସତ୍ୟର ବିଜୟ ପ୍ରଦର୍ଶିତ । ସେହିବର୍ଷ 'ଗରିବ' (୧୯୪୯) ନାଟକ ଆତ୍ମପ୍ରକାଶ କରିଛି । ଏଥିରେ ଶ୍ରମିକ ଓ ମାଲିକ ସଂଘର୍ଷ ପ୍ରଦର୍ଶିତ । ନାଟକର ଅରମ୍ଭ ହୋଇଛି ଶ୍ରମିକ ଗୋଷ୍ଠୀର ଅଶାନ୍ତିରେ । ବିଦ୍ରୋହର କ୍ରମବର୍ଦ୍ଧମାନ ରୂପରେ ନାଟକର ବ୍ୟାପ୍ତି ଓ ବିଦ୍ରୋହର ସମାପ୍ତିରେ ନାଟକ ସମାପ୍ତ ହୋଇଛି । ମିଲ୍‌ମାଲିକ ଚୌଧୁରୀ ବୃଦ୍ଧ ଓ ଅସହାୟ ହୋଇଥିବାରୁ ତାଙ୍କ ମ୍ୟାନେଜର 'ମହେଶ' ମିଲ୍ କଥା ବୁଝେ । ସେ ଅତ୍ୟାଚାରୀ ଓ ଲମ୍ପଟ । ସେ ମିଲ୍ ସହିତ ମିଲ୍‌ମାଲିକ ଝିଅ 'ଛବି'କୁ କରାୟତ୍ତ କରିବାକୁ ଆଶାପୋଷଣ କରିଛି । ଛବି ଶ୍ରମିକନେତା 'ସୌରେନ୍'କୁ ଭଲପାଉଥିବା ବେଳେ 'ସୌରେନ୍' ଶ୍ରମିକ କନ୍ୟା ମାଳୀକୁ ଭଲପାଏ । ଏହି ତ୍ରିକୋଣୀୟ ପ୍ରେମକାହାଣୀ ନାଟକରେ ଗୁରୁତ୍ୱଲାଭ କରିଛି । ନାଟକ ଶେଷରେ ଅତ୍ୟାଚାରୀର ଅନ୍ତ ହୋଇଛି । ଏଥିରେ ମାର୍କ୍ସଦର୍ଶନର ପ୍ରତିଫଳନ ସ୍ପଷ୍ଟ ପରିଲକ୍ଷିତ । ଏକ ଶୋଷଣମୁକ୍ତ ଏବଂ ସମସ୍ୟାହୀନ ସମାଜ ଗଠନର ଇଙ୍ଗିତ ରହିଛି । ହତ୍ୟା, ଷଡ଼ଯନ୍ତ୍ର, ଅତ୍ୟାଚାର ପ୍ରଭୃତି ଘଟଣାର ଅବତାରଣା ନାଟକକୁ ଦ୍ୱନ୍ଦ୍ୱ ଓ ଉତ୍କଣ୍ଠାଧର୍ମୀ କରିଛି ।

'ନିର୍ମଳ'ର ସ୍ୱାର୍ଥତ୍ୟାଗ ଓ ଆଦର୍ଶବାଦ ଉପରେ 'ଆଲୋକ' (୧୯୫୦) ନାଟକର କଥାବସ୍ତୁ ଆଧାରିତ । ନିର୍ମଳ ଏକ ଆଦର୍ଶବାଦୀ ଚରିତ୍ର । ସେ ନିଜ ଆଦର୍ଶରେ ଜମିଦାରୀ ଚଳାଇବାକୁ ସକ୍ଷମ ନହେବାରୁ ବିକ୍ରମପୁର ଛାଡ଼ି ଚାଲିଯାଏ । ନିର୍ମଳର ପ୍ରଚେଷ୍ଟାରେ ଚରିତ୍ରହୀନ ଲମ୍ପଟ ସରୋଜର ଚରିତ୍ରରେ ପରିବର୍ତ୍ତନ ଆସିଛି । ଏଥିରେ ସରୋଜ ଅନ୍ଧକାରକୁ ତ୍ୟାଗକରି ଜୀବନର ନୂତନ ଆଲୋକର ସନ୍ଧାନ ପାଇଥିବାରୁ ନାଟକର ନାମକରଣ ଏହିପରି ହୋଇଛି ।

ଏହିବର୍ଷ ଭଞ୍ଜକିଶୋରଙ୍କ 'ଜୀବନ ଜୁଆ' (୧୯୫୦) ନାମକ ଅନ୍ୟ ଏକ ନାଟକ ମଞ୍ଚସ୍ଥ ହୋଇଛି । ସଂପୂର୍ଣ୍ଣ ନାଟକଟି ଅତୀତର ପୃଷ୍ଠଉନ୍ମୋଚନ (ରକ୍ଷବଶ୍ବକ୍ଷ ଈବମଳ) ଶୈଳୀରେ ରଚିତ । ନାଟକରେ ଅତିକଳ୍ପନାର ସ୍ପର୍ଶ ରହିଛି । ଜଣେ ମୃତବ୍ୟକ୍ତିର ଆତ୍ମା ମୁହଁରେ ଅତୀତ କାହାଣୀର ଅବତାରଣା ବେଶ୍ ଆକର୍ଷଣୀୟ ହୋଇଛି । ଏଥିରେ ଶଶାଙ୍କର ମୃତ୍ୟୁପରେ ତାର ଆତ୍ମା ନିଜ ଅଧଃପତନର କାହାଣୀ କହିଛି । ଅନ୍ୟ ନାରୀ ପ୍ରତି ଆକୃଷ୍ଟ ହୋଇ ନିଜ ବାକ୍‌ଦତ୍ତାକୁ ଅନ୍ଧ କରିଦେବା, ବନ୍ଧୁର ଦୁର୍ବଳତାର ସୁଯୋଗ ନେଇ ତାକୁ ତା ପ୍ରେମିକାଠାରୁ ଦୂରେଇ ଦେବା, ଗର୍ଭବତୀ ସୁକାନ୍ତିକୁ ହତ୍ୟାଉଦ୍ୟମ ପ୍ରଭୃତି ଅନେକ କୁକର୍ମ ଶଶାଙ୍କ କରିଛି । ଶେଷରେ ଶଶାଙ୍କକୁ ଆତ୍ମହତ୍ୟା କରିବାକୁ ପଡ଼ିଛି । ନାୟକ ଶଶାଙ୍କ ଜଣେ ଉଚ୍ଛୃଙ୍ଖଳ ଯୁବକ । ବିଭିନ୍ନ ପ୍ରକାର କୁକର୍ମର ପରିଣତି ଯେ କିପରି ଭୟାନକ ହୋଇପାରେ ତାହା ନାଟ୍ୟକାର ଏଠାରେ ଦର୍ଶାଇଛନ୍ତି ।

୧୯୪୭ ମସିହାରେ କଟକରେ ବେତାରକେନ୍ଦ୍ର ପ୍ରତିଷ୍ଠିତ ହେବାପରେ ଭଞ୍ଜକିଶୋରଙ୍କ ବହୁ ନାଟକ ପ୍ରସାରିତ ହୋଇଛି । ୧୯୩୯ ମସିହାରୁ ନାଟକରଚନା ଆରମ୍ଭ କରି ଦୀର୍ଘ ୧୯୭୮ ମସିହା ପର୍ଯ୍ୟନ୍ତ ସେ ନାଟ୍ୟରଚନାରେ ବ୍ରତୀ ରହିଛନ୍ତି । 'ମାଣିକଯୋଡ଼ି'(୧୯୫୧), 'ସାଧବୀର ରଚନା' (୧୯୫୧), 'ବୈରାଗୀର

ସଂସାର' (୧୯୫୨), 'ଜୟମାଲ୍ୟ'(୧୯୫୨), 'ଅତିଥି' (୧୯୫୫), 'ପହିଲିରଜ'(୧୯୫୬), 'କୁଳବୋହୂ'(୧୯୫୬), 'ସାଆନ୍ତଘର'(୧୯୫୭), 'ଏଯୁଗର ଝିଅ' (୧୯୫୭), 'ପ୍ରତାପରୁଦ୍ର' (୧୯୫୮), 'ଅଗ୍ନିପରୀକ୍ଷା' (୧୯୫୮), 'ଅଶୋକସ୍ତମ୍ଭ' (୧୯୫୯), 'ସୁଖୀସଂସାର'(୧୯୬୧), 'ରାଜନର୍ତ୍ତକୀ'(୧୯୫୮), 'କୋଟିଏ ସନ୍ତାନ' (୧୯୬୪), 'ମାଟି ଯେଉଁଠି ଆକାଶ ଛୁଏଁ' (୧୯୭୦), 'ଦେବଭୂମି' (୧୯୭୭) ପ୍ରଭୃତି ନାଟକ ଭଞ୍ଜକିଶୋରଙ୍କ ଦ୍ୱାରା ୧୯୫୦ ମସିହା ପରବର୍ତ୍ତୀ ସମୟରେ ସଫଳତାର ସହ ମଞ୍ଚସ୍ଥ ହୋଇଛି ।

ଭଞ୍ଜକିଶୋରଙ୍କ ଅଧିକାଂଶ ନାଟକ ପରିବାରିକ ଦ୍ୱନ୍ଦ୍ୱକୁ ନେଇ ଗତିଶୀଳ ଓ ନିର୍ମଳ ଆଦର୍ଶବାଦରେ ପରିସମାପ୍ତି । ନିରାଡ଼ମ୍ବର ସରଳ ଓ ତୀକ୍ଷ୍ଣ ସଂଳାପ ତାଙ୍କ ନାଟକର ମୁଖ୍ୟ ଆକର୍ଷଣର ଦିଗ । ମୁଖ୍ୟତଃ ପେଶାଦାର ମଞ୍ଚପାଇଁ ନାଟକ ରଚନା କରୁଥିବାରୁ ଭଞ୍ଜକିଶୋର ନିଜ ନାଟକରେ ପରୀକ୍ଷା ନିରୀକ୍ଷାର ବିଶେଷ ସୁଯୋଗ ପାଇନାହାନ୍ତି । କେବଳ ଅତୀତର ପୃଷ୍ଠଉନ୍ମୋଚନ ମାଧ୍ୟମରେ ସଂପୂର୍ଣ୍ଣ ନାଟକର ଉପସ୍ଥାପନ ମନେହୁଏ ଓଡ଼ିଆ ନାଟକ ପାଇଁ ନୂଆ ଥିଲା । ଅଙ୍କ ଓ ଦୃଶ୍ୟ ବିଭାଜନ, କଭରସିନ୍‌ର ପ୍ରଚଳନ, ହାସ୍ୟରସର ପ୍ରୟୋଗ କ୍ଷେତ୍ରରେ ଭଞ୍ଜକିଶୋର କାଳୀଚରଣଙ୍କୁ ଅନୁସରଣ କରିଥିଲେ । କାଳୀଚରଣ ଉପଯୁକ୍ତ ପରିବେଶ ସୃଷ୍ଟି ନକରି ଚରିତ୍ରମାନଙ୍କୁ କ୍ଷିପ୍ରଗତିରେ ପରିବର୍ତ୍ତନ କରିଦେଉଥିଲେ ଫଳରେ ତାହା ଅବିଶ୍ୱସନୀୟ ମନେ ହେଉଥିଲା । ମାତ୍ର ଭଞ୍ଜକିଶୋର ଏ ପ୍ରକାର ଅବାସ୍ତବ ପ୍ରୟାସକୁ କିଛି ମାତ୍ରାରେ ଦୂର କରିଥିଲେ । ପାରିବାରିକ ଓ ସାମାଜିକ ସଂଘର୍ଷକୁ ଆଧୁନିକ ମାର୍ଜିତ ରୁଚିରେ ପରିବେଷଣ କରିବା ଥିଲା ଭଞ୍ଜକିଶୋରଙ୍କ ବିଶେଷତ୍ୱ ।

## ୨.୬ ସେଦିନର ଉଦୀୟମାନ ନାଟ୍ୟପ୍ରତିଭା

ଏହି ସମୟର ଜଣେ ଉଦୟମାନ ପ୍ରତିଭା ହେଉଛନ୍ତି ଗୋପାଳ ଛୋଟରାୟ । ନାଟ୍ୟ ଅଭିନେତାରୁ ସେ ନାଟ୍ୟରଚନା କ୍ଷେତ୍ରରେ ପାଦ ଦେଇ ଅତ୍ୟନ୍ତ ଜନପ୍ରିୟ ହୋଇଛନ୍ତି । ୧୯୪୬ ମସିହାରେ ତାଙ୍କର 'ଫେରିଆ' ନାଟକ 'ଭାରତୀ ଥିଏଟର୍ସ' ଦ୍ୱାରା ଅଭିନୀତ ହୋଇ ବହୁ ପ୍ରଶଂସିତ ହୋଇଥିଲା । ତ୍ରିକୋଣ ପ୍ରେମର ଏକ ସାଧାରଣ କଥାବସ୍ତୁକୁ ନେଇ ଏହା ରଚିତ । ଏଥିରେ କାଳୀଚରଣ, ରାମଚନ୍ଦ୍ର ଓ ଭଞ୍ଜକିଶୋରଙ୍କ ପ୍ରଭାବ ସ୍ପଷ୍ଟ ପରିଲକ୍ଷିତ ହୁଏ । ଏହି ନାଟକ ପରେ ଗୋପାଳ ଛୋଟରାୟ ଆଉ ପଛକୁ ଫେରିଚାହିଁ ନାହାନ୍ତି । ପାରମ୍ପରିକ ରୀତିରେ ସେ ଗୋଟିଏ ପରେ ଗୋଟିଏ ସଫଳ ନାଟକ ଦର୍ଶକ ସମାଜକୁ ଭେଟି ଦେଇଛନ୍ତି । ବିଭିନ୍ନ ଆଞ୍ଚଳିକ ସମସ୍ୟା ସହିତ ଜାତୀୟ ଓ ଆନ୍ତର୍ଜାତୀୟ ସମସ୍ୟା ତାଙ୍କ ନାଟକରେ ସ୍ଥାନିତ ।

୧୯୪୨ରୁ ୧୯୫୦ ମସିହା ମନୋରଞ୍ଜନ ଦାସଙ୍କ ନାଟ୍ୟ ପ୍ରତିଭାର ଉନ୍ମେଷ କାଳ । ପ୍ରାରମ୍ଭିକ ଅବସ୍ଥାରେ ସେ ସମସାମୟିକ ଅନ୍ୟ ନାଟ୍ୟକାରଙ୍କ ଭଳି ବ୍ୟବସାୟୀ ମଞ୍ଚଲାଗି ନାଟ୍ୟରଚନା କରିଛନ୍ତି । ଫଳରେ ନାଟକଗୁଡ଼ିକ ଗତାନୁଗତିକ ରୀତିର ହୋଇଛି । 'ଜନ୍ମମାଟି' (୧୯୪୩) ନାଟକରେ ପ୍ରାଚୀନ ଓ ନବୀନର ସଂଘର୍ଷ ସ୍ଥାନିତ । ଆଧୁନିକ ଶିକ୍ଷା ଓ ନଗର ସଭ୍ୟତାର ବହୁଳ ପ୍ରସାର କିପରି ପଲ୍ଲୀ ସଂସ୍କୃତି ଓ ସଭ୍ୟତା ପ୍ରତି ବିପଦ ସୃଷ୍ଟି କରିଛି ତାହା ନାଟକରେ ପ୍ରଦର୍ଶିତ । ନାୟକ ଆଧୁନିକ ଶିକ୍ଷିତ ହୋଇ ସହରର ଗୋଟିଏ ଝିଅର ମୋହରେ ପଡ଼ି ନିଜ ଭିଟାମାଟିକୁ ବିକ୍ରି କରିବାକୁ ବାହାରିଛି । ମାତ୍ର ଶେଷରେ ତାର ମାନସିକ ପରିବର୍ତ୍ତନ ଦେଖାଦେଇଛି ଓ ତାର

ଜନ୍ମଭୂମି ଜୟଲାଭ କରିଛି । ଏଥିରେ କାଳୀଚରଣ ଓ ରାମଚନ୍ଦ୍ର ମିଶ୍ରଙ୍କ ପ୍ରଭାବ ପରିଲକ୍ଷିତ । ୧୯୪୫ ମସିହାରେ ଅନ୍ନପୂର୍ଣ୍ଣା ଥିଏଟର୍ସର ମଞ୍ଚରେ ମନୋରଞ୍ଜନ ଦାସଙ୍କ 'ଯୌବନ' ନାଟକ ମଞ୍ଚସ୍ଥ ହୋଇଥିଲା । କଥାବସ୍ତୁରେ କୌଣସି ନୂତନତା ନାହିଁ । ନାୟକ ନାୟିକାଙ୍କର ପ୍ରଣୟ, ଖଳନାୟକର ବାଧାସୃଷ୍ଟି ଏବଂ ଶେଷରେ ଖଳନାୟକର ଅପସାରଣରେ ନାୟକ ଓ ନାୟିକାଙ୍କର ମିଳନ - ଏହାହିଁ ହେଉଛି ନାଟକର କଥାବସ୍ତୁ ।

ମନୋରଞ୍ଜନ ଦାସଙ୍କ ଦ୍ୱାରା ରଚିତ ଚରିତ ନାଟକ 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ' (୧୯୪୭) 'ଓଡ଼ିଶା ଥିଏଟର୍ସ' ଦ୍ୱାରା ଅଭିନୀତ ହୋଇଥିଲା । ନାଟ୍ୟକାରଙ୍କ 'ଅଗଷ୍ଟ ନ' (୧୯୪୭) ନାଟକଟି ଗାନ୍ଧିଜୀଙ୍କ ଭାରତଛାଡ ଆନ୍ଦୋଳନର ପଟ୍ଟଭୂମିରେ ରଚିତ । ଭାରତର ସ୍ୱାଧୀନତା ସଂଗ୍ରାମ ଉପରେ ପର୍ଯ୍ୟବେସିତ ଏହା ଏକମାତ୍ର ମୌଳିକ ନାଟକ । 'ଜନସଂସ୍କୃତି' ସଂଘ ଦ୍ୱାରା ଭାରତ ସ୍ୱାଧୀନତା ଲାଭର ମାତ୍ର ଚାରିଦିନ ପୂର୍ବରୁ ଏହା ଅଭିନୀତ। ଗାନ୍ଧିଜୀଙ୍କର ଭାରତଛାଡ଼ ଆନ୍ଦୋଳନ ଯୋଗୁ ସେ ସମୟରେ ଯୁଗଗୋଷ୍ଠୀ ମଧ୍ୟରେ ଯେଉଁ ଅଭୁତପୂର୍ବ ଆଲୋଡନ ଦେଖାଦେଇଥିଲା ତାହା ମର୍ମସ୍ପର୍ଶୀ ଭାବେ ଏଥିରେ ରୂପାୟିତ । 'ବକ୍ସି ଜଗବନ୍ଧୁ' (୧୯୪୯) ନାଟକ ପ୍ରଥମେ ଅନ୍ନପୂର୍ଣ୍ଣା 'ବି' ମଞ୍ଚରେ ଅଭିନୀତ ହୋଇଥିଲା । ବ୍ୟବସାୟୀ ମଞ୍ଚ ପାଇଁ ଏହା ତାଙ୍କର ଶେଷ ନାଟକ । ଏହା ଏକ ଟ୍ରାଜିକ୍ ନାଟକର ଆଙ୍ଗିକରେ ରଚିତ । ୧୯୫୦ ମସିହାରେ ମନୋରଞ୍ଜନ ଦାସଙ୍କଦ୍ୱାରା ରଚିତ 'ଆଗାମୀ' ନାଟକ ଓଡ଼ିଆ ନାଟକର ମୋଡ଼ ପରିବର୍ତ୍ତନ କରିଥିଲା । ଏଥିରେ ରାଜନୈତିକ, ମନସ୍ତାତ୍ତ୍ୱିକ ଓ ମାର୍କ୍ସବାଦୀୟ ତତ୍ତ୍ୱର ଅପୂର୍ବ ସମନ୍ୱୟ ଘଟିଛି । 'ଆଗାମୀ' ନାଟକର ଅଭୁତପୂର୍ବ ସଫଳତା ପରେ ମନୋରଞ୍ଜନ ଦାସ ପଛକୁ ଫେରିବାର ଅବକାଶ ପାଇନାହାନ୍ତି । ବିଭିନ୍ନ ପରୀକ୍ଷା ନିରୀକ୍ଷା କରି ନୂତନ ଧାରାର ପ୍ରବର୍ତ୍ତକ ସାଜିଛନ୍ତି । ପରବର୍ତ୍ତୀ ଏକକରେ ମନୋରଞ୍ଜନ ଦାସଙ୍କ ନାଟକଗୁଡ଼ିକ ବିସ୍ତୃତ ଭାବେ ଆଲୋଚିତ ।

ଏହି ସମୟଖଣ୍ଡ ମଧ୍ୟରେ ଅନ୍ୟକେତେକ ପ୍ରତିଭାବାନ୍ ନାଟ୍ୟକାର ଲେଖନୀ ଚାଳନା କରିଥିଲେ ମଧ୍ୟ ଅଶ୍ୱିନୀକୁମାର, କାଳୀଚରଣ ପମୁଖ ବିରାଟ ପ୍ରତିଭା ନିକଟରେ ମ୍ଳାନ ହୋଇପଡ଼ିଛନ୍ତି । ଫଳରେ ତାଙ୍କ କୃତିତ୍ୱର ଯଥାର୍ଥ ମୂଲ୍ୟାୟନ ହୋଇପାରିନାହିଁ । ୧୯୫୦ ପରବର୍ତ୍ତୀ ସମୟରେ ଅଶ୍ୱିନୀକୁମାର ଓ କାଳୀଚରଣଙ୍କ ଲେଖନୀ ଧୀରେ ଧୀରେ ସ୍ଥାଣୁ ହୋଇଯାଇଛି ମାତ୍ର ରାମଚନ୍ଦ୍ର ମିଶ୍ର, ଭଞ୍ଜକିଶୋର, ଗୋପାଳ ଛୋଟରାୟ, ମନୋରଞ୍ଜନ ଦାସ ପ୍ରମୁଖ ୧୯୫୦ ପରବର୍ତ୍ତୀ ସମୟରେ ଅଧିକ ଲୋକପ୍ରିୟ ହୋଇଛନ୍ତି ।

## ୨.୭ ୧୯୩୬ ରୁ ୧୯୫୦ ମଧ୍ୟରେ ରଚିତ ନାଟକର ଭାବଧର୍ମ

ତତ୍କାଳୀନ ନାଟକର ସ୍ୱାତନ୍ତ୍ର୍ୟ ସେହି ସମୟକୁ ସୁବର୍ଣ୍ଣଯୁଗର ମର୍ଯ୍ୟାଦା ଦେବା ସହିତ ପୂର୍ବ ନାଟ୍ୟଧାରା ଠାରୁ ଭିନ୍ନ ପରିଚୟ ପ୍ରଦାନ କରିଛି । ଆଲୋଚ୍ୟ ସମୟର ନାଟକଗୁଡ଼ିକର ବୈଶିଷ୍ଟ୍ୟ ଗୁଡ଼ିକ ହେଉଛି -

୧. ଏହି ସମୟରେ ବିଶେଷ କରି ସାମାଜିକ ନାଟକ ରଚନା କରାଯାଇଛି ।

୨. ପ୍ରେମ କାହାଣୀ ଓ ପାରିବାରିକ କାହାଣୀ ଗୁରୁତ୍ୱ ଲାଭ କରିଛି ଓ ଏହି କାହାଣୀ ମାଧ୍ୟମରେ ସାମାଜିକ ସମସ୍ୟାଗୁଡ଼ିକ ପ୍ରକାଶ ପାଇଛି ।

୩. ସ୍ନେହ, ପ୍ରେମ, ତ୍ୟାଗ, ଉଦାରତା, ସେବା, ପରୋପକାର, ସ୍ୱାର୍ଥହୀନତା ଆଦି ଉଚ୍ଚ ମାନବିକ ମୂଲ୍ୟବୋଧଗୁଡ଼ିକ ସ୍ଥାନିତ ।

୪. ଧନୀ ଓ ଗରିବ, ପୁଞ୍ଜିପତି ଓ ଶ୍ରମିକ, ଜମିଦାର ଓ ଚାଷୀ, ଗ୍ରାମ୍ୟ ସଭ୍ୟତା ଓ ନଗର ସଭ୍ୟତା ପ୍ରଭୃତି ଦୁଇଟି ପରସ୍ପର ବିରୋଧୀ ଶକ୍ତିମଧ୍ୟରେ ସଂଘର୍ଷ ଦେଖାଦେଇଛି ।

୫. ଦେଶପ୍ରେମ, ଜାତୀୟତାବାଦ, ଗାନ୍ଧୀବାଦ ଓ ମାର୍କସୀୟ ଚିନ୍ତାଚେତନାର ପ୍ରତିଫଳନ ଘଟିଛି ।

୬. ଆଦର୍ଶବାଦର ପ୍ରତିଷ୍ଠାପାଇଁ ପ୍ରୟାସ କରାଯାଇଛି ।

୭. କଥାବସ୍ତୁ ଏକମୁଖୀ ହେବା ସହିତ ଦୃଢ଼ ଗୁମ୍ଫନ ଦେଖାଦେଇଛି ।

୮. ଅନାବଶ୍ୟକ ଘଟଣା, ଚରିତ୍ର ଓ ସଙ୍ଗୀତକୁ ପରିହାର କରାଯାଇଛି ।

୯. ସଂଳାପ ସ୍ୱାଭାବିକ, ସରଳ, କ୍ଷୁଦ୍ର ଓ ପାତ୍ରୋପଯୋଗୀ ହୋଇଛି ।

୧୦. ମର୍ମସ୍ପର୍ଶୀ ସଙ୍ଗୀତର ପରିମିତ ବ୍ୟବହାର ହୋଇଛି ।

୧୧. ଚରିତ୍ର ଚିତ୍ରଣରେ ପୂର୍ଣ୍ଣତା ପରିଲକ୍ଷିତ ।

୧୨. ନାଟକର କଳେବର କ୍ଷୁଦ୍ର ହୋଇଛି ।

୧୩. ନାଟକଗୁଡ଼ିକ କ୍ରମଶଃ ପ୍ରସ୍ତାବନା ବିହୀନ ହୋଇଛି ।

୧୪. କଭରସିନ୍‌ର ପ୍ରଚଳନ ହୋଇଛି ।

୧୫. ଅତୀତର ପୃଷ୍ଠଉନ୍ମୋଚନ ଶୈଳୀ ନାଟକରେ ବ୍ୟବହାର କରାଯାଇଛି ।

୧୬. ବ୍ୟବସାୟୀ ମଞ୍ଚରେ ପ୍ରଦର୍ଶନ ଲାଗି ନାଟକଗୁଡ଼ିକ ରଚିତ ହୋଇଥିବାରୁ ମଞ୍ଚସଫଳତା ଓ ଦର୍ଶକୀୟ ସ୍ୱୀକୃତିକୁ ଗୁରୁତ୍ୱ ଦିଆଯାଇଛି ।

୧୭. ନାଟକ ଯଥାର୍ଥରେ ସାଧାରଣ ଦର୍ଶକଙ୍କ ପାଖରେ ପହଞ୍ଚିପାରିଛି ।

୧୯୩୬ ମସିହାଠାରୁ ୧୯୫୦ ମସିହା ପର୍ଯ୍ୟନ୍ତ ଓଡ଼ିଆ ନାଟକର ବିକାଶଧାରା ଅନୁଶୀଳନ କଲେ ଜଣାଯାଏ ଯେ ଅଶ୍ୱିନୀକୁମାର, କାଳୀଚରଣ, ରାମଚନ୍ଦ୍ର ମିଶ୍ର, ଭଞ୍ଜକିଶୋର ପ୍ରମୁଖ ନାଟ୍ୟକାର ଓଡ଼ିଆ ନାଟକର ଦୁର୍ବଳ ପରଂପରାକୁ ବଳିଷ୍ଠ ଓ ପୂର୍ଣ୍ଣାଙ୍ଗ ରୂପ ଦେବା ପାଇଁ ନାଟକର ଉଭୟ ଆତ୍ମିକ ଓ ଆଙ୍ଗିକ କ୍ଷେତ୍ରରେ ବହୁ ପରିବର୍ତ୍ତନ ଆଣିଥିଲେ । ଏଥିପାଇଁ ବିଭିନ୍ନ ବ୍ୟବସାୟିକ ମଞ୍ଚର ଅବଦାନକୁ ମଧ୍ୟ ଅସ୍ୱୀକାର କରିହେବ ନାହିଁ । ଓଡ଼ିଶା ଥିଏଟର୍ସ, ଭାରତୀ ଥିଏଟର୍ସ (୧୯୪୨) ଅନ୍ନପୂର୍ଣ୍ଣା ଥିଏଟର୍ସ, ରୂପଶ୍ରୀ ଥିଏଟର୍ସ ପ୍ରଭୃତି ଜନପ୍ରିୟତାର ଶିଖର ସ୍ପର୍ଶ କରିଛି । ନାଟ୍ୟକାରମାନେ ଗତାନୁଗତିକ ନାଟକରେ ନୂତନ ପ୍ରାଣଚାଞ୍ଚଲ୍ୟ ଭରିଦେବା ସହିତ ତାକୁ ନୂତନ ସୌନ୍ଦର୍ଯ୍ୟ ପ୍ରଦାନ କରିଚନ୍ତି । ପ୍ରାରମ୍ଭିକ ପର୍ଯ୍ୟାୟର ଦୋଷଦୁର୍ବଳତାଗୁଡ଼ିକ ଅପସରିଯାଇଛି । ବ୍ୟବସାୟୀ ରଙ୍ଗମଞ୍ଚର ନୂତନ ନାଟକର ଆବଶ୍ୟକତା ନାଟ୍ୟକାରଙ୍କୁ ବିଭିନ୍ନ ପରୀକ୍ଷାପାଇଁ ପ୍ରୋତ୍ସାହିତ କରିଛି । ସ୍ଥାୟୀ ରଙ୍ଗମଞ୍ଚ ସ୍ଥାପନ ପରେ ଓଡ଼ିଆ ନାଟକ ନିର୍ଦ୍ଦିଷ୍ଟ ରୂପ ପାଇଛି । ରଙ୍ଗମଞ୍ଚ ଯୋଗୁ ନାଟକର ଯଥାର୍ଥ ପ୍ରଚାର ଓ ପ୍ରସାର ସମ୍ଭବ ହୋଇପାରିଛି ।

ନାଟକରେ କୁସଂସ୍କାର ବିରୁଦ୍ଧରେ ସ୍ଲୋଗାନ, ନାରୀ ଜାଗରଣର ପ୍ରୟୋଜନୀୟତା, ଇଂରାଜୀ ଶିକ୍ଷାର ଅନ୍ଧକାର ଦିଗ, ନଗର ସଭ୍ୟତାର ଦୁର୍ବଳତମ ଦିଗ, ଶ୍ରେଣୀ ସଂଘର୍ଷ ପ୍ରଭୃତି ସ୍ଥାନିତ । ମାତ୍ର କେତେକ ସମୟରେ ଏଗୁଡ଼ିକ କଳାତ୍ମକ ଆବରଣ ଭିତରେ ଢ଼ାଙ୍କି ହୋଇପାରିନାହିଁ । ତେଣୁ ନାଟକଗୁଡ଼ିକ ପ୍ରଚାରଧର୍ମୀ ମନେ ହୋଇଛି। ବିଶେଷ କରି ଅଶ୍ୱିନୀକୁମାରଙ୍କ ସାମାଜିକ ନାଟକରେ ଏହି ସମସ୍ୟା ଅଧିକ ଦେଖାଦେଇଛି । ଏହି ସମୟ ଭାରତ ରାଜନୀତିର ମୋଡ଼ ପରିବର୍ତ୍ତନର ସମୟ । ଜାତୀୟତାର ସଂଘର୍ଷମୟ ସମୟରେ ନାଟ୍ୟକାରମାନେ ଏ ସବୁର ଚିତ୍ର ମଞ୍ଚାୟନ କରିଛନ୍ତି ମାତ୍ର ଯେତିକି ପରିମାଣରେ କରିବା କଥା କରାଯାଇନାହିଁ । ବ୍ୟବସାୟୀ ମଞ୍ଚରେ ଅଭିନୟ କରାଯାଉଥିବାରୁ ପରିବେଷଣଗତ ସ୍ୱଚ୍ଛନ୍ଦତା ଓ ମନୋରଞ୍ଜଧର୍ମୀତାକୁ ଅଧିକ ଗୁରତ୍ୱ ଦିଆଯାଇଛି । ତେଣୁ ଜାତୀୟତା ଅପେକ୍ଷା ପ୍ରେମ ସମସ୍ୟା ଓ ପାରିବାରିକ ସମସ୍ୟା ଅଧିକ ଗୁରୁତ୍ୱ ପାଇଛି । କାଳୀଚରଣ ପ୍ରଣୟଧର୍ମୀ କଥାବସ୍ତୁକୁ ଗୁରୁତ୍ୱ ଦେଇଥିବା ବେଳେ ରାମଚନ୍ଦ୍ର ମିଶ୍ର ଓ ଭଞ୍ଜକିଶୋର ପାରିବାରିକ ସମସ୍ୟାକୁ ନେଇ ଅଧିକ ନାଟକ ରଚନା କରିଛନ୍ତି।

ଯେତେ ଦୋଷଦୁର୍ବଳତା ଥିଲେ ମଧ ଏ ସମୟର ନାଟକ ଯେ ସଫଳତାର ସହିତ ବ୍ୟବସାୟିକ ମଞ୍ଚରେ ଅଭିନୀତ ହୋଇଛି ଓ ବହୁଜନାଦୃତ ହୋଇପାରିଛି ତାହା ଅସ୍ୱୀକାର କରିହେବ ନାହିଁ । ପୂର୍ବରୁ ସାଧାରଣ ଲୋକ ବିଦଗ୍ଧ ନାଟକ ଦର୍ଶନରୁ ବଞ୍ଚିତ ରହି କେବଳ ଲୋକନାଟକ ଉପଭୋଗ କରୁଥିଲେ । ଅଧିକାଂଶ ମଞ୍ଚ ଦରବାରୀ ଥିଲା । ତେଣୁ ସାଧାରଣ ଜନତା ତା ପାଖରେ ପହଞ୍ଚିବା କଷ୍ଟ ଥିଲା । ଏ ଯୁଗରେ ଶ୍ରେଣୀପାର୍ଥକ୍ୟ ଦୂର ହୋଇ ଧନୀ, ଦରିଦ୍ର, ଶାସକ, ଶାସିତ ସମସ୍ତେ ଏକତ୍ର ହୋଇ ନାଟକ ଉପଭୋଗ କଲେ । ତତ୍‌କାଳୀନ ନାଟ୍ୟକାରମାନଙ୍କର ଆନ୍ତରିକ ଉଦ୍ୟମ ଫଳରେ ମଞ୍ଚ ସାର୍ବଜନୀନ ହୋଇପାରିଛି । ଏ ସମୟ ଓଡ଼ିଆ ନାଟକର ପ୍ରାଣ ପ୍ରାଚୁର୍ଯ୍ୟମୟ ସମୟ । ଅଶ୍ୱିନୀକୁମାର ଓ କାଳୀଚରଣଙ୍କ ସହ ତାଳଦେଇ ରାମଚନ୍ଦ୍ର ମିଶ୍ର, ଭଞ୍ଜକିଶୋର, ଗୋପାଳ ଛୋଟରାୟ ଓ ମନୋରଞ୍ଜନ ଦାସଙ୍କ ଅଭ୍ୟୁଦୟ ଫଳରେ ଓଡ଼ିଆ ନାଟକ ସମୃଦ୍ଧିଶାଳୀ ହୋଇପାରିଛି ।

୧୯୩୬ ମସିହାରୁ ୧୯୫୦ ମସିହା ପର୍ଯ୍ୟନ୍ତ ସମୟ ଖଣ୍ଡକୁ ଓଡ଼ିଆ ନାଟକ ବିକାଶର ସୁବର୍ଣ୍ଣଯୁଗ ବା ସାମାଜିକ ଯୁଗ ବୋଲି କୁହାଯାଏ । ଏହି ସମୟରେ ନାଟକର ବିକାଶ ସହିତ ବ୍ୟବସାୟିକ ମଞ୍ଚର ଯଥାର୍ଥ ବିକାଶ ଘଟିଥିଲା । ଅଶ୍ୱିନୀକୁମାର ସାମାଜିକ ନାଟକ ରଚନା କରିଥିଲେ ମଧ ଶୈଳୀରେ କୌଣସି ବଡ଼ ପରିବର୍ତ୍ତନ ଆଣିପାରିନଥିଲେ । ମାତ୍ର କାଳୀଚରଣଙ୍କ ଆବିର୍ଭାବରେ ଓଡିଆ ନାଟକର ଗତିପଥରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଲା । ଏକମୁଖୀ କଥାବସ୍ତୁ, କ୍ଷୁଦ୍ର ପାତ୍ରମୁଖୀ ସଂଳାପ, ମର୍ମସ୍ପର୍ଶୀ ସଂଗୀତର ପରିମିତ ବ୍ୟବହାର, ଅଭିନେତ୍ରୀଙ୍କର ମଞ୍ଚପ୍ରବେଶ, ଦ୍ୱନ୍ଦ୍ୱ ଉତ୍କଣ୍ଠାଧର୍ମୀ ଗତିଶୀଳ କଥାବସ୍ତୁ, ପୂର୍ଣ୍ଣାଙ୍ଗ ଚରିତ୍ରର ସୃଷ୍ଟି, କଭରସିନ୍‌ର ପ୍ରଚଳନ ପ୍ରଭୃତିର ପ୍ରୟୋଗରେ କାଳୀଚରଣଙ୍କ ନାଟକ ଲୋକପ୍ରିୟ ହୋଇପାରିଥିଲା । କାଳୀଚରଣଙ୍କ ମନୋରଞ୍ଜନଧର୍ମୀ ନାଟକଗୁଡ଼ିକ ଅଶ୍ୱିନୀ କୁମାରଙ୍କ ସାମାଜିକ ନାଟକକୁ ନିଷ୍ପ୍ରଭ କରିଦେଇଥିଲା । ପରବର୍ତ୍ତୀ ନାଟ୍ୟକାରଙ୍କୁ କାଳୀଚରଣ ବହୁମାତ୍ରାରେ ପ୍ରଭାବିତ କରିଥିଲେ ।

କାଳୀଚରଣଙ୍କ ପରେ ପରେ ରାମଚନ୍ଦ୍ର ମିଶ୍ର, ଭଞ୍ଜକିଶୋର ପଟ୍ଟନାୟକ, ଗୋପାଳ ଛୋଟରାୟ ପ୍ରମୁଖ ବ୍ୟବସାୟୀ ମଞ୍ଚରେ ପ୍ରତିଷ୍ଠିତ ହୋଇପାରିଥିଲେ । ସେମାନେ ସମସ୍ତେ କାଳୀଚରଣଙ୍କ ଦ୍ୱାରା ପ୍ରଭାବିତ । ସେମାନେ ମନୋରଞ୍ଜନ ଧର୍ମୀ ମଞ୍ଚସଫଳ ନାଟକ ଦର୍ଶକଙ୍କୁ ଭେଟି ଦେଇଥିଲେ । ପୌରାଣିକ ଓ ଐତିହାସିକ କଥାବସ୍ତୁ ହ୍ରାସ

ପାଇ ସାମାଜିକ କଥାବସ୍ତୁ ଗୁରୁତ୍ୱଲାଭକଲା । ଓଡ଼ିଶା ଥିଏଟର୍ସ, ଭାରତୀ ଥିଏଟର୍ସ, ପ୍ରମୁଖ ବ୍ୟବସାୟୀ ମଞ୍ଚଗୁଡ଼ିକ ଓଡ଼ିଆ ନାଟକର ବିକାଶରେ ମୁଖ୍ୟଭୂମିକା ଗ୍ରହଣ କରିଛନ୍ତି । ୧୯୩୬ ରୁ ୧୯୫୦ ମସିହା ଯଥାର୍ଥରେ ଓଡ଼ିଆ ନାଟକ ପାଇଁ ସୁବର୍ଣ୍ଣ ଯୁଗ ଥିଲା । ନାଟକର ଉନ୍ମେଷ ଲଗ୍ନରେ ଦେଖାଦେଉଥିବା ଦୋଷଦୁର୍ବଳତା ଅପସରି ସ୍ୱୟଂସଂପୂର୍ଣ୍ଣ ମଞ୍ଚସଫଳ ନାଟକ ଭାବରେ ମଞ୍ଚରେ ପ୍ରଦର୍ଶିତ ହୋଇପାରିଥିଲା । ଏହାର ପରବର୍ତ୍ତୀ ସମୟରେ ଓଡ଼ିଆ ନାଟକକୁ ବିଶ୍ୱନାଟ୍ୟଧାରା ସହିତ ସମନ୍ୱିତ କରିବାର ପ୍ରୟାସରେ ବହୁ ପରୀକ୍ଷା ନିରୀକ୍ଷା ଦେଖାଦେଇଛି । ତାହା ପରବର୍ତ୍ତୀ ଏକକରେ ବିସ୍ତୃତ ଭାବେ ଆଲୋଚିତ ।

## ୨.୮ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### (୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ।

କ) ସାମାଜିକ ନାଟକ    ଗ) ଐତିହାସିକ ନାଟକ    ଙ) ରାମଚନ୍ଦ୍ର ମିଶ୍ର

ଖ) ଅଶ୍ୱିନୀ କୁମାର    ଘ) ରବିକିଶୋର    ଚ) ଭାତ

### (୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।

କ) ୧୯୩୬ରୁ ୧୯୫୦ ମସିହା ସମୟଖଣ୍ଡ ଓଡ଼ିଆ ନାଟକପାଇଁ ଯଥାର୍ଥରେ ଥିଲା ସୁବର୍ଣ୍ଣଯୁଗ ପ୍ରମାଣ କର ।

ଖ) ୧୯୩୫ ରୁ ୧୯୫୬ ମସିହା ସମୟଖଣ୍ଡକୁ ଓଡ଼ିଆ ନାଟକର ସାମାଜିକଯୁଗ କୁହାଯିବାର ଯଥାର୍ଥତା ପ୍ରତିପାଦନ କର ।

ଗ) ସାମାଜିକ ଯୁଗର ପ୍ରମୁଖ ନାଟ୍ୟକାର ଓ ସେମାନଙ୍କ କୃତି ସଂପର୍କରେ ଆଲୋଚନା କର ।

## ୨.୯ ସହାୟକ ଗ୍ରନ୍ଥସୂଚୀ


- . ଦାସ, ହେମନ୍ତ କୁମାର - ଓଡ଼ିଆ ନାଟକ ଓ ରଙ୍ଗମଞ୍ଚ (ଓଡ଼ିଶା ବୁକ୍‌ଷ୍ଟୋର, କଟକ-୨,୨୦୦୦)
  ଓଡ଼ିଆ ମଂଚ ପରିକ୍ରମା (ଏସ୍.ବି.ପବ୍ଲିକେଶନ୍, କଟକ-୨, ୧୯୯୬)
  ଓଡ଼ିଆ ନାଟ୍ୟ ସାହିତ୍ୟର ବିକାଶଧାରା (ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ୧୯୮୧)
  ଓଡ଼ିଆ ନାଟକ ଉଦ୍ଭବ ଓ ବିକାଶ (ଓଡ଼ିଶା ବୁକ୍‌ଷ୍ଟୋର)
- ଚଇନି, ରତ୍ନାକର - ଓଡ଼ିଆ ନାଟକର ଉଦ୍ଭବ ଓ ବିକାଶ (ବୁକ୍‌ସ ଏଣ୍ଡ ବୁକ୍‌ସ, କଟକ -୨)
- ହରିଚନ୍ଦନ, ନୀଳାଦ୍ରି ଭୂଷଣ - ଓଡ଼ିଆ ନାଟକର ଇତିହାସ (ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ -୨)
- ଦାସ, ସର୍ବେଶ୍ୱର - ଓଡ଼ିଆ ନାଟ୍ୟ ସାହିତ୍ୟ (ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା)
- ନାୟକ, ରବି - ଓଡ଼ିଆ ନାଟ୍ୟ ସାହିତ୍ୟର ସଂକ୍ଷିପ୍ତ ଇତିବୃତ୍ତ (ଫ୍ରେଣ୍ଡସ୍ ପବ୍ଲିଶର୍ସ, ୧୯୯୩)

# ତୃତୀୟ ଏକକ
# ଓଡ଼ିଆ ନାଟକର ବିକାଶକ୍ରମ (୧୯୫୧-୧୯୮୦)

## ବିଷୟ ଗଠନ :


୩.୧ ପଠନର ଉଦ୍ଦେଶ୍ୟ

୩.୨ ଶିକ୍ଷଣୀୟ ବିଷୟ

୩.୩ ବିଷୟ ପ୍ରବେଶ

୩.୪ ଏହି ସମୟର ନାଟ୍ୟକାର ଓ ନାଟକ

୩.୫ ନବନାଟ୍ୟ ଆନ୍ଦୋଳନର ମୁଖ୍ୟ ନାଟ୍ୟକାରଗଣ

୩.୬ ସାରାଂଶ

୩.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୩.୮ ସହାୟକ ଗ୍ରନ୍ଥସୂଚୀ


## ୩.୧ ପଠନର ଉଦ୍ଦେଶ୍ୟ

ଓଡ଼ିଆ ନାଟ୍ୟ ସାହିତ୍ୟ ଧାରାରେ ବିଂଶ ଶତାବ୍ଦୀର ଷାଠିଏ ଦଶକ ଏକ ସ୍ୱତନ୍ତ୍ର ଆସନ ଦାବୀ କରେ। ବିଶେଷ କରି ୧୯୫୧ମସିହାରୁ ୧୯୮୦ମସିହା ପର୍ଯ୍ୟନ୍ତ ରଚିତ ନାଟକଗୁଡ଼ିକୁ ବିଚାର କଲେ ଏହି ପରିବର୍ତ୍ତନକୁ ଲକ୍ଷ୍ୟ କରାଯାଇପାରେ। ଏହି ସମୟରେ ସୂତ୍ରପାତ ଘଟିଥିଲା ନବନାଟ୍ୟ ଆନ୍ଦୋଳନର। ସେହି ଆନ୍ଦୋଳନରୁ ସୃଷ୍ଟିହେଲା ପରୀକ୍ଷାଧର୍ମୀ ନାଟକ ତଥା ଉଦ୍ଭଟନାଟକ। ଷାଠିଏ ଦଶକର ତଥାକଥିତ ଉଦ୍ଭଟତା ମଧ୍ୟରେ ରହିଥିଲା ପାଶ୍ଚାତ୍ୟ ଚେତନାର ପ୍ରଭାବ ଏବଂ ଗୋଟିଏ ନିର୍ଦ୍ଦିଷ୍ଟ ସାଂସ୍କୃତିକ ପରିବେଷ୍ଟନୀରୁ ମୁକ୍ତିପ୍ରାପ୍ତିର ଉଦ୍‌ବେଗ। ବିଂଶଶତାବ୍ଦୀର ଏହି ସମୟ ସୀମା(୧୯୫୧-୧୯୮୦) ଥିଲା ବୌଦ୍ଧିକ ଓ ସାଂସ୍କୃତିକ ଇତିହାସର ଏକ ବୈପ୍ଳବିକ ମୁହୂର୍ତ୍ତ। ଓଡ଼ିଆ ନାଟକର ବିକାଶକ୍ରମରେ ଏହି ପର୍ଯ୍ୟାୟର ନାଟକ ବିଶେଷ ପ୍ରଣିଧାନଯୋଗ୍ୟ ଏବଂ ଏଥିସଂପର୍କରେ ଛାତ୍ରଛାତ୍ରୀମାନେ ଅବଗତ ନହେଲେ ଏହାର ପରବର୍ତ୍ତୀ ପର୍ଯ୍ୟାୟକୁ ଅଧ୍ୟୟନ କରିବା କଷ୍ଟକର ହେଇଯିବ। ସଂପ୍ରତି ନାଟକ ଉତ୍ତର ଆଧୁନିକତାର ଦୌଡ଼ରେ ସାମିଲ୍ ହୋଇସାରିଛି, ଯାହାର ଆଦ୍ୟ ପର୍ଯ୍ୟାୟ ଥିଲା ୧୯୫୧-୧୯୮୦ସମୟକାଳ। ଏହାହିଁ ଏହି ପାଠ୍ୟର ଉଦ୍ଦେଶ୍ୟ।

ପ୍ରତ୍ୟେକ ରଚନା ପଶ୍ଚାତରେ ରହିଛି ନିର୍ଦ୍ଦିଷ୍ଟ ସମୟର ସ୍ୱର, ଅର୍ଥାତ୍ ସମୟ, ସମାଜ ଉଭୟ ପ୍ରଭାବିତ କରନ୍ତି ନାଟ୍ୟକାର ଏବଂ ନାଟକକୁ। ଯୁଗର ଅଭିରୁଚି ଓ ଦର୍ଶକର ଦାବୀ ସ୍ଥିରକରେ ମଞ୍ଚର ଦୃଶ୍ୟକଳ୍ପ ଏବଂ ଭାବବସ୍ତୁ। ଆଶ୍ଚର୍ଯ୍ୟର କଥା, ଷାଠିଏ ଦଶକର ନାଟକ କ୍ଷେତ୍ରରେ ଅପ୍ରତ୍ୟାଶିତ ନୂତନତାକୁ ଦର୍ଶକ ଗ୍ରହଣ କରିପାରିନଥିଲା। ଫଳରେ ନାଟ୍ୟକାରମାନଙ୍କୁ ପୁନଃ ପରୀକ୍ଷାନିରୀକ୍ଷାଦ୍ୱାରା ନୂତନଧର୍ମୀ ନାଟ୍ୟରଚନା କରିବାକୁ ହୋଇଥିଲା। ଏହି ପ୍ରୟୋଗବାଦରେ କିଛି ନାଟ୍ୟକାର ସଫଳତାକୁ ବୁଝାଉଥିବାବେଳେ, ଆଉ କିଛି ନାଟ୍ୟକାର

ଦର୍ଶକମାନଙ୍କ ଦ୍ୱାରା ଆଦୌ ଗୃହୀତ ହୋଇପାରିନଥିଲେ। ତେଣୁ ନାଟକ, ପ୍ରତି ସମୟରେ ମଞ୍ଚମୂଲ୍ୟ ତଥା ଦର୍ଶକୀୟ ସ୍ୱୀକୃତି ନିମନ୍ତେ ବାଧ୍ୟ। ଏହି ପର୍ଯ୍ୟାୟର ନାଟ୍ୟକାର ତଥା ନାଟକର ଆଲୋଚନା ମଧ୍ୟମରେ ତାହା ଛାତ୍ରଛାତ୍ରୀମାନେ ଶିକ୍ଷା କରିପାରିବେ।

## ୩.୨ ଶିକ୍ଷଣୀୟ ବିଷୟ

- ନାଟକ ରଚନା ଓ ମଞ୍ଚ ପ୍ରସ୍ତୁତି କ୍ଷେତ୍ରରେ ନବ ନବ ପରୀକ୍ଷା।
- ନାଟକର ମଞ୍ଚମୂଲ୍ୟ।
- ନାଟକର ଦର୍ଶକୀୟ ସ୍ୱୀକୃତି।

## ୩.୩ ବିଷୟ ପ୍ରବେଶ

ଷାଠିଏ ଦଶକର ନବନାଟ୍ୟ ଆନ୍ଦୋଳନ ପୂର୍ବରୁ ଅର୍ଥାତ୍ ମନୋରଂଜନ ଦାସଙ୍କ ପରୀକ୍ଷାଧର୍ମୀ ନାଟକର ପ୍ରୟୋଗ ପୂର୍ବରୁ ବିଜୟ ମିଶ୍ର, ପସନ୍ନ କୁମାର ମିଶ୍ର, କୁଞ୍ଜ ନନ୍ଦ, ପ୍ରଫୁଲ୍ଲ କୁମାର ରଥ ଇତ୍ୟାଦି ନାଟ୍ୟକାରମାନଙ୍କ ନାଟକ ଓଡ଼ିଶାର ଦର୍ଶକ ମହଲରେ ବେଶ୍ ଆଦୃତ ହୋଇଥିଲା। ବିଜୟ ମିଶ୍ର ପେଷାଦାର ରଙ୍ଗମଞ୍ଚ ସହ ଜଡ଼ିତ ଥାଇ ଅନେକ ବ୍ୟବସାୟିକ ସଫଳତା ମଧ୍ୟ ପାଇଥିଲେ। ମନୋରଂଜନ ଦାସଙ୍କ ଅଗଷ୍ଟ ନ' ନାଟକ ନବନାଟ୍ୟ ଆନ୍ଦୋଳନ ପୂର୍ବର ସୃଷ୍ଟି। ସ୍ୱାଧୀନତା ପ୍ରାପ୍ତିପରେ ଦେଶରେ ଦେଖାଯାଇଛି ଅନେକ ସମସ୍ୟା। ଖାଦ୍ୟାଭାବ, ଅର୍ଥାଭାବ, ବେକାର ସମସ୍ୟା, ସାଂପ୍ରଦାୟିକ ଭେଦଭାବ, ଶରଣାର୍ଥୀ ସମସ୍ୟା , କଳାବଜାରୀ , ଶ୍ରମିକ ମାଲିକ ସଂଘର୍ଷ, ପଞ୍ଚବାର୍ଷିକ ଯୋଜନାର ବିଫଳତା, ଶାସନକଳର ଅପାରଗତା ପ୍ରଭୃତି ବିଭିନ୍ନ ସମସ୍ୟା ନାଟକରେ ରୂପପାଇଛି। ନବନାଟ୍ୟ ଆନ୍ଦୋଳନକୁ ବିଶେଷ ଖୋରାକ ଯୋଗାଇଛି ସ୍ୱଭାବବାଦ, ବାସ୍ତବବାଦ, ଅଭିବ୍ୟକ୍ତିବାଦ, ସଂକେତବାଦ ପରି କେତେକ ପାଶ୍ଚାତ୍ୟ ଚେତନା। ଏହି ଦୌଡ଼ରେ ପ୍ରଥମେ ଆସନ୍ତି ମନୋରଂଜନ ଦାସ। ପରେପରେ ଯୋଗଦିଅନ୍ତି ବିଶ୍ୱଜିତ୍ ଦାସ, ରତ୍ନାକର ଚଇନି, ରମେଶ ପ୍ରସାଦ ପାଣିଗ୍ରାହୀ, କାର୍ତ୍ତିକଚନ୍ଦ୍ର ରଥ ଇତ୍ୟାଦି ନାଟ୍ୟକାରମାନେ।

ଯଦି ପ୍ରକୃତରେ ଅନୁଶୀଳନ କରାଯାଏ ତେବେ ଦେଖାଯିବ ଯେ ଏହି ଉଭଟ ପରମ୍ପରାର ସ୍ଥାୟୀତ୍ୱ ମାତ୍ର ଦଶବର୍ଷ ରହିଥିଲା। କେବଳ ମନୋରଂଜନଙ୍କ ବ୍ୟତୀତ, ଅନ୍ୟସମସ୍ତ ନାଟ୍ୟକାରମାନେ ପୁନର୍ବାର ଲୋକାଭିମୁଖୀ ନାଟକର କାହାଣୀଧର୍ମୀତାକୁ ଆପଣେଇଛନ୍ତି ଏବଂ ଚେଷ୍ଟା କରିଛନ୍ତି ଓଡ଼ିଶାର ସାଧାରଣ ଦର୍ଶକର ମାନସିକତାକୁ ଉପଲବ୍ଧିକରି ତଦନୁଯାୟୀ ନୂତନ ନାଟକ ପରିବେଷଣ ନିମନ୍ତେ। ଯେଉଁ ପଟ୍ଟଭୂମି ବା ପୃଷ୍ଠଭୂମି ଉପରେ ନିର୍ମିତ ହୋଇଥିଲା ଏହି ସମୟର ନାଟକର କଥାବସ୍ତୁ ତାହାକୁ ନିମ୍ନମତେ ଦର୍ଶାଯାଇପାରେ।

(କ) ସ୍ୱାଧୀନତା ପ୍ରାପ୍ତିପରେ ଷାଠିଏ ଦଶକ ଥିଲା ଭାରତନିର୍ମାଣର ସମୟ, ଆଶ୍ଚର୍ଯ୍ୟର କଥା ଷାଠିଏ ଦଶକରେ ହିଁ ମଣିଷର ସ୍ୱପ୍ନଭଙ୍ଗ ଆରମ୍ଭ ହେଲା। ଗୋଟିଏ ପଟେ ଭାରତ ନିର୍ମାଣ, ଅନ୍ୟ ପକ୍ଷରେ ରହିଥିଲା ଅଗଣିତ ସମସ୍ୟା। ଏହି ଦୋଦୁଲ୍ୟମାନ ସ୍ଥିତିରେ ମାନସିକ ସ୍ଥିରତା ହରେଇବସୁଥିବା ମଣିଷମାନଙ୍କ ନିମନ୍ତେ ଗାନ୍ଧୀ ବା ମାର୍କସ୍ କିଏ ଥିଲେ ଯଥାର୍ଥ ଆଦର୍ଶ, ତାହାଥିଲା ପ୍ରକୃତରେ ଏକ ପ୍ରଶ୍ନବାଚୀ। ଉଚ୍ଚଶିକ୍ଷିତ ବେକାର

ଯୁବକମାନଙ୍କ ମନରେ ଥିଲା ପ୍ରକୃତରେ ଏକ ପ୍ରଶ୍ନବାଚୀ । ଉଚ୍ଚଶିକ୍ଷିତ ବେକାର ଯୁବକମାନଙ୍କ ମନରେ ଥିଲା ବିଦ୍ରୋହ । ଗାଁରେ ଥିବା ନିରୀହ ମଣିଷ କଳ୍ପନା କରୁଥିଲା ଗାନ୍ଧିଜୀଙ୍କ ସୁନାର ଭାରତ ।

(ଖ) ସ୍ୱାଧୀନତା ଆନ୍ଦୋଳନର ଅର୍ଥ ବୁଝିନଥିବା ମଣିଷମାନେ ସ୍ୱାଧୀନତାପରେ ଆବଶ୍ୟକତାଠାରୁ ଅଧିକ ସ୍ୱାଧୀନଚେତା ହୋଇଉଠିଲେ ଏବଂ ବ୍ରିଟିଶ ଶାସନ ସମୟର ନିରାଶାବାଦୀ ମଣିଷ ଗଣତନ୍ତ୍ର ଶାସନରେ ଅଧିକ ଆଶାବାଦୀ ହୋଇପଡ଼ିଲା ।

(ଗ) ସ୍ୱାଧୀନତା ପୂର୍ବରୁ ଯେଉଁମାନେ 'ସେବା' ଶବ୍ଦର ଅର୍ଥ ଜାଣିନଥିଲେ କିମ୍ବା ଏହି ସେବା କାର୍ଯ୍ୟ ସହିତ ଯେଉଁମାନଙ୍କର ଆଦୌକୌଣସି ସଂପର୍କ ନଥିଲା, ସେହିମାନେ ସ୍ୱାଧୀନ ଭାରତର ଦେଶସେବକ ଓରଫ୍ ଭାଗ୍ୟନିୟନ୍ତା ପାଲଟିଲେ ।

(ଘ) ଇଂରେଜମାନେ ଚାଲିଯିବା ପରେ ମଧ୍ୟ ସେମାନଙ୍କ ଭାଷା ଓ ପାଶ୍ଚାତ୍ୟ ସଭ୍ୟତାପ୍ରତି ମୋହ ଭାରତୀୟମାନଙ୍କ ମରୁ କଟିପାରିଲା ନାହିଁ । 'ହାପି ବାର୍ଥ ଡେ'ଠାରୁ ଆରମ୍ଭ କରି ଅନେକ କାର୍ଯ୍ୟକ୍ରମମାନଙ୍କରେ ପାଶ୍ଚାତ୍ୟର ପ୍ରଭାବ ରହିଲା ଯାହା ଅଧିକରୁ ଅଧିକ ଭାବରେ ଲୋକଙ୍କୁ ଆକୃଷ୍ଟ କଲା ।

(ଙ) ଗାଁ ପରିବେଶ ଦୂଷିତ ହେଲା ଏବଂ ଦୁର୍ନୀତି ସହରକୁ ସଂକ୍ରମିତ ହେଲା । ସାମନ୍ତବାଦୀ ଚିନ୍ତା ବା କାର୍ଯ୍ୟ ବେଶୀଭାଗ ଗ୍ରାମରେ ଘଟିଲା ।

(ଚ) ସମାଜନୀତିଠାରୁ ଆରମ୍ଭ କରି ରାଜନୀତି ପର୍ଯ୍ୟନ୍ତ କୌଣସିଥିରେ ସ୍ୱଚ୍ଛତା ରହିଲା ନାହିଁ । କଥା ଏବଂ କାର୍ଯ୍ୟମଧ୍ୟରେ ସାମଞ୍ଜସ୍ୟର ଅଭାବ ଥିଲା ।।

(ଛ) ଏକାନ୍ନବର୍ତ୍ତୀ ଯୌଥ ପରିବାର ସଂସ୍କୃତି ଧୀରେଧୀରେ ଭାଙ୍ଗିଗଲା । ପ୍ରତିଟି ମଣିଷ ଅଲଗା ବଂଚିବାକୁ ଚାହିଁଲା । ପ୍ରତିଟି ମଣିଷ ନିଜର ଚତୁଃପାଶ୍ୱରେ ଛିଡ଼ାକରାଇଲା ଏକ କୃତ୍ରିମ ଅଂହକାର କିଂବା ଆଭିଜାତ୍ୟ ଅଥବା କ୍ଷମତାର ବଳୟ ।

(ଜ) ଗୁରୁ ପରମ୍ପରାର ଉଦ୍ଭବ ଘଟିଲା । ଅନେକ ଦୀକ୍ଷାଗୁରୁ ହଠାତ୍ ଆବିର୍ଭାବ ହେଲେ । ଏମାନେ ନିଜକୁ ଭଗବାନଙ୍କ ଚଳନ୍ତି ଅବତାର ଭାବେ ପ୍ରତିଷ୍ଠା ଦେଲେ ଏବଂ ନୀତିଶିକ୍ଷା ନାମରେ ଦେବାକୁ ଆରମ୍ଭ କଲେ ଧର୍ମଶିକ୍ଷା । ଫଳରେ ସଂପ୍ରଦାୟ ନ୍ୟାୟରେ ବିଭକ୍ତ ହୋଇସାରିଥିବା ମଣିଷର ନୂଆ ଆଧ୍ୟାତ୍ମିକ ପରିଚୟ ତିଆରି ହେଲା ନିଜର ଦୀକ୍ଷାଗୁରୁଙ୍କ ପରିଚୟରେ । ଏହି ଗୁରୁମାନେ ବେଶ୍ ନିରାପଦ ପୃଥିବୀର ଜୀବ ଥିଲେ କାରଣ ତାଙ୍କ ତଳେ ଥିଲେ ନିରୀହ, ନିର୍ବୋଧ ଜନତା ଏବଂ ଉପରେ ଥିଲେ କ୍ଷମତାଶାଳୀ ରାଜନେତା, ଯେଉଁମାନେ ପ୍ରକୃତରେ ଥିଲେ ଏହି ଗୁରୁମାନଙ୍କ ପୃଷ୍ଠପୋଷକ ।

## ୩.୪ ଏହି ସମୟର ନାଟ୍ୟକାର ଓ ନାଟକ

ଷାଠିଏ ଦଶକର ନାଟ୍ୟକାର ଓ ନାଟକ ଆଲୋଚନା ପ୍ରସଙ୍ଗରେ କେତେକ ଗୁରୁତ୍ୱପୂର୍ଣ୍ଣ କଥା ସାମ୍ନାକୁ ଆସିଥାଏ । ଅନେକ ନାଟ୍ୟକାର ଏହି ସମୟକାଳର ବହୁପୂର୍ବରୁ ନାଟ୍ୟରଚନା କରିଆସୁଥିଲେ ଯାହା ପରବର୍ତ୍ତୀ ସମୟରେ ଜାରି ରହିଲା ମାତ୍ର ଏମାନଙ୍କ ନାଟକରେ ନବନାଟ୍ୟଧାରାର କୌଣସି ପ୍ରଭାବ ନଥିଲା ବରଂ

ସେମାନେ ଗତାନୁଗତିକ ଶୈଳୀରେ ସେମାନଙ୍କ ମଞ୍ଚଯାତ୍ରା ଜାରିରଖିଥିଲେ। ଦ୍ୱିତୀୟ ପ୍ରକାର ନାଟ୍ୟକାର ଥିଲେ ଷାଠିଏ ଦଶକକୁ ନୂତନତାର ସ୍ପର୍ଶଦେଇଥିବା ନାଟ୍ୟକାରଗଣ। ତୃତୀୟ ପର୍ଯ୍ୟାୟର ନାଟ୍ୟକାରମାନେ ଥିଲେ ସେଇମାନେ ଯେଉଁମାନେ ଏଇ ସମୟରୁ ନାଟ୍ୟ ରଚନା ଆରମ୍ଭ କରିଥିଲେ। ମୋଟ ଉପରେ ଏସମୟରେ ନାଟ୍ୟକାରମାନଙ୍କ ସଂଖ୍ୟା ପ୍ରାୟ ପଇଁଚାଳିଶ କହିଲେ ଠିକ୍ ହେବ। ତେବେ ଆଗଧାଡ଼ିର ନାଟ୍ୟକାର ମାନଙ୍କ ମଧ୍ୟରେ ପ୍ରାଣବଂଧୁ କର, ବ୍ୟୋମକେଶ ତ୍ରିପାଠୀ, ସାରଦା ପ୍ରସନ୍ନ ନାୟକ, ପୂର୍ଣ୍ଣଚନ୍ଦ୍ର କାନୁଗୋ, କୁଞ୍ଜ ନନ୍ଦ, ପ୍ରଫୁଲ୍ଲ କୁମାର ରଥ, ଅକ୍ଷୟ ମହାନ୍ତି, ହରିହର ମିଶ୍ର, ମନୋରଂଜନ ଦାସ, ବିଶ୍ୱଜିତ୍ ଦାସ, ବିଜୟ ମିଶ୍ର, ରତ୍ନାକର ଚଇନି, ରମେଶ ପ୍ରସାଦ ପାଣିଗ୍ରାହୀ, ବିଜୟ ଶତପଥୀ, କାର୍ତ୍ତିକ ଚନ୍ଦ୍ର ରଥ, ବନବିହାରୀ ପଣ୍ଡା, ଡ଼.ସୁବୋଧ ପଟ୍ଟନାୟକ ଇତ୍ୟାଦି। ସତୁରୀ ଦଶକରୁ ଅଶୀଦଶକ ମଧ୍ୟରେ ଚହଳ ସୃଷ୍ଟିକରିବା ନାଟ୍ୟକାରମାନଙ୍କ ସଂଖ୍ୟା ଆହୁରି କମିଯାଇଛି ଅର୍ଥାତ୍ ଏମାନଙ୍କ ନାଟକ ମଂଚସ୍ଥ ହେଉଛି କିନ୍ତୁ ଏମାନେ ନାଟ୍ୟଧାରାରେ ନିଜକୁ ସେତିକି ପରିମାଣରେ ସାମିଲ୍ କରିପାରିନାହାଁନ୍ତି। ପରିବର୍ତ୍ତନର ଗତି ଏତେ ତୀବ୍ରଭାବରେ ଆସିଛି ଯେ, ସେଥିମଧ୍ୟରେ ନିଜର ଚିନ୍ତାକୁ ଗୋଟିଏ ନୂଆ ଢ଼ାଞ୍ଚାରେ ପକେଇବା ଏତେ ସହଜ ବ୍ୟାପାର ନଥିଲା। ବର୍ତ୍ତମାନ ଏହି ପ୍ରମୁଖ ନାଟ୍ୟକାରମାନଙ୍କ ସଂପର୍କରେ ଆଲୋଚନା କରାଯାଉ।

**ଗୋପାଳ ଛୋଟରାୟ(୧୯୧୮-୨୦୦୩) :**

ନାଟ୍ୟକାର ଭାବରେ ଗୋପାଳ ଛୋଟରାୟଙ୍କ ଆବିର୍ଭାବ ବହୁପୂର୍ବରୁ ହୋଇଥିଲେ ମଧ୍ୟ ସ୍ୱାଧୀନତାପରବର୍ତ୍ତୀ ପର୍ଯ୍ୟାୟରେ ମଧ୍ୟ ତାଙ୍କର ଯାତ୍ରା ଅବ୍ୟାହତ ରହିଛି। ୧୯୫୦ମସିହା ପରବର୍ତ୍ତୀ କାଳରେ ତାଙ୍କର ଉଲ୍ଲେଖନୀୟ କୃତିଗୁଡ଼ିକ ହେଉଛି 'ଭରସା', 'ପରକଲମ', 'ଶଙ୍ଖସିନ୍ଦୂର', 'ପଥିକବନ୍ଧୁ', 'ନଷ୍ଟଉର୍ବଶୀ', 'ଅର୍ଦ୍ଧାଙ୍ଗିନୀ', 'ଅଭାଗିନୀର ସ୍ୱର୍ଗ', 'ଘଟକ ଓ ସାଧନା' ଇତ୍ୟାଦି। ଶ୍ରୀଯୁକ୍ତ ଛୋଟରାୟଙ୍କ ଅବଦାନରେ ପ୍ରକୃତରେ ଓଡ଼ିଆ ସାହିତ୍ୟର ସୁବର୍ଣ୍ଣଯୁଗର ଭିତ୍ତି ସ୍ଥାପିତ। ତାଙ୍କର ବଳିଷ୍ଠ କାହାଣୀ, ଚରିତ୍ର ଓ ସଂଳାପରେ ନାଟକଗୁଡ଼ିକ ପ୍ରକୃତରେ ଓଡ଼ିଶାର ପୁରପଲ୍ଲୀରେ ସମସ୍ତ ବର୍ଗର ଦର୍ଶକମାନଙ୍କ ମନକୁ କିଣିପାରିଥିଲା। ଅନ୍ତର୍ଦ୍ୱନ୍ଦ ଓ ମନସ୍ତାତ୍ତ୍ୱିକ ବିଶ୍ଲେଷଣରେ ତାଙ୍କ ଚରିତ୍ରଗୁଡ଼ିକ ମଧ୍ୟ ସ୍ୱୟଂ ସଂପୂର୍ଣ୍ଣ।

**କମଳଲୋଚନ ମହାନ୍ତି (୧୯୨୧-୧୮୯୧) :**

କମଳଲୋଚନ ମହାନ୍ତିଙ୍କ ରଚିତ 'ସମାଧାନ', 'ଗାଁ ମାଟି', 'କିରାଣୀ', 'ଡ଼ାକବଂଗଳା', 'ସନ୍ତାନ' ଓ 'ମଣିକାଞ୍ଚନ' ପ୍ରଭୃତି ନାଟକ ୧୯୫୦ ପରବର୍ତ୍ତୀ ସମୟର। ନାଟ୍ୟକାର ଜଣେ ଆଦର୍ଶବାଦୀ ନାଟ୍ୟକାର। ତାଙ୍କର କଥାବସ୍ତୁରେ ଏହି ଆଦର୍ଶ ପ୍ରତିଫଳିତ। ସାମାଜିକ କଥାବସ୍ତୁରେ ଦ୍ୱନ୍ଦ୍ୱ ଏବଂ ତହିଁରେ ଆଦର୍ଶର ପ୍ରଖ୍ୟାପନ ହିଁ ତାଙ୍କର ବିଶେଷତ୍ୱ।

**ଧନେଶ୍ୱର ପଟ୍ଟନାୟକ(୧୯୨୯) :**

ଧନେଶ୍ୱର ପଟ୍ଟନାୟକଙ୍କ ଉଠାପାଟେରୀ, ପଦ୍ମବୀଣା, ଦ୍ୱିତୀୟ ଅଙ୍କ ଇତ୍ୟାଦି ଅନ୍ୟତମ। **ଉଦୟନାଥ ମିଶ୍ର** (୧୯୧୭)ଙ୍କ ବିବାହ, ଦୃଷ୍ଟି, କୋଇଲା କମ୍ପାନୀ, ସମାଧାନ ଇତ୍ୟାଦି ଏ ସମୟର ନାଟକ। ଯେଉଁଥିରେ ସମକାଳୀନ

ଜନଜୀବନ ସହ ସାମାଜିକ ସମସ୍ୟା ବେଶ୍ ମାର୍ମିକଭାବରେ ରୂପାୟିତ। **ନାଟ୍ୟକାର ବଳରାମ ମିଶ୍ର** (୧୯୨୯) ଙ୍କର ବନ୍ଦିତା, ଜୀବନର ଝଡ଼, ଶଙ୍ଖମହୁରୀ, ସଂକଳ୍ପ, ସୂର୍ଯ୍ୟପରାଗ, ଧୃତରାଷ୍ଟ୍ର ଓ ଗାନ୍ଧାରୀ ଷାଠିଏ ମସିହାରୁ ସତୁରୀ ମସିହା ମଧ୍ୟରେ ରଚିତ ନାଟକ। ଏସବୁ ସାମଜିକ ନାଟକ।

**ପ୍ରାଣବନ୍ଧୁ କର(୧୯୧୪-୧୯୯୮) :**

ନାଟ୍ୟକାର ତଥା ଅଧ୍ୟାପକ ପ୍ରାଣବନ୍ଧୁ କର ଓଡ଼ିଆ ନାଟ୍ୟ ସାହିତ୍ୟରେ ଜଣେ ସଫଳ ଏକାଙ୍କିକା ରଚୟିତା ଭାବରେ ଯଥେଷ୍ଟ ପ୍ରସିଦ୍ଧି ଅର୍ଜନ କରିଛନ୍ତି। ତାଙ୍କର ଶ୍ୱେତପଦ୍ମ(୧୯୫୮), ଅଶାନ୍ତ(୧୯୭୨), ଦୁଃଖାବତରଣ(୧୯୮୦) ଇତ୍ୟାଦି ନାଟକରେ ନିଜର ପ୍ରତିଭାର ପ୍ରମାଣ ଦେଖାଇଛନ୍ତି। ଶ୍ୱେତପଦ୍ମରେ ଚରିତ୍ରମାନଙ୍କର ମାନସିକ ଦ୍ୱନ୍ଦ୍ୱ ଅଧିକ ସ୍ପଷ୍ଟ। ଅନ୍ୟ ପକ୍ଷରେ ଅଶାନ୍ତ ନାଟକଟି ହେଉଛି ଆତ୍ମସଚେତନ, ଅଭାଗିନୀ କଳାକାର ଶୁଭେନ୍ଦୁର ଜୀବନଗାଥା। ଏଥିରେ ମଧ ମନସ୍ତାତ୍ତ୍ୱିକ ଦିଗକୁ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏତଦ୍‌ବ୍ୟତୀତ ସେ ମାମୁଁ, ଛମାଣ ଆଠଗୁଣ୍ଠ, ଲଛମା ତଥା ମାଟିର ମଣିଷ ଉପନ୍ୟାସର ନାଟ୍ୟରୂପ ମଧ ଦେଇଛନ୍ତି। ପ୍ରାଣବନ୍ଧୁ କରଙ୍କ ପ୍ରଥମ ଏକାଙ୍କିକା ସଂକଳନ ୧୯୫୪ ମସିହାରେ ପ୍ରକାଶପାଏ। ଏଥିରେ ପ୍ରକାଶିତ କେତୋଟି ସ୍ମରଣୀୟ ଏକାଙ୍କିକା ହେଉଛି ଶୋଭାବର୍ଦ୍ଧନ, ମହୁୟା, ପାଗଳ ଜନତାର ବାହାରେ, ଦଶବର୍ଷପରେ, ବାସ୍ତବ, ସ୍ମୃତିବିଭ୍ରାଟ, ବିପ୍ଳବୀ, ବାପୁଜୀ, ପେଟୁ ଇତ୍ୟାଦି।

**ରାମଚନ୍ଦ୍ର ମିଶ୍ର (୧୯୨୧-୧୯୯୩)** ନାଟ୍ୟକାର ରାମଚନ୍ଦ୍ର ମିଶ୍ର ଥିଲେ ବାସ୍ତବବାଦୀ ନାଟ୍ୟ ଆନ୍ଦୋଳନର ଅନ୍ୟତମ ପ୍ରବକ୍ତା। ସେ ବିଶେଷ କରି ସାମାଜିକ ବାସ୍ତବତା ଉପରେ ବେଶୀ ଗୁରୁତ୍ୱ ଦେଇଛନ୍ତି। ୧୯୫୦ମସିହା ପରବର୍ତ୍ତୀ ତାଙ୍କର ନାଟ୍ୟକୃତି ମଧ୍ୟରେ ରହିଛି ସାଇପଡ଼ିଶା, ଭାଇଭାଉଜ, ସେବିକା, ମମତା, ଚାବୁକ, ପରପୁରୁଷ, ଗୋଧୂଳି ଲଗ୍ନ, ନରୋତ୍ତମ ଦାସ କହେ ଇତ୍ୟାଦି । ତାଙ୍କ ନାଟକରେ ଦ୍ୱନ୍ଦ୍ୱ, ଚରିତ୍ର ଚିତ୍ରଣ ଅତ୍ୟନ୍ତଭାବେ ପ୍ରାଣସ୍ପର୍ଶୀ।

**ମନୋରଂଜନ ଦାସ (୧୯୨୧-୨୦୧୩)** ମନୋରଂଜନ ଦାସଙ୍କ ନାଟ୍ୟକାର ଜୀବନ ଆରମ୍ଭ ହୁଏ ୧୯୪୫ମସିହାରେ ଅନ୍ନପୂର୍ଣ୍ଣା ରଂଗମଂଚରୁ। ତାଙ୍କର ପ୍ରଥମ ନାଟକ ଯୌବନ ସେହିବର୍ଷ ମଞ୍ଚସ୍ଥ ହେବା ପରେ ସେ ନାଟ୍ୟକାରର ପ୍ରତିଷ୍ଠା ପାଆନ୍ତି। ୧୯୪୯ମସିହା ପର୍ଯ୍ୟନ୍ତ ନାଟ୍ୟକାର ମନୋରଂଜନ ଦାସ ବ୍ୟବସାୟିକ ରଂଗମଂଚ ସହ ପ୍ରତ୍ୟକ୍ଷ ଭାବରେ ଜଡ଼ିତ ରହି ତତ୍କାଳୀନ ପ୍ରଚଳିତ ଓଡ଼ିଆ ଯାତ୍ରାନାଟକ ରୀତିକୁ ଅନୁସରଣ କରିଛନ୍ତି। ଏହାପରେ କିନ୍ତୁ ତାଙ୍କର ନାଟ୍ୟକାର ଜୀବନର ଦ୍ୱିତୀୟ ସ୍ୱାଧୀନ ପର୍ଯ୍ୟାୟଟି ଆରମ୍ଭ ହୋଇଛି। ଏହି ଦ୍ୱିତୀୟ ପର୍ଯ୍ୟାୟଟି ଯଥାର୍ଥରେ ଓଡ଼ିଆ ନବନାଟ୍ୟ ଆନ୍ଦୋଳନକୁ ସମୃଦ୍ଧ କରେ। ଏହାପରର ସୃଷ୍ଟି ଗୁଡ଼ିକ ହେଉଛି ଆଗାମୀ(୧୯୫୦), ଅବରୋଧ(୧୯୫୩), ସାଗର ମନ୍ଥନ(୧୯୬୪), ବନହଂସୀ(୧୯୬୮), ଅରଣ୍ୟ ଫସଲ୯୧୯୬୯), ଅମୃତସ୍ୟ ପୁତ୍ର(୧୯୭୧), କାଠଘୋଡ଼ା(୧୯୭୩୦ ଇତ୍ୟାଦି ନାଟକ। ତାଙ୍କର ଛୋଟ ନାଟକ ଏବଂ ମହାସମୁଦ୍ର ଦୁଇଟି କ୍ଷୁଦ୍ରନାଟକ ସଂକଳନ। ୟୁରୋପୀୟ ନବନାଟ୍ୟ ଆନ୍ଦୋଳନର ପ୍ରଭାବରେ ପ୍ରଭାବିତ ହୋଇ ଓଡ଼ିଶାରେ ନବନାଟ୍ୟ ଆନ୍ଦୋଳନର ଧାରାକୁ ସେ ପ୍ରତିଷ୍ଠା କରିଛନ୍ତି। ଏହି ଧାରାର ମୁଖ୍ୟ କଥାଟି ଥିଲା କଳା ପାଇଁ କଳାନୁହେଁ ଜୀବନ ପାଇଁ କଳା। ଜୀବନକୁ ଗୋଟିଏ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ଉତ୍ତୀର୍ଣ୍ଣ

କରିବାକୁ ହବ ନଚେତ୍ ଜୀବନ ହୋଇଯିବ ସ୍ମୃତିହୀନ। ଏହି ସ୍ୱରକୁ ବହନ କରିଛି ତାଙ୍କର ନାଟକ ଆଗାମୀ ଏବଂ ଅବରୋଧ। ଅନ୍ତର୍ଦ୍ୱନ୍ଦ୍ୱ ଦ୍ୱାରା ନାଟ୍ୟ ସଂଘାତ ସୃଷ୍ଟିର ପ୍ରୟାସରୁ ଜନ୍ମନିଏ ବନହଂସୀ। ଏହି ନାଟକରେ ମଣିଷ ନିସଙ୍ଗ ଓ ବିଚ୍ଛିନ୍ନ। କାହାରି ସହ କୌଣସି ସଂପର୍କ ଏକ ମିଛ କଥା। ସନ୍ଦେହ ଓ ଅବିଶ୍ୱାସ ମଧ୍ୟରେ ସଂପର୍କ ଛିନ୍ନ ହୋଇଯାଏ। ଆଗାମୀ ଓଡ଼ିଆ ନାଟକ ଇତିହାସରେ ଏକ ନୂତନ ପ୍ରୟାସ। ଅରଣ୍ୟ ଫସଲ ମଣିଷର ଜୈବିକ ପ୍ରବୃତ୍ତିର ନଗ୍ନ ପ୍ରତିଫଳନ। ଅମୃତସ୍ୟପୁତ୍ର ପୁରାତନକୁ ଭାଙ୍ଗି ନୂତନ ସର୍ଜନା କରିବାର ମୂଲ୍ୟବୋଧ ଉପରେ ରଚିତ ଏକ ନାଟକ। କାଠଘୋଡ଼ା ଓଡ଼ିଆ ନାଟକରେ ଏକ ନୂତନ ପରୀକ୍ଷା। ଏଥିରେ ରହିଛି ମନନଶୀଳ ଆଧୁନିକ ନାଟକର ବକ୍ତବ୍ୟ ଓ ଓଡ଼ିଶାର ପାରମ୍ପରିକ ଗଣନାଟ୍ୟର ଆଂଗିକ ପ୍ରୟୋଗ। କାଠଘୋଡ଼ା ଯାତ୍ରା ନାଟକ ପରି ସଂଳାପ ଓ ସଂଗୀତକୁ ପ୍ରାଧାନ୍ୟ ଦେଇଛି। କାଠଘୋଡ଼ା ଜୀବନର ସ୍ଥିତିବାଦ ଉପରେ ପର୍ଯ୍ୟବେସିତ। ବର୍ତ୍ତମାନ ସମାଜରେ ସ୍ତ୍ରୀ ପୁରୁଷଙ୍କ ମଧ୍ୟରେ ଥିବା ସଂପର୍କକୁ ବିଶ୍ଳେଷଣ କରାଯାଇଛି ଏହି ନାଟକରେ। ସାଂପ୍ରତିକ ଜୀବନ ଯନ୍ତ୍ରଣାର ପ୍ରତିଛବି ଏଥିରେ ପ୍ରତିଫଳିତ। ରଂଗଛଡ଼ା କାଠଘୋଡ଼ା ସାଂପ୍ରତିକ ଜୀବନର ପ୍ରତୀକ। ସ୍ୱାମୀ-ସ୍ତ୍ରୀ ଏକତ୍ର ବାସ କରନ୍ତି ହେଲେ ପରସ୍ପରକୁ ଭଲପାଆନ୍ତି ନାହିଁ। ସୁଯୋଗ ମିଳିଲେ ସେମାନେ ପରନାରୀ କିମ୍ବା ପରପୁରୁଷ ସହ ସଂପର୍କ ରଖିପାରନ୍ତି। ବୈବାହିକ ଜୀବନରେ ପ୍ରେମ ନାହିଁ। କେବଳ ଅଛି କାଠଘୋଡ଼ାକୁ ହୁଇପ୍ ମାରିବାର ପ୍ରବୃତ୍ତି। ଜୀବନ ଯନ୍ତ୍ରଣାମୟ। ସଂଳାପରେ ଏହାହିଁ କାଠଘୋଡ଼ାର ଅଭିବ୍ୟକ୍ତି।

ଭଂଜକିଶୋର ପଟ୍ଟନାୟକ(୧୯୨୨-୧୯୯୯), ଭୁବନେଶ୍ୱର ମହାପାତ୍ର୧୯୨୫-୨୦୦୮, ନରସିଂହ ମହାପାତ୍ର(୧୯୨୬-୧୯୯୮), ରଘୁନାଥ ମିଶ୍ର (୧୯୨୭-୨୦୧୧), ଶାରଦା ପ୍ରସନ୍ନ ନାୟକ(୧୯୨୮-୨୦୧୮), ବ୍ୟୋମକେଶ ତ୍ରିପାଠୀ(୧୯୨୯-୧୯୯୭) ଇତ୍ୟାଦି ନାଟ୍ୟକାରମାନଙ୍କ ଅବଦାନ ଓଡ଼ିଆ ନାଟ୍ୟ ସାହିତ୍ୟକୁ ଅତୁଳନୀୟ। ଏମାନେ ବିପୁଳ ପରିମାଣରେ ନାଟକ ରଚନା କରି ଓଡ଼ିଶାର ପୁରପଲ୍ଲୀର ଜୀବନକୁ ଅନୁରଣିତ କରି ରଖିଥିଲେ। ସହରରେ ମଧ୍ୟ ଏମାନଙ୍କର ଖ୍ୟାତି ଅନେକ ରହିଥିଲା। ସାମାଜିକ ବିଷୟବସ୍ତୁ ସହ ନୃତ୍ୟ ସଂଗୀତର ଯାଦୁକାରୀ ସ୍ପର୍ଶରେ ଏମାନେ ଦର୍ଶକମାନଙ୍କୁ ବାନ୍ଧିରଖି ପାରିଥିଲେ।

**ଯଦୁନାଥ ଦାଶ ମହାପାତ୍ର(୧୯୨୯) :**

ଓଡ଼ିଆ ନାଟ୍ୟ ଜଗତରେ ଯଦୁନାଥ ଦାଶମହାପାତ୍ର ଏକ ବହୁ ପରିଚିତ ନାମ। ଏକାଧାରରେ କବି, ଔପନ୍ୟାସିକ, ରାଜନୀତିଜ୍ଞ ତଥା ନାଟ୍ୟକାର। ତାଙ୍କ ରଚିତ ସୂର୍ଯ୍ୟମନ୍ଦିର, ଭୁଲିହୁଏନା, କ୍ଷମାକରିବେ କି, ସଂଗ୍ରାମ, ସେତୁବନ୍ଧ, ରାମରାଜ୍ୟ, ଅଶାନ୍ତଦ୍ରୌପଦୀ, ପଥଭିକାରୀ, ପରଶମଣି, ରାତିଗୋ ତୁମେ କଥା କୁହ ଇତ୍ୟାଦି ବେଶ୍ ଲୋକପ୍ରିୟ ନାଟକ। ୧୯୭୪ ମସିହାରେ ତାଙ୍କର ଅଭିନବ ସୃଷ୍ଟି 'ଅଥବା ଅନ୍ଧାର' ଏକ ପରୀକ୍ଷାଧର୍ମୀ ନାଟକ। ନାଟକର ଚରିତ୍ରମାନେ ପ୍ରାୟତଃ ମାନସିକ ସଂକଟରେ ପଡ଼ିଛନ୍ତି। ମୁକ୍ତିକାମୀ ମାନବର ଆର୍ତ୍ତଚିତ୍କାର ଏହି ନାଟକର ପ୍ରଧାନ ବକ୍ତବ୍ୟ। ଚରିତ୍ର ଅଧ୍ୟାପକ ମହାପାତ୍ର ବାସ୍ତବ ଜଗତରୁ ମୁକ୍ତି ପାଇବା ନିମନ୍ତେ ରାସ୍ତା ଖୋଜୁଥିବା ବେଳେ ପତ୍ନୀ ରାଣୀ ତାଙ୍କୁ ପୁଣି ପଛକୁ ଫେରିବାକୁ ବାଧ କରୁଛନ୍ତି। ତେଣୁ ସେ ବାଧ୍ୟ ହୋଇ ଫେରୁଛନ୍ତି। କେତୋଟି ମୁକ୍ତିକାମୀ ତରୁଣପ୍ରାଣ ମଧ୍ୟ ଆଗକୁ ଯାଇପାରିନାହିଁ। ମୁକ୍ତି ଏଠି ପରାହତ ସ୍ୱପ୍ନ ପରି। ମଣିଷର ଅସହାୟ ଜୀବନଟି ଆଲୋକରେ ଦୃଶ୍ୟ ହେବା ଅପେକ୍ଷା ଅନ୍ଧକାର ହିଁ ଭଲ। ଏହାହିଁ ଏହି ପରୀକ୍ଷାଧର୍ମୀ ନାଟକର ବକ୍ତବ୍ୟ।

ଏହାଙ୍କ ପରେପରେ ଆନନ୍ଦଶଙ୍କର ଦାସ(୧୯୨୯-୨୦୦୭), ନୀଳକଣ୍ଠ ମିଶ୍ର(୧୯୨୯-୨୦୦୮), କୃଷ୍ଣଚରଣ ପଟ୍ଟନାୟକ(୧୯୨୯-୨୦୧୩) ଇତ୍ୟାଦି ନାଟ୍ୟକାରମାନେ ମଧ୍ୟ ଓଡ଼ିଆ ନାଟ୍ୟ ଜଗତକୁ ଅନେକ ନାଟକ ଦେଇଛନ୍ତି। ନାଟ୍ୟକାର ପୂର୍ଣ୍ଣଚନ୍ଦ୍ର କାନୁନ୍‌ଗୋ(୧୯୩୦-୨୦୦୬) ଏହି ସମୟ କାଳର ଅନ୍ୟତମ ପ୍ରସିଦ୍ଧ ନାଟ୍ୟକାର। ଅନ୍ଧ ଯମୁନା, ଅଭିଶପ୍ତ ଘୁଙ୍ଗୁର, କଳାପାହାଡ଼, ରାମଦାସ ତୁମେ ହାରିଗଲ, ମୁଁ ସୈତାନ କହୁଛି, ଦୁଇଟି ରକ୍ତଗୋଲାପ  ଇତ୍ୟାଦି ପ୍ରାୟ କୋଡ଼ିଏ ଖଣ୍ଡ ନାଟକର ସ୍ରଷ୍ଟା। ଏହି ନାଟକଗୁଡ଼ିକ ଲୋକପ୍ରିୟ ମାତ୍ର ସେ ଥିଲେ ପରମ୍ପରାବାଦୀ। ଷାଠିଏ ଦଶକର କାହାଣୀହୀନତା ବା ପରୀକ୍ଷା ନିରୀକ୍ଷାର ଦିଗଟିକୁ ସେ ଗୁରୁତ୍ୱ ଦେଇନାହାଁନ୍ତି କହିଲେ ଠିକ୍ ହେବ।

ବସନ୍ତ କୁମାର ମହାପାତ୍ର (୧୯୩୧-୧୯୯୧୦)ଙ୍କର ରଚିତ ନାଟକ ମଧ୍ୟରେ 'ଅନ୍ଧକାରର ପୂରବୀ', ପଥର କାନ୍ଦେ, ସୂର୍ଯ୍ୟସ୍ନାନ ଇତ୍ୟାଦି ଷାଠିଏ ଦଶକ ପରବର୍ତ୍ତୀ ସମୟର ରଚନା। ସମସାମୟିକ ଅନ୍ୟ ନାଟ୍ୟକାରମାନଙ୍କ ମଧ୍ୟରେ ଆମେ ପାଉ ଅମୂଲ୍ୟକୃଷ୍ଣ ମିଶ୍ର (୧୯୩୨-୨୦୦୧), ନାରାୟଣ ଶତପଥୀ (୧୯୩୨), ହିମାଂଶୁଭୂଷଣ ସାବତ (୧୯୩୩), ପ୍ରଫୁଲ୍ଲଚନ୍ଦ୍ର ପଟ୍ଟନାୟକ(୧୯୩୩), ରଜତ କୁମାର କର (୧୯୩୪), ବିଜୟ କୁମାର ନନ୍ଦ (୧୯୩୪, ଜଗନ୍ନାଥ ପ୍ରସାଦ ଦାସ (୧୯୩୬) ପ୍ରମୁଖ।

ପ୍ରଫୁଲ୍ଲ କୁମାର ରଥ (୧୯୩୬-୨୦୦୬) ଜଣେ ପ୍ରଖ୍ୟାତ ନାଟ୍ୟକାର । ଉଭୟ ପାରମ୍ପରିକ ଓ ପରୀକ୍ଷାଧର୍ମୀ ନାଟକ ରଚନା କରି ସେ ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି। ମନସ୍ତାତ୍ତ୍ୱିକମୂଳକ ଦ୍ୱନ୍ଦ୍ୱ ତାଙ୍କ ନାଟକର ବିଶେଷତ୍ୱ। ଶୂନ୍ୟ ଆକାଶର ଅମର ଆନନ୍ଦ, ଚାରିଛକ, ଶବପଡ଼ିଛି, ସ୍ୱର୍ଗକୁ ଯାଅ ହେ ପାପୀମାନେ, ମୋର ଦୋଷ କ'ଣ,  ଫେରାର ଆସାମୀ ପ୍ରଭୃତି ତାଙ୍କର ଚର୍ଚ୍ଚିତ ନାଟକ। 'ଚାରିଛକ' ନାଟକରେ ଚାରିଟି ରାସ୍ତା ପଡ଼ିଛି। ହିଂସାର, ଅହିଂସାର, ପୁଞ୍ଜିବାଦର ଓ ସମାଜବାଦର ରାସ୍ତା। ଏହା ଏକ ଚମତ୍କାର ପରିକଳ୍ପନା। ଓଡ଼ିଆ ନବନାଟ୍ୟ ଆନ୍ଦୋଳନର ଜଣେ ସଫଳ ନାଟ୍ୟକାର ଭାବରେ ହରିହର ମିଶ୍ର (୧୯୪୦) ମଧ୍ୟ ପ୍ରସିଦ୍ଧ। ତାଙ୍କର କାଗଜ ଡ଼ଙ୍ଗା, ରାତ୍ରିର ଦୁଇଟି ଡ଼େଣା, ହେ ନିଷାଦ ନିବୃତ୍ତ ହୁଅ, ହଂସଧ୍ୱନି ପ୍ରଭୃତି ସଫଳ ମଞ୍ଚନାଟକମାନ । ଏହି ସମୟ ବେଳକୁ ଆଉଜଣେ ରାମଚନ୍ଦ୍ର ମିଶ୍ର (୧୯୪୦)  ଓଡ଼ିଆ ନାଟ୍ୟ ସାହିତ୍ୟକୁ ନିଜର ନାଟକରେ ସମୃଦ୍ଧ କରିବାକୁ ଆଗେଇ ଆସନ୍ତି। ପ୍ରଥମ ନାଟକ ଶୋଣିତ ସ୍ୱାକ୍ଷର ପରେ ସେ ନବନାଟ୍ୟ ଆନ୍ଦୋଳନରେ ସାମିଲ୍ ହୋଇ ସେ ରଚନା କରିଛନ୍ତି ଅନେକ ଛାଇ ଅସରନ୍ତି ଅନ୍ଧାର ଏକ ପ୍ରତୀକ ଧର୍ମୀ ନାଟକ। 'ଏକାନ୍ତ ନିଜସ୍ୱ' ଏକ ସାର୍ଥକ ଯୁଗଧର୍ମୀ ନାଟକ। ବନବିହାରୀ ପଣ୍ଡା (୧୯୪୦)ଙ୍କର ମୁଖ୍ୟ ଅତିଥି, ସୁବର୍ଣ୍ଣରେଖା, ରକ୍ତନଦୀ, ଆଜିର ସମ୍ବାଦ, କାହାଣୀ ଦୁଇଟି ଆଖିର, ଗେଷ୍ଟହାଉସ୍ ଇତ୍ୟାଦି ନାଟକ ମଧ୍ୟ ବେଶ୍ ଯୁଗପୋଯୋଗୀ। ଅଧ୍ୟାପକ ପ୍ରସନ୍ନ କୁମାର ମିଶ୍ର (୧୯୪୧-୨୦୧୪) ଜଣେ ନାଟ୍ୟକାର, ନିର୍ଦ୍ଦେଶକ ତଥା ମଞ୍ଚ ଅଭିନେତା। ତାଙ୍କ ରଚିତ ନାଟକ ମଧ୍ୟରେ ରହିଛି ପ୍ରେମଖେଳ, ଗୋଟିଏ ଘର ଛାଡ଼ି ଝରକା, ସୁବର୍ଣ୍ଣ ବସୁଧା, ଜନସେବକ, ଛଣମୂର୍ତ୍ତି ପ୍ରଭୃତି ଯୁଗଧର୍ମୀ ନାଟକ। ଚନ୍ଦ୍ରଶେଖର ନନ୍ଦ(୧୯୪୧) ନାଟକ ରଚନା କ୍ଷେତ୍ରରେ ଅନ୍ୟତମ ସଫଳ ନାଟ୍ୟକାର। ଅନ୍ତଃସଲିଳା, କୃଷ୍ଣା, ଅସଂଲଗ୍ନ, କସ୍ତୁରୀ, କଥାକଥାରେ ପ୍ରଭୃତି ଉଲ୍ଲେଖନୀୟ କୃତି। ଏହି ସମୟକାଳର ଅନ୍ୟ ନାଯ୍ୟକାରମାନଙ୍କ ମଧ୍ୟରେ ଅଛନ୍ତି ଅକ୍ଷୟ କୁମାର ମହାନ୍ତି (୧୯୪୨), ବସନ୍ତ କୁମାର ସାମଲ (୧୯୪୨-୧୯୮୭), ପଞ୍ଚାନନ ପାତ୍ର (୧୯୪୩) ଏବଂ ମନ୍ମଥ କୁମାର ଶତପଥୀ (୧୯୪୪)।

୧୯୫୦ରୁ ୧୯୮୦ ମସିହା ମଧ୍ୟରେ ଏହି ନାଟ୍ୟକାରମାନଙ୍କ ନାଟ୍ୟରଚନା ଆରମ୍ଭ ହୋଇଯାଇଥିବା ହେତୁ ଏମାନଙ୍କୁ ଏହି ପର୍ଯ୍ୟାୟରେ ସାମିଲ୍ କରାଗଲା। ଏମାନଙ୍କ ମଧ୍ୟରୁ ଅଧିକାଂଶ ନାଟ୍ୟକାର ୧୯୮୦ମସିହା ପରେ ମଧ ନାଟ୍ୟ ରଚନାରେ ସକ୍ରିୟ ଅଛନ୍ତି। ଯାହାବି ହେଉ ଓଡ଼ିଆ ନାଟ୍ୟ ସାହିତ୍ୟକୁ ଏ ସମସ୍ତ ନାଟ୍ୟକାରମାନଙ୍କ ଦାନ ଅତୁଳନୀୟ।

## ୩.୫ ନବନାଟ୍ୟ ଆନ୍ଦୋଳନର ମୁଖ୍ୟ ନାଟ୍ୟକାରଗଣ

୧୯୫୦ରୁ ୧୯୮୦ ଏହି ସମୟ କାଳ ମଧ୍ୟରେ ଅନେକ ନାଟ୍ୟକାର ଆସିଛନ୍ତି କିନ୍ତୁ ସେମାନଙ୍କ ମଧ୍ୟରୁ ମୁଖ୍ୟତଃ ଯେଉଁମାନେ ମୁଖ୍ୟସ୍ରୋତରେ ରହି ଓଡ଼ିଆ ନାଟକକୁ ଜାତୀୟ ସ୍ତରରେ ପରିଚିତି ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ସେମାନେ ହେଲେ ବିଜୟ ମିଶ୍ର, ମନୋରଂଜନ ଦାସ, ବିଶ୍ୱଜିତ୍ ଦାସ, ରତ୍ନାକର ଚଇନି, ରମେଶ ପ୍ରସାଦ ପାଣିଗ୍ରାହୀ, କାର୍ତ୍ତିକ ଚନ୍ଦ୍ର ରଥ, ବିଜୟ ଶତପଥୀ, ଡାକ୍ତର ସୁବୋଧ ପଟ୍ଟନାୟକ ଇତ୍ୟାଦି। ଏହି ପାଠରେ ଏମାନଙ୍କ ସଂପର୍କରେ ଆଲୋଚନା ଅତ୍ୟାବଶ୍ୟକ।

### ମନୋରଂଜନ ଦାସ (୧୯୨୩ -୨୦୧୩) :

ମନୋରଂଜନ ଦାସଙ୍କ ନାଟ୍ୟକାର ଜୀବନ ଆରମ୍ଭ ହୁଏ ୧୯୪୫ ମସିହାରେ 'ଅନ୍ନପୂର୍ଣ୍ଣା' ରଙ୍ଗମଞ୍ଚରୁ। ତାଙ୍କର ପ୍ରଥମ ନାଟକ 'ଯୌବନ' ସେହିବର୍ଷ ମଞ୍ଚସ୍ଥ ହେବାପରେ ସେ ନାଟ୍ୟକାରର ପ୍ରତିଷ୍ଠା ପାଆନ୍ତି। ୧୯୪୭ ମସିହାରେ ଓଡ଼ିଶା ଥିଏଟର୍ସ ତାଙ୍କର 'କବିସମ୍ରାଟ ଉପେନ୍ଦ୍ରଭଞ୍ଜ' ମଞ୍ଚସ୍ଥ କରେ ଏବଂ ସ୍ୱାଧୀନତା ପରେ ତାଙ୍କର ଅନ୍ୟଏକ ନାଟକ 'ବକ୍ସି ଜଗବନ୍ଧୁ'। 'ନାରୀ' ଏବଂ 'ଜନ୍ମମାଟି' ତାଙ୍କ ରଚିତ ଦୁଇଟି ନାଟକ। କହିବାକୁ ଗଲେ ୧୯୪୯ ପର୍ଯ୍ୟନ୍ତ ନାଟ୍ୟକାର ମନୋରଞ୍ଜନ ଦାସ ବ୍ୟବସାୟିକ ରଂଗମଂଚ ସହ ପ୍ରତ୍ୟକ୍ଷ ଭାବରେ ଜଡିତ ରହି ତତ୍‌କାଳୀନ ପ୍ରଚଳିତ ଓଡ଼ିଆ ଯାତ୍ରା ନାଟକ ରୀତିକୁ ଅନୁସରଣ କରିଛନ୍ତି। ବିଷୟବସ୍ତୁ ନିର୍ବାଚନ, ଦୃଶ୍ୟ ବିଭାଜନ ବା ସଂଳାପରଚନା ଇତ୍ୟାଦି ସମସ୍ତରେ ବ୍ୟବସାୟିକ ଦୃଷ୍ଟିଭଙ୍ଗୀ ବେଶ୍ ଶାଣୀତ। କହିବାକୁ ଗଲେ ଏ ଦିଗରେ ସେ ନିଜକୁ ବେଶ୍ ସଫଳତାର ସହ ପ୍ରତିଷ୍ଠା ଦେଇପାରିଛନ୍ତି। ଏହାପରେ କିନ୍ତୁ ତାଙ୍କର ନାଟ୍ୟକାର ଜୀବନର ଦ୍ୱିତୀୟ ସ୍ୱାଧୀନ ପର୍ଯ୍ୟାୟଟି ଆରମ୍ଭ ହୁଏ। ନାଟକର ଆଙ୍ଗିକ ଓ ଭାବଧର୍ମ କ୍ଷେତ୍ରରେ ନାନା ପରୀକ୍ଷା ନିରୀକ୍ଷା ଆରମ୍ଭ କରନ୍ତି। ଏହାପରର ସୃଷ୍ଟିଗୁଡିକ ହେଉଛି 'ଆଗାମୀ'(୧୯୫୦), ଅବରୋଧ (୧୯୫୩), ସାଗର ମନ୍ଥନ(୧୯୬୪), ବନହଂସୀ(୧୯୬୮), ଅରଣ୍ୟ ଫସଲ (୧୯୬୯) ଓ ଅମୃତ ପୁତ୍ର (୧୯୭୧), 'କାଠଘୋଡା' (୧୯୭୩), ଛୋଟ ନାଟକ ଓ ମହାସମୁଦ୍ର (ଦୁଇଟି କ୍ଷୁଦ୍ରନାଟକ ସଂକଳନ)

### ବିଜୟ ମିଶ୍ର (୧୯୩୬) :

ଷାଠିଏ ଦଶକର ପରୀକ୍ଷା ନିରୀକ୍ଷା ବା ପ୍ରୟୋଗବାଦୀ ପରମ୍ପରାର ଆଉ ଜଣେ ପ୍ରତିଭାଶାଳୀ ନାଟ୍ୟକାର ହେଉଛନ୍ତି ବିଜୟ ମିଶ୍ର। ତାଙ୍କ ଦ୍ୱାରା ରଚିତ ହେ ସ୍ୱର୍ଗ ବିଦାୟ(୧୯୬୬), ଅସତ୍ୟ ସହର, ଶବବାହକମାନେ, ଏଠିସେଠି ସବୁଠି, ଯାଦୁକର, ତଟନିରଂଜନା, ଜଣେ ରାଜାଥିଲେ ଇତ୍ୟାଦି ନାଟକମାନଙ୍କୁ ପରୀକ୍ଷାଧର୍ମୀ ଧାରାର ଶ୍ରେଣୀଭୁକ୍ତ କରାଯାଇପାରେ। ଶବବାହକମାନେ ନାଟକରେ ଛଟି ପୁରୁଷ ଚରିତ୍ର ଓ ଗୋଟିଏ ନାରୀ ଚରିତ୍ରକୁ

ନେଇ ଧନପ୍ରାପ୍ତିର ଲାଳସା, ସଂପର୍କହୀନତା ଓ ଲକ୍ଷ୍ୟଭ୍ରଷ୍ଟ ଚିନ୍ତାଧାରାରେ ନାଟକୀୟ ସଂଘାତର ଜନ୍ମ । ଐଶ୍ୱର୍ଯ୍ୟଲାଳସା ସମସ୍ତ ମଧୁର ସଂପର୍କକୁ ତିକ୍ତ କରିପାରେ । ପ୍ରବୃତ୍ତିର ଲାଳସା ଓ ତଦ୍‌ଜନିତ ଭୟାବହ ପରିଣତିକୁ ନାଟ୍ୟକାର ଅତିସୁନ୍ଦର ଭାବରେ ଏଥିରେ ଦର୍ଶାଇଛନ୍ତି । ଦୁଇଟି ସୂର୍ଯ୍ୟଦଗ୍ଧଫୁଲକୁ ନେଇ ନାଟକଟି ଦୁଇ ତରୁଣଙ୍କ ଦୁଃଖର ମୁହୂର୍ତ୍ତକୁ ନେଇ ରଚିତ । ସେମାନଙ୍କ ନିସଙ୍ଗ ମୁହୂର୍ତ୍ତ, ଜୀବନ ଯନ୍ତ୍ରଣା, ଅସହାୟତା ଏହି ନାଟକରେ ପ୍ରତିଫଳିତ । ନାଟ୍ୟକାର ବିଜୟମିଶ୍ରଙ୍କର ପ୍ରୟୋଗବାଦର ପରୀକ୍ଷାର ଏକ ସାରସ୍ୱତ ପ୍ରକାଶ ହେଉଛି ତଟ ନିରଂଜନା । ତାଙ୍କ ଭାଷାରେ ତଟନିରଜଂନା ନାଟକ ଆଦୌ ଐତିହାସିକ, ତାତ୍ତ୍ୱିକ ବା ଓର୍ମୀୟ ନୁହେଁ । ବୁଦ୍ଧ, ବୌଦ୍ଧଧର୍ମ, ବା ହଠାତ୍ ଇତିହାସରୁ ବାହାରି ଆସିଥିବା କେତେକ ଚରିତ୍ର ନାଟକର ଐତିହାସିକତା ପାଇଁ ନୁହେଁ, ବରଂ ବକ୍ତବ୍ୟକୁ ସ୍ପଷ୍ଟ କରିବା ଲାଗି ଉଦ୍ଦିଷ୍ଟ । ତଟ ନିରଂଜନା ନାଟକରେ କାମନାର ବିନାଶରେ ଦୁଃଖର ବିନାଶ ଏହି ଆପ୍ତବାକ୍ୟଟିର ଅନୁଶୀଳନ ଚାଲିଛି । ପ୍ରକୃତରେ ଏହା ସତ୍ୟ କି ? ନୀଳଲୋହିତ ବା ଇଚ୍ଛାମତୀର ମିଳନକୁ ବ୍ୟାହତ କରୁଛନ୍ତି ଆନନ୍ଦ । ନୀଳଲୋହିତ ନିଜ ପ୍ରେମ ଇଚ୍ଛାମତୀଠାରୁ ଦୂରେଇ ଯାଉଛନ୍ତି । ଯାଉଛନ୍ତି ନିରଂଜନା ତଟକୁ । ସଂଘର ଆଦର୍ଶରେ ନିଜକୁ ଦୀକ୍ଷିତ କରୁଛନ୍ତି, ତଥାପି ଦୋଦୁଲ୍ୟମାନ ସଂକଳ୍ପ । ପ୍ରଶ୍ନଟିଏ ଆଦର୍ଶ ନା ସଂପର୍କ ? କେଉଁଟି ଶ୍ରେଷ୍ଠ ? ପ୍ରେମ ନା ସାଧନା ? ବନ୍ଧନ ନା କଠୋର ଅନୁଶାସନ ? ଅନୁଶାସନରେ ସଂଘର ଆଦର୍ଶ ବଂଚିପାରେକି ? ସଂଘର ମଣିଷମାନଙ୍କର କକ୍ଷର ନିଜର କିଛି ଇଚ୍ଛା ନାହିଁ ? ଏତିକି ପ୍ରଶ୍ନ ମଧ୍ୟରେ ତଟନିରଂଜନାର କାହାଣୀ ଗତିଶୀଳ । ତଟନିରଂଜନା ଏକ ସଫଳ ପ୍ରୟୋଗବାଦୀ ନାଟକ ।ଏହାର ଚରିତ୍ର, ସଂଳାପ, ଦ୍ୱନ୍ଦ୍ୱ, ଉତ୍କଣ୍ଠା ସମସ୍ତ ଏକ ନୂତନତାର ସ୍ୱାକ୍ଷର ବହନ କରନ୍ତି । ବିଶେଷ କରି ନାଟ୍ୟିକ ବିକାଶରେ ଏହାର ଯୌକ୍ତିକ ଦିଗଟି ବେଶ୍ ସମ୍ମୁଜ୍ୱଳ ।

### ବିଶ୍ୱଜିତ୍ ଦାସ (୧୯୩୬ -୨୦୦୪) :

ନାଟ୍ୟକାର ବିଶ୍ୱଜିତ୍ ଦାସ ଜଣେ ଅଭିନେତା ତଥା ମଞ୍ଚ ନିର୍ଦ୍ଦେଶକ । ପୂର୍ଣ୍ଣାଙ୍ଗ ନାଟକରେ ହାତଦେବା ପୂର୍ବରୁ କଲେଜ ପଢ଼ା ସମୟରେ ସେ ଏକାଙ୍କିକା ରଚନା କରୁଥିଲେ । ତାଙ୍କ ରଚିତ ଗ୍ରୀନ୍‌ରୁମ୍, କଲେଜ କ୍ୟାଣ୍ଟିନ୍, ଶେଷଦୃଶ୍ୟ ପ୍ରଭୃତି ଏକାଙ୍କିକା ଗୋଟିଏ ଗୋଟିଏ ସଫଳ ସୃଷ୍ଟି । ଏହାପରେ ତାଙ୍କ ଲେଖନୀରୁ ସୃଷ୍ଟି ହୋଇଛି ବହ୍ନି, ନାଲିପାନରାଣୀ, କଳାପାନ ଟୀକା, ମୃଗୟା, ସମ୍ରାଟ, ବୃତ୍ତେ, ଶୁଣସୁଜନେ, ପାପୀ, ନିଜ ପ୍ରତିନିଧିଙ୍କଠାରୁ, ନୂଆ ଜହ୍ନ ଇତ୍ୟାଦି ନାଟକ । ମୃଗୟା ନାଟକ ତାଙ୍କର ମୁକ୍ତଧାରାର ନାଟକ ପରମ୍ପରାର ଏକ ସଫଳ କୃତି । ମଣିଷ ଜୀବନକାଳର କେତେକ ବିଶେଷ ମୁହୂର୍ତ୍ତକୁ ଆଧାର କରି ମୃଗୟା ନାଟକର ପରିକଳ୍ପନା । ସ୍ୱଳ୍ପବେତନ ଭୋଗୀ ଆଦର୍ଶବାଦୀ ଶିକ୍ଷକ ବିବେକାନନ୍ଦ । ପତ୍ନୀ ବିୟୋଗପରେ ପୁତ୍ର ସାରଥି ଏବଂ କନ୍ୟା ମୁକ୍ତାକୁ ନେଇ ତାଙ୍କର ସଂସାର ଗଡ଼ିଚାଲେ । ପୁତ୍ର ପରୀକ୍ଷାରେ ସଫଳ ହୋଇପାରିନାହିଁ । ମୁକ୍ତାର ଭବିଷ୍ୟତକୁ ଆଖିରେ ରଖି ଗରୀବ ଛାତ୍ର ଶୁଭେନ୍ଦୁର ଶିକ୍ଷାରଭାର ସେ ବହନ କରିଛନ୍ତି । ମାତ୍ର ଶୁଭେନ୍ଦୁ ଆଇ.ଏସ୍. ହେବାପରେ ମୁକ୍ତାକୁ ବିବାହ କରିବାକୁ ପ୍ରତ୍ୟାଖ୍ୟାନ କରିଛି । ତା'ପରେ ପୁରାତନ ଛାତ୍ର ରଂଜନର ଦ୍ୱାରସ୍ଥ ହୋଇଛନ୍ତି ବିବେକାନନ୍ଦ । ତାରି ସହାୟତାରେ ସେ ଗୋଟିଏ ବିଦ୍ୟାଳୟର ଶିକ୍ଷକ ହୋଇଛନ୍ତି, ମାତ୍ର ରଂଜନ ମଧ୍ୟ ବାଧ୍ୟ କରିଛି ପ୍ରେସିଡ଼େଣ୍ଟଙ୍କ ପୁଅକୁ ଉତ୍ତୀର୍ଣ୍ଣ କରାଇବା ଲାଗି । ମୁକ୍ତାର ବିବାହ ଯାହା ସହ ହୋଇଛି ଭୁଲ୍ ବୁଝାମଣା ହେତୁ ତାର ପାରିବାରିକ ଜୀବନ ମଧ୍ୟ ନଷ୍ଟ ହୋଇଯାଇଛି । ପୁଅ ଏକ ଶ୍ରମିକ ନେତାଙ୍କ ପାଖରେ ଆଶ୍ରୟପାଇ

ଅସଦ୍ ଉପାୟରେ ଧନ ଅର୍ଜନ କରି ଧନୀ ହୋଇଯାଇଛି। ଏଇଠି ତାଙ୍କ ଆଦର୍ଶର ମୃତ୍ୟୁ ହୋଇଛି। ମୃଗୟା ଅଭିବ୍ୟକ୍ତିବାଦୀ ନାଟ୍ୟଶୈଳୀର ଏକ ସଫଳତମ ସୃଷ୍ଟି। ତାଙ୍କ ରଚିତ ସମ୍ରାଟ ନାଟକ ଉପରେ ଆଲବର୍ଟ କାମ୍ୟୁଙ୍କ କାଲିଗୁଲା ନାଟକର ପ୍ରଭାବ ପଡ଼ିଛି। ସ୍ଥିତିବାଦୀ ଦର୍ଶନ ଆଧାରିତ ଏହି ନାଟକ ମଧ ତାଙ୍କର ଅନ୍ୟତମ ସଫଳ କୃତି।

### କାର୍ତ୍ତିକ ଚନ୍ଦ୍ର ରଥ(୧୯୪୨) :

ଓଡ଼ିଆ ନାଟ୍ୟ ସାହିତ୍ୟରେ କାର୍ତ୍ତିକ ଚନ୍ଦ୍ର ରଥ ଜଣେ ସ୍ୱନାମଧନ୍ୟ ନାଟ୍ୟକାର। କେବଳ ମଞ୍ଚନାଟକ ନୁହେଁ ଯାତ୍ରାନାଟକ, ବେତାର ନାଟକ, ଟେଲି ନାଟକ ଇତ୍ୟାଦିର ସେ ସ୍ରଷ୍ଟା। ତାଙ୍କ ରଚିତ ନାଟକ ଗୁଡ଼ିକ ମଧ୍ୟରେ ରହିଛି ଏ ସୃଷ୍ଟି ଅମୃତମୟ ହେ, ଜଉଘର, ସମୁଦ୍ରର ରଂଗ ଯନ୍ତ୍ରଣା, ସ୍ୱର୍ଗଦ୍ୱାର, ତୃତୀୟ ପୃଥିବୀ, ବହ୍ନିମାନ, କ୍ରୀତଦାସ, ଅନ୍ୟଆକାଶ, ମାଂସର ଫୁଲ, ଆଜିର ରାଜା, ଚିରନ୍ତନ ବର୍ତ୍ତମାନ ଇତ୍ୟାଦି। ସ୍ୱର୍ଗଦ୍ୱାର ଓଡ଼ିଆ ନାଟ୍ୟ ସାହିତ୍ୟରେ ଏକ ନୂତନ ପରୀକ୍ଷା। ମଣିଷର ଚେତନା ତାର ପରିବେଶଦ୍ୱାରା ନିୟନ୍ତ୍ରିତ। ଏହି ପରିବେଶର ପ୍ରଭାବରୁ ମୁକ୍ତ ମଣିଷର ସ୍ୱରୂପ ଅତି ଚେତନାରେ କ'ଣ ହୋଇପାରେ ତାହାରି ଏକ ପରୀକ୍ଷାମୂଳକ ବିଶ୍ଳେଷଣ ହେଉଛି ଏହି ନାଟକ। ସମଦ୍ରରେ ଆତ୍ମହତ୍ୟା କରିଥିବା ପ୍ରଣୟୀ ଯୁଗଳ ଅୟସକାନ୍ତ ଓ ଅନୁରୂପାଙ୍କ ଶବ ସମୁଦ୍ରର ବେଳାଭୂମିରେ ପଡ଼ିରହିଛି। ସେମାନଙ୍କର ଚେତନା ସତ୍ତା ବାସ୍ତବ ଦୁନିଆରୁ ଯାଇ ଏକ ଅତି ଚେତନା ରାଜ୍ୟରେ ବିଚରଣ କରୁଛି। ସେମାନଙ୍କ କାର୍ଯ୍ୟକଳାପ ଦେହାତୀତ ସ୍ତରରେ ମଧ କ୍ରିୟାଶୀଳ ଯାହାକୁ ନାଟକରେ ଦର୍ଶାଇଛନ୍ତି ନାଟ୍ୟକାର। ଅତିଚେତନାର ଦ୍ୱନ୍ଦ୍ୱପୂର୍ଣ୍ଣ ମୁହୂର୍ତ୍ତରେ ସେମାନେ ଲକ୍ଷ୍ୟ କରିଛନ୍ତି ବାସ୍ତବ ଜଗତର ବିଗତ ଅତୀତକୁ । ଯେଉଁଠି ଜୀବନ ଜିଜ୍ଞାସା, ପ୍ରେମ, ମିଳନ, ବିଚ୍ଛେଦସବୁ ରହିଛି। ସେଇ ଭାବନା ମଧ୍ୟରେ ଆସିଛନ୍ତି ବିକିରଣ, ବିରୂପାକ୍ଷ, ବିବାସିନୀ, ସୁଗତ, ସୁସ୍ମିତା, ଆଇ.ପିଏସ୍ ସୁମନ୍ତ ଇତ୍ୟାଦି ଚରିତ୍ରମାନେ। ମୃତ୍ୟୁପରେ ମଣିଷର ଅବସ୍ଥା ସଂପର୍କରେ ଗବେଷଣା କରୁଥିବା ଦର୍ଶନ ଅଧ୍ୟାପକ ତନ୍ମୟ ମହାପାତ୍ର ମଧ ସେଥିରୁ ବାଦ୍‌ଯାଇନାହାଁନ୍ତି। ନାଟ୍ୟକାର ଶ୍ରୀରଥ ନିଜର ସୃଷ୍ଟି ଚରିତ୍ରମାନଙ୍କ ସାହାଯ୍ୟରେ ସମାଜରେ ମଣିଷର ଛଳନାରୂପ, ପ୍ରତାରଣା, ଯନ୍ତ୍ରଣା ଓ ଶୂନ୍ୟତାକୁ ବାସ୍ତବବାଦୀ ସଂଳାପ ଓ ନୂତନଶୈଳୀ ମାଧ୍ୟମରେ ପରିବେଷଣ କରି ପ୍ରକୃତରେ ପ୍ରୟୋଗବାଦୀ ପରମ୍ପରାକୁ ଗୋଟିଏ ନୂତନ ଧାରା ପ୍ରଦାନ କରିଛନ୍ତି, ସନ୍ଦେହ ନାହିଁ। ତାଙ୍କର ଈଶ୍ୱର ଜଣେ ଯୁବକ ଗୋଟିଏ ଏପିକ୍‌ଧର୍ମୀ ନାଟକ। ତାଙ୍କ ନାଟକଗୁଡ଼ିକରେ ବୌଦ୍ଧିକତାର ସ୍ପର୍ଶ ରହିଛି। ତାଙ୍କର ଚାରିକାନ୍ଥର କାହାଣୀ, ଢେଉ ଓ କାଗଜଫୁଲର ବାସ୍ନା ଇତ୍ୟାଦି ଏକାଙ୍କିକାଗୁଡ଼ିକ ମଧ ବହୁ ଚର୍ଚ୍ଚିତ।

### ରମେଶ ପ୍ରସାଦ ପାଣିଗ୍ରାହୀ (୧୯୪୪) :

ଓଡ଼ିଆ ନାଟ୍ୟ ସାହିତ୍ୟକୁ ନୂତନ ବେଗ ଓ ଦିଗ ଦେବାରେ ନାଟ୍ୟକାର ପାଣିଗ୍ରାହୀଙ୍କ ଅବଦାନ ଅତୁଳନୀୟ। ତାଙ୍କର ପ୍ରତ୍ୟେକଟି ନାଟକ ଗୋଟିଏ ଗୋଟିଏ ନୂତନ ଧାରାର ପ୍ରବର୍ତ୍ତକ ବୋଲି କୁହାଯାଇପାରେ। ତାଙ୍କର ପ୍ରଥମ ନାଟକ ମୁକ୍ତିମଣ୍ଡପ (୧୯୬୪) ଦୁଇଟି ପ୍ରଣୟୀ ଯୁଗଳଙ୍କ ସାମାଜିକ ବନ୍ଧନକୁ ପ୍ରତ୍ୟାଖ୍ୟନ କରି ଜୀବନର ବାସ୍ତବତାକୁ ପ୍ରତିଷ୍ଠା କରିବାର ଉଦ୍ୟମରୁ ଜନ୍ମ। ଏହାପରେ ତାଙ୍କ ଲେଖନୀରୁ ସୃଷ୍ଟି ହୋଇଛି ଅନେକ ନାଟକ। ସେଥିମଧ୍ୟରୁ ତିମିର ତୀର୍ଥ, ବିନ୍ଦୁବଳୟ, ଗୁଣ୍ଡା, କମଳପୁରରେ ଡ଼ାକଘର, ମୁଁ ଆମ୍ଭେ ଆମ୍ଭେମାନେ,

ଧୃତରାଷ୍ଟ୍ରର ଆଖି, ଦୁର୍ଘଟଣାବଶତଃ, ଜଣେ ମହାପୁରୁଷଙ୍କ ଜନ୍ମମୃତ୍ୟୁ ସଂପର୍କରେ, ମହାନାଟକ, ଆତ୍ମଲିପି, ଆନନ୍ଦନଗରକୁ ଯାତ୍ର ଏହିପରି ଅନେକ ନାଟକ। ଓଡ଼ିଆ ନାଟ୍ୟସାହିତ୍ୟରେ ଡକ୍ଟର ପାଣିଗ୍ରାହୀଙ୍କ ଯାତ୍ରା ଷାଠିଏ ଦଶକରୁ ଆରମ୍ଭ ଏବଂ ଏଯାବତ୍ ସକ୍ରିୟ। ନିକଟରେ ତାଙ୍କର ସଦ୍ୟତମ ନାଟକ 'ଉର୍ମିଳା' ପ୍ରକାଶିତ ଯାହା ଉତ୍ତରଆଧୁନିକତା ପୃଷ୍ଠଭୂମିରେ ରଚିତ। ଡକ୍ଟର ପାଣିଗ୍ରାହୀଙ୍କ କିଛି ନାଟକ ଅଭିବ୍ୟକ୍ତିବାଦକୁ ଗୁରୁତ୍ୱ ଦେଇଥିବାବେଳେ ଅଧିକାଂଶ ନାଟକ ମଣିଷର ଜଟିଳ ମନସ୍ତତ୍ତ୍ୱକୁ ବିଶ୍ଳେଷଣ କରିଛି। ମୁକ୍ତଧାରାର ପରୀକ୍ଷାମୂଳକ ନାଟକ ଭାବରେ ତାଙ୍କର ମୁଁ ଆମ୍ଭେ ଆମ୍ଭେମାନେ ନାଟକକୁ ଆଲୋଚନା କରାଯାଉ ।

ଏହି ନାଟକଟି ସମୁଦାୟ ତିନି ଅଙ୍କରେ ବିଭକ୍ତ ଏବଂ ଦଶଟି ଭିନ୍ନଭିନ୍ନ ଚରିତ୍ରକୁ ନେଇ ଏହାର ପରିକଳ୍ପନା। ଏହି ନାଟକରେ ଚା'ଦୋକାନୀ, ରାଜନୈତିକ ନେତା, ଗାଁଉଲୀ ଟାଉଟର, ଦରିଦ୍ର ଶିକ୍ଷକ, ଅଭିନେତ୍ରୀ ପ୍ରମୁଖ ସମସ୍ତେ ମଞ୍ଚକୁ ଆସିଛନ୍ତି। କଥାବସ୍ତୁର ଘଟଣାସ୍ଥଳ ହେଉଛି ସହର ଉପକଣ୍ଠରେ ଥିବା ଗୋଟିଏ ଛୋଟ ବସଷ୍ଟାଣ୍ଡ। ସେଇ ନିରୋଳା ସ୍ଥାନରେ ଚା'ଦୋକାନୀ ଗୋବିନ୍ଦ ସାହୁର ଚା'ଦୋକାନରୁ କଥାର ଆରମ୍ଭ। ନାଟ୍ୟକାର ପ୍ରତୀକାତ୍ମକ ଭାବରେ ବସଷ୍ଟାଣ୍ଡକୁ ମଣିଷ ଜୀବନର ଗୋଟିଏ ରହଣିସ୍ଥଳ ଭାବରେ ଗ୍ରହଣ କରିଛନ୍ତି। ରାସ୍ତାର ଛକ ଉପରେ ଦଣ୍ଡାୟମାନ ହୋଇ ସାଂପ୍ରତିକ ଜୀବନକୁ ବ୍ୟବଚ୍ଛେଦ କରିବା ଲାଗି ଚେଷ୍ଟା କରୁଛନ୍ତି। ଯୁବମାନସର ପ୍ରତୀକ ଭାବରେ ଗୁରୁବାରିଆ ଚରିତ୍ରର ସୃଷ୍ଟି। ଗାଁ ଟାଉଟର ଚକ୍ରଧର ଚକ୍ରାନ୍ତରେ ଯୁବମାନସକୁ ବନ୍ଦୀ କରିବା ଲାଗି ଚେଷ୍ଟା କରିଛନ୍ତି। କିନ୍ତୁ ମୁକୁନ୍ଦ ଧରାଦେଇନି। ଶିକ୍ଷକ ବିଶ୍ୱମୋହନ ଆସୁଛନ୍ତି। ରାଜନୀତିର ବାହାଦୂରୀ ଦେଖାଇ ଚକ୍ରଧର ନିଗର ଅଭୀପ୍ସା ଚରିତାର୍ଥ ପାଇଁ ଆଗେ ଆସିଛନ୍ତି। ଅର୍ଦ୍ଧପାଗଳ ବିଚିତ୍ରାନନ୍ଦ ମଧ୍ୟ ଆସିଛନ୍ତି। ଶେଷରେ ବିଚିତ୍ରାନନ୍ଦ ରାସ୍ତା ଉପରୁ କଦଳୀ ଚୋପାଟିଏ ଧରି ଶିକ୍ଷିତ ଜୀବନକୁ ଭୁଲିଯିବା ପାଇଁ ଘୋଷଣା କରି ଶାନ୍ତିକୁ ଆହ୍ୱାନ କରିଛନ୍ତି। ଏହହିଁ ନାଟକର କଥାବସ୍ତୁ। ନାମକରଣ ପ୍ରତୀକାତ୍ମକ। ମଣିଷ ସବୁବେଳେ ଅଂହକାରର ବଶବର୍ତ୍ତୀ ହୋଇ ମୁଁତ୍ୱକୁ ଦେଖେଇ ହୁଏ। ମାତ୍ର ପ୍ରକୃତରେ ବିରାଟ ଶୂନ୍ୟତା ହିଁ ତାର ଚିର ସହଚର। ଏହାହିଁ ନାଟକର ବକ୍ତବ୍ୟ। ମଞ୍ଚନାଟକର ଏହି ସଫଳ ନାଟ୍ୟକାର ଯାତ୍ରାନାଟକ, ଚଳଚ୍ଚିତ୍ର ସଂଳାପ, ଚିତ୍ରନାଟ୍ୟ, ଟେଲିଧାରାବାହିକ, ଇଂରାଜୀରେ ଏଗାରଟି ପୁସ୍ତକ ଏବଂ ଓଡ଼ିଆରେ ଦୁଇଟି ଉଲ୍ଲେଖନୀୟ ସମାଲୋଚନା ପୁସ୍ତକ ମଧ୍ୟ ରଚନା କରିଛନ୍ତି।

### ରତ୍ନାକର ଚଇନି (୧୯୪୫) :

ନବନାଟ୍ୟ ଆନ୍ଦୋଳନର ଅନ୍ୟତମ ନାଟ୍ୟକାର ହେଉଛନ୍ତି ଉକ୍ଟର ରତ୍ନାକର ଚଇନି। ପେଷାରେ ଜରେ ଅଧ୍ୟାପକ ଥିଲେ ମଧ୍ୟ ପରିଚିତି ଥିଲେ ଜଣେ ଗାଳ୍ପିକ, ନାଟ୍ୟକାର, ନାଟ୍ୟସମାଲୋଚକ ତଥା ନିର୍ଦ୍ଦେଶକ ଭାବରେ। ତାଙ୍କର ପ୍ରଥମ ସୃଷ୍ଟି ଅସ୍ତରାଗର ଚନ୍ଦ୍ର, ୧୯୬୫ରେ ମଞ୍ଚସ୍ଥ ହୁଏ। ଏହାପରେ ସେ ସୃଷ୍ଟି କରନ୍ତି ଶେଷଅଶ୍ରୁ, ରାଜହଂସ, ମଞ୍ଚନାୟିକା, ଅପଦେବତା, ପୁନଶ୍ଚ ପୃଥିବୀ, ଅନ୍ଧାରର ସୂର୍ଯ୍ୟ, ଅଥଚ ଚାଣକ୍ୟ, ଉପତ୍ୟକା, ନାଗଫେଣୀ ରତୁ, ଯକ୍ଷ ଚରିତ, ନିଜନିଜ କରୁକ୍ଷେତ୍ର, ସୁନାକଳସ ଇତ୍ୟାଦି ଅନେକ ନାଟକ। ଗୋଟିଏ ମାନସିକ ଚିକିତ୍ସାଳୟରେ ପାଞ୍ଚଟି ବିଫଳ ଚରିତ୍ରକୁ ନେଇ ସେମାନଙ୍କର ମନସ୍ତାତ୍ତ୍ୱିକ ବିଶ୍ଳେଷଣ ରାଜହଂସ ନାଟକରେ ଅଭିନବ ଭାବରେ ଚିତ୍ରିତ। ଦଣ୍ଡକାରଣ୍ୟର ଛବିଳ ପ୍ରକୃତି କୋଳରେ ଅବସ୍ଥିତ ଡାକ୍ତର

ଅତନୁଙ୍କର ମାନସିକ ଚିକିତ୍ସାକେନ୍ଦ୍ର । ତାହା ହେଉଛି କେତେକ ମନରୂପୀ ହଂସଙ୍କର କ୍ରୀଡ଼ା ସରୋବର। ଅତନୁ ଆମେରିକା ଫେରନ୍ତା ମନସ୍ତାତ୍ତ୍ୱିକ ଡାକ୍ତର। ତେଣୁ ପ୍ରତ୍ୟେକ ଚରିତ୍ରର ଚିକିତ୍ସା ସେହି ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ହୋଇଛି। ଜଣେ ସର୍ବହରା ମଦ୍ୟପ ବ୍ୟବସାୟୀ, ଜଣେ ଗବେଷଣା ଭ୍ରଷ୍ଟ ଅର୍ଦ୍ଧପାଗଳ ପ୍ରଫେସର, ଜଣେ ବାକ୍‌ଶକ୍ତିହୀନ ମିଲିଟାରୀ ଅଫିସର, ଜରେ ପ୍ରେମ ପରିତ୍ୟକ୍ତ ପାଗଳ ଅଭିନେତା ଏବଂ ଜଣେ ପ୍ରେମ ପାଗଳିନୀ ନାରୀ। ଏହିପରି ଏଗାରଟି ଚରିତ୍ରକୁ ନେଇ ଗୋଟିଏ ସେଟ୍ ଉପରେ ପରିକଳ୍ପିତ ନାଟକ ରାଜହଂସ। ମଣିଷର ଆଶା ଅସୀମ। ସବୁ ଆଶା ତାର ପୂର୍ଣ୍ଣ ହୁଏନା। ଏହି ଅପୂର୍ଣ୍ଣ ବାସନାର ପରିଣତି ହିଁ 'ରାଜହଂସ' ନାଟକରେ ଦର୍ଶାଯାଇଛି। ମଣିଷ ନିଜ ମନକୁ ନିଜ ଅକ୍ତିଆରରେ ରଖିନପାରିଲେ ଏପରି ପରିଣତି ଆସିବ ଏବଂ ତାକୁ ଜିତିପାରିଲେ ସଫଳତା ସୁନିଶ୍ଚିତ। ଏହାହିଁ ନାଟକର ବକ୍ତବ୍ୟ। ୧୯୮୦ ପରବର୍ତ୍ତୀ ସମୟରେ ଏହି ସ୍ରଷ୍ଟାଙ୍କର ଆଉ ଏକ ସଫଳ କୃତି ହେଉଛି 'ଅଥଚ ଚାଣକ୍ୟ'।

**ଡାକ୍ତର ସୁବୋଧ ପଟ୍ଟନାୟକ(୧୯୪୭-୨୦୧୭) :**

ଓଡ଼ିଆ ନାଟ୍ୟ ସାହିତ୍ୟରେ ସୁବୋଧ ପଟ୍ଟନାୟକ ଅନ୍ୟତମ ସ୍ମରଣୀୟ ପ୍ରତିଭା। ତାଙ୍କର କୃତି ମଧ୍ୟରେ ରହିଛି ଅନ୍ୟ ଏକ ପୃଥିବୀ ପାଇଁ, ଏଥୁ ଅନ୍ତେ, ହେ ଭଗତେ, ତୋଷ ନୋହିଲା ମୋର ଚିତ୍ତ ଇତ୍ୟାଦି ନାଟକ। ନାଟକ ବ୍ୟତୀତ ସେ ଜଣେ ସଫଳ ଚଳଚ୍ଚିତ୍ର କାହାଣୀ ଓ ସଂଳାପ ଲେଖକ ତଥା ଟେଲି ଧାରାବାହିକର ସ୍ରଷ୍ଟା। ଏଥୁଅନ୍ତେ ଏକ ପରୀକ୍ଷାଧର୍ମୀ ନାଟକ। ଏହା ମୁକ୍ତଧାରାର ଶୈଳୀ ଓ ପାରମ୍ପରିକ ଗଣନାଟ୍ୟ ଶୈଳୀକୁ ଅନୁସରଣ କରି ରଚିତ। ଏଥିରେ ପ୍ରଚଳିତ ମିଥ୍‌କୁ ସାମାଜିକ ପଟ୍ଟଭୂମିରେ ପ୍ରୟୋଗ କରାଯାଇଛି।

'ସିଂହାସନ' ହେଉଛି କ୍ଷମତା, ସ୍ୱାର୍ଥ ଏବଂ ସ୍ୱେଚ୍ଛାଚାରର ପ୍ରତୀକ। ରାଜାମାନେ ବଦଳନ୍ତି। ସିଂହାସନ କେବେ ଖାଲିପଡ଼େ ନାହିଁ। ନୂଆକିଛି କରିବାକୁ ଚାହୁଁଥିବା, ପରିବର୍ତ୍ତନ ଲୋଡୁଥିବା ମଣିଷ ଶାସକ ହୋଇ ସିଂହାସନରେ ବସିଲା ମାତ୍ରେ ଭିନ୍ନ ଏକ ମଣିଷରେ ରୂପାନ୍ତରିତ ହୋଇଯାଏ। ଗଣତନ୍ତ୍ର ନାମରେ ଯେ ଏଠି ପ୍ରଚ୍ଛନ୍ନ ରାଜତନ୍ତ୍ର ଚାଲିଛି ତାର ଆଲେଖ୍ୟ ନାଟକ ଏଥୁଅନ୍ତେ। ୧୯୭୫ମସିହା ଜରୁରୀକାଳୀନ ପରିସ୍ଥିତି ପ୍ରକୃତରେ ଦେଶକୁ କେତେ ପରିମାଣରେ ସର୍ଜନାତ୍ମକ ଦିଗରେ ଆଗେଇ ନେଇଛି, ତାହାହିଁ ଥିଲା ସେ ସମୟର ପ୍ରଶ୍ନ। ନୈତିକତା ନାମରେ ଭ୍ରଷ୍ଟାଚାର ବା ଶୃଙ୍ଖଳା ନାମରେ ଶୋଷଣ ଥିଲା ଜରୁରୀ କାଳୀନ ପରିସ୍ଥିତିର ସ୍ୱରୂପ। ଏ ନାଟକରେ ହାତୀଶୁଣ୍ଢରେ ସୁନାକଳସ ନେଇ ବୁଲୁଛି। ଗୋଟିଏ ପାରମ୍ପରିକ ରୀତିରେ ସେ ଯାହା ମୁଣ୍ଡରେ ପାଣି ଢାଳିବ ସେ ହେବ ରାଜା। ପ୍ରକାରାନ୍ତରେ ରାଜା ହେବା ନିମନ୍ତେ ସେପରି କିଛି ନିର୍ଦ୍ଦିଷ୍ଟ ଯୋଗ୍ୟତାର ଆବଶ୍ୟକତା ନାହିଁ। ହାତୀ ହେଉଛି ଜନତାଙ୍କ ପ୍ରତିନିଧି ଯିଏ ଆଖିବନ୍ଦ କରି ଶାସକ ନିର୍ବାଚନ କରେ। ହୁ୍ ତ ବାଛିବା ସମୟରେ ଲୋକଟିର ସଚ୍ଚୋଟପଣିଆ, ଜିତିସାରିବା ପରେ ଦୁର୍ନୀତିରେ ବନ୍ଧା ପଡ଼ିଯାଏ। ଶାସନରେ ଥିବା ରାଜାଙ୍କ ସମ୍ମୁଖରେ ପାରିଷଦବର୍ଗ ମେଣ୍ଢା, ଶୁଆ ବା ଏଣ୍ଡୁଅ ପରି ନୀରବରେ ମୁଣ୍ଡ ହଲାଇ ସମର୍ଥନ ଜଣାନ୍ତି, ବିନା ପ୍ରତିବାଦରେ। ମାଙ୍କଡ଼ ପରି ନକଲ କରନ୍ତି ବା ଗଧପରି ଖଟନ୍ତି। ପ୍ରଚଳିତ ସମାଜର ବ୍ୟୁରୋକ୍ରାସିର ନୀତି କିପରି ମନ୍ତ୍ରୀମାନଙ୍କୁ ହୀନବଳ କରିଦେଉଛି, ନିରୁତ୍ତର କରିଦେଉଛି ବା ଭ୍ରଷ୍ଟାଚାର ଆଡ଼କୁ ବାଟ ବଢ଼ଉଛି, ତାହାହିଁ ଦର୍ଶାଯାଇଛି ଏହି ନାଟକରେ । ରାଜ ପୁରୋହିତ ମନ୍ତ୍ରୀମାନଙ୍କୁ ତନ୍ତ୍ରପୂଜା ବଳରେ ବଂଶୀଭୂତ କରନ୍ତି।

ତାରି ମାଧ୍ୟମରେ ପରିବର୍ତ୍ତିତ ମୂଲ୍ୟବୋଧ ପ୍ରକାଶିତ। ପ୍ରତିଟି ମଣିଷର ଆଜି ଚରିତ୍ର ସଂଶୋଧନ ସମୟ ଆସିଛି। ପ୍ରତ୍ୟେକ ବ୍ୟକ୍ତିବିଶେଷର ବ୍ୟକ୍ତିଗତ ଚରିତ୍ରବତ୍ତା ନବଦଳିଲେ ରାଜ୍ୟରେ ପରିବର୍ତ୍ତନ ଅସମ୍ଭବ। ଏହହିଁ ନାଟ୍ୟକାରଙ୍କ ବକ୍ତବ୍ୟ। ଏଠାରେ ପ୍ରତୀକାତ୍ମକଭାବରେ ଜଗନ୍ନାଥଙ୍କୁ ଅଣାଯାଇ, ତାଙ୍କରି ଉପସ୍ଥିତିରେ ନୂତନ ସମ୍ବିଧାନ ଲେଖାଯାଉଛି। ଏକ ନିଶ୍ଚିତ ବିପ୍ଳବର ଆବଶ୍ୟକତାକୁ ଜଣେଇ ଦିଆଯାଉଛି। ଏ ବିପ୍ଳବ ପ୍ରଚଳିତ ଗଣତନ୍ତ୍ର ବିରୁଦ୍ଧରେ ନୁହେଁ। ଆତ୍ମ ସଚେତନ ହୋଇ ଆତ୍ମ ଚରିତ ସଂଶୋଧନ ନିମନ୍ତେ ଅର୍ଥାତ୍ ବ୍ୟକ୍ତିଗତ ଭାବରେ ଆମେ ଯେ ପର୍ଯ୍ୟନ୍ତ ନୀତି ବା ମୂଲ୍ୟକୁ ଧାରଣ କରିପାରିନାହାଁନ୍ତି ସେ ପର୍ଯ୍ୟନ୍ତ ଶାସନରେ ସ୍ୱଚ୍ଛତା ଆସିପାରିବ ନହିଁ।  ଏହାହିଁ ନାଟକର କଥାବସ୍ତୁ ଯାହାକୁ ପରିବେଷଣ କରାଯାଇଛି ନୂତନ ଶୈଳୀରେ।

### ଡକ୍ଟର ବିଜୟ ଶତପଥୀ(୧୯୫୨) :

ପ୍ରଫେସର ବିଜୟ ଶତପଥୀ ନାଟ୍ୟକାର ଏବଂ ଜଣେ ନାଟ୍ୟସମାଲୋଚକ ମଧ୍ୟ। ତାଙ୍କର ସୃଷ୍ଟି ମଧ୍ୟରେ ରହିଛି କଂସର ଆତ୍ମା, କ୍ଷୁଧିତ ସରିସୃପ, ଫସିଲ୍‌ର ନିଦ୍ରାଭଂଗ, ଏଇଯେ ସୂର୍ଯ୍ୟ ଉଏଁ, ବିଷାଦ ବୃତ୍ତର କାହାଣୀ, କାରାଗାରର କାହାଣୀ, କର୍ଣ୍ଣ ଇତ୍ୟାଦି ବହୁ ଲୋକପ୍ରିୟ ନାଟକ। ତାଙ୍କ ନାଟକଗୁଡ଼ିକ ମଧ୍ୟ ନବନାଟ୍ୟ ଆନ୍ଦୋଳନର ଧାରାକୁ ଅଧିକ ପୁଷ୍ଟ କରିଛି। ୧୯୮୦ମସିହାରେ ମଞ୍ଚସ୍ଥ ହୁଏ ତାଙ୍କର 'କଂସର ଆତ୍ମା'। ନାଟକଟି ଦୁଇଟି ଅଙ୍କରେ ବିଭକ୍ତ ଏବଂ ଦୁଇଟି ଅଙ୍କରେ ଭିନ୍ନଭିନ୍ନ ଶାସନତନ୍ତ୍ରକୁ ଦର୍ଶାଇଛନ୍ତି ନାଟ୍ୟକାର। ପୁରାଣର ଚରିତ୍ରକୁ ସାମାଜିକ ପଟ୍ଟଭୂମିରେ  ଗ୍ରହଣ କରି ସମାଜର ଅଧଃପତିତ ମୂଲ୍ୟବୋଧ ଓ ଶାସନବ୍ୟସ୍ଥା ସଂପର୍କରେ ଦର୍ଶାଯାଉଛି। ଗୋଟିଏ ଅଭିନେତା ଦୁଇଟି ଭିନ୍ନଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି। ସମୟ ପରିବେଶ ଅନୁସାରେ ସେମାନଙ୍କ ନାମ, ବେଶ ଇତ୍ୟାଦି ବଦଳୁଛି। ଏହି ପରୀକ୍ଷାମୂଳକ ନାଟକରେ କ୍ଷମତା ସଂପନ୍ନ ବ୍ୟକ୍ତିର ଅସହାୟ ଉପରେ ଅତ୍ୟାଚାର ଏବଂ ସେହି ଅତ୍ୟାଚାର ବିରୁଦ୍ଧରେ ବିଦ୍ରୋହ ହିଁ ଏହାର ଭାବବସ୍ତୁ।  ନାଟକରେ କଂସ ମିଥ୍‌ର ପ୍ରୟୋଗ ବେଶ୍ ଶକ୍ତିଶାଳୀ। ସେ ମଂଚରେ ଆବିର୍ଭାବ ହେଉଛି ଏବଂ ନିଜର ଅମରତ୍ୱ ସଂପର୍କରେ ଘୋଷଣା କରୁଛି। ପୁରାଣରୁ ଆରମ୍ଭ କରି ଆଧୁନିକ ଯୁଗ ପର୍ଯ୍ୟନ୍ତ ପ୍ରତି ସ୍ତରରେ ନୀତିହୀନ ଭ୍ରଷ୍ଟାଚାରୀ ବ୍ୟକ୍ତିମାନେ କିପରି ଧନ ଓ କ୍ଷମତା ବଳରେ ସାଧାରଣ ଜନତାକୁ ଶୋଷଣ କରିଆସିଛନ୍ତି ଏବଂ ଶୋଷଣ ଅତ୍ୟାଚାରର ଗୋଟିଏ ସାମ୍ରାଜ୍ୟକୁ ଧ୍ୱଂସ କରି ସାଧାରଣ ଜନତା ଟିକିଏ ସହଜ ହେବାବେଳକୁ ପୁନର୍ବାର ଆଉ ଗୋଟିଏ ଅତ୍ୟାଚାରୀ ଜନ୍ମ ନେଉଛି ତାର ଚିତ୍ର କଂସର ଆତ୍ମା ନାଟକରେ ବେଶ୍ ସ୍ପଷ୍ଟ। ତାର ଶରୀରର କ୍ଷୟ ହୋଇପାରେ, ମାତ୍ର ତାର ଆତ୍ମା ଅମର। ସେ ପ୍ରତିଯୁଗରେ କୌଣସି ନା କୌଣସି ରୂପରେ ଜନ୍ମ ନେଉଛି ଏବଂ ଭବିଷ୍ୟତରେ ଜନ୍ମ ନେଉଥିବ। ଏ ସଂପର୍କରେ ନାଟ୍ୟକାର ଡକ୍ଟର ଶତପଥୀଙ୍କ ମତ ହେଲା ଅନ୍ୟାୟ, ଶୋଷଣ ଓ ଅତ୍ୟାଚାରର ପ୍ରତୀକ ହିଁ କଂସର ଆତ୍ମା। ମଣିଷର ମନ ମଧ୍ୟରେ ତାହା ସ୍ଥାନ ଆବୋରି ବସିଛି। ସମାଜରେ ଦେଖାଦେଉଥିବା ବହୁ ବିପ୍ଳବ, ବିବର୍ତ୍ତନଧାରା ମନ ମଧ୍ୟରୁ ତାକୁ ଅପସାରଣ କରିପାରିନାହିଁ। ପୁରାତନ ଚିନ୍ତାଧାରା କୌଣସି ବିପ୍ଳବ ଫଳରେ ଦୂରେଇ ଗଲେ ବି ଯେଉଁ ନୂତନ ଚିନ୍ତାଧାରା ତା'ର ସ୍ଥାନ ଦଖଲ କରିଛି ସେ ମଧ୍ୟ କଂସଭଳି ଅତ୍ୟାଚାର, ଶୋଷଣରେ ସମାଜଜୀବନକୁ ବିକଳାଙ୍ଗ କରିଦେଇଛି। ଯେ ପର୍ଯ୍ୟନ୍ତ ମଣିଷ ମନ ମଧ୍ୟରୁ ଅନ୍ୟାୟ ଅନୀତିର ଧାରା ଲିଭିନଯାଇଛି, ସେ ପର୍ଯ୍ୟନ୍ତ ମଙ୍ଗଳ ସର୍ବଦୌ ଅସମ୍ଭବ।

## ୩.୬ ସାରାଂଶ

୧୯୫୦ମସିହାରୁ ୧୯୮୦ ଏହି ସମୟ କାଳ ମଧ୍ୟରେ ଅନେକ ନାଟ୍ୟକାର ନିଜନିଜର ସୃଷ୍ଟିରେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ଅଧିକାଂଶ ନାଟ୍ୟକାର ସ୍ୱାଧୀନତା ପୂର୍ବରୁ ଆସିଥିଲେ ମଧ୍ୟ ଯେହେତୁ ସେମାନେ ୧୯୫୦ମସିହାପରେ ମଧ୍ୟ ଅନେକଦିନ ଧରି ନାଟ୍ୟ ପରମ୍ପରାରେ ଜଡ଼ିତ ରହିଛନ୍ତି ତେଣୁ ସେମାନଙ୍କ ପଚାଶ ପରବର୍ତ୍ତୀ ରଚିତ ନାଟକଗୁଡ଼ିକର ନାମ ଜାଣିବା ଆବଶ୍ୟକ ଅଟେ। ଷାଠିଏ ଦଶକର ନବନାଟ୍ୟ ଆନ୍ଦୋଳନରେ ଯେଉଁମାନଙ୍କର ପ୍ରତ୍ୟକ୍ଷ ଭୂମିକା ଥିଲା ସେହି ପ୍ରମୁଖ ନାଟ୍ୟକାରଗଣ ଥିଲେ ମନୋରଂଜନ ଦାସ, ବିଜୟ ମିଶ୍ର, ବିଶ୍ୱଜିତ୍ ଦାସ, କାର୍ତ୍ତିକ ଚନ୍ଦ୍ର ରଥ, ରମେଶ ପ୍ରସାଦ ପାଣିଗ୍ରାହୀ, ରତ୍ନାକର ଚଇନି, ଡାକ୍ତର ସୁବୋଧ ପଟ୍ଟନାୟକ ଏବଂ ଡକ୍ଟର ବିଜୟ ଶତପଥୀ। ତେଣୁ ଏମାନଙ୍କ ଆଲୋଚନାରେ ସେମାନଙ୍କ ରଚିତ ଗୋଟିଏ ଗୋଟିଏ ନାଟକ ସଂପର୍କରେ ବିଷଦ ଆଲୋଚନା କରାଯାଇଛି। ଏହି ସମୟ ବେଳକୁ ନୀଳାଦ୍ରି ଭୂଷଣ ହରିଚନ୍ଦନ ତଥା ରତିରଂଜନ ମିଶ୍ର ଆସିପାରିଥିଲେ ମଧ୍ୟ ତାଙ୍କର ନାଟକ ୧୯୮୦ପରବର୍ତ୍ତୀ ପର୍ଯ୍ୟାୟରେ ଆଲୋଚନା ହେବା ଯଥାର୍ଥ । ୧୯୮୦ପରବର୍ତ୍ତୀ ସମୟରେ ଓଡ଼ିଆ ନାଟ୍ୟ ସାହିତ୍ୟରେ ଅନେକ ନୂତନ ଦିଗନ୍ତ ଦେଖାଦେଇଛି, ଯାହା ଅନେକ ଆଲୋଚନାର ଅପେକ୍ଷା ରଖେ। ତେବେ ତାର ଭିତ୍ତି ସ୍ଥାପନ ହୋଇଥିଲା ୧୯୪୦ରୁ ୧୯୮୦ମଧ୍ୟରେ। ସେଥିପାଇଁ ଏହି ସମୟର ସ୍ରଷ୍ଟାମାନେ ସର୍ବାଦୌ ସ୍ମରଣୀୟ।

## ୩.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(୧) ସଂକ୍ଷିପ୍ତ ପ୍ରଶ୍ନୋତ୍ତର।**

କ) ନାଟ୍ୟସାହିତ୍ୟର ଧାରାରେ ଷାଠିଏ ଦଶକ କାହିଁକି ସ୍ୱତନ୍ତ୍ର ଥିଲା ?

ଖ) ମୁକ୍ତଧାରାରେ ପ୍ରବର୍ତ୍ତିତ ଉଦ୍ଭଟ ନାଟକକୁ ଦର୍ଶକ ଗ୍ରହଣ କରିପାରିନଥିଲା କାହିଁକି ?

ଗ) ଷାଠିଏ ଦଶକର ପ୍ରମୁଖ ନାଟ୍ୟକାରମାନଙ୍କ ନାମ ଉଲ୍ଲେଖ କର।

ଘ) ଓଡ଼ିଶାର ସାଧାରଣ ଦର୍ଶକ କ'ଣ ଚାହୁଁଥିଲା ?

ଙ) ଷାଠିଏ ଦଶକର ପୃଷ୍ଠଭୂମି ସଂପର୍କରେ ଲେଖ।

ଚ) ନବନାଟ୍ୟ ଆନ୍ଦୋଳନର ମୂଳ କାରଣ କ'ଣ ଥିଲା ?

**(୨) ଦୀର୍ଘ ପ୍ରଶ୍ନୋତ୍ତର।**

କ) ପ୍ରାଣବନ୍ଧୁ କରଙ୍କ ଏକାଙ୍କିକା ସଂପର୍କରେ ଲେଖ।

ଖ) ମନୋରଂଜନ ଦାସଙ୍କ ରଚିତ ଗୋଟିଏ ନାଟକ ସଂପର୍କରେ ସଂକ୍ଷିପ୍ତ ପରିଚୟ ପ୍ରଦାନ କର।

ଗ) ନବନାଟ୍ୟ ଆନ୍ଦୋଳନର ପ୍ରମୁଖ ନାଟ୍ୟକାରମାନଙ୍କର ନାମ ଉଲ୍ଲେଖ କର।

ଘ) ନବନାଟ୍ୟ ଆନ୍ଦୋଳନକୁ ଖୋରାକ ଯୋଗାଇଥିବା କୌଣସି ଏକ ବାଦ ସଂପର୍କରେ ଉଲ୍ଲେଖ କର।

ଙ) ଲୋକାଭିମୁଖୀ ନାଟକରପ୍ରୟୋଜନ କାହିଁକି ଥିଲା ?

## ୩.୮ ସହାୟକ ଗ୍ରନ୍ଥସୂଚୀ


- ଓଡ଼ିଆ ନାଟ୍ୟ ସାହିତ୍ୟର ସଂକ୍ଷିପ୍ତ ଇତିବୃତ୍ତ - ଡକ୍ଟର ରବିନାୟକ, ସତ୍ୟବ୍ରତ ପ୍ରେସ୍, କଟକ।
- ପ୍ରସଙ୍ଗ: ଓଡ଼ିଆ ନାଟକ - ଡଃ ହେମନ୍ତ କୁମାର ଦାସ, ଅଗ୍ରଦୂତ, କଟକ।
- ଓଡ଼ିଆ ନାଟକ ଉଦ୍ଭବ ଓ ବିକାଶ-ଡଃ ହେମନ୍ତ କୁମାର ଦାସ,ଓଡ଼ିଶା ବୁକ୍ ଷ୍ଟୋର, କଟକ।
- ଓଡ଼ିଆ ନାଟକରେ ଇତିହାସର ପଦଧ୍ୱନି - ଡଃ ନୀଳାଦ୍ରିଭୂଷଣ ହରିଚନ୍ଦନ, ବିଦ୍ୟାପୁରୀ, କଟକ।
- ଅନେକ ଆଧୁନିକତା - ଗୁରୁଚରଣ ବେହେରା, ଅଗ୍ରଦୂତ, କଟକ।
- ଓଡ଼ିଆ ନାଟକର ଉତ୍ତର ଆଧୁନିକ ପର୍ବ - ଡକ୍ଟର ହେମନ୍ତ କୁମାର ଦାସ,ବିଦ୍ୟାପୁରୀ, କଟକ।
- ନାଟ୍ୟ ସାହିତ୍ୟର ପରିଚୟ - ଡକ୍ଟର କୃଷ୍ଣଚରଣ ବେହେରା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ।
- ଓଡ଼ିଶାର ଥିଏଟର - ଗୌରାଙ୍ଗ ଚରଣ ଦାଶ, ଫ୍ରେଣ୍ଡସ୍ ପବ୍ଲଶର୍ସ, କଟକ।
- ଓଡ଼ିଆ ସାହିତ୍ୟର ଇତିହାସ(୧୮୫୦-୧୯୪୭) - ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ, ବିଦ୍ୟାପୁରୀ, କଟକ।
- ନାଟକ: ବ୍ୟାପ୍ତି ଓ ଦୀପ୍ତି - ଡକ୍ଟର ସଂଘମିତ୍ରା ମିଶ୍ର, ଅଗ୍ରଦୂତ, କଟକ।
- ମନୋରଂଜନଙ୍କ ନାଟ୍ୟଦିଗନ୍ତ - ସଂପାଦନା ଡକ୍ଟର ନାରାୟଣ ସାହୁ, ନାଳନ୍ଦା, କଟକ।
- ମୁକ୍ତଧାରାର ନାଟକ - ଡକ୍ଟର ରମେଶ ପ୍ରସାଦ ପାଣିଗ୍ରାହୀ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ।